

ଏକତାଙ୍କ ସହ କାମ କରିବେ ବିକ୍ରାନ୍ତ

▶ପୃଷ୍ଠା ୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-208 ♦BHUBANESWAR ♦MONDAY ♦22 JANUARY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୦୮ ♦ଭୁବନେଶ୍ୱର ♦ସୋମବାର ♦୨୨ ଜାନୁଆରୀ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦







### ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ପ୍ରଚାର-ପ୍ରସାରକୁ ଗୁରୁତ୍ୱ

# ସବୁଠି ଲାଗିବ ସମ୍ମିଳନୀ ଲୋଗୋ

■ **ଭୁବନେଶ୍ୱର, ୨୧।୧ (ସମିସ):** ରାଜଧାନୀ ଭୁବନେଶ୍ୱରରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏହାର ଅବ୍ୟବହିତ ପୂର୍ବରୁ 'ଭାଷା ହିଁ ଭବିଷ୍ୟତ'ର ବାର୍ତ୍ତାକୁ ସାଧାରଣରେ ଉପଲବ୍ଧ କରାଇବା ସହ ଏହାର ବହୁଳ ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ସ୍ୱତନ୍ତ୍ର ଲୋଗୋ ଉନ୍ମୋଚନ କରିଛନ୍ତି। ଏହି ଲୋଗୋକୁ ସାରା ରାଜ୍ୟରେ ପ୍ରତ୍ୟେକ କ୍ଷେତ୍ରରେ କିପରି ବ୍ୟାପକ ଭାବେ ବ୍ୟବହାର କରାଯିବ, ସେ ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

ଫେବୃଆରୀ ୩ରୁ ୫ ତାରିଖ ଯାଏଁ ଚାଲିବାକୁ ଥିବା ଏହି ସମ୍ମିଳନୀର ସଫଳତା ପାଇଁ ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି କ୍ରମରେ ପ୍ରତିବର୍ଷ ମାତୃଭାଷା ଦିବସ ସହ 'ଓଡ଼ିଆ ଭାଷା ସପ୍ତାହ' ପାଳନ କରାଯିବାକୁ ନିଷ୍ପତ୍ତି ହୋଇଥିବା ବେଳେ ଏଥିରେ ଛାତ୍ରଛାତ୍ରୀମାନଙ୍କ ଯୋଗଦାନକୁ ବ୍ୟାପକ କରିବାକୁ ଗୁରୁତ୍ୱ ଦିଆଯାଉଛି।

ଲୋଗୋର ବ୍ୟବହାର ପରିପ୍ରେକ୍ଷୀରେ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା ରବିବାର ସମସ୍ତ ବିଭାଗୀୟ ମୁଖ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ଜେନାଙ୍କ

**ସରକାରୀ ଗାଡ଼ି, ପ୍ରମୁଖ ସ୍ଥାନରେ ବ୍ୟବହାର ହେବ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ଲୋଗୋ**

**ସମସ୍ତ ବିଭାଗୀୟ ପତ୍ରାଳାପରେ ବ୍ୟବହାର ନିମନ୍ତେ ନିର୍ଦ୍ଦେଶ ଦେଲେ ମୁଖ୍ୟ ଶାସନ ସଚିବ**

ନିର୍ଦ୍ଦେଶନାମା ଅନୁଯାୟୀ, ଏଣିକି ସମସ୍ତ ସରକାରୀ ଗାଡ଼ିରେ ସମ୍ମିଳନୀ ଲୋଗୋକୁ ବ୍ୟବହାର କରାଯିବ। ରାଜ୍ୟର ବିଭିନ୍ନ ପ୍ରମୁଖ ସ୍ଥାନ, ବିଦ୍ୟାଳୟ ଓ ମହାବିଦ୍ୟାଳୟର କାନ୍ଥରେ ମଧ୍ୟ ଏହାକୁ ଚିତ୍ରଣ କରାଯିବ। ଏପରିକି ଜିଲ୍ଲା ସ୍ତରରେ ମଧ୍ୟ ଏହାର ବ୍ୟବହାରକୁ ପ୍ରୋତ୍ସାହିତ କରାଯିବ।




ଏଥିସହିତ ସମସ୍ତ ବିଭାଗୀୟ ପତ୍ରାଳାପରେ ଏହାକୁ ପ୍ରମୁଖ ଭାବେ ସ୍ଥାନିତ କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶନାମା ଜାରୀ କରିଛନ୍ତି।

ସୂଚନାଯୋଗ୍ୟ ଯେ ଏହି ଲୋଗୋର ଟ୍ୟାଗ୍‌ଲାଇନ୍ ରହିଛି 'ଭାଷା ହିଁ ଭବିଷ୍ୟତ'। ଦେଶର ଅନ୍ୟତମ ଶାସ୍ତ୍ରୀୟ ଭାଷାର ମାନ୍ୟତା ଲାଭ କରିଥିବା ଓଡ଼ିଆ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ବିସ୍ତୃତ ଆଲୋଚନା ସହିତ ଏହାର ପ୍ରଚାର-ପ୍ରସାର ଲକ୍ଷ୍ୟ ନେଇ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜିତ ହେବାକୁ ଯାଉଛି। ଏକ ସ୍ୱତନ୍ତ୍ର ଐତିହ୍ୟର ଶକ୍ତିଶାଳୀ ବାହକ ଭାବରେ ଭବିଷ୍ୟତ ତଥା ଯୁବପିଢ଼ିଙ୍କ ପାଖରେ ଓଡ଼ିଆ ଭାଷା କିଭଳି ଆହୁରି ଆଦୃତି ଲାଭ କରିବ ଏବଂ ଆଧୁନିକ ଜ୍ଞାନକୌଶଳକୁ ପ୍ରୟୋଗ କରି ଆମ ଭାଷା କିପରି ଆଗକୁ ବଢ଼ିପାରିବ ଏହି ସମ୍ମିଳନୀ କାର୍ଯ୍ୟପନ୍ଥା ନିର୍ଣ୍ଣୟ କରିବ। ଏ ସମ୍ପର୍କରେ ଭାଷାବିତ୍ ଓ ବୁଦ୍ଧିଜୀବୀମାନେ ସମ୍ମିଳନୀର ବିଭିନ୍ନ ସୋପାନରେ ବିଚାରବିମର୍ଶ କରିବେ। ବୁଦ୍ଧିଜୀବୀ, ଗବେଷକ, ବିଦ୍ୱାନ୍, ଛାତ୍ରଛାତ୍ରୀ ଏବଂ ଭାଷାକୁ ନେଇ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ଏହି ସମ୍ମିଳନୀ ଏକ ବଳିଷ୍ଠ ମାଧ୍ୟମ ହେବ ବୋଲି ଆଶା କରାଯାଉଛି।





# ଆଜି ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା

■ **ଅଯୋଧ୍ୟା, ୨୧।୧ (ଏଜେନ୍ସି):** ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠାର ଭବ୍ୟ ଉତ୍ସବ ପାଇଁ ସବୁ ପ୍ରସ୍ତୁତି ଶେଷ ହୋଇଛି। ଆଉ ମାତ୍ର କିଛି ଘଣ୍ଟା ପରେ ରାମଲାଲା ନବ ନିର୍ମିତ ମନ୍ଦିରରେ ପ୍ରତିଷ୍ଠା ପାଇବେ। ଏଥିପାଇଁ ଦେଶ, ବିଦେଶରେ ରାମ ଶ୍ରଦ୍ଧାଳୁଙ୍କ ଉତ୍ସାହ, ଉଦ୍ଦୀପନା ଦ୍ୱିଗୁଣିତ ହୋଇଛି। ସେପଟେ ରାମଲାଲାଙ୍କ ଏହି ଭବ୍ୟ ଉତ୍ସବ ପାଇଁ ସାରା ଅଯୋଧ୍ୟା ସହର ରାମମୟ ହୋଇପଡ଼ିଛି। ରବିବାର ସନ୍ଧ୍ୟା ସୁଦ୍ଧା ହଜାର ହଜାର ହଜାର ଭକ୍ତଙ୍କ ସହ ସାଧୁ, ସନ୍ଥ, ଆଚାର୍ଯ୍ୟ ଏବଂ ପୁରୋହିତଙ୍କ ସମେତ ଆମନ୍ତ୍ରିତ ଅତିଥିମାନଙ୍କ ସୁଅ ଛୁଟିଛି। ପ୍ରଭୁ ଶ୍ରୀରାମଙ୍କ ସ୍ୱାଗତ ପାଇଁ କ୍ୱିଣ୍ଟାଲ, କ୍ୱିଣ୍ଟାଲ ଫୁଲ, ଆଲୋକମାଳାରେ ସୁସଜିତ ▶ପୃଷ୍ଠା-୯

### ବିଲ୍‌କିସ୍ ବାନୋ ଗଣଦୁଷ୍କର୍ମ ମାମଲା

# ପୁଣି ଜେଲ୍‌କୁ ଫେରିଲେ ୧୧ ଦୋଷୀ

■ **ଅହମଦାବାଦ, ୨୧।୧ (ଏଜେନ୍ସି):** ସୁପ୍ରିମକୋର୍ଟରୁ ନିରାଶ ହେବା ପରେ ବିଲ୍‌କିସ୍ ବାନୋ ଗଣଦୁଷ୍କର୍ମ ମାମଲାର ୧୧ ଦୋଷୀ ରବିବାର ରାତିରେ ଆତ୍ମସମର୍ପଣ କରିଛନ୍ତି। ସମସ୍ତେ ପଞ୍ଚମହଲ ଜିଲ୍ଲାରେ ଥିବା ଗୋଧ୍ରା ଉପ-କାରାଗାରକୁ ଫେରିଥିବା କ୍ରାଇମବ୍ରାଞ୍ଚ ଇନ୍ସପେକ୍ଟର ଏନଏଲ୍ ଦେଶାଇ ସୂଚନା ଦେଇଛନ୍ତି। ଏହି ଦୋଷୀଙ୍କୁ ଗଣଦୁଷ୍କର୍ମ ମାମଲାରେ ଆଜୀବନ କାରାଦଣ୍ଡାଦେଶ ହୋଇଥିଲା। ତେବେ ଗୁଜରାଟ ସରକାର ୨୦୨୨ ସ୍ୱାଧୀନତା ଦିବସ ଅବସରରେ ଏମାନଙ୍କୁ ଅବଧି ପୂର୍ବରୁ ମୁକ୍ତ କରି ଦେଇଥିଲେ। ଏହା ବିରୋଧରେ ବିଲ୍‌କିସ୍ ବାନୋ ସୁପ୍ରିମକୋର୍ଟ ଯାଇଥିଲେ। ସର୍ବୋଚ୍ଚ ନ୍ୟାୟାଳୟ ଦୋଷୀଙ୍କୁ ମୁକ୍ତ କରିବା ନିର୍ଦ୍ଦେଶକୁ ବେଆଇନ କହିବା ସହ ନିଷ୍ପତ୍ତି ନେବାର ଅଧିକାର ରାଜ୍ୟ ସରକାରଙ୍କ ନାହିଁ ବୋଲି କହିଥିଲେ ଏବଂ ୨୨ ତାରିଖ ପୂର୍ବରୁ ଆତ୍ମସମର୍ପଣ କରିବା ପାଇଁ ଦୋଷୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସେମାନେ ବିଭିନ୍ନ କାରଣ ଦର୍ଶାଇ ଆତ୍ମସମର୍ପଣ ଅବଧିକୁ ବୃଦ୍ଧି କରିବା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାତ୍ର କୋର୍ଟ ଦୋଷୀଙ୍କ ଆବେଦନର କାରଣ ଆଧାରହୀନ ବୋଲି କହିବା ସହ ୨୧ ତାରିଖ ସନ୍ଧ୍ୟା ସୁଦ୍ଧା ଜେଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଆଜି ୧୧ ଦୋଷୀ ବାକାଭାଇ ଭୋହାନିଆ, ବିପିନ ଚନ୍ଦ୍ର ଯୋଶୀ, କେଶରଭାଇ ଭୋହାନିଆ, ଗୋବିନ୍ଦ ନାଇ, ଯଶୱନ୍ତ ନାଇ, ମିତେଶ ଭଟ୍ଟ, ପ୍ରଦୀପ ମୋରାଧିଆ, ରାଧେଶ୍ୟାମ ଶାହା, ରାଜୁଭାଇ ସୋନି, ରମେଶ ଚନ୍ଦ୍ର ଏବଂ ଶୈଳଶ ଭଟ୍ଟ ଜେଲ୍‌ରେ ଆତ୍ମସମର୍ପଣ କରିଛନ୍ତି।

# ଆଜି ପୁରୀ ଆସିବ 'ଅର୍ପଣ' ଟଙ୍କା

### ୨୫ରେ ଅରୁଆ ଚାଉଳ, ଗୁଆ ଧରି ଶ୍ରୀକ୍ଷେତ୍ରରେ ପହଞ୍ଚିବେ ଭକ୍ତ

■ **ପୁରୀ, ୨୧।୧ (ସମିସ):** ଅର୍ପଣ ରଥରେ ସଂଗୃହୀତ ପ୍ରତ୍ୟେକ ସାମଗ୍ରୀ ଏବଂ ଦାନ ଅର୍ଥ ଶ୍ରୀକ୍ଷେତ୍ର ଆସିବ। ଏସବୁ ମହାପ୍ରଭୁଙ୍କ କାମରେ ହିଁ ଲାଗିବ। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ସରିଛି। ତେବେ ଅର୍ପଣ ରଥରେ ସଂଗୃହୀତ ଦାନ ଟଙ୍କା ଶ୍ରୀମନ୍ଦିର ଡୋନେସନ୍ ସେଲ୍‌ରେ ଜମା ହେବ। ପ୍ରତି ଜିଲ୍ଲାରୁ ପ୍ରତିନିଧି ଏହି ଟଙ୍କା ଆଣି ଶ୍ରୀମନ୍ଦିର କାର୍ଯ୍ୟାଳୟ ଡୋନେସନ୍ ସେଲ୍‌ରେ ଦେବେ। ୨୨ରୁ ୨୫ତାରିଖ ପର୍ଯ୍ୟନ୍ତ ଏହି ସେଲ୍‌ରେ ଟଙ୍କା ଦିଆଯିବ। ଏଥିପାଇଁ ସ୍ୱତନ୍ତ୍ର ଭାବେ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ଏହି ଟଙ୍କା ଗଣତି କରି ରଖିବେ।

ସେହିପରି ଅର୍ପଣ ରଥରେ ସଂଗୃହୀତ ଗୁଆ, ଅରୁଆ ଚାଉଳ ଓ ନଡ଼ିଆ ଆଣି ପ୍ରତ୍ୟେକ ଜିଲ୍ଲାରୁ ଭକ୍ତମାନେ ପୁରୀ ଆସିବେ। ଏହି କାର୍ଯ୍ୟକ୍ରମ ଆସନ୍ତା ୨୪ତାରିଖରୁ ଆରମ୍ଭ କରାଯିବ। ତାଲିକା ଅନୁଯାୟୀ, ନିଜ ଜିଲ୍ଲାରୁ ବସ୍‌ରେ ଲୋକମାନେ ୨୪ ତାରିଖରେ ବାହାରିବେ। ପୁରୀରେ ପହଞ୍ଚି ୨୫ ତାରିଖରେ ଅରୁଆ ଚାଉଳ, ଗୁଆ ଗୁଣ୍ଡିଚା ମନ୍ଦିରରେ ସେମାନଙ୍କଠାରୁ ଗ୍ରହଣ କରାଯିବ। ପ୍ରତିଦିନ ମହାପ୍ରଭୁଙ୍କ ଦର୍ଶନ ପାଇଁ



ବିଭିନ୍ନ ପଞ୍ଚାୟତରୁ ପ୍ରାୟ ୧୦ହଜାର ଲୋକ ଆସି ପ୍ରଥମେ ସଙ୍ଗମ ପାର୍କିଂରେ ପହଞ୍ଚିବେ। ସେମାନେ ଆଣିଥିବା ଗୁଆ, ଅରୁଆ ଚାଉଳ, ନଡ଼ିଆ ଆଦି ଦେବା ପରେ ମହାପ୍ରଭୁଙ୍କ ଦର୍ଶନ ସହ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଲିବେ। ସମଙ୍ଗଠାରେ ୧୦ ହଜାର ଲୋକଙ୍କ ଖାଇବା ସହ ବିଶ୍ରାମ ବ୍ୟବସ୍ଥା କରାଯାଇଛି। ସ୍ୱତନ୍ତ୍ର ରୋଷଶାଳା ସହ ବିଶ୍ରାମ ପାଇଁ ଦୁଇଟି ଜର୍ମାନ ହ୍ୟାଙ୍ଗର(ସେଡ୍), ପାନୀୟ ଜଳ ବ୍ୟବସ୍ଥା ଆଦି କରାଯାଇଛି। ଏହି ଅବସରରେ ପ୍ରତି ଲୋକଙ୍କୁ ତାଳପତ୍ର ଭୋଗେଇରେ ଶୁଖିଲା ମହାପ୍ରସାଦ ପ୍ରଦାନ କରାଯିବ। ଏଥିପାଇଁ ସୁଆର ମହାସୁଆର ନିଯୋଗକ ଦାୟିତ୍ୱ ଦିଆଯାଇଛି।

### କନିଷ୍ଠ ଶିକ୍ଷକ ନିଯୁକ୍ତି ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀଙ୍କୁ ପୁଣି ବିଜେଡିର ଶାଣିତ ଜବାବ

# ଧରାପଡ଼ିଲା ଧର୍ମେନ୍ଦ୍ରଙ୍କ ଇଡିସିଆଇଏଲ୍ ମିଛ

■ **ଭୁବନେଶ୍ୱର, ୨୧।୧ (ସମିସ):** ଶିକ୍ଷକ ନିଯୁକ୍ତି ପ୍ରସଙ୍ଗରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପୁଣିଥରେ କାଠଗଡ଼ାକୁ ଟାଣିଛି ବିଜେଡି। କନିଷ୍ଠ ଶିକ୍ଷକ ନିଯୁକ୍ତି ପରୀକ୍ଷା ପରିଚାଳନା କରିଥିବା କେନ୍ଦ୍ରୀୟ ସଂସ୍ଥା ଇଡିସିଆଇଏଲ୍‌କୁ କ୍ଲିନ୍‌ଚିଟ୍ ଦେବାକୁ ଯାଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଦେଇଥିବା ବୟାନର ଦୃଢ଼ ଜବାବ ରଖିଛି ବିଜେଡି। ଧର୍ମେନ୍ଦ୍ରଙ୍କୁ ଟୁଇଟର୍ ଜରିଆରେ କଡ଼ା ଜବାବ ଦେଇ ବିଜେଡିର ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ କହିଛନ୍ତି, ନିଜ ମନ୍ତ୍ରଣାଳୟ ଅଧୀନରେ ଥିବା ମିନି ରତ୍ନ ସଂସ୍ଥା ଇଡିସିଆଏଲ୍‌କୁ ନେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମିଛ କହୁଛନ୍ତି। ଏଭଳି ସଂସ୍ଥାକୁ କଳା ତାଲିକାଭୁକ୍ତ କରିବା ବଦଳରେ ଶ୍ରୀ ପ୍ରଧାନ ତାହାପାଇଁ ଓକିଲାତି କରିବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ପ୍ରଣବ ପ୍ରକାଶ।



**ଟୁଇଟରରେ ପୁଣି କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରଣବ ପଚାରିଲେ କଡ଼ା ପ୍ରଶ୍ନ**

**ଇଡିସିଆଇଏଲ୍‌କୁ କାହିଁକି କରିନାହାନ୍ତି କଳା ତାଲିକାଭୁକ୍ତ**

**କେନ୍ଦ୍ରମନ୍ତ୍ରୀଙ୍କ ସ୍ୱାର୍ଥ ପାଇଁ ଦେଶର ସୁରକ୍ଷା କାଠଗଡ଼ାରେ**

**ଅତୀତରେ ଏଭଳି ଏକାଧିକ ମିଛ କହିଛନ୍ତି କେନ୍ଦ୍ରମନ୍ତ୍ରୀ**

ଇଡିସିଆଇଏଲ୍ ସଂସ୍ଥା ଆପଣଙ୍କ ବିଭାଗ ଅଧୀନରେ ଆସୁଛି ନା ନାହିଁ ବୋଲି ପ୍ରଣବ ପ୍ରକାଶ ସିଧାସଳଖ ଧର୍ମେନ୍ଦ୍ରଙ୍କୁ ପ୍ରଶ୍ନ କରିଛନ୍ତି। ଶ୍ରୀ ଦାସ କହିଛନ୍ତି, ଏହି କେନ୍ଦ୍ରୀୟ ସଂସ୍ଥା ଭୁବନେଶ୍ୱର ଏମ୍ସ, ଭାରତୀୟ ସେନା, କୋଲ୍ ଇଣ୍ଡିଆ, ଏୟାରପୋର୍ଟ ଅଥରିଟୀ ଅଫ୍ ଇଣ୍ଡିଆ, ଗୁଇନ୍ଦା ବ୍ୟୁରୋ, କେନ୍ଦ୍ରୀୟ ବିଦ୍ୟାଳୟ, ଜବାହର ନବୋଦୟ ବିଦ୍ୟାଳୟ ଆଦି ସଂସ୍ଥା ପାଇଁ ପରୀକ୍ଷା କରିଛି। ଯଦି ଇଡିସିଆଇଏଲ୍ ଭୁଲ୍ କରିଥିଲା, ତେବେ ଆପଣ କ'ଣ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ଏପରିକି ଏହି ସଂସ୍ଥାକୁ କାହିଁକି କଳା ତାଲିକାଭୁକ୍ତ କରାଯାଇ ନାହିଁ ବୋଲି ପ୍ରଣବ ପ୍ରଶ୍ନ କରିଛନ୍ତି।

ଟୁଇଟ୍ ଜରିଆରେ ଶ୍ରୀ ଦାସ ଆହୁରି କହିଛନ୍ତି ଯେ ଇଡିସିଆଇଏଲ୍ ଭାରତୀୟ ସେନା ଏବଂ ଅଗ୍ନିବୀରଙ୍କ ପାଇଁ ନିଯୁକ୍ତି ପରୀକ୍ଷା କରିଛି। ଏହି ସଂସ୍ଥା ଜରିଆରେ ହଜାର ହଜାର ସଂଖ୍ୟାରେ ଯବାନ ନିଯୁକ୍ତି ପାଇଛନ୍ତି ଓ ଦେଶର ସୁରକ୍ଷାରେ ନିୟୋଜିତ ହୋଇଛନ୍ତି। ହେଲେ ନିଜ ▶ପୃଷ୍ଠା-୯

## ଲୋକକଥା



ଶ୍ରୀକ୍ଷେତ୍ରେ ସରିଲା ଅଯୋଧ୍ୟା ନଗରେ
ଲୋକାର୍ପିତ ରାମ ମନ୍ଦିର,
ରାମରାଜ୍ୟ ସତେ ଫେରି ଆସିବକି
ହସିବ ଏ ସାରା ସଂସାର।
ପରିସ୍ଥିତି ଯାହା ଏବର,
ସଦ୍‌ବୁଦ୍ଧି ଦିଅନ୍ତୁ ପୁରୁଷୋତ୍ତମ ହେ
ଆଚ୍ଛାଦିନ ଆସୁ ସତ୍ୱର !

### ଦିଲ୍ଲୀକୁ ବଳିଗଲାଣି ଓଡ଼ିଶାର ବାୟୁ ପ୍ରଦୂଷଣ

# ବଦଳୁଛି ଶିଶୁଙ୍କ ସ୍ୱଭାବ; ବଢୁଛି କର୍କଟ

■ **ଭୁବନେଶ୍ୱର, ୨୧।୧ (ସମିସ):** ଦେଶ ସମେତ ଓଡ଼ିଶାରେ ଶିଶୁ କର୍କଟ ରୋଗୀଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ୁଥିବା ବେଳେ ବାୟୁ ପ୍ରଦୂଷଣ ସମସ୍ୟାକୁ ଦ୍ୱିଗୁଣିତ କରିଛି। ବାୟୁ ପ୍ରଦୂଷଣ ପାଇଁ ଦେଶର ଗ୍ୟାସ୍ ଚ୍ୟାମ୍ବର୍ ବୋଲାଉଥିବା ଦିଲ୍ଲୀକୁ ପଛରେ ପକାଇ ଦେଇଛନ୍ତି ଓଡ଼ିଶାର କିଛି ସହର। ବାୟୁ ପ୍ରଦୂଷଣରେ ବାଲେଶ୍ୱର, ଅନୁଗୁଳ ଓ ତାଳଚେର ଦିଲ୍ଲୀକୁ ପଛରେ ପକାଇ ଦେବା ନେଇ ଗତ ମାସରେ ରିପୋର୍ଟ ଆସିବା ପରେ ଶିଶୁଙ୍କ ସ୍ୱାସ୍ଥ୍ୟକୁ ନେଇ ବିଶେଷଜ୍ଞମାନେ ଚିନ୍ତାବ୍ୟକ୍ତ କରିଛନ୍ତି।



**ଗବେଷଣାରୁ ଜଣାପଡିଲା ଚକିତ କରିବା ଭଳି ତଥ୍ୟ**

**ଶାରୀରିକ ଓ ମାନସିକ ବିକାଶକୁ ପ୍ରତିରୋଧ କରିବା ପାଇଁ ଯଥେଷ୍ଟ**

ଗତ ୧୪ ବର୍ଷ ଧରି ଶିଶୁଙ୍କ ମଧ୍ୟରେ କର୍କଟ ରୋଗକୁ ନେଇ ଗବେଷଣା କରୁଥିବା କୋଲକାତା ସ୍ଥିତ ଚିତ୍ତରଞ୍ଜନ ନ୍ୟାସନାଲ କ୍ୟାନସର୍ ଇନଷ୍ଟିଚ୍ୟୁଟ୍ (ସିଏନ୍‌ସିଆଇ)ର ପୂର୍ବତନ ସହକାରୀ ନିର୍ଦ୍ଦେଶକ ମାନସ ରଞ୍ଜନ ରାଏ ଚକିତ କରିବା ଭଳି କିଛି ତଥ୍ୟ ପାଇଛନ୍ତି ଯାହା ପ୍ରକୃତରେ ଚିନ୍ତାର ବିଷୟ ହୋଇଛି। ପିଲାମାନଙ୍କ ମଧ୍ୟରେ କର୍କଟ ବୃଦ୍ଧି ପଛରେ ବାୟୁ ପ୍ରଦୂଷଣ ବଡ଼ କାରଣ ବୋଲି ଗବେଷକମାନେ ଜାଣିବାକୁ ପାଇଛନ୍ତି। କେବଳ ଶିଶୁମାନେ ନୁହନ୍ତି ବରଂ ଗର୍ଭରେ ବଢୁଥିବା ଶିଶୁଙ୍କ ପାଇଁ ମଧ୍ୟ ଏହା ବିପଦ ସୃଷ୍ଟି କରୁଛି। ଗର୍ଭସ୍ଥ ଶିଶୁର ପୂର୍ଣ୍ଣାଙ୍ଗ ବିକାଶକୁ ଏହା ପ୍ରତିରୋଧ କରୁଛି। ଶିଶୁମାନଙ୍କ ଶରୀର ପୂର୍ଣ୍ଣ ବିକଶିତ ହୋଇନଥିବା ସମୟରେ ବିଷାକ୍ତ ବାୟୁ ପ୍ରତି ସେମାନେ ବେଶ୍ ସମ୍ବେଦନଶୀଳ ରହିଥାନ୍ତି। ବୟସ୍କ ବ୍ୟକ୍ତିଙ୍କ ତୁଳନାରେ ଶିଶୁମାନେ ଅଧିକ ବେଗରେ ଏବଂ ଅଧିକ ପରିମାଣରେ ନିଃଶ୍ୱାସ ପ୍ରଶ୍ୱାସ ନେଉଥିବାରୁ ସେମାନଙ୍କ ପ୍ରତି ବିପଦ ଅଧିକ ରହିଥାଏ ବୋଲି ଗବେଷକମାନେ ▶ପୃଷ୍ଠା-୯

# ଦୁଇ ଆଇଜିଙ୍କ ସମେତ ୨୦ ପୁଲିସ କର୍ମଚାରୀଙ୍କୁ ମିଳିବ ରାଜ୍ୟପାଳ ପଦକ

■ **ଭୁବନେଶ୍ୱର, ୨୧।୧ (ସମିସ):** ଦୁଇ ଆଇଜିଙ୍କ ସମେତ ୨୦ ପୁଲିସ କର୍ମଚାରୀଙ୍କୁ ମିଳିବ ରାଜ୍ୟପାଳ ପଦକ। ୨୦୨୩ ପାଇଁ ରାଜ୍ୟପାଳ ପୁଲିସ ପଦକ ପାଇଁ ଆଜି ନାମ ଘୋଷଣା କରାଯାଇଛି। ବିଭିନ୍ନ ବର୍ଗରେ ଏହି ୨୦ଜଣ ପୁଲିସ୍ କର୍ମଚାରୀଙ୍କୁ ରାଜ୍ୟପାଳ ପଦକ ପ୍ରଦାନ କରାଯିବ ବୋଲି ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରୁ ଜଣାପଡ଼ିଛି।

ପ୍ରଥମ ବର୍ଗରେ ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲ ଓ କ୍ରାଇମବ୍ରାଞ୍ଚ ଆଇଜି ସଫିନ ଅହମ୍ମଦ ରାଜ୍ୟପାଳ ପଦକ ପାଇବା ପାଇଁ ମନୋନୀତ ହୋଇଛନ୍ତି। ଦ୍ୱିତୀୟ ବର୍ଗରେ ଗଞ୍ଜାମ ଏସ୍‌ପି ଜଗମୋହନ ମୀନା ଓ ସମ୍ବଲପୁର ଏସ୍‌ପି ମୁକେଶ ଭାମୁ ଏହି ପଦକ ପାଇବେ। ସେହିପରି ତୃତୀୟ ବର୍ଗରେ ବରିଷ୍ଠ ଓପିଏସ୍ ଅଫିସର୍ ତଥା ବିପିଏସ୍‌ପିଏର ଅତିରିକ୍ତ ଏସ୍‌ପି ଉଦୟଭାନୁ ମିଶ୍ର ଓ ଭୁବନେଶ୍ୱର

**ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲ ଓ କ୍ରାଇମ୍‌ବ୍ରାଞ୍ଚ ଆଇଜି ସଫିନ୍ ଅହମ୍ମଦ ମନୋନୀତ**

ୟୁପିଡି ଏସିପି ମାନସ ଗଡ଼ନାୟକ ଏହି ପୁରସ୍କାର ପାଇବେ। ଚତୁର୍ଥ ବର୍ଗରେ କ୍ରାଇମବ୍ରାଞ୍ଚ ଅଧୀକ୍ଷକ ଅନିଲ ଆନନ୍ଦ, ଗଞ୍ଜାମ ପାଟପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ଓ ସମ୍ବଲପୁର ଭିଜିଲାନ୍ସ ବିଭାଗ ▶ପୃଷ୍ଠା-୯

# ସମ୍ପୂର୍ଣ୍ଣା

ସକାଳ THE SAKALA
www.sakalaepaper.com

## ଆଜିର ଦିନରେ

- ୧୬୬୬-ମୋଗଲ ସମ୍ରାଟ୍ ଶାହାଜାହାନଙ୍କ ଦେହାନ୍ତ।
- ୧୯୦୧- ବ୍ରିଟେନରେ ୬୩ ବର୍ଷ ପରେ ମହାରାଣୀ ଭିକ୍ଟୋରିଆଙ୍କ ଡାକଟିକଟ୍ ବନ୍ଦ।
- ୧୯୩୪-ପ୍ରସିଦ୍ଧ ଫିଲ୍ମ ନିର୍ମାତା ବିଜୟ ଆନନ୍ଦଙ୍କ ଜନ୍ମ।
- ୧୯୯୩- ଇଣ୍ଡିଆନ ଏୟାରଲାଇନ୍ସର ଏକ ବିମାନ ଔରଙ୍ଗାବାଦଠାରେ ଦୁର୍ଘଟଣା ହେବାରୁ ୬୧ ଯାତ୍ରୀଙ୍କ ମୃତ୍ୟୁ।
- ୨୦୦୧- ପାକିସ୍ତାନରେ ତାଲିବାନର ସମସ୍ତ କାର୍ଯ୍ୟାଳୟକୁ ବନ୍ଦ କରି ଦିଆଗଲା।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ବ୍ୟବହାରରେ ଖୁସି ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବାଦବିବାଦ ତଥା ଧାରକରଜରୁ ଦୂରେଇ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀଙ୍କୁ ପରିଶ୍ରମର ଉଚିତ ଫଳ ମିଳିବ।

**ତୁଳା:** ବୁଝିବିଚାରି ନିଷ୍ପତ୍ତି ନିଅନ୍ତୁ। କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ତୈଳାକ୍ତ ଖାଦ୍ୟ ପଦାର୍ଥରୁ ଦୂରେଇ ରହିବେ।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଆର୍ଥିକ ସ୍ଥିତି ମଜଭୁତ ହେବ। ପରିବାର ସଦସ୍ୟଙ୍କୁ ସମୟ ଦେବେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।



## ୧୧୧ ସେକେଣ୍ଡରେ ବଜାଇଲେ ୧୧୧ ପ୍ରକାର ବାଦ୍ୟଯନ୍ତ୍ର

ସାଧାରଣତଃ ଜଣେ ପେସାଦାର ବାଦ୍ୟକାର ଏକକାଳୀନ ଗୋଟିଏ, ଦୁଇଟି କିମ୍ବା ତିନିଟି ବାଦ୍ୟଯନ୍ତ୍ର ବଜାଇବାକୁ ସକ୍ଷମ ହୋଇଥାନ୍ତି। ତେବେ କେହି କେବେ ଏକକାଳୀନ ୧୧୧ଟି ବାଦ୍ୟଯନ୍ତ୍ର ବଜାଇ ନ ଥିବେ। ଏଭଳି ଏକ ଅଦ୍ଭୁତ କାରନାମା କରି ଦେଖାଇଛନ୍ତି ଜଣେ ଯୁବକ। ଯାହାଙ୍କ ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ସେହିପରି ସମ୍ପୃକ୍ତ ଯୁବକ ଜଣକ ୧୧୧ ସେକେଣ୍ଡରେ ଗୋଟିଏ, ଦୁଇଟି କିମ୍ବା ଦଶଟି ନୁହେଁ, ବରଂ ୧୧୧ଟି ବାଦ୍ୟଯନ୍ତ୍ର ବଜାଇଛନ୍ତି। ତେବେ ତାଙ୍କର ଏହି ବାଦ୍ୟଯନ୍ତ୍ର ବଜାଇବାର ପ୍ରାରମ୍ଭ ସେ ବଇଁଶୀରୁ କରିଛନ୍ତି। ଏହାପରେ ପରେ ସେ ଇଲେକ୍‌ଟ୍ରିକ୍ ପିଆନୋ, ବେଞ୍ଜୋ, ସାକ୍ସୋଫୋନ୍, ଗିଟାର ଭଳି ସମୁଦାୟ ୧୧୧ଟି ବାଦ୍ୟଯନ୍ତ୍ରକୁ ବିନା କୌଣସି ଅସୁବିଧାରେ ବଜାଇଛନ୍ତି। ଅନ୍ୟପଟେ ତାଙ୍କର ଆଉ ଏକ ବିଶେଷତ୍ୱ ହେଉଛି, ସେ ଏଭଳି କରି ଲୋକଙ୍କୁ ବହୁପ୍ରକାର ବାଦ୍ୟଯନ୍ତ୍ର ସହ ପରିଚିତ କରାଇଛନ୍ତି। କାରଣ ଏଥିରୁ ଲୋକେ ୪୦-୫୦ଟି ବାଦ୍ୟଯନ୍ତ୍ର ବାବଦରେ ଜାଣିଥିବାବେଳେ ସେ ବଜାଇଥିବା କିଛି ବାଦ୍ୟଯନ୍ତ୍ର ଏଭଳି ଅଛି, ଯାହା ବାବଦରେ ଲୋକମାନେ କ୍ୱଚିତ୍ ଜାଣିଥିବେ। ଅବଶ୍ୟ ତାଙ୍କର ଏଭଳି ପ୍ରତିଭାକୁ ଦେଖି ଲୋକେ ବିସ୍ମିତ ହୋଇଛନ୍ତି।

## ହଟ୍ ୱାଟର ବ୍ୟାଗ୍ ଧରି ଶୋଇବା ବିପଜ୍ଜନକ

ଅଧିକାଂଶ ଲୋକ ଥଣ୍ଡାରୁ ରକ୍ଷା ପାଇବା ପାଇଁ କମ୍ବଳ, ରେଜେଇ ଆଦି ବ୍ୟବହାର କରନ୍ତି। ଆଉ କେହି କେହି ଶରୀରକୁ ଗରମ ଅନୁଭବ ଦେବାକୁ ଭିନ୍ନ ଭିନ୍ନ ଉପାୟ ଆପଣାଇଥାନ୍ତି। ଏମିତି ବି ଅନେକ ଅଛନ୍ତି ଯେଉଁମାନେ ହଟ୍ ୱାଟର ବ୍ୟାଗ୍‌କୁ ସାରା ରାତି ରେଜେଇ ଭିତରେ ରଖି ଶୋଇଥାନ୍ତି। ଏହି ଅଭ୍ୟାସ ଶରୀର ପାଇଁ ବିପଜ୍ଜନକ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦିଅନ୍ତି। ଯଦିଓ ଏହି ହଟ୍ ୱାଟ୍‌ର ବ୍ୟାଗ୍ ଯୋଗୁଁ ଲୋକେ ଗରମ ଅନୁଭବ କରନ୍ତି, କିନ୍ତୁ ଏହାକୁ ପାଖରେ ରଖି ଶୋଇବା ଆଦୌ ଠିକ୍ ନୁହେଁ। ସ୍ଲିପ୍ ଏକ୍ସପର୍ଟ ରେବେକା ୱେନ୍‌ଙ୍କ ମତରେ ଶୋଇବାକୁ ଯିବା ପୂର୍ବରୁ ହଟ୍ ୱାଟର ବ୍ୟାଗ୍ ଶରୀରକୁ ଗରମ ରଖିବାକୁ ଏକ ଉତ୍ତମ ବିକଳ୍ପ। କିନ୍ତୁ ଏହାକୁ ପାଖରେ ରଖି ଶୋଇବା ବିପଜ୍ଜନକ ହୋଇପାରେ। ଏହାକୁ ରାତିରେ ରଖି ଶୋଇବା ଦ୍ୱାରା କଡ଼ ଲେଉଟାଇବା ସମୟରେ ଏହା ଫାଟିଯିବା ଆଶଙ୍କା



ଥାଏ। କେବଳ ସେତିକି ନୁହେଁ, ଏଥିରେ ଥିବା ପାଣିରେ ଜଣେ ଜଳିଯାଇ ଫୋଟକା ହେବା ଆଶଙ୍କା ମଧ୍ୟ ଥାଏ। ଏହାକୁ ପାଖରେ ରଖି ଶୋଇବା ଦ୍ୱାରା କୁଣ୍ଡାଇହେବା ଭଳି ସମସ୍ୟା ଦେଖାଯାଇପାରେ। ଏହାସହ ଏହାକୁ ଏଠିସେଠି ରଖାଯାଉଥିବାରୁ ଏଥିରେ ଅଧିକ ସଂଖ୍ୟାରେ ଜୀବାଣୁ ଥାଆନ୍ତି ଯେଉଁଥିପାଇଁ ସଂକ୍ରମଣ ହେବା ଆଶଙ୍କା ଥାଏ। ଏହାକୁ ପାଖରେ ରଖି ଶୋଇବା ଦ୍ୱାରା ଗରମ ଲାଗି ଅଧିକ ମାତ୍ରାରେ ଝାଳ ବୋହି ଅଣନିଃଶ୍ୱାସୀ ଲାଗିଥାଏ। ତେଣୁ ହଟ୍‌ୱାଟର୍‌କୁ କମ୍ବଳ କିମ୍ବା ରେଜେଇ ଭିତରେ ରଖି ଶୋଇବା ଅନୁଚିତ। ଏହାବାଦ୍ ହଟ୍ ୱାଟର ବ୍ୟାଗ୍‌କୁ ଜୀବାଣୁମୁକ୍ତ ରଖିବାକୁ ଏହାକୁ ନିୟମିତ ବ୍ୟବଧାନରେ ଧୋଇବା ଆବଶ୍ୟକ।

## ଆଜି ବାହୁଡ଼ିଥିଲେ

# ନାଟ୍ୟ ସାହିତ୍ୟର ଅନନ୍ୟ ବିନ୍ଧାଣି



ଆଧୁନିକ ଓଡ଼ିଆ ନାଟ୍ୟ ସାହିତ୍ୟକୁ ଋଦ୍ଧିମନ୍ତ କରିଥିବା ସ୍ରଷ୍ଟାମାନଙ୍କ ମଧ୍ୟରେ ଗୋପାଳ ଛୋଟରାୟ ଥିଲେ ଅନ୍ୟତମ। ସେ କେବଳ ଜଣେ ନାଟ୍ୟକାର ନ ଥିଲେ; ଅଭିନେତା, ନିର୍ଦ୍ଦେଶକ, କଥାକାର ଓ ଅନୁବାଦକ ଭାବେ ମଧ୍ୟ ତାଙ୍କର ଖ୍ୟାତି ରହିଥିଲା। ତାଙ୍କ ଆତ୍ମଜୀବନୀ 'ପଥିକ'ରୁ ସେ କେତେ ସରଳ ଓ ନିଷ୍କପଟ ଥିଲେ, ତାହା ସ୍ପଷ୍ଟ ଅନୁମେୟ। ପିଲାଟି ବେଳୁ ଯାତ୍ରା ଓ ନାଟକ ଲେଖିବାର ନିଶା ତାଙ୍କର ଥିଲା। ସେ ନାଟକର ସଂଳାପକୁ ଗୁରୁତ୍ୱ ଦେଉଥିଲେ ଓ ତାଙ୍କ ସଂଳାପରେ ଥିଲା ବଳିଷ୍ଠ ସମ୍ମୋହନୀ ଶକ୍ତି। ରେଡିଓ ଭଳି ସେ ଟିଭି ମାଧ୍ୟମରେ ଓଡ଼ିଆ ଅପେରାକୁ ସମାଜର ସବୁସ୍ତରର ଦର୍ଶକଙ୍କ ପାଖରେ ପହଞ୍ଚାଇ ପାରିଥିଲେ। ଓଡ଼ିଆ ନାଟକର କଥାବସ୍ତୁ ଗଠନରୀତି ଅଧ୍ୟୟନରେ ସେ ଏକ ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ଆଣିଥିଲେ। ଜଗତସିଂହପୁର ଜିଲ୍ଲା ପୁରାଣଗଡ଼ ଗ୍ରାମରେ ୧୯୧୬ ମସିହା ଏପ୍ରିଲ ମାସ ୨୦ ତାରିଖରେ ଗୋପାଳ ଛୋଟରାୟ ଜନ୍ମଗ୍ରହଣ କରିଥିଲେ। ଗାଁ ମାଇନର ସ୍କୁଲରେ ପାଠ ପଢୁଥିବାବେଳେ ସେ ସମଗ୍ର ଓଡ଼ିଶାରେ ପ୍ରଥମ ହୋଇଥିଲେ। ଏହାପରେ ସେ ପ୍ୟାରୀମୋହନ ଏକାଡେମୀରୁ କୃତିତ୍ୱର ସହ ମାଟ୍ରିକ୍ ପାସ୍ କରିଥିଲେ। ମହାତ୍ମା ଗାନ୍ଧୀଙ୍କ 'ଗାଁକୁ ଫେରିଚାଲ' ଆହ୍ୱାନ ଉପରେ ତାଙ୍କ ରଚିତ 'ଫେରିଆ' ନାଟକ ହେଉଛି ଏକ ଯୁଗାନ୍ତକାରୀ ନାଟକ। 'ପରକଲମ' ହେଉଛି ତାଙ୍କର ଏକ ସଫଳ ରାଜନୈତିକ ନାଟକ। ଓଡ଼ିଶାର ଗୀତିନାଟ୍ୟ, ପାଲା, ଗହନ ଆଦିରେ ସେ ସଂସ୍କାର ଆଣିବା ପାଇଁ ପ୍ରୟାସ କରିଥିଲେ। ସାଧାରଣ ମଣିଷର ନିତିଦିନିଆ ଚଳଣିକୁ ନେଇ ତାଙ୍କ ନାଟକଗୁଡ଼ିକ ବେଶ୍ ଜୀବନ୍ତ। ସେ ଅନେକ ହିନ୍ଦୀ, ମରାଠୀ ଓ ଗୁଜରାଟୀ ନାଟକକୁ ଓଡ଼ିଆରେ ରୂପାନ୍ତର କରିଛନ୍ତି। ସମୟ ଥିଲା, ଯେତେବେଳେ କଟକର ଦୁଇଟି ପେସାଦାର ରଙ୍ଗମଞ୍ଚ ଅନ୍ନପୂର୍ଣ୍ଣା 'ଏ' ଓ 'ବି'ରେ ପ୍ରତ୍ୟେକ ଦିନ ତାଙ୍କ ରଚିତ ନାଟକ ହିଁ ମଞ୍ଚସ୍ଥ ହେଉଥିଲା। ଏହି ଭାବରେ ତିନି ଦଶନ୍ଧିରୁ ଅଧିକ ସମୟ ଧରି ଓଡ଼ିଶାର ପେସାଦାର ରଙ୍ଗମଞ୍ଚଗୁଡ଼ିକରେ ଗୋପାଳ ଛୋଟରାୟ ପ୍ରଭାବ ବିସ୍ତାର କରିଥିଲେ। ୧୯୪୮ ମସିହାରେ କଟକରେ ଆକାଶବାଣୀ କେନ୍ଦ୍ରର ଆରମ୍ଭ ହୋଇଥିଲା। ଗୋପାଳ ଛୋଟରାୟ ସେହି ସମୟରୁ ହିଁ ତା' ସହିତ ଯୋଡ଼ି ହୋଇଗଲେ। ରାଜ୍ୟ ଦୂରଦର୍ଶନ ପାଇଁ ସେ ୧୦୦ଟି ନାଟକ ଫିଚର୍ ଲେଖିଥିଲେ। ଜୀବନବ୍ୟାପୀ ସାଧନାର ସ୍ୱୀକୃତି ସ୍ୱରୂପ ସେ ଅନେକ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହୋଇଥିଲେ। ଏହି ମହାନ୍ ନାଟ୍ୟକାର ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ଶାରଳା ପୁରସ୍କାର, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରିଥିଲେ। ୧୯୪୯ ମସିହାରେ ନିର୍ମିତ 'ଶ୍ରୀଜଗନ୍ନାଥ' ଫିଲ୍ମର ସେ ସଂଳାପ ଲେଖିଥିଲେ। ପରେ ପରେ 'ଅମଡ଼ାବାଟ', 'ଅଭିନେତ୍ରୀ', 'ମା', 'ନୂଆବୋଉ', 'ଅଦିନମେଘ', 'ମାଟିରମଣିଷ', 'ଧରିତ୍ରୀ' ପରି ୨୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରର ସଂଳାପ ରଚନା କରିଥିଲେ। ୨୦୦୩ ମସିହା ଆଜିର ଦିନରେ ଓଡ଼ିଆ ନାଟକ ଜଗତର ଏହି ମହାନ୍ ସ୍ରଷ୍ଟାଙ୍କର ମହାପ୍ରୟାଣ ଘଟିଥିଲା।



## ଏକତାଙ୍କ ସହ କାମ କରିବେ ବିକ୍ରାନ୍ତ

ବିଧୁ ବିନୋଦ ଚୋପ୍ରାଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଟୁୱେଲଭ୍‌ଥ ଫେଲ୍' କୁ ବଲିଉଡ୍‌ର ଏକ ସାନଦାର ଫିଲ୍ମ କୁହାଯାଉଛି। ବହୁତ କମ୍ ବଜେଟ୍‌ରେ ନିର୍ମାଣ କରାଯାଇଥିବା ଏହି ଫିଲ୍ମଟି ବକ୍ସ ଅଫିସ୍‌ରେ ଆୟ ମାମଲାରେ ଇତିହାସ ରଚିଛି। ଏହି ଫିଲ୍ମ ଖାସ୍‌କରି ଅଭିନେତା ବିକ୍ରାନ୍ତ ମେସିଙ୍କ କ୍ୟାରିୟର୍ ପାଇଁ ଟର୍ଣ୍ଣିଂ ପଏଣ୍ଟ ସାବ୍ୟସ୍ତ ହୋଇଛି। ବିକ୍ରାନ୍ତଙ୍କ ଚମତ୍କାର ଅଭିନୟ ଦର୍ଶକଙ୍କୁ ଭାବବିହ୍ୱଳ କରିପକାଇଥିଲା। ଏହି ଫିଲ୍ମ ପରେ ଏବେ ବିକ୍ରାନ୍ତଙ୍କୁ ବଡ଼ ବଡ଼ ପ୍ରୋଜେକ୍ଟରୁ ଅଫର୍ ଆସିଛି। ଏକତା କପୁରଙ୍କ ଏକ ପଲ୍‌ଟିକାଲ ଥ୍ରିଲର୍ ଫିଲ୍ମରେ କାମ କରିବା ପାଇଁ ବିକ୍ରମଙ୍କୁ ଅଫର୍ ଆସିଛି। ଫିଲ୍ମର ଟାଇଟଲ୍ ରହିଛି 'ଦ ସାବରମତୀ ରିପୋର୍ଟ'। ଏଥିରେ ବିକ୍ରାନ୍ତଙ୍କ ସହ ରାଶି ଖାନ୍ନା ଓ ରିଦ୍ଧି ଡୋଗ୍ରା ଦେଖାଯିବେ। ୩ ମେ, ୨୦୨୪ରେ ଏହା ରିଲିଜ୍ ହେବ। ରଞ୍ଜନ ଚନ୍ଦେଲ ଏହାର ନିର୍ଦ୍ଦେଶନା ଦେବେ। ୨୦୦୨ ସାବରମତୀ ଏକ୍ସପ୍ରେସ୍‌ର ଅଗ୍ନିକାଣ୍ଡ ଉପରେ ଏହାର କାହାଣୀ ଆଧାରିତ।



# ପୁରୁଷୋତ୍ତମ ଶ୍ରୀରାମ

**ତୁଳସୀ ଦାସଙ୍କ ଦ୍ୱାରା ରଚିତ ସବୁଠୁ ଲୋକପ୍ରିୟ ଧର୍ମଗ୍ରନ୍ଥ ହେଉଛି ରାମଚରିତମାନସ। ଭଗବାନ ଶ୍ରୀରାମ କେବେ ବି ତାଙ୍କ ମର୍ଯ୍ୟାଦାକୁ ଉଲ୍ଲଙ୍ଘନ କରି ନାହାନ୍ତି। ସେଥିପାଇଁ ସେ ହେଉଛନ୍ତି ମର୍ଯ୍ୟାଦା ପୁରୁଷୋତ୍ତମ। ସେ ହେଉଛନ୍ତି ହିନ୍ଦୁଙ୍କ ଆସ୍ଥାର ପ୍ରତୀକ। ସେଥିପାଇଁ ଆଜି ବି ଲୋକେ ନିଜ ଘରେ ଶ୍ରୀରାମଙ୍କ ଭଳି ପୁତ୍ର ଚାହାନ୍ତି। ତେବେ ସବୁ ସମୟରେ ଭଗବାନ ଶ୍ରୀରାମଙ୍କ ଚରିତ୍ରରୁ ଅନେକ କିଛି ଶିଖିବାକୁ ମିଳେ।**

### ମାତାପିତାଙ୍କ ଆଜ୍ଞା ପାଳନ

ଭଗବାନ ଶ୍ରୀରାମ ହେଉଛନ୍ତି ଦଶରଥଙ୍କ ଜ୍ୟେଷ୍ଠ ପୁତ୍ର। ଏହି ହିସାବରେ ସେ ହିଁ ଅଯୋଧ୍ୟାର ରାଜସିଂହାସନ ସମ୍ଭାଳି ଥାନ୍ତେ। କିନ୍ତୁ ମାତା କୈକେୟୀଙ୍କ ଆଦେଶ ପାଳନ କରି ସେ ରାଜସିଂହାସନକୁ ତ୍ୟାଗ କରି ବନବାସରେ ଗଲେ। ଏଥିରୁ ଲୋକଙ୍କୁ ଏହି ଶିକ୍ଷା ମିଳେ ଯେ, ମାତାପିତାଙ୍କ ଆଜ୍ଞା ପାଳନ କରିବା ହେଉଛି ସନ୍ତାନଙ୍କ ପ୍ରଥମ ଧର୍ମ।

### ସଂଯମ ଏବଂ ଧୈର୍ଯ୍ୟର ପ୍ରତୀକ

ଆଜିର ସମୟରେ ଲୋକମାନେ ସବୁ କ୍ଷେତ୍ରରେ ଧୈର୍ଯ୍ୟହରା ହୋଇ ପଡୁଛନ୍ତି। ଯାହାକି ସେମାନଙ୍କ ପାଇଁ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି କରୁଥିବା ଦେଖାଯାଉଛି। ଏଭଳି କ୍ଷେତ୍ରରେ ଶ୍ରୀରାମଙ୍କ ଜୀବନ ଧୈର୍ଯ୍ୟର ଏକ ଉତ୍ତମ ଉଦାହରଣ। ଯେତେବେଳେ ମାତା କୈକେୟୀ ଶ୍ରୀରାମଙ୍କୁ ୧୪ ବର୍ଷ ବନବାସର ଆଦେଶ ଦେଲେ, ତାହାକୁ ସେ ଧୈର୍ଯ୍ୟର ସହ ସ୍ୱୀକାର କରିଥିଲେ। ଏଣୁ ବିପରୀତ ପରିସ୍ଥିତିରେ ମଧ୍ୟ ସେ କେବେ ଧୈର୍ଯ୍ୟ କି ସଂଯମ ହରାଇ ନାହାନ୍ତି। ଏପରିକି କ୍ରୋଧିତ ହୋଇ କୌଣସି ନିର୍ଣ୍ଣୟ ବି ନେଇ ନାହାନ୍ତି। ତେବେ କଠିନ ସମୟରେ ଶ୍ରୀରାମ ପ୍ରତ୍ୟେକ ସ୍ଥାନରେ ସଂଯମ, ସଂକଳ୍ପ, ଧୈର୍ଯ୍ୟ ଓ ସାହସରୁ ଜୀବନ ଜିଇଁବାର ଉଦାହରଣ ସୃଷ୍ଟି କରିଛନ୍ତି।

### ଆଦର୍ଶ ଭାଇ ଓ ବନ୍ଧୁର ଉତ୍ତମ ଉଦାହରଣ

ଶ୍ରୀରାମ ଆଦର୍ଶ ପୁତ୍ର ସହିତ ଆଦର୍ଶ ଭାଇର ମଧ୍ୟ ଏକ ଉତ୍ତମ ଉଦାହରଣ। ଆଜିର କଳିଯୁଗରେ ଭାଇ-ଭାଇ ପରସ୍ପରର ଶତ୍ରୁ ପାଲଟୁଥିବା ବେଳେ ବନବାସ ସମୟରେ ଶ୍ରୀରାମଙ୍କ ଭାଇ ଭରତ ତାଙ୍କୁ ଅଯୋଧ୍ୟା ଫେରାଇ ଆଣିବାକୁ ଆସିଥିଲେ। ମାତ୍ର ସେ ମାତା ପିତାଙ୍କ ଆଜ୍ଞାକୁ ଅବଜ୍ଞା ନ କରି ରାଜସିଂହାସନ ଭରତକୁ ସମର୍ପି ଦେଇଥିଲେ। ସେହିପରି ମିତ୍ରତା ପାଳନରେ ବି ଶ୍ରୀରାମ ଆଗରେ ଅଛନ୍ତି। ସୁଗ୍ରୀବ, ବିଭୀଷଣ ଆଦି ଅନେକ ପରମ ମିତ୍ର ତାଙ୍କର ରହିଥିବା ବେଳେ ସେ ସେମାନଙ୍କ ସମସ୍ୟାକୁ ମଧ୍ୟ ସାମ୍ନା କରିଛନ୍ତି। ବିନା କୌଣସି ଭେଦଭାବରେ ସେ ସମସ୍ତଙ୍କ ସହ ବନ୍ଧୁତା ସ୍ଥାପନ କରିଥିଲେ। ସେହିପରି ସେ ତାଙ୍କ ଜୀବନରେ ସମସ୍ତଙ୍କୁ ସମ୍ମାନ କରିଛନ୍ତି। ପ୍ରତ୍ୟେକ ସମ୍ପର୍କକୁ ନିର୍ବାହ କରୁଛନ୍ତି। ଏହି କାରଣ ଯୋଗୁଁ ସେ ପରିବାରର ପ୍ରତ୍ୟେକ ସଦସ୍ୟଙ୍କର ବି ପ୍ରିୟ ଥିଲେ।

### ଏକପତ୍ନୀ ବ୍ରତ

ମାତା ସୀତାଙ୍କ ପ୍ରତି ପ୍ରଭୁ ଶ୍ରୀରାମଙ୍କର ଅଛି ଅପାର ଭଲପାଇବା। ସେ ତାଙ୍କ ଜୀବନରେ ଜଣେ ମହିଳାଙ୍କୁ ଅର୍ଥାତ୍ ମାତା ସୀତାଙ୍କୁ ବିବାହ କରିଥିଲେ। ସେ କେବେ ବି ଅନ୍ୟ ମହିଳାଙ୍କ ବାବଦରେ ଭାବି ନ ଥିଲେ।

# ସ୍ୱସ୍ତି

## ଗୀତାବାଣୀ

ଦ୍ରବ୍ୟଯଜ୍ଞାସ୍ତପୋଯଜ୍ଞା ଯୋଗଯଜ୍ଞାସ୍ତଥାପରେ।
ସ୍ୱାଧ୍ୟାୟଜ୍ଞାନଯଜ୍ଞାଶ୍ଚ ଯତୟଃ ସଂଶିତବ୍ରତାଃ ॥୨୮॥

ତୀକ୍ଷ୍ଣ ବ୍ରତ ଆଚରଣ କରୁଥିବା କେତେକ ପ୍ରଯତ୍ନଶୀଳ ସାଧକ ଦ୍ରବ୍ୟମୟ ଯଜ୍ଞ କରନ୍ତି, କେତେକ ତପୋଯଜ୍ଞ କରନ୍ତି ଏବଂ କେତେକ ଯୋଗଯଜ୍ଞ କରନ୍ତି ତଥା ଅନ୍ୟ କେତେକ ସ୍ୱାଧ୍ୟାୟରୂପକ ଜ୍ଞାନଯଜ୍ଞ କରନ୍ତି।

(ଚତୁର୍ଥୋଽଧ୍ୟାୟଃ – ଶ୍ଳୋକ - ୨୮)

## ମନସ୍କାମନା ପୂରଣ ପରେ...

**ପ୍ରତ୍ୟେକ ବ୍ୟକ୍ତି ଭଗବାନଙ୍କଠାରେ କିଛି ନା କିଛି ମନୋବାଞ୍ଛା ରଖିଥାନ୍ତି। ମନୋସ୍କାମନା ପୂରଣ ପରେ ଲୋକେ ଠାକୁରଙ୍କ ପାଖରେ ପୂଜା ପାଠ କରନ୍ତି। ସେହିପରି ମାନସିକ ପୂରଣ ପରେ ଅନେକ ଲୋକ ଯାହା କରିବାକୁ ପ୍ରତିଜ୍ଞା କରିଥାନ୍ତି, ତାକୁ ଭୁଲିଯାଆନ୍ତି। ଯାହାକି ଆଦୌ ଶୁଭଦାୟକ ନୁହେଁ। କିନ୍ତୁ ଜ୍ୟୋତିଷ ଶାସ୍ତ୍ରରେ ମନସ୍କାମନା ପୂରଣ ପରେ କେଉଁ କାମ କରିବା ଦରକାର, ସେ ବିଷୟରେ କୁହାଯାଇଛି।**



**ପ୍ରତିଜ୍ଞା ପୂରଣ କରନ୍ତୁ:** ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ମନସ୍କାମନା ପୂରଣ ପାଇଁ ଯାହା କିଛି କରିବାକୁ ଠାକୁରଙ୍କ ପାଖରେ ପ୍ରତିଜ୍ଞା କରୁଛନ୍ତି, ସେ କଥାକୁ ଅବଶ୍ୟ ପୂରଣ କରନ୍ତୁ। କାରଣ ଏଭଳି ନ କରିବା ଦ୍ୱାରା ଦୁଷ୍ପରିଣାମ ଭୋଗିବାକୁ ପଡ଼ିଥାଏ। ଏପରିକି କୁହାଯାଏ ଯେତେଦିନ ପର୍ଯ୍ୟନ୍ତ ସେହି କାମ କରି ନାହାନ୍ତି, ମନୋସ୍କାମନା ଅଧୁରା ରହେ।

**ବ୍ରାହ୍ମଣ ଭୋଜନ:** କୁହାଯାଏ, ମନୋବାଞ୍ଛା ପୂରଣ ହେଲେ ଘରେ ବ୍ରାହ୍ମଣ ଭୋଜନ କରାଇବା ଉଚିତ। ଶାସ୍ତ୍ରରେ କୁହାଯାଇଛି, କୌଣସି ମନସ୍କାମନା ବ୍ରାହ୍ମଣ ଭୋଜନ ବିନା ପୂରା ହୋଇ ନ ଥାଏ। ସେହିପରି ଭଗବାନଙ୍କୁ ଯାହା ମାଗିଥିଲେ, ସେସବୁ ମିଳିଯିବା ଖୁସିରେ ଭଗବାନଙ୍କୁ କୃତଜ୍ଞତା ଜଣାଇବା ପାଇଁ ଜପ ତଥା କୀର୍ତ୍ତନ କରିବେ। ଏହାଦ୍ୱାରା ଘରେ ସୁଖ ଶାନ୍ତି ଲାଭ ହୁଏ। ତେବେ ମନସ୍କାନା ପୂରଣ ହେଲେ ଠାକୁରଙ୍କ ପାଖରେ ନଡ଼ିଆ ଲାଗି କରିବା ଦରକାର।

**କନ୍ୟା ଭୋଜନ:** ଯଦି କୌଣସି କାରଣ ପାଇଁ ବ୍ରାହ୍ମଣ ଭୋଜନ କରାଇ ପାରୁ ନାହାନ୍ତି, ତେବେ ଘରେ କନ୍ୟା ଭୋଜନ ଅବଶ୍ୟ କରାନ୍ତୁ। ଅର୍ଥାତ୍ ଛୋଟ ଝିଅମାନଙ୍କୁ ଘରକୁ ଡାକି ଖାଇବାକୁ ଦିଅନ୍ତୁ।

## ନଦୀ ସ୍ନାନର ମହତ୍ତ୍ୱ

**ସନାତନ ଧର୍ମରେ ପ୍ରକୃତିର ମହତ୍ତ୍ୱ ଖୁବ୍ ବେଶୀ। ଭଗବତ ଗୀତାରେ କୁହାଯାଇଛି, ସୃଷ୍ଟିର ପ୍ରତ୍ୟେକ କୋଣରେ ଈଶ୍ୱର ବାସ କରନ୍ତି। ଏଣୁ ସମସ୍ତେ ପ୍ରକୃତିର ରକ୍ଷା କରିବା ଦରକାର। ଏହି କ୍ରମରେ ନଦୀ ମଧ୍ୟ ପ୍ରକୃତିର ଏକ ଅଭିନ୍ନ ଅଙ୍ଗ। ଭାରତରେ ନଦୀକୁ ଦେବୀର ସ୍ଥାନ ପ୍ରଦାନ କରାଯାଇଛି। ଗଙ୍ଗା, ଯମୁନା ଭଳି ଅନେକ ନଦୀକୁ ମାତା ବୋଲି କୁହାଯାଏ।**



- ସ୍ନାନ କରିବା ସମୟରେ ସପ୍ତ ନଦୀ ଯଥା- ଗଙ୍ଗା, ଯମୁନା, ସିନ୍ଧୁ, ନର୍ମଦା, ଗୋଦାବରୀ, କୃଷ୍ଣା, କାବେରୀରେ ଦାନ କରିବାର ନିୟମ ଶାସ୍ତ୍ରରେ ଅଛି। ପବିତ୍ର ନଦୀରେ ସ୍ନାନ କରିବା ଦ୍ୱାରା ପୁଣ୍ୟ ପ୍ରାପ୍ତି ହୁଏ। ଏହା ସହ ଆରୋଗ୍ୟତାଠୁ ଆରମ୍ଭ କରି ସମୃଦ୍ଧି ପର୍ଯ୍ୟନ୍ତ ସବୁ ପ୍ରାପ୍ତ ହୁଏ।
- ନଦୀ ସ୍ନାନରେ ଭଗବାନଙ୍କ ଆଶୀର୍ବାଦ ପ୍ରାପ୍ତ ହୁଏ। ଏହା ସହ ମନ ଓ ମସ୍ତିଷ୍କ ମଧ୍ୟ ପବିତ୍ର ହୁଏ। ନଦୀ ସ୍ନାନ ଦ୍ୱାରା ଅନ୍ତର୍ମନ ଶାନ୍ତ ହୋଇଥାଏ। ସେହିପରି ନଦୀ ସ୍ନାନ ଦ୍ୱାରା ଆରୋଗ୍ୟ ଜୀବନ ପ୍ରାପ୍ତ ହୁଏ। ଏହାସହ ନକାରାତ୍ମକ ଶକ୍ତି ମଧ୍ୟ ଦୂର ହୁଏ। ମାନ୍ୟତାନୁସାରେ ନଦୀ ସ୍ନାନ ଦ୍ୱାରା ଗ୍ରହ ଦୋଷ ମଧ୍ୟ ଦୂର ହୁଏ।
- ନଦୀରେ ସର୍ବଦା ବ୍ରାହ୍ମ ମୁହୂର୍ତ୍ତରେ ସ୍ନାନ କରିବା ଉଚିତ। ସ୍ନାନ ସମୟରେ ସୂର୍ଯ୍ୟ ଦେବଙ୍କୁ ଅର୍ଘ୍ୟ ଅର୍ପଣ କରିବା ଦରକାର। ନଦୀରେ କେବେ ବି ବସ୍ତ୍ର ଧୋଇବା ଉଚିତ ନୁହେଁ।

## ଆପଣ ଜାଣନ୍ତି କି

ପୂଜା ସମୟରେ ଠାକୁରଙ୍କୁ ବିଭିନ୍ନ ପ୍ରକାର ସୁଗନ୍ଧିତ ଫୁଲ ଅର୍ପଣ କରାଯାଏ। ପୂଜା ପରଦିନ ଏହି ଛଡ଼ା ବା ଉଲାଗି ଫୁଲକୁ ଆମେ ଫିଙ୍ଗି ଦେଇଥାଉ କିମ୍ବା ଜଳରେ ବିସର୍ଜନ କରିଥାଉ। ହେଲେ ଏପରି କରିବା ଉଚିତ ନୁହେଁ। ତେବେ ବାସି ଫୁଲକୁ ଏଣେତେଣେ ନ ଫିଙ୍ଗି ଏହାର ଖତ ପ୍ରସ୍ତୁତ କରନ୍ତୁ। ଏହାକୁ ଯେକୌଣସ ଗଛ ତଥା ମାଟିରେ ମିଶାନ୍ତୁ। ଏହା ଦ୍ୱାରା ସବୁଜ ପରିବେଶ ସୃଷ୍ଟି ହେବା ସହ ଭଗବାନଙ୍କର ଅବମାନନା ହୋଇ ନ ଥାଏ। ନଚେତ୍ ପୂଜା ଫୁଲକୁ କୌଣସି କୁଣ୍ଡରେ ମଧ୍ୟ ଏକତ୍ର କରି ରଖିପାରିବେ। ଏହାବାଦ୍ ଏହାକୁ ନାଲି କପଡ଼ାରେ ବାନ୍ଧି ଆଲମାରିରେ ରଖିପାରିବେ।

# ପିଲା ପଢୁଛନ୍ତି ଶକ୍ତି ସଂରକ୍ଷଣର ପାଠ

- ମୁଖ୍ୟମନ୍ତ୍ରୀ ଶକ୍ତି ସଂରକ୍ଷଣ କାର୍ଯ୍ୟକ୍ରମ ଅଧୀନରେ ପଦକ୍ଷେପ
- ୮୬୭୯ ସ୍କୁଲରେ ଖୋଲିଛି ଶକ୍ତି କ୍ଲବ୍
- ପିଲାମାନଙ୍କୁ ଶକ୍ତିର ଉତ୍ସ, ସଂରକ୍ଷଣ, ଅକ୍ଷୟ ଶକ୍ତିର ଉପାଦେୟତା, ଶକ୍ତି ନିରାପତ୍ତା ସମ୍ପର୍କରେ ପଢ଼ାଯାଉଛି ପାଠ

**ଭୁବନେଶ୍ୱର,୨୧।୧(ସମିସ):** ଅକ୍ଷୟଶକ୍ତିର ଅଧିକ ବ୍ୟବହାର ଏବଂ ଶକ୍ତି ସଂରକ୍ଷଣକୁ ବର୍ତ୍ତମାନ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଅକ୍ଷୟ ଉର୍ଜା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ଓଡ଼ିଶା ଅକ୍ଷୟ ଶକ୍ତି ନୀତି ୨୦୨୨କୁ ମଧ୍ୟ ପ୍ରଣୟନ କରିଛନ୍ତି। ଏହି ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ଶକ୍ତି ବିଭାଗ ପକ୍ଷରୁ ନିକଟରେ ପରିଚାଳନା ନିୟମାବଳୀକୁ ଅନୁମୋଦନ ମିଳିଛି। ତେବେ ଶକ୍ତି ସଂରକ୍ଷଣ ସହ ନିରାପତ୍ତା ନେଇ ଯେପରି ତୃଣମୂଳସ୍ତରରେ ସଚେତନତା ସୃଷ୍ଟି ହୋଇପାରିବ, ସେନେଇ ରାଜ୍ୟ ସରକାର ଏକାଧିକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହି କ୍ରମରେ ମୁଖ୍ୟମନ୍ତ୍ରୀ ଶକ୍ତି ସଂରକ୍ଷଣ କାର୍ଯ୍ୟକ୍ରମ ଅଧୀନରେ ବିଭିନ୍ନ ସରକାରୀ ହାଇସ୍କୁଲରେ ଖୋଲିଥିବା ଶକ୍ତି କ୍ଲବର ଛାତ୍ରଛାତ୍ରୀମାନେ ଶକ୍ତି ସଂରକ୍ଷଣର ପାଠ ପଢ଼ିବା ସହ ବୈଦ୍ୟୁତିକ ନିରାପତ୍ତା କ୍ଷେତ୍ରରେ ସଚେତନ ହେଉଛନ୍ତି। ଫଳରେ ଆଗାମୀ ଦିନରେ ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଓଡ଼ିଶା ବେଶ୍ ଶୃଙ୍ଖଳିତ ହୋଇପାରିବ ବୋଲି ଆଶା କରାଯାଉଛି।

ଏହି କାର୍ଯ୍ୟକ୍ରମ ଅଧୀନରେ ଶକ୍ତି ସଂରକ୍ଷଣ ଓ ନିରାପତ୍ତା ନେଇ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ବିଶେଷ ଶିକ୍ଷା ପ୍ରଦାନ କରାଯାଉଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଶକ୍ତି ସଂରକ୍ଷଣ କାର୍ଯ୍ୟକ୍ରମ ଅଧୀନରେ ୮୬୭୯ଟି ହାଇସ୍କୁଲରେ ଶକ୍ତି କ୍ଲବ ଗଠନ କରାଯାଇଛି। ଲୋକଙ୍କୁ ସଚେତନ କରିବା ପାଇଁ ହାଇସ୍କୁଲ ଛାତ୍ରଛାତ୍ରୀଙ୍କୁ ସାମିଲ କରାଯାଇଛି। ଶକ୍ତି କ୍ଲବ କାର୍ଯ୍ୟକ୍ରମରେ ପିଲାମାନଙ୍କୁ ଶକ୍ତିର ଉତ୍ସ, ସଂରକ୍ଷଣ, ଅକ୍ଷୟ ଶକ୍ତିର ଉପାଦେୟତା, ଶକ୍ତିନିରାପତ୍ତା, ଜଳସଂରକ୍ଷଣର ପାଠ ପଢ଼ାଯିବା ସହ ଛାତ୍ରଛାତ୍ରୀଙ୍କୁ କ୍ଷେତ୍ର ପରିଦର୍ଶନରେ ମଧ୍ୟ ନିଆଯାଉଛି। ଛାତ୍ରଛାତ୍ରୀ ଯେପରି ଏନେଇ ଅଧିକ ଚିନ୍ତାଶୀଳ ହେବେ, ସେଥିପାଇଁ ବିଭିନ୍ନ ପ୍ରତିଯୋଗିତା ସହ ପ୍ରଦର୍ଶନୀ ମଧ୍ୟ କରାଯାଉଛି। ଏହାଦ୍ୱାରା ଛାତ୍ରଛାତ୍ରୀମାନଙ୍କର ଜ୍ଞାନ ବଢ଼ିବା ସହ ସେମାନେ ଲୋକମାନଙ୍କୁ ସଚେତନ କରାଇପାରୁଛନ୍ତି। ଏପରିକି, ଏହି କାର୍ଯ୍ୟକ୍ରମ ଅଧୀନରେ ପିଲାମାନେ ଏଲଇଡି ବଲ୍ବ ମରାମତିଠାରୁ ଆରମ୍ଭ କରି ଅନ୍ୟ ବୈଦ୍ୟୁତିକ ସରଞ୍ଜାମ ନିରାପତ୍ତା ସମ୍ପର୍କରେ ଅବଗତ ହୋଇପାରୁଛନ୍ତି।

ସୂଚନାନୁଯାୟୀ, ରାଜ୍ୟବ୍ୟାପୀ ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ମୁଖ୍ୟ ବିଦ୍ୟୁତ୍ ପରିଦର୍ଶକ ଓ ସେଣ୍ଟର ଫର୍ ଏନଭାଇରନମେଣ୍ଟ ଷ୍ଟଡିଜ୍(ସିଇଏସ୍) ସହଯୋଗରେ ଏହି କାର୍ଯ୍ୟକ୍ରମ ଚାଲିଛି। ଛାତ୍ରଛାତ୍ରୀଙ୍କୁ ଏ ସମ୍ପର୍କିତ ମାର୍ଗଦର୍ଶିକା ପୁସ୍ତିକା ଓ ଅନ୍ୟାନ୍ୟ ସହାୟକ ପଠନ ଉପକରଣ ପ୍ରଦାନ କରାଯାଉଛି। ପିଲାମାନଙ୍କୁ ଶକ୍ତି ନିରାପତ୍ତା, ସଂରକ୍ଷଣ ଏବଂ ଅକ୍ଷୟ ଶକ୍ତିର ଉପାଦେୟତା ସମ୍ପର୍କରେ ବିଦ୍ୟାଳୟ ସ୍ତରରୁ ସଚେତନତା ଏବଂ ଜ୍ଞାନବୃଦ୍ଧି ସକାଶେ ପଦକ୍ଷେପକୁ ବୁଦ୍ଧିଜୀବୀମହଲରେ ପ୍ରଶଂସା କରାଯାଉଛି।

# ଫୁଲନଖରାରେ ସମ୍ ହସ୍ପିଟାଲର ନୂତନ କ୍ୟାମ୍ପସ୍ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୨୧।୧(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଦିନ ଭୁବନେଶ୍ୱର ନିକଟସ୍ଥ ଫୁଲନଖରାଠାରେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଦ୍ୱିତୀୟ କ୍ୟାମ୍ପସ୍ ଲୋକାର୍ପଣ କରିଛନ୍ତି। ଏହି ନୂତନ ଡାକ୍ତରଖାନା କଟକ, ଭୁବନେଶ୍ୱର ସମେତ ରାଜ୍ୟର ରୋଗୀଙ୍କ ଉତ୍ତମ ଚିକିତ୍ସା ଆବଶ୍ୟକତାକୁ ପୂରଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମ୍ପ୍ରତି ସମ୍ ହସ୍ପିଟାଲର ନୂତନ କ୍ୟାମ୍ପସ୍‌ରେ ୭୫୦ ଶଯ୍ୟା ରହିଥିବା ବେଳେ ଆଗାମୀ ଦୁଇ ବର୍ଷ ମଧ୍ୟରେ ଏହା ୩ହଜାରକୁ ବୃଦ୍ଧି ପାଇବ। ଏଠାରେ ବିଭିନ୍ନ ରୋଗ ସମେତ କର୍କଟ ରୋଗର ଚିକିତ୍ସା ପାଇଁ ସର୍ବୋତ୍ତମ ବ୍ୟବସ୍ଥା ଉପଲବ୍ଧ କରାଯାଇଛି। ଏହି ହସ୍ପିଟାଲର ଅଙ୍କୋକେୟାର୍ ବ୍ୟବସ୍ଥାରେ ରେଡିଏସନ୍ ଅଙ୍କୋଲୋଜି, ନ୍ୟୁକ୍ଲିୟର୍ ମେଡିସିନ୍ ଓ ଅତ୍ୟାଧୁନିକ ନିଦାନ ଉପକରଣ ମହଜୁଦ ରହିଛି।

ଫୁଲନଖରାସ୍ଥିତ ସମ୍ ହସ୍ପିଟାଲ କ୍ୟାମ୍ପସ୍‌ରେ ଜେନେରାଲ ମେଡିସିନ୍, ରେସ୍ପିରେଟୋରୀ ମେଡିସିନ୍, ଶିଶୁ ରୋଗ, ନିଓନାଟୋଲୋଜି, କ୍ରିଟିକାଲ କେୟାର ମେଡିସିନ୍, ସାଇକିଆଟ୍ରି, ନିଶ୍ଚେତକ, ରେଡିଓ ଡାଇଗ୍ନୋସିସ୍, ଏମର୍ଜେନ୍ସି ମେଡିସିନ୍, ଇମ୍ୟୁନୋ ହେମାଟୋଲୋଜି, ବ୍ଲଡ୍ ଟ୍ରାନ୍ସଫ୍ୟୁଜନ୍, ରେଡିଏସନ୍ ଅଙ୍କୋଲୋଜି, ମେଡିକାଲ ଅଙ୍କୋଲୋଜି, ପେଡିଆଟ୍ରିକ୍ ଅଙ୍କୋଲୋଜି, ଜେନେରାଲ ସର୍ଜରୀ, ଅସ୍ଥିଶଲ୍ୟ, ସ୍ତ୍ରୀ ଓ ପ୍ରସୂତି ବିଭାଗ, ଚକ୍ଷୁ, ଇଏନ୍‌ଟି, ପାଥୋଲୋଜି, ମାଇକ୍ରୋବାୟୋଲୋଜି ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ରହିଛି। ଦେଶର ବିଭିନ୍ନ ପ୍ରାନ୍ତରୁ ଅଭିଜ୍ଞ ଡାକ୍ତରମାନଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଥିବା ବେଳେ ସୁଲଭ ମୂଲ୍ୟରେ ଚିକିତ୍ସା ଉପଲବ୍ଧ ହେବ। ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍, ସୋଆ ପ୍ରତିଷ୍ଠାତା ସଭାପତି ଡ଼ ମନୋଜ ରଞ୍ଜନ ନାୟକ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ଉପଦେଷ୍ଟା ସୁରେଶ କୁମାର ମହାପାତ୍ର, ସୋଆ ଉପସଭାପତି ଶାଶ୍ୱତୀ ଦାସ ଏବଂ ପୂର୍ବତନ କୁଳପତି ତଥା ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପ୍ରଫେସର ଅଶୋକ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

■ କୋଇଲା ବ୍ୟବସାୟୀଙ୍କ ଘରେ ଆୟକର ଚଢ଼ଉ ଜାରି

# ଆୟକର ଫାଙ୍କିବା ନେଇ ମିଳିଲା ପ୍ରମାଣ

**ଭୁବନେଶ୍ୱର,୨୧।୧(ସମିସ):** କୋଇଲା ବ୍ୟବସାୟୀ ଘନଶ୍ୟାମ ଡାଲମିଆଙ୍କ ଘର ସମେତ ବିଭିନ୍ନ ଠିକଣାରେ ଆଜି ଚତୁର୍ଥ ଦିନରେ ମଧ୍ୟ ଜାରି ରହିଛି ଆୟକର ବିଭାଗର ଚଢ଼ଉ। ରାଜ୍ୟ ଭିତରେ ଓ ବାହାରେ ଏକକାଳୀନ ୩୦ଟି ସ୍ଥାନରେ ଚଢ଼ଉ ଜାରି ରହିଛି। ରାଉରକେଲାରେ ୭ଟି ଓ ସୁନ୍ଦରଗଡ଼ରେ ୨ଟି ସ୍ଥାନରେ ଚଢ଼ଉ ହୋଇଛି। ରାଜଗାଙ୍ଗପୁରରେ ମଧ୍ୟ ଗୋଟିଏ ସ୍ଥାନରେ ଚଢ଼ଉ କରାଯାଇଛି। ରାଜ୍ୟ ବାହାରେ କୋଲକାତା, ମୁମ୍ବାଇ ଏବଂ ଛତିଶଗଡ଼ର ରାୟଗଡ଼ ଓ ରାୟପୁରରେ ଥିବା ତାଙ୍କ ଘର, ଅଫିସ୍ ଓ ବ୍ୟବସାୟିକ ପ୍ରତିଷ୍ଠାନରେ ଚଢ଼ଉ ଜାରି ରହିଛି। ଆୟକର ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇ ନଥିଲେ ମଧ୍ୟ ଘନଶ୍ୟାମଙ୍କ ସମ୍ପର୍କୀୟଙ୍କ ଘରୁ ପ୍ରାୟ ଅଢ଼େଇ କୋଟି ନଗଦ ଟଙ୍କା ସହିତ ୩ କେଜି ସୁନା ମିଳିଥିବା ଜଣାପଡ଼ିଥିଲା। ସେହିଭଳି ସୁନ୍ଦରଗଡ଼ର ବିଲେଇମୁଣ୍ଡାରେ ଥିବା ତାଙ୍କ କାର୍ଯ୍ୟାଳୟରୁ ନଗଦ ୧ କୋଟି ଟଙ୍କା ସହିତ ଅନେକ କାଗଜପତ୍ର ମିଳିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପଟେ ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ (ଏମସିଏଲ)ର କୋଇଲା ଖଣିରେ ଥିବା ଘନଶ୍ୟାମଙ୍କ କୋଇଲାର ପରିମାଣ ମଧ୍ୟ ଆୟକର ଯାଞ୍ଚ କରିଛି।

## ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଆଜି ମଞ୍ଚସ୍ଥ ହେବ ନାଟକ 'ଉତ୍ତରଣ'

**ଭୁବନେଶ୍ୱର, ୨୧।୧(ସମିସ):** ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ବିଶେଷକରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାଷାପ୍ରୀତିକୁ ବୃଦ୍ଧି କରିବା ପାଇଁ ସରକାର ବହୁ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି କ୍ରମରେ ଆସନ୍ତାକାଲି ଅର୍ଥାତ୍ ସୋମବାର ସଂଧ୍ୟାରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ଓଡ଼ିଆ କାବ୍ୟ କବିତାକୁ ନେଇ ନାଟକ 'ଉତ୍ତରଣ' ପରିବେଷଣ କରାଯିବ। ଓଡ଼ିଆ ଭାଷାର ବିକାଶକ୍ରମକୁ ନେଇ ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଏହା ମଞ୍ଚସ୍ଥ ହେବ। ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହାକୁ ଉପସ୍ଥାପନ କରିବେ। ସପ୍ତଦଶ ଶତାବ୍ଦୀଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଓଡ଼ିଆ କାବ୍ୟ କବିତା ଇତ୍ୟାଦିକୁ ନାଟକ ମାଧ୍ୟମରେ ପରିବେଷଣ କରିବେ। ସୂଚନାଯୋଗ୍ୟ, ଆସନ୍ତା ଫେବ୍ରୁଆରୀ ୩ରୁ ୫ ତାରିଖ ପର୍ଯ୍ୟନ୍ତ ଜନତା ମଇଦାନରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଓଡ଼ିଆ ଭାଷାକୁ ନେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବା ସହ ବହୁବିଧ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିରୀକୃତ ହୋଇଛି।

■ ସଜେଇ ହେଉଛି ଓଡ଼ିଆ ବିଶ୍ୱବିଦ୍ୟାଳୟ

# ୨୪ରେ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

**ସାକ୍ଷୀଗୋପାଳ, ୨୧।୧(ସମିସ):** ରାଜ୍ୟ ସରକାର ଗୋଟିଏ ଗୋଟିଏ ପାହଚ ଅତିକ୍ରମ କରୁଛନ୍ତି। ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ କରି ଓଡ଼ିଆ ଇତିହାସରେ ଏକ ଫର୍ଦ୍ଦ ଯୋଡ଼ି ଥିଲେ।ଏବେ ବହୁ ଶୀଘ୍ର ସେହି ଇତିହାସ ପୃଷ୍ଠାରେ ଆଉ ଏକ ପୃଷ୍ଠା ଯୋଡି ହେବାକୁ ଯାଉଛି। ବହୁ ପ୍ରତିକ୍ଷିତ ସତ୍ୟବାଦୀ ଓଡ଼ିଆ

- ଆଜି ହସ୍ତାନ୍ତର କରିବ ଓଡ଼ିଶା ସେତୁ ନିର୍ମାଣ ନିଗମ



ବିଶ୍ୱବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୪ ତାରିଖରେ ଉଦ୍‌ଘାଟନ କରିବେ ବୋଲି ପ୍ରଶାସନିକ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।୨୪ ତାରିଖ ସକାଳ ୧୧ଟା ବେଳେ ସତ୍ୟବାଦୀ ହାଇସ୍କୁଲ ଖେଳପଡ଼ିଆରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହେବ। ଏହି ଅବସରରେ ସାକ୍ଷୀଗୋପାଳ କଲେଜ ପରିସରରେ ଏକ ପ୍ରସ୍ତୁତି ବୈଠକ ଉଚ୍ଚଶିକ୍ଷା ବିଭାଗ ଡାଇରେକ୍ଟର ଭବାନୀ ଶଙ୍କର ଚଇନିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା।୨୦୧୯ ମସିହା ଅକ୍ଟୋବର ୯ ତାରିଖରେ ମୁଖ୍ୟମନ୍ତ୍ରୀ ଏହାର ଶିଳାନ୍ୟାସ କରିଥିଲେ। ପ୍ରାୟ ୯ ଏକର ଜାଗାରେ ଏହି ଐତିହାସିକ ଓଡ଼ିଆ ବିଶ୍ୱବିଦ୍ୟାଳୟ ନିର୍ମାଣ କରାଯାଇଛି। ଏଥିରେ ହଷ୍ଟେଲ, କ୍ଲାସରୁମ୍, ଅଫିସ ସହିତ ବିଭିନ୍ନ ରୁମ ତିଆରି ସରିଛି। ଏହା ସହିତ ସାକ୍ଷୀଗୋପିନାଥଙ୍କ ଏକ ପୁଷ୍କରିଣୀର ପୁନଃରୁଦ୍ଧାର କରାଯାଇଛି। ପ୍ରସ୍ତୁତି ବୈଠକରେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଡ ସବିତା ପ୍ରଧାନ, ଉଚ୍ଚଶିକ୍ଷା ବିଭାଗ ଅତିରିକ୍ତ ସେକ୍ରେଟାରୀ ରମାକାନ୍ତ ନାୟକ, ରେଜିଷ୍ଟ୍ରାର ରଶ୍ମିରେଖା ଦାସ, ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟଶିବ ସୁନ୍ଦର ମିଶ୍ର, ରାଜ୍ୟ ପର୍ଯ୍ୟଟନ ବିଭାଗ ଡିଜିଟାଲ ପ୍ରିୟସ ଚକ୍ରବର୍ତ୍ତୀ, ପୁରୀ ପରିବହନ ଅଧିକାରୀ ବିପିନ ପଟ୍ଟନାୟକ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ରହି ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ପ୍ରିୟଦର୍ଶୀ ରାଜେଶ, ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ଆଇଆଇସି ବିଜୟକେତନ ବେହେରା, ଓଡ଼ିଶା ସେତୁ ନିର୍ମାଣ ନିଗମର ଡିଜିଟାଲ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଅଧିକ୍ଷଣ ଯନ୍ତ୍ରୀ ସୁନ୍ଦର ମାଧବ ପାଢ଼ି, ବିଡିଓ ଲିପିସା ରାୟ ଓ ଓଡିଆ ବିଶ୍ୱବିଦ୍ୟାଳୟ କର୍ମଚାରୀ ଏବଂ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବାଜ୍ୟାପ୍ତ ହେବ ନିଶା ମାଫିଆ ଶିବୁର ୭୪ ଲକ୍ଷର ସମ୍ପତ୍ତି

**ଭୁବନେଶ୍ୱର/ଜଟଣୀ, ୨୧।୧(ସମିସ):** ଧଳାଜହର ବେପାର କରି ଲକ୍ଷାଧିକ ଟଙ୍କା ଅର୍ଜନ କରିଥିଲେ। କିନ୍ତୁ ସେସବୁ ଏବେ ବ୍ୟର୍ଥ ଯିବ। ନିଶା ମାଫିଆ ଶିବ ପ୍ରସାଦ ଦାସ ଓରଫ ଶିବୁର ୭୪ ଲକ୍ଷ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତ କରିବାକୁ ଏସ୍‌ଟିଏଫ ଅଣ୍ଟା ଭିଡ଼ିଛି। ଏଥିଲାଗି ଅଦାଲତ ବି ଅନୁମତି ପ୍ରଦାନ କରିଛନ୍ତି। ଶିବର ଜବତ ଟଙ୍କା, ବ୍ୟାଙ୍କ୍ ଜମା ଖାତାରେ ଥିବା ଟଙ୍କା ଆଦି ଏହି ବାଜ୍ୟାପ୍ତି ମଧ୍ୟରେ ଅନ୍ତର୍ଭୁକ୍ତ।



ସୂଚନାଯୋଗ୍ୟ, ଜଟଣୀ ଥାନା ମୁଣ୍ଡିଆ ସାହିର ଶିବପ୍ରସାଦ ଦାସ ଜଣେ ପେସାଦାର ବ୍ରାଉନ୍‌ସୁଗର ବେପାରୀ। ରାଜ୍ୟର ବିଭିନ୍ନ ସ୍ଥାନରୁ ପାଉଡ଼ର ଆଣି ଜଟଣୀ, ଖୋର୍ଦ୍ଧା, ଭୁବନେଶ୍ୱର, ପିପିଲି ପ୍ରଭୃତି ଅଞ୍ଚଳରେ ଚୋରା ନିଶା କାରବାର କରିଥାଏ। ବିଶେଷ କରି କଲେଜ ପଢୁଆ ଛାତ୍ରଛାତ୍ରୀଙ୍କୁ ଟାର୍ଗେଟ କରି ସେହି ଅଞ୍ଚଳରେ ନିଜର ବ୍ରୋକରମାନଙ୍କୁ ଲଗାଇ ପାଉଡ଼ର କାରବାର କରିଥାଏ। ଏଥିରୁ ଲକ୍ଷାଧିକ ଟଙ୍କା ରୋଜଗାର କରିବା ସହ ବିଭନ୍ନ ଅପରାଧିକ କାଣ୍ଡ ଘଟାଇ ଆସୁଥିଲା। ଏଭଳି କାରବାର କରୁଥିବାରୁ ଶିବକୁ ପୁଲିସ ବାରମ୍ବାର ଗିରଫ କରି କୋର୍ଟ ଚାଲାଣ କରିଛି। ଜେଲ୍‌ରୁ ଆସି ସେ ପୁଣି ନିଶା କାରବାରରେ ସମ୍ପୃକ୍ତ ରହୁଥିଲା। ଶିବ ଏଭଳି ବାରମ୍ବାର କାରବାର କରୁଥିବାରୁ ଏସ୍‌ଟିଏଫ ସ୍କାନରକୁ ଆସିଥିଲା। ଗତ ୨୦୨୨ ଜାନୁଆରୀ ୨୫ରେ ଏସ୍‌ଟିଏଫ ଅତର୍କିତ ଭାବେ ଚଢ଼ଉ କରି ଶିବକୁ କାବୁ କରିଥିଲା। ଯାଞ୍ଚ କରିବା ପରେ ତା' ନିକଟରୁ ୩.୧ କେଜି ଧଳାଜହର ସମେତ ୩ ବିଦେଶୀ ବନ୍ଧୁକ, ୭ ମାଗାଜିନ୍, ୪୩ ରାଉଣ୍ଡ ଗୁଳି ଏବଂ ନଗଦ ୬୫ ଲକ୍ଷ ୩୨ ହଜାର ୨ ଶହ ଟଙ୍କା ଏସ୍‌ଟିଏଫ ଜବତ କରିଥିଲା। ଏହି ମାମଲାରେ ଶିବଙ୍କୁ ମିଶାଇ ଏବେସୁଦ୍ଧା ତଦନ୍ତକାରୀ ସଂସ୍ଥା ୬ ନିଶା ବେପାରୀଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ଜବତ ଟଙ୍କା ଓ ବ୍ୟାଙ୍କ୍ ଜମାକୁ ବାଜ୍ୟାପ୍ତି କରିବା ପାଇଁ ଏସ୍‌ଟିଏଫ୍ ଅଦାଲତଙ୍କ ଅନୁମତି ଲୋଡ଼ିଥିଲା। ଏସ୍‌ଟିଏଫ ଏହି ଆବେଦନର ବିଚାର କରି ଅଦାଲତ ଅଭିଯୁକ୍ତର ୭୩ ଲକ୍ଷ ୭୫ ହାଜର ଟଙ୍କାର ସମ୍ପତ୍ତି ବଜ୍ୟାପ୍ତି କରିବା ପାଇଁ ଅଦାଲତ ଅନୁମତି ଦେଇଛି।

ଆଉ ଜଣେ ବିଶ୍ୱ ମହାରଣା

# ଅଯୋଧ୍ୟା ରାମମନ୍ଦିର ନିର୍ମାଣରେ ଡେରାବିଶର ପରୀକ୍ଷିତ

**ଡେରାବିଶ,୨୧।୧(ସମିସ):** ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ନବନିର୍ମିତ ଭବ୍ୟ ମନ୍ଦିର ଆସନ୍ତାକାଲି (ସୋମବାର) ଉଦ୍‌ଘାଟିତ ହେବ। ଏନେଇ ସମଗ୍ର ଦେଶରେ ଥିବା ମଠ ଓ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ପ୍ରତ୍ୟେକ ବ୍ୟକ୍ତିଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସାମିଲ ପାଇଁ ଏକାଧିକ କାର୍ଯ୍ୟକ୍ରମ ଚାଲିଛି। ରାମ ମନ୍ଦିର ନିର୍ମାଣ ପାଇଁ ଦେଶର କୋଣ ଅନୁକୋଣରୁ ହଜାର ହଜାର ସଂଖ୍ୟାରେ ଶିଳ୍ପୀ, କାରିଗର, ମୂର୍ତ୍ତିକାର, ଶ୍ରମିକ ଓ ବିଭିନ୍ନ କ୍ଷେତ୍ରର ବ୍ୟକ୍ତିମାନେ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨୨ଜଣିଆ ଓଡ଼ିଆ କାରିଗରଙ୍କ ଦଳର ନେତୃତ୍ୱ ନେଇ

- ■ କାନ୍ଥରେ ଖୋଦେଇ କରିଛନ୍ତି ଏକାଧିକ ଦେବଦେବୀଙ୍କ ମୂର୍ତ୍ତି
- ■ ୨୨ଜଣିଆ ଓଡ଼ିଆ କାରିଗରଙ୍କ ନେତୃତ୍ୱ ନେଇ କାମ କରୁଛନ୍ତି

ଆଉ ଜଣେ ବିଶ୍ୱ ମହାରଣା ସାଜିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାର ପରୀକ୍ଷିତ ଓଝା (୪୨)। ପରୀକ୍ଷିତଙ୍କ ଘର ଡେରାବିଶ ବ୍ଲକ ଅନ୍ତର୍ଗତ ଏଣ୍ଡର ପଞ୍ଚାୟତ ନୀଳକଣ୍ଠପୁର-୧ ଗ୍ରାମରେ। ୭ ମାସ ଧରି ସେ ରାମଲାଲାଙ୍କ ମନ୍ଦିର କାମରେ ନିଜକୁ ନିୟୋଜିତ କରିଛନ୍ତି। ଜଣେ ନିଖୁଣ ମୂର୍ତ୍ତିକାର ଭାବେ ଏକ ୨୨ଜଣିଆ ଓଡ଼ିଆ ଦଳର ନେତୃତ୍ୱ ନେଇ ଏହି ମନ୍ଦିରର ୩ ନମ୍ବର ଗୁମୁଟ ତଳ ଖୁଣ୍ଟ (ପିଲାର) ଓ କାନ୍ଥ ପଥର ଖୋଦେଇ କରି ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ନିର୍ମାଣ କରି ଏହି ମନ୍ଦିରର ଶୋଭାବର୍ଦ୍ଧନ କରିଛନ୍ତି। ପରୀକ୍ଷିତ କଳା, ଭାସ୍କର୍ଯ୍ୟ ସମ୍ପନ୍ନ ଓଡ଼ିଆ ଜାତି ଓ ଡେରାବିଶର ଗୌରବକୁ ଜନ୍ମମାଟିଠାରୁ ଅଯୋଧ୍ୟା ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି।

ସୂଚନାନୁଯାୟୀ, ମହାବାତ୍ୟା ପରେ ପରୀକ୍ଷିତ ରୋଜଗାର ଆଶାରେ ସୁରତ ଚାଲି ଯାଇଥିଲେ। ଅଯୋଧ୍ୟରେ ପ୍ରଭୁ ଶ୍ରୀରାମଙ୍କ ଭବ୍ୟମନ୍ଦିର ନିର୍ମାଣ କାର୍ଯ୍ୟ ନିମନ୍ତେ ଏଲ୍ଆଣ୍ଡଟି କମ୍ପାନୀ ଟେଣ୍ଡର୍ ପାଇବା ପରେ ଏହି ମନ୍ଦିର ନିର୍ମାଣ କାର୍ଯ୍ୟରେ ସେ ନିଜକୁ ସାମିଲ ପାଇଁ ଚେଷ୍ଟା ଚଳାଇଥିଲେ। କମ୍ପାନୀ ଅଧିକାରୀଙ୍କ ସହ ବୈଠକ ପରେ ପରୀକ୍ଷିତ ଓ ତାଙ୍କ ଅଧୀନରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ଅନ୍ୟ ୨୨ଜଣ ଓଡ଼ିଆ ମୂର୍ତ୍ତି କାରିଗର ଗୁମୁଟ ଓ କାନ୍ଥରେ ଗଣେଶଙ୍କ



ସମେତ ଅନ୍ୟ ଠାକୁର ଓ ପାର୍ଶ୍ୱ ଦେବଦେବୀଙ୍କ ସୁନ୍ଦର ମୂର୍ତ୍ତି ନିର୍ମାଣ କରିଛନ୍ତି। ମନ୍ଦିରର ଶୁଭ ଉଦ୍‌ଘାଟନ ଓ ଭଗବାନ ଶ୍ରୀରାମଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ ପାଇଁ କାର୍ଯ୍ୟ ବନ୍ଦ ଥିବା ହେତୁ ସେ ଏବେ ଗାଁକୁ ଆସିଥିବା ବେଳେ ତାଙ୍କ ଦଳର ଅନ୍ୟ ସମସ୍ତ କାରିଗର ମଧ୍ୟ ତାଙ୍କ ସହ ନିଜ ନିଜ ଗ୍ରାମକୁ ଆସିଥିବା ସେ କହିଛନ୍ତି। ଏପରି ଏକ ବିଶ୍ୱପ୍ରସିଦ୍ଧ ମନ୍ଦିର ନିର୍ମାଣ କାର୍ଯ୍ୟରେ ତାଙ୍କର ସାମିଲ ହେବା ଘଟଣାକୁ ସେ ଭଗବାନଙ୍କ ଆଶୀର୍ବାଦ ବୋଲି କହିଛନ୍ତି। ପରୀକ୍ଷିତଙ୍କ ଏପରି କାମ ପାଇଁ ତାଙ୍କ ପତ୍ନୀ ଓ ଦୁଇପୁଅ ମଧ୍ୟ ଗର୍ବିତ ବୋଲି କହିଛନ୍ତି।

ସରକାରୀ ନିର୍ଦ୍ଦେଶକୁ ଘରୋଇ ଡାକ୍ତରଖାନାର ବେଖାତିର୍

# ତୁଟୁନି ଅସ୍ତ୍ରୋପଚାର ପ୍ରସବ ମୋହ

**ଭୁବନେଶ୍ୱର,୨୧।୧(ସମିସ):** ଘରୋଇ ଡାକ୍ତରଖାନାର ତୁଟୁନାହିଁ ଅସ୍ତ୍ରୋପଚାର ଜନିତ ପ୍ରସବ ମୋହ। ମନଇଚ୍ଛା ଅସ୍ତ୍ରୋପଚାର ପ୍ରସବ କରାଇ ପ୍ରସୂତି ଓ ତାଙ୍କ ପରିବାରଠାରୁ ମୋଟା ଅଙ୍କର ଟଙ୍କା ଆଦାୟ କରୁଛନ୍ତି। ହେଲେ ସରକାରଙ୍କ ନିୟମ ମାନି ଅଡିଟ୍ ରିପୋର୍ଟ ଦେବାକୁ ନାରାଜ। ତେବେ ନିୟମ ଉଲ୍ଲଂଘନ କରୁଥିବା ଏପରି ଘରୋଇ ଡାକ୍ତରଖାନା ବିରୋଧରେ

- ■ କିଛି ହାତଗଣତି ଜିଲ୍ଲାରୁ ଆସୁଛି ରିପୋର୍ଟ
- ■ ମନଇଚ୍ଛା ଅସ୍ତ୍ରୋପଚାର କରି ଲୁଟୁଛନ୍ତି ମୋଟା ଅଙ୍କର ଅର୍ଥ
- ■ ଶିଶୁ ଓ ମାତୃ ସୁରକ୍ଷା ଦିଗରେ ଅନ୍ତରାୟ

କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଚେତାବନୀ ଦେଇଛି ସ୍ୱାସ୍ଥ୍ୟ ବିଭାଗ। ଘରୋଇ ଡାକ୍ତରଖାନାରେ ମାତ୍ରାଧିକ ଅସ୍ତ୍ରୋପଚାର ପ୍ରସବ ହେଉଥିବାରୁ ସମସ୍ତ ଘରୋଇ ଡାକ୍ତରଖାନାକୁ ଅଡିଟ୍‌ରେ ସାମିଲ କରାଯିବ ବୋଲି ଗତ ଏପ୍ରିଲ ୨୮ ତାରିଖରେ ସ୍ୱାସ୍ଥ୍ୟ ବିଭାଗ ବିଜ୍ଞପ୍ତି ଜାରି କରିଥିଲା। କିନ୍ତୁ ଏତେ ଦିନ ପରେ ବି ମାତ୍ର ୪/୫ଟି ଜିଲ୍ଲାକୁ ବାଦ୍ ଦେଲେ ଆଉ କୌଣସି ଜିଲ୍ଲାରୁ ଅଡିଟ୍ ରିପୋର୍ଟ ବିଭାଗ ନିକଟରେ ପହଞ୍ଚି ନଥିବା ଜଣାପଡ଼ିଛି।

ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟ ୨୦୧୫-୧୬ ତୁଳନାରେ ୨୦୧୯-୨୦ ରିପୋର୍ଟରେ ଓଡ଼ିଶାରେ ଅସ୍ତ୍ରୋପଚାର ପ୍ରସବ ଢେର୍ ଅଧିକ ରହିଥିବା ଦେଖାଯାଇଛି। ଏହି ସମୟ ମଧ୍ୟରେ ଅସ୍ତ୍ରୋପଚାର ପରିମାଣ ୫୩.୭%ରୁ ୭୦.୭%କୁ ବୃଦ୍ଧି ପାଇଛି। ଏହା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାର୍ଗଦର୍ଶିକାରେ ଥିବା ହାରଠାରୁ ଅଧିକ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମତ ଅନୁସାରେ, ଲୋକସଂଖ୍ୟା ଅନୁସାରେ ଅସ୍ତ୍ରୋପଚାର ପ୍ରସବ ହାର ୧୦%ରୁ ଅଧିକ ରହିଲେ, ମାତୃ ଓ ଶିଶୁ ମୃତ୍ୟୁହାର ରୋକିବାରେ ତାହାର କୌଣସି ଭୂମିକା ନାହିଁ।

ଗତ ୫ ବର୍ଷ ଭିତରେ ସରକାରୀ ଡାକ୍ତରଖାନାରେ ୨୦%ରୁ କମ୍ ଅସ୍ତ୍ରୋପଚାର ପ୍ରସବ ହୋଇଥିଲା ବେଳେ ଘରୋଇ ଡାକ୍ତରଖାନାରେ ୮୦%ରୁ ଅଧିକ ଗର୍ଭବତୀଙ୍କର ଅସ୍ତ୍ରୋପଚାର ପ୍ରସବ କରାଯାଇଥିଲା। ସରକାରୀ ଡାକ୍ତରଖାନାରେ ଯଦି ସାଧାରଣ ପ୍ରସବ ହୋଇପାରୁଛି, ଘରୋଇ ଡାକ୍ତରଖାନାରେ ଅସ୍ତ୍ରୋପଚାରର କାହିଁକି ଆବଶ୍ୟକ ପଡୁଛି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଏପରିସ୍ଥଳେ ଘରୋଇ ଡାକ୍ତରଖାନା, ନର୍ସିଂହୋମ୍‌କୁ ଯାଞ୍ଚ ପରିଧି ମଧ୍ୟକୁ ଆଣିବା ପାଇଁ ଗତବର୍ଷ ଏପ୍ରିଲରେ ସରକାର ନିଷ୍ପତ୍ତି ନେଇଥିଲେ। ଏଥିରେ କୁହାଯାଇଥିଲା ଯେ ଘରୋଇ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ପ୍ରସବର ଅଡିଟ୍ ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତିନିଟି ଫର୍ମାଟ୍ ପ୍ରସ୍ତୁତ କରି ସବୁ ଜିଲ୍ଲାକୁ ପ୍ରଦାନ କରାଯାଇଛି।

ଫର୍ମ-ଏ ଜରିଆରେ ଅଡିଟ୍ କରାଯାଇ



ତାହା ଫର୍ମ-ବି ସହ ମେଳ କରାଯିବ। ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅବା ଜନସ୍ୱାସ୍ଥ୍ୟ ଅଧିକାରୀ ଏହାର ତର୍ଜମା କରି ଫର୍ମ-ସି'ରେ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟକୁ ରିପୋର୍ଟ ପ୍ରଦାନ କରିବେ। ଅସ୍ତ୍ରୋପଚାର ପ୍ରସବ ପାଇଁ ଉଦ୍ଦିଷ୍ଟ ନିୟମକୁ ଘରୋଇ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ପାଳନ କରୁଛନ୍ତି କି ନାହିଁ, ତାହା ଯାଞ୍ଚ ପାଇଁ ଏବଂ ଉତ୍ତମ ସମନ୍ୱୟ ରକ୍ଷା ପାଇଁ ସିଡିଏମ୍ଓ ଜଣେ ଅଧିକାରୀଙ୍କୁ ନିଯୁକ୍ତି ଦେବେ। ଏହି ପଦକ୍ଷେପ ଦ୍ୱାରା ଶିଶୁ ଓ ମା'ଙ୍କର ଉତ୍ତମ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ବିଭାଗର ହୃଦ୍‌ବୋଧ ହୋଇଥିଲା।

କିନ୍ତୁ ନିୟମ ଜାରି କରିବା ପରେ ସବୁ ଭୁଲିଗଲେ। କିଛି ହାତଗଣତି ଜିଲ୍ଲାକୁ ବାଦ୍ ଦେଲେ, ଅନ୍ୟ ଜିଲ୍ଲାରୁ ରିପୋର୍ଟ ଆସୁନାହିଁ। କେଉଁ ପରିସ୍ଥିତିରେ ଗର୍ଭବତୀଙ୍କ ଅସ୍ତ୍ରୋପଚାର ପ୍ରସବ କରାଗଲା, ତାହା ଘରୋଇ ଡାକ୍ତରଖାନା ସରକାରଙ୍କୁ ଜଣାଉନାହାନ୍ତି। ଏଥିସହ ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କ୍ଷେତ୍ରରେ ମଧ୍ୟ ରିପୋର୍ଟ ତଲବରେ ଢିଲା କରାଯାଉଥିବା ଅଭିଯୋଗ ହେଉଛି। ଗୋଳିଆ ପାଣିର ସୁଯୋଗ ନେଇ ଘରୋଇ ଡାକ୍ତରଖାନା ପୂର୍ବପରି ମନଇଚ୍ଛା ଅସ୍ତ୍ରୋପଚାର କରି ପ୍ରସୂତି ଓ ତାଙ୍କ ପରିବାରଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରୁଥିବା ଅଭିଯୋଗ ହେଉଛି। ତେଣୁ ଅଡିଟ୍ ରିପୋର୍ଟ ଦେଉ ନଥିବା ଘରୋଇ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି।

ଅପରପକ୍ଷେ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ କହିଛନ୍ତି, ରିପୋର୍ଟ ଦେଉନଥିବା ସ୍ୱାସ୍ଥ୍ୟ ପ୍ରତିଷ୍ଠାନକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବ। ଏଥିସହ ଅଧିକ ଅସ୍ତ୍ରୋପଚାର ପ୍ରସବ ହେଉଥିବା ଜିଲ୍ଲାର ଅଂଶୀଦାରମାନଙ୍କୁ ନେଇ ବୈଠକ ଡକାଯାଇ ରିପୋର୍ଟ ଦେବାକୁ କୁହାଯିବ। ସ୍ୱାସ୍ଥ୍ୟ ବିଭାଗର ଟିମ୍ ଜିଲ୍ଲା ସ୍ତରରେ ପୂରା ପ୍ରକ୍ରିୟାର ଅନୁଧ୍ୟାନ କରିବ।




ସକାଳ
www.sakalaepaper.com

## ଦିଲ୍ଲୀ ଏମ୍ସର ଅଧା ଦିନ ଛୁଟି ବାତିଲ

**ନୂଆଦିଲ୍ଲୀ, ୨୧।୧ (ଏଜେନ୍ସି):** ବିରୋଧ ପରେ ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ଦିଆଯାଇଥିବା ଅଧା ଦିନ ଛୁଟିକୁ ଦିଲ୍ଲୀ ଏମ୍ସ ପ୍ରତ୍ୟାହାର କରିନେଇଛି। ବିରୋଧୀ ନେତା ଏବଂ ଲୋକେ ହସ୍ପିଟାଲର ଏହି ନିଷ୍ପତ୍ତିକୁ ବିରୋଧ କରିଥିଲେ। ତେଣୁ କର୍ତ୍ତୃପକ୍ଷ ନିଷ୍ପତ୍ତି ପରିବର୍ତ୍ତନ କରିଥିଲେ। ସୋମବାରର ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ପାଇଁ ଏମ୍ସ ସମେତ ୫ଟି ବଡ଼ ହସ୍ପିଟାଲ ପାଇଁ ଅଧା ଦିନ ଛୁଟି ଘୋଷଣା କରାଯାଇଥିଲା। ଏହା ମଧ୍ୟରେ ସଫଦରଜଙ୍ଗ, ରାମ ମନୋହର ଲୋହିଆ, ଲେଡି ହାର୍ଡିଙ୍ଗ ଏବଂ ଭୁବନେଶ୍ୱର ଏମ୍ସ ସାମିଲ ରହିଛି। ଶୁକ୍ରବାର ଜାରି ହୋଇଥିବା ବିଜ୍ଞପ୍ତି ଅନୁଯାୟୀ ଏହି ପାଞ୍ଚ ହସ୍ପିଟାଲରେ ଦ୍ୱିପହର ୨ଟା୩୦ ପର୍ଯ୍ୟନ୍ତ ଓପିଡି ସୁବିଧା ମିଳିବ ନାହିଁ। କିନ୍ତୁ ଜରୁରୀକାଳୀନ ସେବା ଜାରି ରହିବ। ଉଦ୍ଧବ ଗୋଷ୍ଠୀର ଶିବସେନା ସାଂସଦ ପ୍ରିୟଙ୍କା ଚତୁର୍ବେଦୀ ଏହି ନିଷ୍ପତ୍ତିକୁ ବିରୋଧ କରିଥିଲେ। ଭଗବାନ ରାମ ଏହି ନିଷ୍ପତ୍ତିରେ ସହମତ ହେବେ କି ବୋଲି ପଚାରି ଥିଲେ।

## ଇସ୍ରାଏଲ-ହମାସ ଯୁଦ୍ଧ ମୃତ୍ୟୁସଂଖ୍ୟା ୨୫ ହଜାର ଟପିଲା

**ତେଲ ଆଭିଭ, ୨୧।୧ (ଏଜେନ୍ସି):** ଗତ ବର୍ଷ ଅକ୍ଟୋବର ୭ ତାରିଖରୁ ଆରମ୍ଭ ହୋଇଥିବା ଇସ୍ରାଏଲ-ହମାସ ଯୁଦ୍ଧ ରବିବାର ୧୦୭ ଦିନରେ ପହଞ୍ଚି ଯାଇଛି। ଏହା ବନ୍ଦ ହେବା ପରିବର୍ତ୍ତେ ଦିନକୁ ଦିନ ଭୟଙ୍କର ହେବାରେ ଲାଗିଛି। ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ଗାଜା ଷ୍ଟ୍ରିପ୍‌ରେ ଥିବା ଆତଙ୍କବାଦୀ ସଂଗଠନ ହମାସର ଠିକଣାରେ ବୋମାମାଡ଼ କରିବା ଜାରି ରଖିଛି। ଏ ପର୍ଯ୍ୟନ୍ତ ଏହି ସଂଘର୍ଷରେ ୨୫ ହଜାରରୁ ଅଧିକ ଲୋକଙ୍କ ଜୀବନ ଗଲାଣି। କେବଳ ୨୪ ଘଣ୍ଟାରେ ୧୭୮ ଲୋକଙ୍କ ମୃତ୍ୟୁ ହୋଇଛି। ୩୦୦ରୁ ଅଧିକ ଆହତ ହୋଇଛନ୍ତି ବୋଲି ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ଏହି ଯୁଦ୍ଧରେ ଶିଶୁ ଏବଂ ମହିଳା ସର୍ବାଧିକ ପ୍ରଭାବିତ ହୋଇଛନ୍ତି ବୋଲି ମିଳିତ ଜାତିସଂଘ (ୟୁଏନ) ପକ୍ଷରୁ କୁହାଯାଇଛି।

## ଆଫଗାନିସ୍ତାନରେ ବିମାନ ଦୁର୍ଘଟଣା; ୨ ମୃତ

**କାବୁଲ, ୨୧।୧ (ଏଜେନ୍ସି):** ଆଫଗାନିସ୍ତାନ ବଦଖାସନ ପ୍ରଦେଶରେ ରବିବାର ଏକ କ୍ଷୁଦ୍ର ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ୪ ଜଣ ଗୁରୁତର ଆହତ ହୋଇଛନ୍ତି। ପ୍ରଥମେ ଏହି ବିମାନ ଭାରତର ଥିବା ରିପୋର୍ଟ ପ୍ରକାଶ ପାଇଥିଲା। ମାତ୍ର ଏହା ଦେଶର ବିମାନ ନୁହେଁ ବୋଲି ଭାରତର ବେସାମରିକ ବିମାନ ଚଳାଚଳ ବିଭାଗ ପକ୍ଷରୁ କୁହାଯାଇଥିଲା। ଏହା ମରକୋରେ ପଞ୍ଜିକୃତ ଡିଏଫ୧୦ ବିମାନ ଥିବା ସୂଚନା ଦିଆଯାଇଥିଲା। ଏହାକୁ ଏୟାର ଆମ୍ବୁଲାନ୍ସ ଭାବେ ବ୍ୟବହାର କରାଯାଉଥିଲା। ବିମାନ ଥାଇଲାଣ୍ଡରୁ ରୁଷ୍ ଯାଉଥିଲା। ଇନ୍ଧନ ଭର୍ତ୍ତି କରିବା ପାଇଁ ବିହାର ଗୟାରେ ଅବତରଣ କରିଥିଲା।

■ ମୁସଲମାନଙ୍କୁ ଏଏସ୍‌ଆଇ ଆଞ୍ଚଳିକ ନିର୍ଦ୍ଦେଶକଙ୍କ ପରାମର୍ଶ

## ଜ୍ଞାନବାପୀ, ସାହି ଇଦ୍‌ଗାହ ହିନ୍ଦୁଙ୍କୁ ଦେଇଦିଅ

**ତିରୁଅନନ୍ତପୁରମ, ୨୧।୧ (ଏଜେନ୍ସି):** ରାମ ଜନ୍ମଭୂମି ମନ୍ଦିରର ଯାଞ୍ଚ କରି ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ଦେଇଥିବା ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍‌ଆଇ)ର ପ୍ରତ୍ନତତ୍ତ୍ୱବିତ୍ କେକେ ମହମ୍ମଦ ବଡ଼ ମନ୍ତବ୍ୟ ଦେଇଛନ୍ତି। ମୁସଲମାନ ଜ୍ଞାନବାପୀ ଏବଂ ସାହି ଇଦ୍‌ଗାହ ମସ୍‌ଜିଦ୍‌କୁ ହିନ୍ଦୁଙ୍କୁ ପ୍ରଦାନ କରିଦେବା ଉଚିତ ବୋଲି କହିଛନ୍ତି। ସେ ଉତ୍ତର ଜୋନ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ଭାବେ ୨୦୧୨ରେ ଅବସରଗ୍ରହଣ କରିଥିଲେ। ସେ ୧୯୭୬ରେ ବିବି ଲାଲଙ୍କ ଟିମ୍‌ରେ ସାମିଲ ଥିଲେ। ଏହି ଟିମ୍ ବାବ୍ରୀ ମସ୍‌ଜିଦ୍ ଖନନ କରି ପ୍ରତ୍ନତାତ୍ତ୍ୱିକ ଯାଞ୍ଚ କରିଥିଲେ। ଏକ ସାକ୍ଷାତକାରରେ ତାଙ୍କୁ ଜ୍ଞାନବାପୀ ଏବଂ ମଥୁରାର ସାହି ଇଦଗାହ ବିଷୟରେ ପ୍ରଶ୍ନ କରାଯାଇଥିଲା। ଏହାର ଉତ୍ତରରେ ସେ କହିଥିଲେ ଯେ ହିନ୍ଦୁଙ୍କୁ ଏହା ପ୍ରଦାନ କରିବା ହିଁ, ପ୍ରସଙ୍ଗର ଏକମାତ୍ର ସମାଧାନ। ସମସ୍ତ ଧର୍ମଗୁରୁ ଏକାଠି ହୋଇ ଏହି ନିଷ୍ପତ୍ତି ନେବା ଉଚିତ। କାଶୀ, ମଥୁରା ଏବଂ ଅଯୋଧ୍ୟା ହିନ୍ଦୁଙ୍କ ପାଇଁ ସ୍ୱତନ୍ତ୍ର ମହତ୍ତ୍ୱ ରଖିଛି। କାରଣ ଏହା ଭଗବାନ ଶିବ, ଭଗବାନ କୃଷ୍ଣ ଏବଂ ଭଗବାନ ଶ୍ରୀରାମଙ୍କ ଜୀବନୀ ସହ ଜଡ଼ିତ ରହିଛି। ଏଠାରେ ଥିବା ମସ୍‌ଜିଦ ପାଇଁ ମୁସଲମାନଙ୍କର କୌଣସି ଭାବନା ନାହିଁ।

■ ହୋଟେଲ ମ୍ୟାନେଜରଙ୍କ ନାରକୀୟ କାଣ୍ଡ

## ସମୁଦ୍ରରେ ବୁଡ଼ାଇ ପତ୍ନୀଙ୍କୁ ମାରିଲେ

**ପାନାଜୀ, ୨୧।୧ (ଏଜେନ୍ସି):** ଗୋଆର ଏକ ପଞ୍ଚ ତାରକା ହୋଟେଲର ମ୍ୟାନେଜରଙ୍କ ନାରକୀୟ କାଣ୍ଡ ସାମ୍ନାକୁ ଆସିଛି। ସେ ନିଜ ପତ୍ନୀଙ୍କୁ ସମୁଦ୍ରରେ ବୁଡ଼ାଇ ହତ୍ୟା କରିଛନ୍ତି। ପ୍ରଥମେ ସେ ହତ୍ୟାକୁ ଦୁର୍ଘଟଣା ରୂପ ଦେବାକୁ ପ୍ରୟାସ କରିଥିଲେ। ମାତ୍ର ଭାଇରାଲ ଭିଡିଓରୁ ତାଙ୍କ ଗୁମର ଖୋଲି ଯାଇଥିଲା। ଗୋଆ ପୁଲିସ ତାଙ୍କୁ ଗିରଫ କରିଛି। ପୁଲିସ ସୂଚନା ଅନୁଯାୟୀ ଗତ ଶୁକ୍ରବାର ଅପରାହ୍ଣରେ ମ୍ୟାନେଜର ଗୌରବ କଟିୟାର (୨୯) ନିଜ ପତ୍ନୀ ଦୀକ୍ଷା ଗଙ୍ଗୱାର (୨୭)ଙ୍କୁ 'କାବା ଡେ ରାମା' ବେଳାଭୂମିକୁ ନେଇଥିଲେ। ଏହା ପରେ ପାଣି ଭିତରକୁ ନେଇ ବୁଡ଼ାଇ ମାରିଥିଲେ। ଉଭୟ ଲକ୍ଷ୍ନୌର ବାସିନ୍ଦା। ଗୌରବ ପୂର୍ବରୁ ଚେନ୍ନାଇରେ କାମ କରୁଥିଲେ। ସେ ମାସ ତଳେ ଗୋଆର କୋଲୱା ସ୍ଥିତ 'କୋର୍ଟୟାର୍ଡ ବାୟ ମେରିୟଟ' କାମ ଆରମ୍ଭ କରିଥିଲେ। ତାଙ୍କ ପତ୍ନୀ ଲକ୍ଷ୍ନୌରେ ରହୁଥିଲେ। ମାତ୍ର ସ୍ୱାମୀର ଆଉ କାହା ସହ ସମ୍ବନ୍ଧ ଥିବା ସେ ଜାଣିବାକୁ ପାଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରେ ସ୍ୱାମୀଙ୍କ ସହ ରହିବାକୁ ଦୀକ୍ଷା ଗୋଆ ଚାଲି ଯାଇଥିଲେ। ପରକୀୟାପ୍ରୀତି ବିଷୟରେ ଜାଣି ଦେଇଥିବାରୁ ଗୌରବ ତାଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରିଥିଲେ।

### ଆଜି ଭବ୍ୟ ପ୍ରାଣ ପ୍ରତିଷ୍ଠା ଉତ୍ସବ: ଜୟ ଶ୍ରୀରାମ ଧ୍ୱନିରେ ସାରା ଦେଶ ଅନୁରଣିତ

# ରାମଲାଲାଙ୍କୁ ସ୍ୱାଗତ ମୁଦ୍ରାରେ ଅଯୋଧ୍ୟା

**ଅଯୋଧ୍ୟା,୨୧।୧(ଏଜେନ୍ସି)**

ଅଯୋଧ୍ୟାରେ ନବ ନିର୍ମିତ ରାମ ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ସବୁ ପ୍ରତୀକ୍ଷାର ଅନ୍ତ ହୋଇଛି। ସୋମବାର ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ରାମଲାଲାଙ୍କ ଏହି ଭବ୍ୟ ପ୍ରାଣ ପ୍ରତିଷ୍ଠା ପାଇଁ ରବିବାର ରାତିରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ଐତିହାସିକ ମୁହୂର୍ତ୍ତକୁ କେବଳ ଅଯୋଧ୍ୟାବାସୀ ନୁହନ୍ତି, ବରଂ ସାରା ଦେଶରେ ରାମ ଶ୍ରଦ୍ଧାଳୁ ଚାତକ ଭଳି ଚାହିଁ ବସିଥିଲା ବେଳେ ବିଭିନ୍ନ ମନ୍ଦିର, ମଠ ଏବଂ ଧାର୍ମିକସ୍ଥଳଗୁଡିକରେ ପୂଜାପାଠ ଏବଂ ସାଜସଜ୍ଜା ଆରମ୍ଭ ହୋଇଯାଇଛି। ଭାରତ ବ୍ୟତୀତ ବ୍ରିଟେନ, ଆମେରିକା, କାନାଡା, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଇଣ୍ଡୋନେସିଆ, ମ୍ୟାଁମାର, ଥାଇଲାଣ୍ଡ, ଶ୍ରୀଲଙ୍କା, ଦକ୍ଷିଣ କୋରିଆ, ନେପାଳ ଭଳି ବହୁ ବିଦେଶୀ ରାଷ୍ଟ୍ରରେ ମଧ୍ୟ ରାମଶ୍ରଦ୍ଧାଳୁମାନଙ୍କ ଦ୍ୱାରା ବହୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ତେବେ ଏହିକ୍ରମରେ ଅଯୋଧ୍ୟା ନଗରୀ ରାମମୟ ହୋଇପଡ଼ିବା ସହିତ ରବିବାର ଠାରୁ ଦେଶର ବିଭିନ୍ନ ଭାଗରୁ ହଜାର ହଜାର ଭକ୍ତ , ସାଧୁସନ୍ଥ ଏବଂ ଆମନ୍ତ୍ରିତ ଅତିଥିଙ୍କ ସୁଅ ଛୁଟିଛି। ଏହି ଭବ୍ୟ ଉତ୍ସବ ଯୋଗ ଦେବା ଲାଗି ଆମନ୍ତ୍ରିତ ହୋଇଥିବା ବହୁ ବଲିଉଡ୍ ଫିଲ୍ମଷ୍ଟାରଙ୍କ ଠାରୁ ଆରମ୍ଭ କରି ସଙ୍ଗୀତ ନିର୍ଦ୍ଦେଶକ, କ୍ରିକେଟିୟର,ରାଜନେତା ଏବଂ ବିଦେଶାଗତ ପ୍ରତିନିଧି ରବିବାର ସନ୍ଧ୍ୟାରେ ଅଯୋଧ୍ୟାରେ ପହଞ୍ଚିଛନ୍ତି। ଆଲୋକମାଳା ଏବଂ ପୁଷ୍ପମାଳାରେ ଝଲସୁଥିବା ସାରା ଅଯୋଧ୍ୟା ସହର ଏବେ ଅତିଥିମାନଙ୍କ ଉପସ୍ଥିତିରେ ଆହୁରି ଚଳଚଞ୍ଚଳ ହୋଇପଡ଼ିଛି। ପ୍ରାଣ ପ୍ରତିଷ୍ଠା ଉତ୍ସବରେ ଭାଗ ନେବାକୁ ଥିବା ସମସ୍ତ ସନ୍ଥ, ଆଚାର୍ଯ୍ୟ ଏବଂ ପୁରୋହିତ ଅଯୋଧ୍ୟା ପହଞ୍ଚି ସାରିଥିବା ବେଳେ ପ୍ରତୀକ ଯଜମାନ ଭାବେ ଯୋଗ ଦେବାକୁ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ସକାଳେ ଅଯୋଧ୍ୟାରେ ପହଞ୍ଚିବେ। ପ୍ରଧାନମନ୍ତ୍ରୀଙ୍କ ବ୍ୟତୀତ ବହୁ କେନ୍ଦ୍ରମନ୍ତ୍ରୀ, ଉତ୍ତରପ୍ରଦେଶ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ସମେତ ୭ ହଜାରରୁ ଅଧିକ ଭିଭିଆଇପି ଅତିଥି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ। ଏହିକ୍ରମରେ ସାରା ସହରରେ ଅଭୁତପୂର୍ବ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଷ୍ଟେଟ-ଅଫ୍-ଆର୍ଟ ଟେକ୍‌ନୋଲୋଜି ବ୍ୟବସ୍ଥା ଅନୁସାରେ ଅଯୋଧ୍ୟା ଏବଂ ଏହାର ଆଖପାଖ ଅଞ୍ଚଳରେ ଉତ୍ତରପ୍ରଦେଶ ଆତଙ୍କବାଦୀ ନିରୋଧୀ ସ୍କ୍ୱାଡ୍ (ଏଟିଏସ), ଏସଟିଏଫ୍, ପିଏସି, ସିଆରପିଏଫ୍, ଏସପିଜି କମାଣ୍ଡୋମାନଙ୍କୁ ମୁତୟନ କରାଯାଇଛି। ସହରର ବିଭିନ୍ନ ସ୍ଥାନରେ ୧୦ ହଜାରରୁ ଅଧିକ ସିସିଟିଭି କ୍ୟାମେରା, ଆଣ୍ଟି ଡ୍ରୋନ ଏବଂ ସନ୍ଧାନୀ କୁକୁରଙ୍କୁ ମୁତୟନ କରାଯାଇଛି। ମୋଟ ୨୫ ହଜାର ଯବାନ ମଧ୍ୟ ସୁରକ୍ଷା କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ପାଞ୍ଚ ସ୍ତରୀୟ ସୁରକ୍ଷା ବ୍ୟବସ୍ଥାରେ ମୋଟ ୧୭ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ମୁଖ୍ୟ ଦାୟିତ୍ୱ ଦିଆଯାଇଥିବା ବେଳେ ଶହ ଶହ ଇନ୍ସପେକ୍ଟର,କନଷ୍ଟେବଲ ମଧ୍ୟ ମୁତୟନ ରହିଛନ୍ତି। ବିଭିନ୍ନ ସ୍ଥାନରେ ବୋମା ନିରୋଧୀ ଟିମ୍‌କୁ ମଧ୍ୟ ନିୟୋଜିତ କରାଯାଇଛି। ଆମନ୍ତ୍ରିତ ଅତିଥିମାନଙ୍କ ପାଇଁ 'କ୍ୟୁ ଆର୍ କୋଡ୍' ବ୍ୟବସ୍ଥା କରାଯାଇଛି। କେବଳ ଏହି ବ୍ୟବସ୍ଥା ଅନୁସାରେ ହିଁ ଅତିଥିମାନଙ୍କୁ ମନ୍ଦିର ପରିସରକୁ ପ୍ରବେଶ କରିବାର ଅନୁମତି ମିଳିବ।

> ଅଭେଦ୍ୟ ସୁରକ୍ଷା ପ୍ରାଚୀର ଭିତରେ ଅଯୋଧ୍ୟା
>
> ୧୦,୦୦୦ ସିସିଟିଭି ସହ ଆଣ୍ଟି ଡ୍ରୋନ୍ ବ୍ୟବସ୍ଥା
>
> ୧୭ ବରିଷ୍ଠ ଆଇପିଏସ୍‌ଙ୍କ ନେତୃତ୍ୱରେ ୨୫ ହଜାର ସୁରକ୍ଷାବଳ
>
> ଏଟିଏସ୍, ଏସଟିଏଫ୍, ପିସିଏସ୍ ଏବଂ ଏସପିଜି କମାଣ୍ଡୋ ନିୟୋଜିତ
>
> ୨୫୦୦ କ୍ୱିଣ୍ଟାଲ ସୁବାସିତ ଫୁଲରେ ହୋଇଛି ସାଜସଜ୍ଜା



## ୯,୯୯୯ ହୀରାରେ ପ୍ରସ୍ତୁତ ରାମ ମନ୍ଦିର

**ସୁରଟ, ୨୧।୧ (ଏଜେନ୍ସି):** ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପୂର୍ବରୁ ସୁରଟର ଜଣେ ଇଣ୍ଟିରିୟର ଡିଜାଇନର ବିପୁଲ ଜେପିୱାଲା ହୀରାରେ ରାମ ମନ୍ଦିରର ନକଲ (ୱାଲ ଫ୍ରେମ୍) ପ୍ରସ୍ତୁତ କରିଛନ୍ତି। ଏହାକୁ ପ୍ରସ୍ତୁତ କରିବା ପାଇଁ ସିଗ୍ନେଚର ବ୍ରୋକେଡ ତଥା ସୁରଟର ସ୍ୱତନ୍ତ୍ର କପଡ଼ା ବ୍ୟବହାର କରାଯାଇଛି। ୩ ପ୍ରକାରର ୯,୯୯୯ ହୀରାରେ ଏହା ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ୨ ମାସ ସମୟ ଲାଗିଥିଲା। ଏହା ସହିତ ସେ ଶ୍ରୀରାମଙ୍କ ଚିତ୍ର ଏବଂ ଜୟଶ୍ରୀରାମ ମଧ୍ୟ ଲେଖିଛନ୍ତି। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଅନ୍ୟପଟେ ରାମ ମନ୍ଦିରକୁ ପଠାଇବା ପାଇଁ ସୁରଟରେ ଏକ ସ୍ୱତନ୍ତ୍ର ଶାଢ଼ୀ ପ୍ରସ୍ତୁତ କରାଯାଇଛି। ଏହି ଶାଢ଼ୀରେ ଭଗବାନ ରାମ ଏବଂ ରାମ ମନ୍ଦିର ଚିତ୍ର ଅଙ୍କା ଯାଇଛି। ଏହି ଶାଢ଼ୀ ମାତା ସୀତାଙ୍କ ପାଇଁ ପ୍ରସ୍ତୁତ କରାଯାଇଛି।




ଦେଶ, ବିଦେଶରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ

## ତାମିଲନାଡୁରେ ସିଧା ପ୍ରସାରଣ ବନ୍ଦ

ଆସନ୍ତାକାଲି ରାମଲାଲାଙ୍କ ଭବ୍ୟ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ବିଭିନ୍ନ ଗଣମାଧ୍ୟମ ସଂସ୍ଥା ସିଧା ପ୍ରସାରଣ କରିବେ। ସାରା ଦେଶରେ ରାମ ଶ୍ରଦ୍ଧାଳୁଙ୍କୁ ଏହି ଐତିହାସିକ ମୁହୂର୍ତ୍ତର ଅନୁଭବ ପହଞ୍ଚାଇବାକୁ ଏଭଳି ଯୋଜନା ପ୍ରସ୍ତୁତ କରାଯାଇଛି। ସେହିଭଳି ବହୁ ବିଦେଶୀ ରାଷ୍ଟ୍ରରେ ଏହି ବିଶେଷ ମୁହୂର୍ତ୍ତକୁ ହଜାର ହଜାର ରାମଭକ୍ତ ଅପେକ୍ଷା କରିଥିଲା ବେଳେ ୟୁଟ୍ୟୁବ୍ ଚ୍ୟାନେଲ ମାଧ୍ୟମରେ ଏହାକୁ ପ୍ରସାରଣ କରିବାକୁ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। କିନ୍ତୁ ତାମିଲନାଡୁ ସରକାର ଏହି ଭବ୍ୟ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ଏହାକୁ ନେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ତୀବ୍ର ପ୍ରତିକ୍ରିୟାଶୀଳ ହୋଇପଡ଼ିଛନ୍ତି। ନିର୍ମଳା ତାମିଲନାଡୁ ସରକାରଙ୍କୁ ହିନ୍ଦୁ ବିରୋଧୀ କହିଛନ୍ତି। ତାମିଲନାଡୁରେ ଶ୍ରୀରାମଙ୍କର ୨୦୦ରୁ ଅଧିକ ମନ୍ଦିର ରହିଛି। ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ନେଇ ହଜାର ହଜାର ରାମଭକ୍ତ ପୂଜାର୍ଚ୍ଚନା ପାଇଁ ଆଗ୍ରହୀ ରହିଥିବା ବେଳେ ସେମାନଙ୍କ ପାଇଁ ପ୍ରତିବନ୍ଧକ ସୃଷ୍ଟି କରାଯାଇଛି ବୋଲି ସେ କହିଛନ୍ତି।

## ରାମସେତୁ ପ୍ରାରମ୍ଭ ସ୍ଥାନରେ ମୋଦୀଙ୍କ ପୂଜାର୍ଚ୍ଚନା

ରାମ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରତୀକ ଯଜମାନ ଭାବେ ଯୋଗ ଦେବା ପୂର୍ବରୁ ୧୧ ଦିନିଆ ବ୍ରତ କରିଥିଲେ। ତେବେ ଆସନ୍ତାକାଲି ପ୍ରାଣ ପ୍ରତିଷ୍ଠା ପୂର୍ବରୁ ସେ ବ୍ରତଧାରଣ ଶେଷ ଦିବସରେ ରାମେଶ୍ୱରମ ଠାରେ ପୂଜାର୍ଚ୍ଚନା କରିବା ସହିତ ଧନୁଷକୋଡିସ୍ଥିତ ରାମ ସେତୁ ପ୍ରାରମ୍ଭ ସ୍ଥାନରେ ମଧ୍ୟ ପୂଜା କରିଛନ୍ତି। ଧନୁଷକୋଡିର ଅରଚାଲ ମୁନାଇ ଠାରେ ରାମ ସେତୁ ଆରମ୍ଭ ହୋଇଛି। ମୋଦୀ ରବିବାର ଏହି ସ୍ଥାନରେ ଉପସ୍ଥିତ ରହି ପୁଷ୍ପ ଏବଂ ଜଳ ଦ୍ୱାରା ଏହି ସ୍ଥାନରେ ପୂଜାର୍ଚ୍ଚନା କରିବା ସହିତ ସମୁଦ୍ରକୁ ମଧ୍ୟ ପ୍ରଣାମ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ୧୧ ଦିନିଆ ବ୍ରତ ଅବଧି ମଧ୍ୟରେ ମୋଦୀ ନାସିକସ୍ଥିତ ପଞ୍ଚବଟି ଆଶ୍ରମ ଠାରୁ ଆରମ୍ଭ କରି ଆନ୍ଧ୍ରପ୍ରଦେଶ, କେରଳ,କର୍ଣ୍ଣାଟକ ଏବଂ ତାମିଲନାଡୁର ବହୁ ରାମ ମନ୍ଦିରରେ ପୂଜାର୍ଚ୍ଚନା କରି ଶେଷରେ ରାମେଶ୍ୱରମରେ ପହଞ୍ଚିଥିଲେ।



## ବେଆଇନ ଇମିଗ୍ରେସନ ର୍ୟାକେଟର ପର୍ଦ୍ଦାଫାସ କଲା ଇଡି

ନୂଆଦିଲ୍ଲୀ, ୨୧।୧ (ଏଜେନ୍ସି): ଗୁଜରାଟ ଏବଂ ଦିଲ୍ଲୀର କିଛି ଠିକଣାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚଢ଼ଉ କରି ବେଆଇନ ଇମିଗ୍ରେସନ ର୍ୟାକେଟର ପର୍ଦ୍ଦାଫାସ କରିଛି। କିଛି ଲୋକ ଜାଲ୍ ଭିସା ଏବଂ ପାସପୋର୍ଟ ବ୍ୟବହାର କରି ଭାରତୀୟ ନାଗରିକଙ୍କୁ ବିଦେଶକୁ ପଠାଉ ଥିଲେ ବୋଲି ଜଣାପଡ଼ିଛି। ଇଡି ପକ୍ଷରୁ ରବିବାର ଏହି ସୂଚନା ଦିଆଯାଇଛି। ଗତ ଶୁକ୍ରବାର ଓ ଶନିବାର ଗୁଜରାଟର ଅହମଦାବାଦ, ସୁରଟ ଏବଂ ମେହସାଣା ସହିତ ଦିଲ୍ଲୀର ୨୨ ଠିକଣାରେ ଚଢ଼ଉ କରାଯାଇଥିଲା। ଏହି ବେଆଇନ ଇମିଗ୍ରେସନ ମାମଲାର ଲିଙ୍କ୍ ବବି ଓରଫ ଭରତଭାଇ ପଟେଲ, ଚରଣଜିତ ସିଂହ ଏବଂ ଅନ୍ୟମାନଙ୍କ ସହ ଜଡ଼ିତ। ଗୁଜରାଟ ପୁଲିସ ୨୦୨୨ରେ ପଟେଲଙ୍କୁ ଗିରଫ କରିଥିଲା। ସେହି ବର୍ଷ ଘଟିଥିବା ଡିଙ୍ଗୁଚା ମାମଲାରେ ସେ ସାମିଲ ଥିଲା। ସେତେବେଳେ କାନାଡ଼ା ଦେଇ ବେଆଇନ ଭାବେ ଆମେରିକା ଯାଉଥିବାବେଳେ ଭାରତୀୟ ପରିବାରର ୪ ଜଣ ସଦସ୍ୟଙ୍କ ମୃତ୍ୟୁ ହୋଇଥିଲା। ଏହି ଅଭିଯୁକ୍ତମାନେ ନକଲି ପାସପୋର୍ଟରେ ଲୋକଙ୍କୁ ବିଦେଶକୁ ପଠାଇବା ପାଇଁ ଜଣଙ୍କ ପିଛା ୬୦ରୁ ୭୫ ଲକ୍ଷ ଟଙ୍କା ନେଉଥିଲେ।

ଭାରତର ଏୟାର-ଆମ୍ବୁଲାନ୍ସ ନେବାକୁ ମନା କଲେ ମାଳଦ୍ୱୀପ ରାଷ୍ଟ୍ରପତି

## ଚାଲିଗଲା କର୍କଟ ଆକ୍ରାନ୍ତ ଶିଶୁର ଜୀବନ

**ମାଲେ, ୨୧।୧ (ଏଜେନ୍ସି):** ମାଳଦ୍ୱୀପ ଏବଂ ଭାରତ ବିବାଦ ଯୋଗୁଁ କର୍କଟ ପୀଡ଼ିତ ୧୪ ବର୍ଷୀୟ ଶିଶୁକନ୍ୟାର ଜୀବନ ଚାଲିଯାଇଛି। ଏହି ଶିଶୁର ଜୀବନ ବଞ୍ଚାଇବା ପାଇଁ ତାଙ୍କୁ ତୁରନ୍ତ ଏୟାରଲିଫ୍ଟ କରାଯାଇ ଡାକ୍ତରଖାନା ନେବାର ଆବଶ୍ୟକତା ଥିଲା। ମାତ୍ର ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ଭାରତୀୟ ଡୋର୍ନିୟର ହେଲିକପ୍ଟର ବ୍ୟବହାର କରିବାକୁ ଅନୁମତି ଦେଇ ନ ଥିଲେ। ଏଥିଯୋଗୁଁ ସମୟ ପୂର୍ବରୁ ଶିଶୁକୁ ଡାକ୍ତରଖାନା ନିଆଯାଇପାରି ନ ଥିଲା। ଶେଷରେ ସେ ଚିକିତ୍ସା ଅପେକ୍ଷାରେ ପ୍ରାଣ ହରାଇ ଥିଲା। ଏହି ଶିଶୁ ମସ୍ତିଷ୍କ କର୍କଟ ସହିତ ଷ୍ଟ୍ରୋକ୍‌ରେ ପୀଡ଼ିତ ଥିଲା। ସୂଚନା ଅନୁଯାୟୀ ଗାଫ ଅଲିଫ ୱିଲିଙ୍ଗଲିର ୱିଲମିଙ୍ଗଟନ ଦ୍ୱୀପରୁ ଶିଶୁକୁ ମାଳଦ୍ୱୀପର ରାଜଧାନୀ ମାଲେ ସ୍ଥାନାନ୍ତର କରିବା ପାଇଁ ପରିବାର ଲୋକେ ଏୟାର ଆମ୍ବୁଲାନ୍ସ ମାଗିଥିଲେ। ଏଥିପାଇଁ ବୁଧବାର ରାତିରୁ ଅନୁରୋଧ କରିଥିଲେ। କିନ୍ତୁ ଗୁରୁବାର ସକାଳ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ କୌଣସି ଜବାବ ଦିଆଯାଇ ନ ଥିଲା। ପରେ ଦ୍ୱିପହରେ ବେସାମିରକ ବିମାନ ଚଳାଚଳ ବିଭାଗରୁ ଜବାବ ମିଳିଥିଲା। ସେତେବେଳକୁ ୧୬ ଘଣ୍ଟା ହୋଇ ଯାଇଥିଲା। ପରିଶେଷରେ ମାଳଦ୍ୱୀପର ଆସାନ୍ଧା କମ୍ପାନୀ ଲିମିଟେଡ ଶିଶୁକୁ ଏୟାରଲିଫ୍ଟ କରି ଆଇସିୟୁରେ ଭର୍ତ୍ତି କରିଥଇଲା। ମାତ୍ର ଶିଶୁର ଜୀବନ ବଞ୍ଚି ପାରି ନ ଥିଲା।



### ଆସାମରେ ଭାରତ ଯୋଡୋ ନ୍ୟାୟ ଯାତ୍ରା

# ରାହୁଲଙ୍କୁ ବିଜେପି କର୍ମୀଙ୍କ ଠେଲାପେଲା

**ଗୌହାଟୀ,୨୧।୧(ଏଜେନ୍ସି)**

ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ମଣିପୁରରୁ ଗତ ରବିବାର ଆରମ୍ଭ ହୋଇଥିବା ଭାରତ ଯୋଡୋ ନ୍ୟାୟ ଯାତ୍ରା ଏବେ ଆସାମରେ ପହଞ୍ଚିଛି। କିନ୍ତୁ ଆସାମରେ ପହଞ୍ଚିବା ପରେ ଏହି ଏହି ଯାତ୍ରାକୁ ବିଭିନ୍ନ ସ୍ଥାନରେ ବିରୋଧ କରାଯାଇଥିବା ଦେଖାଯାଇଛି। ଏହି ଯାତ୍ରାରେ ସାମିଲ ଥିବା କେତେକ କଂଗ୍ରେସ ନେତାଙ୍କ ଗାଡି ଉପରେ ଗତକାଲି ଆକ୍ରମଣ କରାଯାଇଥିଲା ବେଳେ ରବିବାର ରାହୁଲ ଗାନ୍ଧୀଙ୍କୁ ଠେଲାପେଲା କରାଯାଇଛି। ମିଳିଥିବା ଖବର ଅନୁଯାୟୀ, ଭାରତ ଯୋଡୋ ଯାତ୍ରା ଆସାମର ଜାମୁଗୁରିହାଟରେ ପହଞ୍ଚିବା ପରେ ସେଠାରେ ଆୟୋଜିତ ଏକ ର୍ୟାଲିରେ ରାହୁଲ ଯୋଗ ଦେବାର କାର୍ଯ୍ୟକ୍ରମ ଥିଲା। ତେବେ ରାହୁଲ ଏହି ସ୍ଥାନରେ ବସରେ ପହଞ୍ଚି ବାହାରକୁ ଆସିବା ପରେ ସେଠାରେ ଉପସ୍ଥିତ ଥିବା ଶତାଧିକ ବିଜେପି କର୍ମୀ ତାଙ୍କୁ ଠେଲାପେଲା କରିଥିଲେ। ସ୍ଥିତି ଏଭଳି ହୋଇଥିଲା ଯେ, ରାହୁଲଙ୍କ ସୁରକ୍ଷାକର୍ମୀମାନେ ତାଙ୍କୁ ବାଧ୍ୟ ହୋଇ ପୁଣି ବସ୍ ଭିତରକୁ ନେଇଯାଇଥିଲେ। କେବଳ ସେତିକି ନୁହେଁ, ବିଜେପି କର୍ମୀମାନେ କଂଗ୍ରେସର ବରିଷ୍ଠ ନେତା ଜୟରାମ ରମେଶଙ୍କ ଗାଡି ଉପରେ ମଧ୍ୟ ଆକ୍ରମଣ କରିଥିବା ଦଳ ଅଭିଯୋଗ କରିଛି। ଏଥିସହିତ ଯାତ୍ରାରେ ସାମିଲ ଥିବା ବହୁ ଗାଡିର ବ୍ୟାନର ଓ ପୋଷ୍ଟର ମଧ୍ୟ ନଷ୍ଟ କରିଦିଆଯାଇଥିବା କଂଗ୍ରେସ କହିଛି। ଏହି ଘଟଣା ପରେ ରାହୁଲ ନାଗାଓଁ ଠାରେ ଏକ ଜନସଭାକୁ ସମ୍ବୋଧିତ କରି ବିଜେପି ବିରୋଧରେ ବର୍ଷିଥିଲେ। ବିଜେପି ଗୁଣ୍ଡାମାନେ ଯେତେ ଯାହା କଲେ ବି କଂଗ୍ରେସ କାହାକୁ ଭୟ କରେ ନାହିଁ କି ନିଜ ଆଭିମୁଖ୍ୟରୁ ଓହରିବାର ନାହିଁ ବୋଲି କହିଥିଲେ। ଭାରତ ଯୋଡୋ ଯାତ୍ରା ତାଙ୍କର ବ୍ୟକ୍ତିଗତ ଯାତ୍ରା ନୁହେଁ, ବରଂ ଦେଶବାସୀଙ୍କୁ ନ୍ୟାୟ ମିଳିବା ଲକ୍ଷ୍ୟରେ କରାଯାଉଛି ବୋଲି ସେ କହିଥିଲେ।

ଅନ୍ୟପକ୍ଷରେ ଆସାମରେ ହିମନ୍ତ ବିଶ୍ୱଶର୍ମା ନେତୃତ୍ୱ ବିଜେପି ସରକାର ଚାଲିଥିବାରୁ ଏହି ଘଟଣାକୁ ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ମୁଖ୍ୟମନ୍ତ୍ରୀ ହିମନ୍ତଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ହିମନ୍ତ ଏକଦା କଂଗ୍ରେସ ଦଳରେ ରହିଥିବାରୁ ତାଙ୍କୁ କଟାକ୍ଷ କରି ' ଆମ ବିଲେଇ ଆମକୁ ଡରାଇବାକୁ ଉଦ୍ୟମ କରୁଛି' ବୋଲି କହିଛନ୍ତି। ଏପରିକି ସେ ହିମନ୍ତଙ୍କୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଚେଲା ବୋଲି କହିବା ସହିତ ହିମନ୍ତ ଗୁଣ୍ଡାରାଜ ଦ୍ୱାରା କଂଗ୍ରେସକୁ ଡରାଇବାକୁ ଉଦ୍ୟମ କରୁଛି ବୋଲି କହିଛନ୍ତି। କିନ୍ତୁ କଂଗ୍ରେସ ଡରିବାର ନାହିଁ, ଦେଶବାସୀଙ୍କ ହିତସାଧନ ଲାଗି ବାହାରିଥିବା ଏହି ଯାତ୍ରା ଜାରି ରହିବ ବୋଲି ଖଡ଼ଗେ କହିଛନ୍ତି।

> ଜୟରାମଙ୍କ ଗାଡ଼ି ଉପରେ ଆକ୍ରମଣ
>
> ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କୁ ମୋଦୀଙ୍କ ଚେଲା କହିଲେ ଖଡ଼ଗେ







# କଟକ ସିଟି







ବାଲିକୁଦା ଅଞ୍ଚଳରେ କୁହୁଡ଼ିର ଆସ୍ତରଣ

# ୨୬ରୁ ବାରବାଟୀ ଶିଶିର ମେଳା

କଟକ,୨୧।୧(ସମିସ)




ଆସନ୍ତା ୨୬ ତାରିଖରୁ ବାରବାଟୀ 'ଶିଶିର ମେଳା-୨୦୨୪' କଟକ ବାଲିଯାତ୍ରା ଉପର ପଡ଼ିଆରେ ଆରମ୍ଭ ହେବାକୁ ଯାଉଛି। ଚଳିତ ବର୍ଷ ଏହି ମେଳାକୁ ଅଧିକ ଆକର୍ଷଣୀୟ କରିବାକୁ ବାରବାଟୀ ଶିଶିର ମେଳା (ବିଏସ୍ଏମ) ଆୟୋଜନକାରୀ କମିଟି ପକ୍ଷରୁ ସମସ୍ତ ପ୍ରୟାସ କରାଯାଇଛି। ଏହି ମେଳାରେ ଏବର୍ଷ ରାଜ୍ୟ ଓ କେନ୍ଦ୍ର ସରକାରୀ ଉଦ୍ୟୋଗଗୁଡ଼ିକର ବର୍ଦ୍ଧିତ ଅଂଶଗ୍ରହଣ ରହୁଛି। ଏ ବର୍ଷ ରାଜ୍ୟ ସରକାରଙ୍କ ଉତ୍କଳିକା ପକ୍ଷରୁ ବାରବାଟୀ ଶିଶିର ମେଳା ପରିସରରେ ସ୍ୱତନ୍ତ୍ର ଭାବରେ ଗାନ୍ଧୀ ଶିଳ୍ପ ବଜାର ଖୋଲୁଛି। ଏଥିରେ ୧୦୦ଟି ଷ୍ଟଲ୍ ରହିଛି। ସେଥିମଧ୍ୟରୁ ଅଧିକ ସଂଖ୍ୟକ ଷ୍ଟଲ୍ ରାଜ୍ୟ ବାହାରର ରହିଛି। ବିଶେଷକରି ମହିଳା ଉଦ୍ୟୋଗୀମାନେ ଅଧିକ ସଂଖ୍ୟାକ ଅଂଶଗ୍ରହଣ କରୁଛନ୍ତି। ଅନୁରୂପ ଭାବରେ ଭାରତ ସରକାରଙ୍କ ଏମ୍ଏସ୍ଏମ୍ଇ ବିଭାଗ ପକ୍ଷରୁ ବାରବାଟୀ ଶିଶିର ମେଳାରେ ଷ୍ଟଲ୍ ଖୋଲାଯାଉଛି। ଏଥି ସହିତ ବିଗତ ବର୍ଷ ଭଳି ରାଜ୍ୟ ଏବଂ ରାଜ୍ୟ ବାହାରୁ ଅନେକ ଉଦ୍ୟୋଗୀ, ବ୍ୟବସାୟୀ ଏଥିରେ ଅଂଶଗ୍ରହଣ କରୁଛନ୍ତି। ଏହି ମେଳାରେ ଘରକରଣା ସାମଗ୍ରୀଠାରୁ ଆରମ୍ଭ କରି ହୋମ୍ ଡେକୋର, ହୋମ୍ ଫର୍ଣ୍ଣିସିଂ, ଜୋତା ଚପଲ, ବ୍ୟାଗ୍, ପୁରୁଷ ଓ ମହିଳାଙ୍କ ପୋଷାକ, ଦେଶର ବିଭିନ୍ନ ରାଜ୍ୟରେ ହସ୍ତତନ୍ତରେ ପ୍ରସ୍ତୁତ ଶାଢ଼ୀ, ଡ୍ରେସ ମ୍ୟାଟେରିଆଲ, ହସ୍ତଶିଳ୍ପ ସାମଗ୍ରୀ, ବେତରେ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ, ସୋଫା, କାର୍ପେଟ, ଓଡ଼ିଶାର ଏସଏଚ୍‌ଜିଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ଉପଲବ୍ଧ ହେବ। ମେଳା ପରିସରରେ ସ୍ୱତନ୍ତ୍ର ଭାବରେ ଅଟୋମୋବାଇଲର ଏକ ଗ୍ୟାଲେରୀ ସ୍ଥାନ ପାଉଛି। ସେଠାରେ ଶିଶିର ମେଳା ବୁଲିବାକୁ ଆସୁଥିବା ଜନସାଧାରଣ ଦୁଇ ଓ ଚାରିଚକିଆ ଗାଡି ଦେଖିବା ସହିତ ସେମାନଙ୍କ ମନଲାଖି ଗାଡି ବୁକିଂ କରିପାରିବେ। ମେଳାରେ ମନୋରଞ୍ଜନ ନିମନ୍ତେ ଦୋଳି ଓ ମୀନାବଜାର ସହିତ ସ୍ୱତନ୍ତ୍ର ଭାବରେ ଫୁଡ୍‌ଜୋନ ରଖାଯାଇଛି। ଏସବୁ ସହିତ ମଞ୍ଚରେ ପ୍ରତି ସନ୍ଧ୍ୟାରେ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କେବଳ ଆମ ରାଜ୍ୟ ନୁହେଁ, ସମଗ୍ର ଭାରତରେ ଏବଂ ପ୍ରାୟ ୬୦ଟି ରାଷ୍ଟ୍ରରେ ଗୁଣାତ୍ମକ ମସଲା ପାଇଁ ପ୍ରସିଦ୍ଧି ଲାଭ କରିଥିବା 'ଭାରତ ମସଲା' ମଧ୍ୟ ଚଳିତ ଥର ଶିଶିର ମେଳାର ମୁଖ୍ୟ ପ୍ରାୟୋଜକ ରହିଛନ୍ତି। ମେଳା ଅବସରରେ ଖୋଲୁଥିବା ଭାରତ ମସଲା ଷ୍ଟଲ୍‌ରେ ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଅଫର ସହିତ ଭାଗ୍ୟଶାଳୀ ବିଜେତାଙ୍କ ପାଇଁ ଆକର୍ଷଣୀୟ ପୁରସ୍କାର ରଖାଯାଇଛି। ଶିଶିର ମେଳା ପଡିଆରେ ଗତବର୍ଷ ଭଳି ଚଳିତ ଥର ମଧ୍ୟ କିଡ୍ସ, ସବ୍ ଜୁନିୟର, ଜୁନିୟର ଏବଂ ସିନିୟର ବର୍ଗର ଛାତ୍ରଛାତ୍ରୀଙ୍କ ନିମନ୍ତେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଟିମ୍ ବିଏସ୍ଏମ୍ ପକ୍ଷରୁ ସଂଯୋଜକ ତ୍ରିଲୋଚନ ମହାନ୍ତି ପ୍ରକାଶ କରିଛନ୍ତି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ସଦସ୍ୟ ପିୟୂଷ ମହାନ୍ତି, ରାନା ରଏ, ଦୀପକ ଦେଓ, ପ୍ରଶାନ୍ତ ଦାସ, ଉତ୍କଳିକାର ଉପସଭାପତି ପ୍ରଶାନ୍ତ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଶୀତବସ୍ତ୍ର ବଣ୍ଟନ



**କଟକ,୨୧।୧(ସମିସ):** ସାଇ ଫାଉଣ୍ଡେସନ ପକ୍ଷରୁ ଏକ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଧ୍ୟରାତ୍ରରେ ରାସ୍ତା କଡ଼ରେ ଓ କଟକ ବଡ ଡାକ୍ତରଖାନା ପରିସରରେ ଶୋଇଥିବା ୬୦ରୁ ଅଧିକ ଅସହାୟ ବ୍ୟକ୍ତିମାନଙ୍କୁ ସାଇ ଫାଉଣ୍ଡେସନ ପରିବାର ସଦସ୍ୟମାନେ ଶୀତ ବସ୍ତ୍ର ବାଣ୍ଟିଛନ୍ତି। ଏହି କାର୍ଯ୍ୟକ୍ରମରେ ସଂଗଠନର ପ୍ରତିଷ୍ଠାତା ତଥା ସଭାପତି ସାର୍ଥକ ସ୍ୱାଇଁ, ସହ ସମ୍ପାଦକ ସୂର୍ଯ୍ୟ ପ୍ରସାଦ ଗୟା, ପରିଚାଳକ ଖୁକୁନ୍ ବାନାର୍ଜୀ, ସଦସ୍ୟ ନରେଶ ସାହୁ, ଆଶିଷ ମହାପାତ୍ର, ଲକ୍ଷ୍ମୀଧର ସାହୁ, କୁମାର ଓ ମୁଖ୍ୟ ଉପଦେଷ୍ଟା ବିକାଶ ରାଉତ,ଦିପକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ରକ୍ତଦାନ ଶିବିର

**କଟକ,୨୧।୧(ସମିସ):** ମେରିଆ ବଜାରସ୍ଥିତ ଜୀବନ ଜ୍ୟୋତି ଯୁବକ ସଙ୍ଘ ପକ୍ଷରୁ ଆସନ୍ତା ସାଧାରଣ ତନ୍ତ୍ର ଦିବସ ଅବସରରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯିବ। ସଂଘ ପକ୍ଷରୁ ମେରିଆବଜାରସ୍ଥିତ ଶ୍ୟାମ ଭବନ ପରିସରରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏହି ଶିବିରରେ ମେରିଆବଜାର ଅଞ୍ଚଳର ଯୁବକ,ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି ରକ୍ତଦାନ କରିବେ। ଏହି ଅବସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଙ୍ଘ ସଭାପତି ବିରେନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମସ୍ତ ସଦସ୍ୟ ଯୋଗ ଦେଇ କିଭଳି ଏହି ଶିବିର ରେ ଅଧିକ ରୁ ଅଧିକ ରକ୍ତଦାତା ସାମିଲ ହେବେ ସେ ନେଇ ଆଲୋଚନା କରାଯାଇଥିଲା। ଏହି ଶିବିରରେ ଅଧିକରୁ ଅଧିକ ରକ୍ତଦାତା ସାମିଲ ହେବାକୁ ସଂଘର ସମ୍ପାଦକ ପ୍ରସନ୍ନ ମୂଳିଆ ନିବେଦନ କରିଛନ୍ତି।

## ଜାଭିୟର୍ସ ପ୍ଲେ ସ୍କୁଲର ବାର୍ଷିକୋତ୍ସବ



**କଟକ,୨୧।୧(ସମିସ):** ନୟାସଡକସ୍ଥିତ ଜାଭିୟର୍ସ ପ୍ଲେ ସ୍କୁଲର ଷଷ୍ଠ ବାର୍ଷିକ ଉତ୍ସବ ଟାଉନ୍‌ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେୟର ସୁବାଷ ଚନ୍ଦ୍ର ସିଂହ ମୁଖ୍ୟ ଅତିଥି, ଡିଏଭି ଗୁରୁକୁଳ ବିଦ୍ୟାଳୟର ଅଧ୍ୟକ୍ଷା ସଂଗୀତା ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍କୁଲର ଅଧ୍ୟକ୍ଷା ଅନସୂୟା ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। କୁନି କୁନି ପିଲା ମାନଙ୍କ ଦ୍ୱାରା ନାଚ ଗୀତ କାର୍ଯ୍ୟକ୍ରମ ପରିବେଷଣ କରା ଯାଇଥିଲା। ଖେଳ,ଚିତ୍ରାଙ୍କନ,ଶ୍ଳୋକ ଆବୃତ୍ତି, ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସ୍କୁଲର ଉପଦେଷ୍ଟା ସବିନା ମହାପାତ୍ର ପିଲାମାନଙ୍କ ଭବିଷ୍ୟତ କିପରି ଗଢ଼ିବାକୁ ହୁଏ,ତାହା ବୁଝାଇଥିଲେ। ମେୟର ଶ୍ରୀ ସିଂହ ବ୍ୟକ୍ତିଗତ ପ୍ରଚେଷ୍ଟାରେ ପରିଚାଳିତ ଏହି ସ୍କୁଲର ପ୍ରଶଂସା କରିବା ସହିତ ସବୁ ପ୍ରକାର ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ତ୍ରିଷ୍ଟି ଦିସା ଆଚାର୍ଯ୍ୟ ଅତିଥି ପରିଚୟ ଓ ସ୍ୱାଗତ କରିଥିଲେ। ଲିପ୍ସା ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଇଣ୍ଡୋନେସିଆ ଯିବେ 'ଗୁଞ୍ଜନ'ର ନୃତ୍ୟାଙ୍ଗନା



**କଟକ,୨୧।୧(ସମିସ):** ଜାନୁୟାରୀ ୨୩ରୁ ୨୯ ପର୍ଯ୍ୟନ୍ତ ଇଣ୍ଡୋନେସିଆରେ ପାଳିତ ହେବ ଭାରତର ଗଣତନ୍ତ୍ର ଉତ୍ସବ। ଏହି ପରିପ୍ରେକ୍ଷୀରେ ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ଗୁଞ୍ଜନ ଡ୍ୟାନ୍ସ ଏକାଡେମୀର ଓଡ଼ିଶୀ ନୃତ୍ୟାଙ୍ଗନାମାନେ ଇଣ୍ଡୋନେସିଆ ଯାତ୍ରା କରିବେ। ଇଣ୍ଡିଆନ କାଉନସିଲ ଫର କଲଚରାଲ ରିଲେସନ୍ସ(ଆଇସିସିଆର) ପକ୍ଷରୁ ଏ ବାବଦରେ ଏକାଡେମୀକୁ ଚିଠି ଆସିଛି। ଗୁରୁ ମୀରା ଦାସଙ୍କ ନେତୃତ୍ୱରେ ସସ୍ମିତା ପଣ୍ଡା, ପ୍ରିୟଙ୍କା ଜେନା, ବିଦ୍ୟା ବିଶ୍ୱଜିତା, ସ୍ୱପ୍ନା ଦତ୍ତ, ସ୍ୱୀକୃତି ଦାସ, ଭାଗ୍ୟଶ୍ରୀ ଆଏଚ, ସ୍ୱର୍ଣ୍ଣମୟୀ ବେହେରା ଇଣ୍ଡୋନେସିଆ ଯାତ୍ରା କରିବେ। ଇଣ୍ଡୋନେସିଆର ଏକାଧିକ ସହରରେ ଆୟୋଜିତ ହେବାକୁ ଥିବା ଉତ୍ସବରେ କଟକର ଏହି ନୃତ୍ୟଶିଳ୍ପୀମାନଙ୍କ ଦମଦାର ପ୍ରଦର୍ଶନ ଦେଖିବାକୁ ମିଳିବ।

## ୧୯୯୮ ବ୍ୟାଚ୍ ମାଟ୍ରିକ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



**କଟକ, ୨୧।୧ (ସମିସ):** ସଦର ଥାନା ଉତ୍ତମାପୁର ଆଚାର୍ଯ୍ୟ ହରିହର ବିଦ୍ୟାପୀଠର ୧୯୯୮ ବ୍ୟାଚ ମେଟ୍ରିକ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଗୋପାଳପୁର ବଢେଇସାହି କାଠଯୋଡି ନଦୀକୂଳ ଜଗନ୍ନାଥ ମନ୍ଦିର ନିକଟ ଆମୋଦ ପ୍ରମୋଦ ଅଭୟାରଣ୍ୟରେ ଅନୁଷ୍ଠିତ ବନ୍ଧୁମିଳନରେ ଏହି ବ୍ୟାଚ୍‌ର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଦୀର୍ଘଦିନ ପରେ ଛାତ୍ରଛତ୍ରୀମାନେ ଏକତ୍ରିତ ହୋଇଥିବାରୁ ସେମାନେ ନିଜ ନିଜ ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ। ଉମେଶ ଚନ୍ଦ୍ର ମହାନ୍ତି, ସନ୍ତୋଷ କୁମାର ନାୟକ, ପ୍ରତାପ ସ୍ୱାଇଁ, ପ୍ରଦୀପ ଜେନା, ବିଶ୍ୱନାଥ ମହାରଣା, ତ୍ରିଦୀପ ପ୍ରଧାନ, ହେମନ୍ତ ପ୍ରଧାନ, ବ୍ରଜ କିଶୋର ନାୟକ, ସନ୍ଧ୍ୟାରାଣୀ ବାରିକ, ତାରାକାନ୍ତ ବିଶୋଇ, ବିନୟ ମାଝୀ, ଗତେଶ୍ୱର ବେହେରା, ନିର୍ମଳ ସିଂ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶ୍ରୀବତ୍ସ ବିଶୋଇ ଧ ନ ୍ୟବ । ଦ ଦେଇଥିଲେ।

## ନେତାଜୀ ସଂଗ୍ରହାଳୟରେ ସେବା ଶିବିର




**କଟକ,୨୧।୧(ସମିସ):** କଟକ କଲେଜ ରେଡ୍‌କ୍ରସ୍ ଓ ରେଡ୍ ରିବନ୍ କ୍ଲବ୍ ତରଫରୁ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟରେ ତିନିଦିନିଆ ସେବା ଶିବିର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ଡକ୍ଟର ପ୍ରଣତୀ ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନେତାଜୀ ସୁଭାଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ରେଡ୍‌କ୍ରସ୍ ଶିବିରାର୍ଥୀଙ୍କର ଚିନ୍ତାଧାରାକୁ ନେତାଜୀଙ୍କ ଆଦର୍ଶ ଓ ସମାଜ ସେବାମନସ୍କ ଦିଗରେ ଅନୁପ୍ରାଣିତ କରିବାକୁ ଅଧ୍ୟକ୍ଷା ଡକ୍ଟର ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। ନେତାଜୀ ଜନ୍ମସ୍ଥାନ ଟ୍ରଷ୍ଟର ସମ୍ପାଦକ ଅଶ୍ୱିନୀ କୁମାର ଶତପଥୀ ଓ ମ୍ୟୁଜିୟମର ଭାରପ୍ରାପ୍ତ ଅଧିକାରୀ ଜଳେନ୍ଦ୍ର ପ୍ରସାଦ ରାୟଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। କଲେଜ ରେଡ୍‌କ୍ରସ୍ ଅଧିକାରୀ ଅଧ୍ୟାପକ କୁମାର ପ୍ରଦୀପ୍ତ ମିଶ୍ର ଓ ପଦାର୍ଥ ବିଜ୍ଞାନ ଅଧ୍ୟାପକ ମଣ୍ଟୁ ଚରଣ ଜେନାଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ସ୍ୱଚ୍ଛତା ସେବା, ଫାଷ୍ଟ ଏଡ୍ ଓ ବରିଷ୍ଠ ନାଗରିକଙ୍କୁ ପରିଦର୍ଶନରେ ସହାୟତା କାର୍ଯ୍ୟ ଶିବିରାର୍ଥୀମାନଙ୍କ ଦ୍ୱାରା ସମ୍ପାଦିତ ହେଉଛି। ପ୍ରାରମ୍ଭିକ ଦିବସରେ ଟିମ୍ ଲିଡର ଚିନ୍ମୟୀ ତରାସିଆଙ୍କ ସମେତ ପ୍ରାୟ ୩୦ ଜଣ ରେଡ୍ କ୍ରସ୍ ସ୍ୱେଚ୍ଛାସେବୀ ଏଥିରେ ଅଂଶ ଗ୍ରହଣ କରିଥିଲେ।

### କଳ୍ପନା ସାହିତ୍ୟ, ସାଂସ୍କୃତିକ ଓ ସାମାଜିକ ପରିଷଦର ବାର୍ଷିକୋତ୍ସବ

## 'କଳ୍ପନା'ର ଇଂରାଜୀ ନୂଆବର୍ଷ ସଂଖ୍ୟା ଉନ୍ମୋଚିତ



**କଟକ,୨୧।୧(ସମିସ):** କଳ୍ପନା ସାହିତ୍ୟ, ସାଂସ୍କୃତିକ ଓ ସାମାଜିକ ପରିଷଦର ୧୯ତମ ବାର୍ଷିକୋତ୍ସବ ଶତାବ୍ଦୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଲଳିତା ଦାଶ ଅଧ୍ୟକ୍ଷତା କରିଥିଲେ। ଉକ୍ତ ଅଧିବେଶନରେ କବିତା ଆସର ମନୋଜ ମଞ୍ଜରୀ ଦେଓ, ଗୋପା ଦାସଙ୍କ ସଂଯୋଜନାରେ ସମ୍ପାଦିତ ହୋଇଥିଲା। ଏଥିରେ ବିଶିଷ୍ଟ ଅତିଥି ଇଂ.ସୁଶାନ୍ତ କିଶୋର ବଳ, ଡା. ରବିରଞ୍ଜନ ସାହୁ, ଅଜୟ କୁମାର ପଣ୍ଡା, ବନୋଜ କୁମାର ରାୟ, ଏବଂ ଭଗବତୀ ଖଟୁଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ଅଧିବେଶନରେ ଡା.ରବିନାରାୟଣ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଏଥିରେ ଉଦ୍‌ଘାଟକ ଭାବେ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ, ମୁଖ୍ୟଅତିଥି ଭାବେ ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ,ମୁଖ୍ୟବକ୍ତା ଭାବେ ଡ. ଚିତ୍ତ ରଞ୍ଜନ ପଣ୍ଡା, ସମ୍ମାନିତ ଅତିଥି ଭାବେ ଲଲାଟେନ୍ଦୁ ମହାପାତ୍ର, ବରେଣ୍ୟ ଅତିଥି ଭାବେ ଗୋବିନ୍ଦ ଚନ୍ଦ୍ର ମିଶ୍ର, କୈଳାସ ଚନ୍ଦ୍ର ଦଲେଇ ଯୋଗ ଦେଇଥିଲେ। ଏହି ଅବସରରେ ମୁଖପତ୍ର 'କଳ୍ପନା' ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ସଂସ୍କୃତି କମିଟି ସଭାପତି ସୌଦାମିନୀ ତ୍ରିପାଠୀ କାର୍ଯ୍ୟକ୍ରମର ଉଦ୍‌ଘୋଷିକା କାର୍ଯ୍ୟ ସମ୍ପାଦନ କରିଥିଲେ। ସମ୍ପାଦକ ଗୋପାଳ ଚନ୍ଦ୍ର ଜେନା ସଭା ପରିଚାଳନା କରିଥିଲେ। କୋଷାଧ୍ୟକ୍ଷା ସୌଭାଗିନୀ ଜେନା ଧନ୍ୟବାଦ ଦେଇଥିଲେ। ଡ.ସଂଘମିତ୍ରା ଭଞ୍ଜଙ୍କୁ ୫୦ ହଜାର ଟଙ୍କାର ଚେକ୍, ଡା. ରବିନାରାୟଣ ପଣ୍ଡାଙ୍କୁ ୨୫ ହଜାର ଟଙ୍କାର ଚେକ, ଯୋଗଗୁରୁ ସାଗରିକା ଜେନାଙ୍କୁ ସୁଷମାରାଣୀ ସ୍ମୃତି ସମ୍ମାନ ବାବଦ ୧ହଜାର ଟଙ୍କା ସହ ଉତ୍ତରୀୟ ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା।

## ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

କଟକ,୨୧।୧(ସମିସ)



ଜଗତପୁରସ୍ଥିତ ଚିନ୍ମୟ ମିଶନ ଆଶ୍ରମ ପରିସରରେ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ରବିବାର ଆୟୋଜିତ ହୋଇଯାଇଛି। ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରତିଯୋଗୀ ଭାଗ ନେଇଥିଲେ। ଚିନ୍ମୟ ମିଶନ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତାର ରାଜ୍ୟ ସଂଯୋଜକ ସ୍ୱାମୀ ଓଁକାର ନନ୍ଦ ସରସ୍ୱତୀଙ୍କ ପୌରୋହିତ୍ୟରେ ସମସ୍ତ ଜିଲ୍ଲାର ସ୍ୱାମିନୀ ଓ ସ୍ୱାମୀଜୀମାନେ ବିଚାରକ ରୂପେ କାର୍ଯ୍ୟନିର୍ବାହ କରିଥିଲେ। ଓଡିଶା ମୁଖ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ ଗୀତା ଉପରେ ସମସ୍ତଙ୍କୁ ଉଦବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କିସନଲାଲ ଭରତିୟା, ସମ୍ମାନିତ ଅତିଥି ଭାବେ ବିଜୟ କୟଲ, ଡଃ ଚିତ୍ତରଞ୍ଜନ ଷଡଙ୍ଗୀ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଚିନ୍ମୟ ମିଶନ କଟକ ସମ୍ପାଦକ ସଂଗ୍ରାମ କେଶରୀ କରଣ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପଦ୍ମଲୋଚନ ବେହେରା, ହରିହର ଦାସ, ବିଜୟ କୁମାର ସେନାପତି, ଦିବାକର ପାଣି, ନରେଶ ବେହେରା, ମହେଶ୍ୱର ସାହୁ, ଇଲା ମହାପାତ୍ର, ବିକାଶ ମହାନ୍ତି, ଆକାଶ ସାହୁ, ରାଧେଶ୍ୟାମ ବେହେରା, ସୌମେନ୍ଦ୍ର ମହାପାତ୍ର, ଜ୍ୟୋତ୍ସ୍ନା ସେଠୀ, ଦେବଜାନୀ ଦାସ ପ୍ରମୁଖ କାଯ୍ୟକ୍ରମ ପରିଚାଳନା କରିଥିଲେ।

## ମିଡିଆ ଏକାଦଶର ସହଜ ବିଜୟ

**କଟକ,୨୧।୧(ସମିସ):** ରେଭେନ୍ସା ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଏକାଦଶ ବିପକ୍ଷରେ ସହଜ ବିଜୟ ହାସଲ କରିଛି ମିଡିଆ ଏକାଦଶ ଦଳ। ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ବନ୍ଧୁତ୍ୱପୂର୍ଣ୍ଣ ଟି-୨୦ ମ୍ୟାଚ୍‌ରେ ମିଡିଆ ଏକାଦଶ ୯ ୱିକେଟରେ ଜିତିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅଧ୍ୟାପକ ଏକାଦଶ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୧୫.୩ ଓଭରରେ ସମସ୍ତ ୱିକେଟ ହରାଇ ଦଳ ମାତ୍ର ୮୭ରନ ସଂଗ୍ରହ କରିଥିଲା। ଅଧ୍ୟାପକ ଏକାଦଶର ମନୋଜ ଦାସ ସର୍ବାଧିକ ୨୭ରନ କରିଥିଲେ। ମିଡିଆ ଏକାଦଶର ଦେବାଶିଷ ମହାନ୍ତି ଘାତକ ବୋଲିଂ କରିବା ସହ ୨୭ରନ ବିନିମୟରେ ୫ଟି ୱିକେଟ ଅକ୍ତିଆର କରିଥିଲେ। ଜଗନ୍ନାଥ ରାଉତ ୨ଟି, ଅକ୍ଷୟ ପ୍ରଧାନ ଏବଂ ଶକ୍ତିଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା। ଜବାବରେ ମିଡିଆ ଏକାଦଶ ମାତ୍ର ଗୋଟିଏ ୱିକେଟ ହରାଇ ଧାର୍ଯ୍ୟ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ବିଶ୍ୱବିଦ୍ୟାଳୟ କୁଳସଚିବ କାହ୍ନୁଚରଣ ମଲ୍ଲିକ ଅତିଥି ଭାବେ ଯୋଗ ଦେଇ ଚାମ୍ପିଅନ ମିଡିଆ ଏକାଦଶକୁ ଟ୍ରଫି ପ୍ରଦାନ କରିଥିଲେ। କ୍ରୀଡ଼ା ଅଧିକାରୀ ଡଃ ଅଞ୍ଜନ କୁମାର ଖୁଣ୍ଟିଆ ମ୍ୟାଚ୍ ପରିଚାଳନା କରିଥିଲେ।



## ମନ୍ଦିର ସଫେଇ ଓ ଦୀପଦାନ କାର୍ଯ୍ୟକ୍ରମ



**ନିଶ୍ଚିନ୍ତକୋଇଲି, ୨୧।୧(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ତରତଶାସନ ସ୍ଥିତ ମା'ହରଚଣ୍ଡୀ ବରିଷ୍ଠ ମଞ୍ଚ ପକ୍ଷରୁ ସ୍ଥାନୀୟ ହରଚଣ୍ଡୀ ମନ୍ଦିରରେ ଯଥାରୀତି ପୂଜାର୍ଚ୍ଚନା ଓ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦଘାଟନ ଉତ୍ସବ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଦୀପଦାନ ସହିତ ମନ୍ଦିର ପରିସରକୁ ସଫେଇ ମଧ କରାଯାଇଥିଲା। ସଂଘର ସଭାପତି ଶରତଚନ୍ଦ୍ର ଦାଶଙ୍କ ନେତୃତ୍ୱରେ ସଭ୍ୟ ପ୍ରତାପ କିଶୋର ମହାନ୍ତି ଓ ଶିବପ୍ରସାଦ ପଣ୍ଡା ସଫେଇ କାର୍ଯ୍ୟକୁ ପରିଚାଳନା କରିଥିଲେ। କାର୍ଯ୍ୟକାରୀ ସଭାପତି ଭରତଚନ୍ଦ୍ର ସାହୁ, ଉପସଭାପତି ଅଜୟ ମଲ୍ଲ, ସଭ୍ୟ ଶତ୍ରୁଘ୍ନ ରାଉଳ, କାର୍ତ୍ତିକ ଚନ୍ଦ୍ର ଜେନା, ଅଲେଖ ଚନ୍ଦ୍ର ଦାସ, ନିର୍ମଳ ଚନ୍ଦ୍ର ସ୍ୱାଇଁ, ପ୍ରଫୁଲ୍ଲ ଦାସ, ବଂଶୀଧର ତ୍ରିପାଠୀ, ବେଣୁଧର ବେହେରା, ଶୁକଦେବ ମଲିକ, ଶାରଦା ନାୟକ ପ୍ରମୁଖ ଯୋଗଦେଇ ସଫେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ପୋଖରୀ ସଫେଇ କାର୍ଯ୍ୟକ୍ରମ

**ବାଙ୍କୀ, ୨୧।୧(ସମିସ):** ଡମପଡ଼ା ବ୍ଲକ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତସ୍ଥ ପାଟପୁର ଗ୍ରାମର ହଳିଦୀଗାଡିଆ ପୋଖରୀକୁ ବାଙ୍କୀର ଗାଁ ଗଠନ ସମିତି ଏବଂ ଦିଲ୍ଲୀର ଗୁଞ୍ଜ୍ ଅନୁଷ୍ଠାନ ମିଳିତ ସହଯୋଗରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ପୋଖରୀକୁ ସଫା କରିବା ସହ ଦଳ କଢ଼ା ଯାଇ ପରିଷ୍କାର କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଗ୍ରାମ୍ୟ ସଭାପତି ବିପିନି ବିହାରୀ ସାହୁ, ମନୋଜ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୮୦ରୁ ଉର୍ଦ୍ଧ୍ୱ ଯୁବକ ଯୋଗଦେଇଥିଲେ।

## ବୁଢ଼ୀ ଜାଗୁଳାଇ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ମାହାଙ୍ଗା, ୨୧।୧(ସମିସ):** ମାହାଙ୍ଗା ବ୍ଲକ ମୂଳବସନ୍ତ ପଞ୍ଚାୟତ ମା' ବୁଢ଼ୀ ଜାଗୁଳାଇ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ କାର୍ତ୍ତିକ ମହାରଣା ଓ ନୟନ ଓଝା ଦାୟିତ୍ୱ ତୁଲାଇଥିଲେ। ମମତା ମହାରଣା, ନୟନ ଓଝା ପୂଜା କାର୍ଯ୍ୟରେ ବସିଥିବାବେଳେ ପୂଜକ ଭାବେ ପଣ୍ଡିତ ପ୍ରକାଶ ଚନ୍ଦ୍ର କର, ବ୍ରଜରାଜ କରଙ୍କ ସମେତ ସାଥୀମାନେ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ଅଙ୍କୁରାରୋପଣ, କଳସଯାତ୍ରା, ଗୋପୂଜା, ସୂର୍ଯ୍ୟପୂଜା, ହୋମ ଯଜ୍ଞ ଓ ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ଯଥାରିତ ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂଜା କମିଟିର ସଭାପତି ନିରଞ୍ଜନ ଓଝା, ସମ୍ପାଦକ ହରିହର ବିଶ୍ୱାଳଙ୍କ ସମେତ ମୂଳବସନ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଅବସରରେ ଭଜନ, କୀର୍ତ୍ତନ, ପ୍ରବଚନ, ଘୋଡ଼ାନାଚ ଓ ଯାତ୍ରା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

### ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ କାର୍ଯ୍ୟ ଅଧାପନ୍ତରିଆ

# ହୀନସ୍ତା ହେଉଛନ୍ତି ଲୋକେ; ଚୁପ୍ ବସିଛି ବିଭାଗ

**ମାହାଙ୍ଗା, ୨୧।୧(ସମିସ)**

ଗ୍ରାମାଞ୍ଚଳରେ ପଥଚାରୀଙ୍କ ଗମନାଗମନ ସୁବିଧା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ପ୍ରଣୟନ କରାଯାଇଛି। କିନ୍ତୁ ଏହି କାର୍ଯ୍ୟ ବାସ୍ତବରେ ସଠିକ୍ ଭାବରେ ରୂପାୟନ କରାଯାଉ ନ ଥିବାରୁ ଜନସାଧାରଣମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାହାକି ସାଧାରଣରେ ତିବ୍ର ଅସନ୍ତୋଷ ପ୍ରକାଶ ପାଉଛି। ପ୍ରକାଶ ଯେ, ମାହାଙ୍ଗା ଗ୍ରାମଉନ୍ନୟନ ବିଭାଗ ଅଧୀନ ରାଣୀଗୋଡା ଠାରୁ ଗୋକନ ଭାୟା ଯଶୁଆପୁର, ହାଟପଡ଼ା ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ମୋଟ୍ ୪.୧୭ କିମି ରାସ୍ତା କାର୍ଯ୍ୟ ନିର୍ମାଣ ପାଇଁ ୧୯୧.୧୧ ଲକ୍ଷ ବ୍ୟୟବରାଦରେ ସମ୍ପୃକ୍ତ ଠିକାଦାରଙ୍କୁ କାର୍ଯ୍ୟାଦେଶ ମିଳିଛି। ଏଥିରେ ୩.୯୫୫ କିମି ପିଚୁ ରାସ୍ତା, ୦.୨୧୫ କିମି ପକ୍କା ରାସ୍ତା ଓ ୬ଟି କଲଭର୍ଟ ଆଦି ନିର୍ମାଣ କରିବାର ବ୍ୟବସ୍ଥା ରହିଛି। ଏହି କାର୍ଯ୍ୟ ପାଇଁ ଗତ ତା ୧୨.୩.୨୦୨୩ ରିଖରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଶୁଭ ଶିଳାନ୍ୟାସ



କରିଥିଲେ। କିନ୍ତୁ ଏହି କାର୍ଯ୍ୟକୁ ଦୀର୍ଘ ମାସ ବିତିଯାଇଥିଲେ ମଧ ନାମକୁ ମାତ୍ର କାର୍ଯ୍ୟ ହୋଇ ସମ୍ପୃକ୍ତ ଠିକାଦାର କେଉଁଆଡେ ଉଭାନ ହୋଇଯାଇଛନ୍ତି। ତେବେ ଓଷଙ୍ଗ, ସୁତରପଡ଼ା, ହାଟପଡ଼ା, ପଲ୍ଲୀସାହି ଆଦି ପ୍ରାୟ ୨ କିମି ସ୍ଥାନରେ ସମ୍ପୃକ୍ତ ଠିକାଦାର ଗତ ୪ ମାସ ପୂର୍ବେ ମେଣ୍ଟାଲ ଓ ଡଷ୍ଟ ପକାଇ କାର୍ଯ୍ୟ ଆରମ୍ଭ କରିଥିଲେ। କିନ୍ତୁ ଉକ୍ତ କାର୍ଯ୍ୟରେ ସଠିକ୍ ଭାବେ ରୋଲର୍ଙ୍ଗ କରାଯାଇ ନ ଥିବାରୁ ମେଣ୍ଟାଲ ଗୁଡିକ ଉଠିଯାଇ ଆବେଡା ଖାବଡା ଭାବେ ରାସ୍ତା ସାରା ପଡ଼ିଥିବା ଦେଖିବାକୁ ମିଳିଛି। ଉକ୍ତ ରାସ୍ତାରେ ପାଣି ନ ଦିଆଯିବାରୁ ଡଷ୍ଟ ଓ ଧୂଳି ଉଡି ଆଖି ଓ ଶରୀର ଜନିତ ରୋଗରେ ଆକ୍ରାନ୍ତ ହୋଇ ଜନସାଧାରଣମାନେ ସମସ୍ୟାରେ ପଡୁଛନ୍ତି। ଫଳରେ ଏହି ରାସ୍ତା ଦେଇ ଯାଉଥିବା ବହୁ ପଥଚାରୀ ଏବଂ ସ୍କୁଲ କଲେଜ ଛାତ୍ରଛାତ୍ରୀ ବିଭିନ୍ନ ସମୟରେ ଦୁର୍ଘଟଣାଗ୍ରସ୍ଥ ହୋଇ ଧନଜୀବନ ପ୍ରତି ବିପଦ ଦେଖାଦେଉଛି। ଯାହାକି ସ୍ଥାନୀୟ ଅଞ୍ଚଳରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଜନସାଧାଣମାନେ ଏହି ଅଧାପାନ୍ତରିଆ ରାସ୍ତା ପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲା ବେଳେ ଦାୟିତ୍ୱରେ ଥିବା ସମ୍ପୃକ୍ତ ଯନ୍ତ୍ରୀ କାହିଁକି ଚୁପ୍ ହୋଇ ବସିଛନ୍ତି ସାଧାରଣରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ବିଭାଗୀୟ ମନ୍ତ୍ରୀ ଓ ସଚିବ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ କଟକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅଶୋକ ସାହୁଙ୍କୁ ଯୋଗାଯୋଗ କରିବାରୁ ଏ ସମ୍ପର୍କରେ ତଦାରଖ କରାଯିବ ବୋଲି କହିଥିଲେ।

## ବିଜେପି ଜିଲ୍ଲା କୃଷକ ମୋର୍ଚ୍ଚାର ପୂର୍ଣ୍ଣାଙ୍ଗ କମିଟି ଗଠିତ

**କଟକ, ୨୧।୧(ସମିସ):** ଭାରତୀୟ ଜନତା ପାର୍ଟିର କଟକ ଜିଲ୍ଲା ସଭାପତି ପ୍ରକାଶ ବେହେରାଙ୍କ ଅନୁମୋଦନକ୍ରମେ ଜିଲ୍ଲା କୃଷକ ମୋର୍ଚ୍ଚାର ପୂର୍ଣ୍ଣାଙ୍ଗ କମିଟି ସଭାପତି ଉତ୍କଳମଣି ମନ୍ତ୍ରୀଙ୍କ ଦ୍ୱାରା ଗଠନ ହୋଇଛି। ଜିଲ୍ଲା ଉପସଭାପତି ଭାବେ ଗୌତମ ରାୟ ଚୌଧୁରୀ, ରୋହିତ ମହାନ୍ତି, ସୁଶାନ୍ତ ନାୟକ ଏବଂ ରଞ୍ଜନ ସେନାପତି ରହିଥିବା ବେଳେ ଜିଲ୍ଲା ସାଧାରଣ ସମ୍ପାଦକ ଭାବେ ହରେକୃଷ୍ଣ ମହାନ୍ତି ଏବଂ ଅକ୍ଷୟ ସ୍ୱାଇଁ ସ୍ଥାନ ପାଇଛନ୍ତି। ସମ୍ପାଦକ ଭାବେ ଯଥାକ୍ରମେ ଅଶୋକ ବେହେରା, ଦୀପକ ଜେନା, ବିଜୟ ଖଟେଇ, ଅମୂଲ୍ୟ ପ୍ରଧାନ ଏବଂ ଶୁଭନ୍ୟାସ ମହାନ୍ତି ରହିଥିବା ବେଳେ କୋଷାଧ୍ୟକ୍ଷ ଭାବେ ଗୌରାଙ୍ଗ ଚରଣ ପରିଡ଼ା ସ୍ଥାନ ପାଇଛନ୍ତି। ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ହୃଷୀକେଶ ଜେନା, ସତ୍ୟବାଦୀ ଚଇନି, ଅଜୟ ସ୍ୱାଇଁ, ସୁବଳ ବେହେରା, ଶଙ୍କର୍ଷଣ ମହାନ୍ତି, ବିବେକାନନ୍ଦ ବେଉରା ଏବଂ ନିର୍ମଳ ଦାସ ସ୍ଥାନ ପାଇଛନ୍ତି। ଜିଲ୍ଲା ସଂଯୋଜକ ଭାବେ ଲକ୍ଷ୍ମୀଧର ସାହୁ ଏବଂ ଗଦାଧର ବିଶ୍ୱାଳ ରହିଛନ୍ତି।



ସାଲେପୁର ବାପୁଜୀ ପାର୍କରେ ସାଲେପୁର କଲେଜ ୨୦୧୦ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ

## ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ସଂଘର ସମ୍ମିଳନୀ

**କଟକ, ୨୧।୧(ସମିସ):** ଓଡ଼ିଶା ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ସଂଘର ୪୬ତମ ବାର୍ଷିକ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ତୁଳସୀପୁରସ୍ଥିତ ଏକ ହୋଟେଲରେ ଆୟୋଜିତ ଦୁଇଦିନିଆ ଏହି ବାର୍ଷିକ ସମ୍ମିଳନୀକୁ ହାଇକୋର୍ଟର ବିଚାରପତି ଜଷ୍ଟିସ ଦେବବ୍ରତ ଦାଶ ମୁଖ୍ୟଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ରାଜ୍ୟ ଭେଷଜ ଶିକ୍ଷା ଓ ତାଲିମର ନିର୍ଦ୍ଦେଶକ(ଡିଏମ୍ଇଟି) ପ୍ରଫେସର ଡା. ସଚ୍ଚିଦାନନ୍ଦ ମହାନ୍ତି, ସହଯୋଗୀ ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ବ୍ରଜ କିଶୋର ଦାଶ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଓଡ଼ିଶା ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ସଂଘର ସଭାପତି ପ୍ରଫେସର ଡା. ତୁଷାର କର, ଉପସଭାପତି ପ୍ରଫେସର ଡା. ଜନ୍ମେଜୟ ମହାପାତ୍ର, ସମ୍ପାଦକ ପ୍ରଫେସର ଡା. ସସ୍ମିତା ସ୍ୱାଇଁଙ୍କ ସମେତ ସମସ୍ତଙ୍କ କର୍ମକର୍ତ୍ତା ଏହି ବାର୍ଷିକ ଉତ୍ସବର ଆୟୋଜନ କରିଥିଲେ। ଡା. ସଞ୍ଜୟ ସ୍ୱାଇଁଙ୍କ ଦ୍ୱାରା ସମ୍ପାଦିତ ଏକ ସ୍ମରଣୀକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସମ୍ମିଳନୀରେ ରାଜ୍ୟ ତଥା ରାଜ୍ୟ ବାହାରୁ ତିନିଶହରୁ ଅଧିକ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞମାନେ ଯୋଗଦେବା ସହ ସନ୍ଦର୍ଭ ପାଠ କରିଥିଲେ।

# ବିଭିନ୍ନ ସ୍ଥାନରେ 'ନୂଆ-ଓ' କାର୍ଯ୍ୟକ୍ରମ



ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ



ନିଆଳି ମହାବିଦ୍ୟାଳୟ

**ସାଲେପୁର, ୨୧।୧(ସମିସ)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ପ୍ରାୟୋଜିତ ଓ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ଦ୍ୱାରା ଆୟୋଜିତ ନୂଆ ଓ ଓଡ଼ିଆ ସାହିତ୍ୟ କାର୍ଯ୍ୟକ୍ରମର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ କଲେଜର ଅଧ୍ୟକ୍ଷା ଡଃ ସଙ୍ଗୀତା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଶ୍ରୀ ଶ୍ରୀ ସତ୍ୟାନନ୍ଦ ଦାସ ମହାରାଜ ଜୀ ଯୋଗଦେଇଥିଲେ। କୁନି ପ୍ରବଚକ କେଶବ ଦାଶ ଦ୍ୱିତିକୃଷ୍ଣ ଯୋଗଦେଇ ଜଗନ୍ନାଥଙ୍କ ଭକ୍ତିତତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ମନୋରଞ୍ଜନ ଦାଶ, ସଦସ୍ୟ ଅବତନ ଷଡ଼ଙ୍ଗୀ, ଜୟଦେବ ଶତପଥୀ ଯୋଗଦାନ କରିଥିଲେ। ଏଥିରେ ନିମନ୍ତ୍ରିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରସନ୍ନ ମହାପାତ୍ର ଯୋଗଦେଇଥିବାବେଳେ ନୂଆ ଓ ଓଡ଼ିଆ ସାହିତ୍ୟ କାର୍ଯ୍ୟକ୍ରମର ନୋଡ଼ାଲ ଅଫିସର ଓଡ଼ିଆ ବିଭାଗର ମୁଖ୍ୟ ସୁଷମାରାଣୀ କର ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଉପଦେଷ୍ଟା ପ୍ରଦ୍ୟୁମ୍ନ କୁମାର ଚୌଧୁରୀ ସହକାରୀ ଉପଦେଷ୍ଟା ତୁଷାର ମହାନ୍ତି, ସୁଶାନ୍ତ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଆବାହକ ଶାରଦା ପ୍ରସାଦ ମହାନ୍ତି ଓ ଅଧ୍ୟାପିକା ବୈଜୟନ୍ତୀ ନାୟକ ମଞ୍ଚ ପରିଚାଳନା କରିଥିଲେ।

**ନିଆଳି:** ନିଆଳି ମହାବିଦ୍ୟାଳୟ ପରିସରରେ ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଭାଗିରଥି ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଭାବେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ସ୍ନାତ୍ତୋକତର ଓଡ଼ିଆ ବିଭାଗର ମୁଖ୍ୟ ତଥା ସାହିତ୍ୟିକ ଡ. ଦିଲ୍ଲୀପ କୁମାର ସ୍ୱାଇଁ ଓ ଜଗନ୍ନାଥ ସଂସ୍କୃତି ଗବେଷକ ଶ୍ୟାମା ପ୍ରକାଶ ସେନାପତି, ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ଡ. ବିନୋଦ ବିହାରୀ ଦାସ ଯୋଗଦେଇ 'ଓଡ଼ିଆ ଭାଷାର କ୍ରମବିକାଶ ଓ ଜଗନ୍ନାଥ ସଂସ୍କୃତି' ଶୀର୍ଷକ ଆଲୋଚନା ଚକ୍ରରେ ଭାଗନେଇଥିଲେ। ନୂଆ-ଓ କାର୍ଯ୍ୟକ୍ରମର ନୋଡ଼ାଲ ଅଫିସର ଅଧ୍ୟାପକ ହରେକୃଷ୍ଣ ଦାସ, ସାହିତ୍ୟ କାର୍ଯ୍ୟକ୍ରମର ନୋଡ଼ାଲ ଅଫିସର ଅଧ୍ୟାପିକା ଇପ୍‌ସିତା ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପକ କୈଳାଶ ଚନ୍ଦ୍ର ପଣ୍ଡା, ଡ. ତପସ୍ୱିନୀ ନାୟକ, ଡ. ଶ୍ରୀଧର ବାରିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**କଟକ:** କଟକ ନୟାସଡ଼କସ୍ଥିତ ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟରେ 'ନୂଆ-ଓ' ଅନ୍ତର୍ଗତ ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ ଓ ଶ୍ରୀ ଜଗନ୍ନାଥ ସଂସ୍କୃତି ଭିତ୍ତିକ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବ କଲେଜର ଅଧ୍ୟକ୍ଷା ଡ. ସାଗରିକା ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। 'ନୂଆ-ଓ' କାର୍ଯ୍ୟକ୍ରମର ମୁଖ୍ୟ ନୋଡାଲ ଅଫିସର ତଥା ହିନ୍ଦୀ ବିଭାଗ ମୁଖ୍ୟ ଡ଼କ୍ଟର ପ୍ରମୋଦିନୀ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମର ନୋଡ଼ାଲ ଅଫିସର ତଥା ଓଡ଼ିଆ ବିଭାଗ ମୁଖ୍ୟ ଡ. ଦିପ୍ତୀରେଖା ପାଢ଼ୀ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ପରିଚାଳନା ସମିତିର ପୂର୍ବତନ ସଦସ୍ୟ ତଥା ଉତ୍କଳ ସାହିତ୍ୟ ସମାଜର ସଭାପତି ପ୍ରଫେସର ତରୁଣ ସାହୁ ମୁଖ୍ୟଅତିଥି ରୂପେ ଯୋଗଦାନ କରିଥିଲେ। କଲେଜ ପରିଚାଳନା ସମିତିର ସଭାପତି ଡା. ରବି ରଞ୍ଜନ ସାହୁ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମର ଅନ୍ୟ ସଦସ୍ୟ ସୁଶ୍ରୀ ମଧୁସ୍ମିତା ଦାଶ, ମୋନାଲି ମିଶ୍ର, ଲିପିକା ବେହେରା ଓ ସୋନାଲିକା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅର୍ଥନୀତି ବିଭାଗର ଅଧ୍ୟାପିକା ସୁଶ୍ରୀ କୃଷ୍ଣପ୍ରିୟା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**ବାଙ୍କୀ:** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ନୂଆ -ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ସାମାଜିକ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ କଲେଜ ଉପାଧ୍ୟକ୍ଷ ତଥା ନୋଡାଲ୍ ଅଫିସର ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଖିଳ ବୀରବର ହରିଚନ୍ଦନ, ସମ୍ମାନୀତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ଡ. ନିରଞ୍ଜନ ମହାନ୍ତି ଓ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ ଯୋଗଦେଇଥିଲେ। ସହକାରୀ ନୋଡାଲ୍ ଅଫିସର ଭୂପତି ଭୂଷଣ ପ୍ରଧାନ ସ୍ୱାଗତ ଭାଷଣ ସହ ବିବରଣୀ ପାଠ କରିଥିଲେ। ଅଧ୍ୟାପିକା ସରସ୍ୱତୀ ଦେଉରୀ ଧନ୍ୟବାଦ ଅର୍ପଣ କରିଥିଲେ।

**ବାଙ୍କୀ:** ଓଡ଼ିଶା ସରକାରଙ୍କ ତରଫରୁ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଅନ୍ତର୍ଗତ ସାମାଜିକ କାର୍ଯ୍ୟକ୍ରମ ବାଙ୍କୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଉଦ୍‌ଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଅଖିଳ ବୀରବର ହରିଚନ୍ଦନ ଯୋଗଦେଇଥିଲେ। ଆୟୋଜିତ ଉତ୍ସବରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର ସଭାପତିତ୍ୱ କରିଥିଲେ। ନୋଡାଲ୍ ଅଫିସର ଅଧ୍ୟାପିକା ସରସ୍ୱତୀ ଦେଉରୀ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ନିରଞ୍ଜନ ମହାନ୍ତି, ସମ୍ମାନୀତ ଅତିଥି ଭାବେ ରାଜନୀତି ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ ଓ ପ୍ରାଧ୍ୟାପିକା ଗାୟତ୍ରୀ ନାୟକ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ଭୂପତି ଭୂଷଣ ପ୍ରଧାନ ପରିଚାଳନା କରିଥିବା ବେଳେ ସହକାରୀ ନୋଡାଲ୍ ଅଫିସର ଅଧ୍ୟାପକ ପ୍ରକାଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

**ବାଙ୍କୀ:** ଡମପଡ଼ା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଜି ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ, ଭାଷା, ସାହିତ୍ୟ, ସଂସ୍କୃତି ଓ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ ଆଲୋଚନା ଚକ୍ର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ସଚ୍ଚିଦାନନ୍ଦ ସାମଲ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଗବେଷକ ଡ. ଗଣେଶ୍ୱର ସ୍ୱାଇଁ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥିଭାବେ କୁମାର ଅମୀୟ ଓ ଅଶୋକ ଗିରି ଯୋଗଦେଇଥିଲେ। ଅଧ୍ୟାପକ ଜଗଦୀଶ ହରିଚନ୍ଦନ ସଭା ପରିଚାଳନା କରିଥିଲେ। ଅଧ୍ୟାପକ ସୁଶାନ୍ତ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

**ବାଙ୍କୀ:** ରାଣୀ ଶୁକଦେଈ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ସଭା ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବାଙ୍କୀର ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ଶଙ୍କର ହୋତା ଏବଂ ସମ୍ମାନୀତ ଅତିଥି ଭାବେ ଯୁକ୍ତ ଦଇ ଅଧ୍ୟକ୍ଷ ରାଜକିଶୋର ପାଲ୍ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅଧ୍ୟକ୍ଷା କବିତା ମହାପାତ୍ର ସଭାରେ ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପିକା ଜୀବନଜ୍ୟୋତି ଛାଟୋଇ ବିବରଣୀ ପଠନ କରିଥିଲେ। ଶେଷରେ କ୍ରୀଡ଼ା ଶିକ୍ଷକ ନିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**କିଶନନଗର:** କିଶୋନଗର ମହାବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ-୨୦୨୪ ଉପଲକ୍ଷେ ତଥା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ପରିପ୍ରେକ୍ଷୀରେ ମହାବିଦ୍ୟାଳୟସ୍ତରରେ 'ନୂଆ-ଓ' କାର୍ଯ୍ୟକ୍ରମ ଅନ୍ତର୍ଗତ ଓଡ଼ିଆ ଭାଷା ଓ ସାହିତ୍ୟ' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଆଲୋଚକ ଭାବେ କବି, ସମାଲୋଚକ, ପ୍ରାକ୍ତନ ଅଧ୍ୟକ୍ଷ ଡ଼ ଗୌତମ ଜେନା, ସମ୍ମାନିତ ଆଲୋଚକ ଭାବେ ଖ୍ୟାତନାମା ସମାଲୋଚକ, ସୁସାହିତ୍ୟିକ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼ ବେଣୁଧର ପାଢ଼ୀ ଯୋଗଦେଇଥିଲେ। ଏହି ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଅଭୟ ସ୍ୱାଇଁ ପୌରୋହିତ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମର ସଂଯୋଜକ ଅଧିକାରୀ ଡ଼ ଅନାଦି ଚରଣ ବରାଳ ଆଲୋଚନାଚକ୍ରର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ପ୍ରଫେସର୍ ଶାରଦା ପ୍ରସନ୍ନ ମହାପାତ୍ର ବକ୍ତବ୍ୟ ରଖିଥିଲେ। ଆଲୋଚନାଚକ୍ରର ଶେଷ ପର୍ଯ୍ୟାୟରେ ଅଧ୍ୟାପକ ବିନୟ ଭୂଷଣ ମହାପାତ୍ର ଆଲୋଚନାଚକ୍ରର ସଫଳତା ଉପରେ ଆଲୋକପାତ କରିଥିବା ବେଳେ ଅଧ୍ୟାପିକା ଲୀଜାଲିନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟ




ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ



ବାଙ୍କୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ



ଡମପଡ଼ା ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ



ରାଣୀ ଶୁକଦେଈ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ



କିଶୋରନଗର କଲେଜ

# ଦୁର୍ଘଟଣାରେ ନିର୍ଦ୍ଦେଶକ ସୁଧାକର ବସନ୍ତ ଗୁରୁତର

- ମଙ୍ଗୁଳି ଛକରେ ମର୍ମନ୍ତୁଦ ଦୁର୍ଘଟଣା
- ଗୁରୁତର ଅବସ୍ଥାରେ ସୁଧାକର ଏସ୍‌ସିବିରେ ଭର୍ତ୍ତି

**କଟକ/ମଙ୍ଗୁଳି/ଟାଙ୍ଗୀ, ୨୧।୧(ସମିସ):** ଓଲିଉଡ୍‌ର ଖ୍ୟାତନାମା ନିର୍ଦ୍ଦେଶକ ସୁଧାକର ବସନ୍ତ ମଙ୍ଗୁଳି ଛକରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାର ଶିକାର ହୋଇଛନ୍ତି। ତାଙ୍କ ମୁଣ୍ଡର ସାମ୍ନାପଟରେ ଗଭୀର ଆଘାତ ଲାଗିଥିବା ବେଳେ ମୁହଁ ଓ ନାକ ମଧ୍ୟ ଫାଟିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଏସ୍‌ସିବିରେ ଭର୍ତ୍ତି କରାଯାଇଛି। ଟ୍ରମା କାଜୁଆଲିଟିରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ତାଙ୍କୁ ଟ୍ରମା ୱାର୍ଡରେ ରଖାଯାଇଛି। ସୁଧାକରଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଛି।



ଟାଙ୍ଗୀ ଥାନା ଅନ୍ତର୍ଗତ ମଙ୍ଗୁଳି ଛକରେ ଶନିବାର ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିଥିଲା। ଚଣ୍ଡିଖୋଲ ପଟୁ ଦ୍ରୁତ ଗତିରେ ଆସୁଥିବା ଏକ କାର(ଓଡି-୧୭-ଡି-୪୮୯୧) ରାସ୍ତା କଡ଼ରେ ପାର୍କିଂ ହୋଇଥିବା ଏକ ଟ୍ରକ୍‌କୁ ଧକ୍କା ଦେଇଥିଲା। କାର୍‌ଟି ସାମ୍ନା ପଟୁ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା। ନିର୍ଦ୍ଦେଶକ ସୁଧାକରଙ୍କୁ ମିଶାଇ କାର୍ ଭିତରେ ମୋଟ ୩ଜଣ ଥିଲେ। ସ୍ଥାନୀୟ ଲୋକେ ଦୁର୍ଘଟଣା ସଂକ୍ରାନ୍ତରେ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। କାର୍ ଡ୍ରାଇଭରଙ୍କ ମୁଣ୍ଡ ଫାଟିଥିବା ବେଳେ ପଛ ସିଟ୍‌ରେ ବସିଥିବା ଓଲିଉଡ୍‌ର ଜଣେ ସହଯୋଗୀ ନିର୍ଦ୍ଦେଶକ ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି। ମାତ୍ର ଡ୍ରାଇଭର ପାଖ ସିଟରେ ବସିଥିବା ସୁଧାକର ଗୁରୁତର ଭାବେ ଆହତ ହୋଇଛନ୍ତି। ଏପରିକି ତାଙ୍କୁ ଉଦ୍ଧାର କରିବାକୁ ଯାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ହାଇଡ୍ରୋଲିକ ରେସକ୍ୟୁ ଗିଅର ଦ୍ୱାରା କାର୍‌ଟିକୁ କାଟିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର ହୋଇଥିବା ସୁଧାକରଙ୍କୁ ତୁରନ୍ତ ଏସ୍‌ସିବି ମେଡିକାଲ ଅଣାଯାଇଥିଲା। ପ୍ରକାଶଥାଉକି, ବାରିପଦାରୁ ସୁଟିଂ ସାରି ସୁଧାକର ଭୁବନେଶ୍ୱର ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

## ଓଡ଼ିଶାର ସମୃଦ୍ଧି ସୁନିଶ୍ଚିତ କରିବ ଜଳମାର୍ଗ

# ଅର୍ଥନୈତିକ ଦ୍ୱାର ସାଜିବ ସୁବର୍ଣ୍ଣରେଖା, ଜଟାଧାରୀ ଓ ଅସ୍ତରଙ୍ଗ

**ଭୁବନେଶ୍ୱର,୨୧।୧(ସମିସ):** ଓଡ଼ିଶାରେ ଥିବା ବନ୍ଦରର ପଣ୍ୟ ପରିଚାଳନା କ୍ଷମତା ବୃଦ୍ଧି ପାଇବା ସହ କର୍ମ ନିଯୁକ୍ତିରେ ବ୍ୟାପକ ସମ୍ଭାବନା ସୃଷ୍ଟି ହେଉଛି। ରାଜ୍ୟରେ ଏବେ ତିନିଟି ବନ୍ଦର କାର୍ଯକ୍ଷମ ଥିବା ବେଳେ ଆଉ ଦୁଇଟି କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଓଡ଼ିଶା ବନ୍ଦର ନୀତି ଆଧାରରେ ରାଜ୍ୟ ସରକାର ବନ୍ଦରର ବିକାଶ ସହିତ ଆର୍ଥିକ ଅଭିବୃଦ୍ଧି ସୁନିଶ୍ଚିତ କରିବା ଦିଗରେ ନେଇଥିବା ବିହିତ ପଦକ୍ଷେପ ଓଡ଼ିଶାରେ ଶିଳ୍ପାୟନ ଅଭିବୃଦ୍ଧିକୁ ସୁନିଶ୍ଚିତ କରୁଛି।

ପରିବହନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ୨୦୦୧-୦୨ରେ ଓଡ଼ିଶାରେ ଥିବା ବନ୍ଦର ବାର୍ଷିକ ମାତ୍ର ୧୯.୯ ମେଟ୍ରିକ୍ ଟନ୍ ଥିବା ବେଳେ ୨୦୨୨-୨୩ରେ ତାହା ୧୬୦ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇଛି। ନୂଆ କରି ପ୍ରତିଷ୍ଠା ହୋଇଥିବା ଧାମରା ବନ୍ଦର ନିଜର କାର୍ଯ୍ୟ ପରିସର ବୃଦ୍ଧି କରିବାରେ ସଫଳତା ପାଇଛି। ୨୦୧୮ ରୁ ମାର୍ଚ୍ଚ ୨୦୨୩ ମଧ୍ୟରେ ଏହି ବନ୍ଦର ୬୩୧୫ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ସେହିପରି ଅଣ ପ୍ରମୁଖ ବନ୍ଦର ତଥା କ୍ୟାପ୍ଟିଭ୍ ଜେଟି ଜଟାଧାରୀ ମୁହାଣ ୨୦, ୦୦୦ରୁ ଅଧିକ ଲୋକଙ୍କୁ କର୍ମନିଯୁକ୍ତି ଦେବ ବୋଲି ବିଭାଗ ଆକଳନ କରିଛି।

୨୦୦୪ ମସିହାରେ ଓଡ଼ିଶା ବନ୍ଦର ନୀତିରେ ୧୪ଟି ସମ୍ଭାବ୍ୟ ସ୍ଥାନକୁ ଅଣ-ପ୍ରମୁଖ ବନ୍ଦର ଭାବେ ଚିହ୍ନଟ କରାଯାଇଥିବା ବେଳେ ତାହାର ବିକାଶ ପାଇଁ ପଦକ୍ଷେପ ନିଆଯାଉଛି। ଦେଢ଼ ବର୍ଷ ତଳେ ପ୍ରକାଶ ପାଇଥିବା ସଂଶୋଧିତ ଓଡ଼ିଶା ବନ୍ଦର ନୀତି-୨୦୦୨ ନୀତିରେ କ୍ୟାପ୍ଟିଭ୍ ଜେଟି, ଅଣ-ପ୍ରମୁଖ ବନ୍ଦର ଏବଂ ଅଣ-ଜାତୀୟକରଣ ଆଭ୍ୟନ୍ତରୀଣ ଜଳପଥର ବିକାଶକୁ ପ୍ରାଥମିକତା ଦିଆଯାଇଛି। ଜଟାଧାରୀ ମୁହାଣ କ୍ୟାପ୍ଟିଭ୍ ଜେଟି ବିକଶିତ କରିବା ପାଇଁ ଓଡ଼ିଶା ସରକାର ଓ ଜେଏସ୍‌ଡବ୍ଲ୍ୟୁ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ରାଜ୍ୟରେ ତିନିଟି ବନ୍ଦର କାର୍ଯ୍ୟକ୍ଷମ ଥିବା ବେଳେ ସୁବର୍ଣ୍ଣରେଖା, ଜଟାଧାରୀ ଓ ଅସ୍ତରଙ୍ଗ ବନ୍ଦର ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉଛି। ସେହିପରି କ୍ରୁଜ୍ ସିପିଂ, ସାମୁଦ୍ରିକ ପର୍ଯ୍ୟଟନ, ଉପକୂଳ ଅର୍ଥନୈତିକ ଜୋନ୍, ଜାହାଜ ନିର୍ମାଣ ଓ ମରାମତି ସୁବିଧା, ସି-ପ୍ଲେନ୍ ଆଦି ପ୍ରକଳ୍ପ ଓଡ଼ିଶା ନୌବାଣିଜ୍ୟ ବୋର୍ଡ ଦ୍ୱାରା ସମ୍ପାଦିତ ହେଉଛି।

ପରିବହନ ବିଭାଗର ବରିଷ୍ଠ ଅଧିକାରୀ କହିଛନ୍ତି, ସମ୍ପ୍ରତି ଆମ ରାଜ୍ୟରେ ପାରାଦ୍ୱୀପ ବନ୍ଦର ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ହେଉଥିବା ବେଳେ ଗୋପାଳପୁର ଓ ଧାମରା ବନ୍ଦର ପରିଚାଳନା ଦାୟିତ୍ୱ ରାଜ୍ୟ ସରକାରଙ୍କ ଉପରେ ରହିଛି। ଗୋପାଳପୁର ଓ ଧାମରା ବନ୍ଦର ଇତିମଧ୍ୟରେ ନିଜର ଆଧିପତ୍ୟ ବିସ୍ତାର କରିସାରିଛନ୍ତି। ଟାଟା କମ୍ପାନୀ ସହାୟତାରେ ସୁବର୍ଣ୍ଣରେଖା ବନ୍ଦର ବିକାଶ କରାଯାଉଥିବା ବେଳେ ଅସ୍ତରଙ୍ଗ ବନ୍ଦର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଅପରପକ୍ଷେ ଜଟାଧାରୀ ମୁହାଣରେ କ୍ୟାପ୍ଟିଭ୍ ଜେଟି ପ୍ରତିଷ୍ଠା ପାଇଁ ଜେଏସ୍‌ଡବ୍ଲୁ ସହିତ ବୁଝାମଣାପତ୍ର ସ୍ୱାକ୍ଷର ପରେ ଭିତ୍ତିଭୂମି କାମ ଆରମ୍ଭ ହୋଇଛି। ରାଜ୍ୟରେ ପଣ୍ୟ ପରିବହନ କ୍ଷେତ୍ରରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ପାଇଛି। ବିଶେଷକରି ଭାରତ ସରାକାରଙ୍କ ଲିଡ୍ ସଂସ୍ଥା ଦ୍ୱାରା ସୁବିଧାଜନକ ପଣ୍ୟ ପରିବହନରେ ଓଡ଼ିଶାକୁ ଆଚିଭର୍ ବର୍ଗରେ ସ୍ଥାନିତ କରାଯାଇଛି। ସେହିପରି ଆଭ୍ୟନ୍ତରୀଣ ଜଳ ମାର୍ଗର ବିକାଶ ରାଜ୍ୟ ସରକାର ନିଜ ଉଦ୍ୟମରେ କରୁଥିବା ବେଳେ କେନ୍ଦ୍ର ସରକାରଙ୍କ ସହାୟତାରେ ରେଳ ଏବଂ ଜାତୀୟ ରାଜମାର୍ଗର ବିକାଶ କରାଯାଉଛି। ଏସବୁ ଦୃଷ୍ଟିରୁ ୪୮୦ କିମି ପରିବ୍ୟାପ୍ତ ସମୁଦ୍ର ଉପକୂଳକୁ ନେଇ ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇଛି। ଓଡ଼ିଶା ନୌକା ନୀତିରେ ସଂଶୋଧନ କରିବା ଲାଗି ଏକ ଜାତୀୟ ଅନୁଷ୍ଠାନ ସହିତ ବୁଝାମଣା ସ୍ୱାକ୍ଷରିତ ହୋଇଛି।

- ପଣ୍ୟ ପରିଚାଳନା କ୍ଷମତା ସହ ବ୍ୟାପକ ନିଯୁକ୍ତି ସୁଯୋଗ
- କ୍ୟାପ୍ଟିଭ୍ ଜେଟି, ଅଣ-ପ୍ରମୁଖ ବନ୍ଦର ସହିତ ବୃହତ ବନ୍ଦର ଉପରେ ଗୁରୁତ୍ୱ
- ସଂଶୋଧିତ ହେବ ଓଡ଼ିଶା ନୌକା ନୀତି

# ପୂର୍ବତଟ ରେଳବାଇ ପଦୋନ୍ନତି ସଂଘର ବନ୍ଧୁମିଳନ

**ଭୁବନେଶ୍ୱର, ୨୧।୧(ସମିସ):** ପୂର୍ବତଟ ରେଳବାଇ ପଦୋନ୍ନତି ସଂଘ (ଇସିଓଆରପିଓଏ)ର ବାର୍ଷିକ ସମାବେଶ ସ୍ଥାନୀୟ ଚନ୍ଦକା ନିକଟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶହେରୁ ଅଧିକ ରେଳବାଇ ପଦୋନ୍ନତି ଅଧିକାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ଏକତ୍ରିତ ହୋଇଥିଲେ। ଚନ୍ଦକାର ପ୍ରାକୃତିକ ପରିବେଶର ସୁନ୍ଦର ପୃଷ୍ଠଭୂମିରେ ଏହି ବାର୍ଷିକ ସମାବେଶ ରେଳବାଇ ପଦୋନ୍ନତି ଅଧିକାରୀମାନଙ୍କୁ ଏକ ଦୃଢ଼ ବନ୍ଧନ ସ୍ଥାପନ କରିବା ପାଇଁ ଏକ ସୁଯୋଗ ପ୍ରଦାନ କରିଥିଲା। ଉଭୟ ଅଧିକାରୀ ଓ ସେମାନଙ୍କ ପରିବାର, ଆନନ୍ଦ ଓ ସମ୍ପର୍କରେ ପରିପୂର୍ଣ୍ଣ ଏକ ସ୍ମରଣୀୟ ଦିନକୁ ଉପଭୋଗ କରିଥିଲେ। ବାର୍ଷିକ ବନ୍ଧୁମିଳନ କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ଏହା ଆମ ରେଳ ସମ୍ପ୍ରଦାୟର ଶକ୍ତି ଓ ଏକତାର ପ୍ରମାଣ ବୋଲି ସାଧାରଣ ସମ୍ପାଦକ ସରୋଜ କୁମାର ସାହୁ କହିଥିଲେ।



# ଗଞ୍ଜାମ ଜିଲ୍ଲାରେ ଆଜି ଖୋଲିବ ପ୍ରଥମ ମିଲେଟ୍ ମଣ୍ଡି

**ବ୍ରହ୍ମପୁର, ୨୧।୧(ସମିସ):** ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଗଠିତ ହୋଇଛି ଓଡ଼ିଶା ମିଲେଟ ମିଶନ। 'ମିଲେଟ ବା ମାଣ୍ଡିଆ'ର ବ୍ୟବହାରିକ ଉପଯୋଗିତା ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ବିଭାଗ ପକ୍ଷରୁ ନିଆଯାଇଛି ଭିନ୍ନଭିନ୍ନ ପଦକ୍ଷେପ। କୃଷି ଓ କୃଷକଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ଗଠିତ ଏହି ମିଶନ ଜରିଆରେ ମିଲେଟର ପ୍ରଚାର ଓ ପ୍ରସାର ବହୁଳ ଭାବେ କରାଯାଇଛି। ଏଥି ସହିତ ଚାଷୀଙ୍କୁ ମିଲେଟ ପ୍ରତି ଉତ୍ସାହିତ କରିବା ଲାଗି ପ୍ରତିବର୍ଷ ମିଲେଟର କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରାଯାଉଛି। ୨୦୧୯-୨୦ମସିହାରେ କ୍ୱିଣ୍ଟାଲ ପିଛା ମିଲେଟର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୫୦ଟଙ୍କା ଥିବା ବେଳେ ୨୦୨୦-୨୧ରେ ୩୨୯୫, ୨୦୨୧-୨୨ରେ ୩୩୭୭, ୨୦୨୨-୨୩ରେ ୩୫୭୮ ଓ ୨୦୨୩-୨୪ରେ ପୁଣି ବୃଦ୍ଧି ପାଇ ବର୍ତ୍ତମାନ ଏହା ୩୮୪୬ ଟଙ୍କାରେ ପହଞ୍ଚିଛି। ପ୍ରତ୍ୟେକ ଚାଷୀଙ୍କ ଠାରୁ ହେକ୍ଟର ପିଛା ୧୦କ୍ୱିଣ୍ଟାଲ ମିଲେଟ ସଂଗ୍ରହ କରାଯିବାକୁ ସ୍ଥିର ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।

- ୨୫ ସୁଦ୍ଧା ସମସ୍ତ ୭ଟି ବ୍ଲକରେ ଖୋଲିବ ମୋଟ ୩୮ଟି ମଣ୍ଡି
- ୩୭ ହଜାର କ୍ୱିଣ୍ଟାଲ୍ ମିଲେଟ ସଂଗ୍ରହ ପାଇଁ ଲକ୍ଷ୍ୟ
- କ୍ୱିଣ୍ଟାଲ ପିଛା ମିଲେଟର ମୂଲ୍ୟ ୩୮୪୬ଟଙ୍କାକୁ ବୃଦ୍ଧି

## ଶୁଦ୍ଧି କାମକୁ ଯିବା ବେଳେ ବାଇକ୍‌କୁ ପିଟିଲା ଟ୍ରକ୍

# ପରିବାରର ୩ ମୃତ

**ଭଦ୍ରକ, ୨୧।୧ (ସମିସ):** ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାଣୀତାଲ ହାଇଟେକ୍ କଲେଜ ଆଗରେ ଆଜି ମଧ୍ୟାହ୍ନରେ ଏକ ମର୍ମନ୍ତୁଦ ଦୁର୍ଘଟଣା ୩ ଜଣଙ୍କ ଜୀବନ ନେଇଛି। ମୃତକମାନେ ହେଲେ, ତିହିଡି ଥାନା ଭାଟପଡ଼ା ପଞ୍ଚାୟତ ପୁରୁଣାହାଟ ପ୍ରଧାନସାହି ଗ୍ରାମର ତିନି ଯୁବକ ଜିତୁ ପ୍ରଧାନ, ବାପି ପ୍ରଧାନ ଓ ଶଙ୍କୁର ପ୍ରଧାନ। ମୃତକମାନେ ଗୋଟିଏ ପରିବାରର ବୋଲି ଜଣାଯାଇଛି। ସୂଚନାନୁସାରେ, ଏକ ଦଶାହ କାମରେ ଯୋଗଦେବା ପାଇଁ ଆଜି ମଧ୍ୟାହ୍ନରେ ୩ଜଣ ଯାକ ଏକ ବାଇକ୍‌ରେ ସୋର ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ୧୬ ନମ୍ବର ଜାତୀୟ ରାଜପଥର ରାଣୀତାଲ ହାଇଟେକ୍ କଲେଜ ପାଖରେ ପଛରୁ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଘଟଣାସ୍ଥଳରେ ହିଁ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଗ୍ରାମାଞ୍ଚଳ ଥାନା ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ଲାଗି ଭଦ୍ରକ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା। ଏହି ଘଟଣା ପ୍ରଚାରିତ ହେବା ପରେ ମୃତକଙ୍କ ପରିବାର ଓ ଗାଁରେ ଶୋକ ପ୍ରକାଶ ପାଇଛି। ଅପରପକ୍ଷେ, ଦୁର୍ଘଟଣା ବେଳେ ବର୍ଷା ହେଉଥିବାରୁ ନିର୍ଜନତାର ସୁଯୋଗ ନେଇ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ଟି ଘଟଣାସ୍ଥଳରୁ ଖସି ପଳାଇଥିଲା। ପୁଲିସ ଉକ୍ତ ଟ୍ରକ୍‌କୁ ଠାବ କରିବାକୁ ଚେଷ୍ଟା ଚଳାଇଛି। ଏନେଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

# ଅଲିଭ୍‌ରିଡଲେଙ୍କ ପରେ ଗହୀରମଥା ପାଲଟିଛି ଡଲ୍‌ଫିନ୍‌ଙ୍କ ଏନ୍ତୁଡ଼ିଶାଳ

**ରାଜନଗର, ୨୧।୧(ସମିସ):** ପ୍ରକୃତିରାଣୀ ଭିତରକନିକା ସୌନ୍ଦର୍ଯ୍ୟଭରା ପ୍ରାକୃତିକ ବିଭବରେ ଏବେ ଦେଶବିଦେଶର ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ସହିତ ଆତ୍ମବିଭୋର କରୁଛି। ଏବେ ପର୍ଯ୍ୟଟନ ଋତୁ ଚାଲିଥିବା ବେଳେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ମାଳମାଳ ଅଲିଭ୍‌ରିଡଲେ କଇଁଛଙ୍କ ସମାଗମ ଏବଂ ବିଦେଶାଗତ ପକ୍ଷୀଙ୍କ ସମାଗମ ଭିତରକନିକା ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଛି। ଏବେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଓ ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀର ମୁହାଣଗୁଡ଼ିକରେ ଡଲଫିନ୍‌ମାନଙ୍କ ଜଳକ୍ରୀଡ଼ା ପର୍ଯ୍ୟଟକମାନଙ୍କୁ ବେଶି ଆକର୍ଷିତ କରୁଛି।



ରାଜନଗର ବନବିଭାଗ ପକ୍ଷରୁ ଡଲଫିନ୍ ଗଣନା ଚଳିତ ମାସ ୨୦ ତାରିଖଠାରୁ ଆରମ୍ଭ ହୋଇ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ମିଳିଥିବା ସୂଚନା ମୁତାବକ ଚିଙ୍ଗିରି ମୁହାଁଣ ଠାରୁ ଅଗରନାସୀ ମଧ୍ୟରେ ଗଣନାକାରୀ ଟିମ୍ ଇରାୱାଡି ଡଲଫିନ୍‌ଙ୍କ ୫ଟି ଗ୍ରୁପକୁ ଦେଖିବାକୁ ପାଇଥିବା ବେଳେ ବାବୁବାଲିରୁ ଏକକୂଳା ମଧ୍ୟରେ ଗଣନାକାରୀ ଟିମ୍ ଗୋଟିଏ ଗ୍ରୁପରେ ଶତାଧିକ ଡଲଫିନଙ୍କୁ ଦେଖିଥିବା ସୂଚନା ମିଳିଛି। ଇରାୱାଡି ଡଲଫିନ ସହିତ ହମ୍ପବ୍ୟାକ୍, ବଟଲନୋଜ, ସ୍ପିନର ପ୍ରଜାତିର ଡଲଫିନ ଦେଖିବାକୁ ମିଳୁଛନ୍ତି। ଗତ ୨ ବର୍ଷ ଧରି ଡିସେମ୍ବରରେ ଡଲଫିନ୍ ଗଣନା କରାଯାଇଥିଲା। ପାଗ ଅନୁକୂଳ ଥିବାରୁ ଅଧିକ ସଂଖ୍ୟାରେ ଡଲଫିନ୍ ଦେଖିବାକୁ ମିଳିଥିଲା। ଏହି ଖବର ଭିତରକନିକା ଓ ଗହୀରମଥା ପାଇଁ ନୂତନ ଅଧ୍ୟାୟ ସୃଷ୍ଟି କରିଛି।

ଏଠାରେ ସୂଚନାଯୋଗ୍ୟ ପୂର୍ବରୁ କେବଳ ଚିଲିକାରେ ଡଲଫିନ୍ ଗଣନା କରାଯାଉଥିଲା। ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ନିଷ୍ପତ୍ତିକ୍ରମେ ୨୦୧୫ମସିହାଠାରୁ ଭିତରକନିକା ଅଞ୍ଚଳରେ ଡଲ୍‌ଫିନ୍ ଗଣନା କରାଯାଉଛି। ଭିତରକନିକା ଅଞ୍ଚଳରେ ଡଲ୍‌ଫିନ୍ ଗଣନା ପାଇଁ ଚଳିତବର୍ଷ ୯ଟି ଟିମ୍ ଗଠନ କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ ଭିତରକନିକାରେ ୫ପ୍ରକାର ଡଲ୍‌ଫିନ୍ ଦେଖା ଯାଇଥାନ୍ତି। ଗତବର୍ଷ ଗଣନା ସମୟରେ ସାରା ଓଡ଼ିଶାରେ ୭୩୩ଟି ଡଲଫିନ ଚିହ୍ନଟ ହୋଇଥିବା ବେଳେ ସେଥିମଧ୍ୟରୁ ଗହୀରମଥା ଓ ଭିତରକନିକାରେ ୫୫୦ଟି ଡଲଫିନ୍ ଚିହ୍ନଟ ହୋଇଥିଲା। ନବେ ଦଶକରୁ ଗହୀରମଥା ଓ ଭିତରକନିକା ବଉଳା କୁମ୍ଭୀର ଏବଂ ଅଲିଭରିଡ୍‌ଲେ କଇଁଛଙ୍କ ଏନ୍ତୁଡ଼ିଶାଳ ଭାବେ ପରିଚିତ ଥିବା ବେଳେ ଏବେ ଡଲଫିନ୍‌ମାନଙ୍କ ସର୍ବାଧିକ ସମାଗମ ପୁଣି ପର୍ଯ୍ୟଟନ ମାନଚିତ୍ରରେ ଭିତରକନିକା ଗହୀରମଥା ଡଲଫିନଙ୍କ ପାଇଁ ଆଉ ପାଦେ ଆଗକୁ ଯିବା ସହ ଡଲଫିନଙ୍କ ଏନ୍ତୁଡିଶାଳ ହେବାକୁ ଯାଉଛି।

# ଟ୍ରାକ୍ଟର୍ ଓଲଟି ୮ ଆହତ; ୩ ଗୁରୁତର

**ଭାପୁର, ୨୧।୧ (ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଶ୍ରୀରାମ ପାହାଡ଼ରୁ ମନ୍ଦିର ଓ ଯଜ୍ଞ ଦେଖି ଏକ ଟ୍ରାକ୍ଟର୍‌ରେ କିଛି ବ୍ୟକ୍ତି ଘରକୁ ଫେରୁଥିଲେ। ପାହାଡ଼ରୁ ସନ୍ଧ୍ୟାରେ ତଳକୁ ଫେରିବା ସମୟରେ ପାହାଡ଼ ଚଢୁଥିବା ଏକ ବାଇକ୍‌କୁ ସାଇଡ୍ ଦେବାକୁ ଯାଇ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ସମସ୍ତଙ୍କୁ ସଙ୍ଗେସଙ୍ଗେ ଭାପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏଥିରେ ବସିଥିବା ଆଠ ଜଣ ବ୍ୟକ୍ତି ଆହତ ହୋଇଥିବା ବେଳେ ତିନି ଜଣ ଗୁରୁତର ଥିବାରୁ ସେମାନଙ୍କୁ ଖୋର୍ଦ୍ଧା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଆହତ ବ୍ୟକ୍ତିମାନେ ଭାପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରି ଯାଇଛନ୍ତି।

# ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ପାଇଁ ଓଡ଼ିଶାରେ ସ୍ୱତନ୍ତ୍ର ସଂଯୋଜକ ନିଯୋଜିତ

**ଭୁବନେଶ୍ୱର, ୨୧।୧(ସମିସ):** କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାର ସଠିକ୍ ପରିଚାଳନା ଏବଂ ସମନ୍ୱୟ ପାଇଁ ଏଆଇସିସି ପକ୍ଷରୁ ବିଭିନ୍ନ ରାଜ୍ୟ ପାଇଁ ସ୍ୱତନ୍ତ୍ର ସଂଯୋଜକ ଭାବେ ଏଆଇସିସି ସମ୍ପାଦକମାନଙ୍କୁ ନିଯୋଜିତ କରାଯାଇଛି। ଓଡ଼ିଶା ପାଇଁ ଏଆଇସିସି ସମ୍ପାଦକ ବି.ଏମ ସନ୍ଦୀପ ଓ ରାମକୃଷ୍ଣ ଓଝା ସ୍ୱତନ୍ତ୍ର ସଂଯୋଜକ ଭାବେ କାର୍ଯ୍ୟ ନିର୍ବାହ କରିବେ। ନିଯୋଜିତ ହୋଇଥିବା ସ୍ୱତନ୍ତ୍ର ସଂଯୋଜକମାନେ ତୁରନ୍ତ କାର୍ଯ୍ୟଭାର ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଏଆଇସିସି ସାଧାରଣ ସମ୍ପାଦକ (ସଂଗଠନ) ଭେନୁ ଗୋପାଳ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

# ଧାନମଳା ଗାଡ଼ି ଓଲଟି ଜଣେ ମୃତ

**ପାତ୍ରପୁର, ୨୧।୧(ସମିସ):** ପାତ୍ରପୁର ବ୍ଲକ ଆମୁଣ୍ଡି ଗ୍ରାମରେ ଧାନମଳା ଗାଡ଼ି ଓଲଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ମହିଳା ଗୁରୁତର ହୋଇଛନ୍ତି। ମୃତକ ହେଲେ ଶାସନ ଗ୍ରାମର ମାଧବ ନାଇକଙ୍କ ପତ୍ନୀ ଝୁନୁ ନାଇକ (୪୦) ବୋଲି ଜଣାପଡ଼ିଛି। ଧାନ ଅମଳ ସାରି ଦୁଇ ମହିଳା ଶ୍ରମିକ ଉକ୍ତ ଗାଡ଼ିରେ ଫେରିବା ବାଟରେ ମେସନ୍‌ଟି ଓଲଟି ପଡ଼ିବାରୁ ଉଭୟ ଚାପି ହୋଇ ଯାଇଥିଲେ।



ରାମଂ ଲକ୍ଷ୍ମଣ ପୂର୍ବଜଂ ରଘୁବରମ୍ ସୀତାପତିଂ ସୁନ୍ଦରମ୍ / କାକୁତ୍ସ୍ଥଂ କରୁଣାର୍ଣ୍ଣବଂ ଗୁଣନିଧିଂ ବିପ୍ରପ୍ରିୟଂ ଧାର୍ମିକମ୍
ରାଜେନ୍ଦ୍ରଂ ସତ୍ୟସନ୍ଧଂ ଦଶରଥ ତନୟଂ ଶ୍ୟାମଳଂ ଶାନ୍ତମୂର୍ତ୍ତିମ୍ । / ବନ୍ଦେ ଲୋକାଭିରାମଂ ରଘୁକୁଳ ତିଳକଂ ରାଘବଂ ରାବଣାରିମ୍
-ଶ୍ରୀରାମରକ୍ଷା ସ୍ତୋତ୍ରମ୍

ସକାଳ
THE SAKALA

# ଭାରତୀୟ ମାନସ-ଅଯୋଧ୍ୟାରେ ରାମଲାଲା ଚିରକାଳ !

ପବିତ୍ର ଅଯୋଧ୍ୟା କୋଳରେ ସରଯୁର ପବିତ୍ର ଧାରା ଆଜି କେତେ ଉତଫୁଲ୍ଲିତ ହେଉନଥିବ ସତେ ! ଆଜି ପ୍ରଭୁ ରାମଲାଲାଙ୍କର ନବନିର୍ମିତ ବିଗ୍ରହରେ ପ୍ରାଣ ପ୍ରତିଷ୍ଠା କରିବେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ! ସେଥିପାଇଁ ଭବ୍ୟ ମନ୍ଦିର ନିର୍ମିତ ହୋଇସାରିଛି ଅଯୋଧ୍ୟାରେ ।

କେବଳ ଭାରତ ନୁହେଁ, ବରଂ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ଆଜି ଉଦଗ୍ରୀବ ହୋଇ ଅପେକ୍ଷା କରିଛି ସେହି ଦିବ୍ୟମୁହୂର୍ତ୍ତକୁ ଯେତେବେଳେ ବାଳକ ରାମଙ୍କର ବିଗ୍ରହ ପ୍ରାଣବନ୍ତ ହେବ ଉଦଗୀତ ବେଦମନ୍ତ୍ର ଉଚ୍ଚାରଣ ମଧ୍ୟରେ, ସେହି ସ୍ଥାନରେ, ଯେଉଁଠି ମର୍ଯ୍ୟାଦା ପୁରୁଷୋତ୍ତମ ସ୍ୱୟଂ ପରମବ୍ରହ୍ମ ଅବତାର ନେଇ ପୃଥିବୀ ପୃଷ୍ଠରେ ପଦାର୍ପଣ କରିଥିଲେ । ମାଆ କୌଶଲ୍ୟା ପ୍ରଥମ ଥର ପାଇଁ ମା' ଡାକ ଶୁଣିଥିଲେ ! ଦଶରଥଙ୍କ ରାଜପ୍ରାସାଦରେ ପ୍ରଥମ କୁଆଁକୁଆଁ କ୍ରନ୍ଦନ ଶୁଣା ଯାଇଥିଲା ! ଆଜି ସେଇଭଳି ଗୋଟିଏ ଅତି ପବିତ୍ର ଦିନ ପୁଣି ଆସିଛି ଅଯୋଧ୍ୟା ନଗରୀ ଭାଗ୍ୟରେ, ସରଯୁ ନଦୀର ଭାଗ୍ୟରେ ଏବଂ ଆମ ସମସ୍ତ ଭାରତବାସୀଙ୍କ ଭାଗ୍ୟରେ! ଆଜି ଏକବିଂଶ ଶତାବ୍ଦୀରେ ଆମେ ଦେଖିବା ଆମ ସମସ୍ତଙ୍କ ମାନସ-ଅଯୋଧ୍ୟାରେ ବିଷ୍ଣୁ ଅବତାର ଶ୍ରୀରାମଚନ୍ଦ୍ରଙ୍କ ପୁନଃ ଲୋକାବତରଣ !

ସତରେ କେଡ଼େ ଭାଗ୍ୟବାନ ଆଜି ଆମେସବୁ ଭାରତୀୟ ! ଇତିହାସର ପ୍ରତ୍ୟାବର୍ତ୍ତନ ଘଟିଛି । ପାଞ୍ଚଶହ ବର୍ଷ ପରେ ପୁଣି ଶ୍ରୀରାମଚନ୍ଦ୍ର ବିରାଜମାନ ହେବେ ଏକ ଅନନ୍ୟ ଭବ୍ୟ ମନ୍ଦିରରେ, ଅଯୋଧ୍ୟା ନଗରୀର ପବିତ୍ରତମ ସ୍ଥାନରେ , ଶ୍ରୀରାମ ଜନ୍ମଭୂମିରେ !

ଆଜିପର୍ଯ୍ୟନ୍ତ ଭାରତୀୟଙ୍କ ହୃଦୟ ସମ୍ରାଟ ଶ୍ରୀରାମ ଆମ ମନ, ପ୍ରାଣ ଓ ପ୍ରତିଟି ପ୍ରଶ୍ୱାସରେ ବସିରହିଛନ୍ତି ଏବଂ ଅନନ୍ତ କାଳ ପର୍ଯ୍ୟନ୍ତ ରହିଥିବେ! ଏପର୍ଯ୍ୟନ୍ତ ତାଙ୍କର ପବିତ୍ର ଜନ୍ମସ୍ଥାନ ଅଯୋଧ୍ୟାର ଦୁରବସ୍ଥା ଦେଖି ସାରା ବିଶ୍ୱ ହତବାକ୍ ହୋଇ ଅଶ୍ରୁମୋଚନ କରୁଥିଲା । ବିଧର୍ମୀ ଆକ୍ରମଣକାରୀ ସେନାପତିଙ୍କ ରାମଦ୍ରୋହ ଅକ୍ଷମଣୀୟ ଥିଲେହେଁ ପରାଧୀନ ଭାରତୀୟମାନେ ନିରବରେ ଅପମାନିତ ହୋଇ ମୁଣ୍ଡପୋତି ରହିଥିଲେ ସ୍ୱାଧୀନତା ପ୍ରାପ୍ତି ଯାଏଁ । ମୀର ବାକୀ ଦ୍ୱାରା ଭୂଲୁଣ୍ଠିତ ଅଯୋଧ୍ୟା ରାମମନ୍ଦିର ସ୍ଥାନରେ ବାବରି ମସଜିଦ ନିର୍ମାଣର ଅପମାନ ପାଞ୍ଚ ଶତାବ୍ଦୀ ଯାଏଁ ନିରପରାଧ ହିନ୍ଦୁ ସମାଜ ସହି ଆସିଲା । ସେହିପରି ସହି ଚାଲିଛି ଏବେମଧ୍ୟ ଶ୍ରୀକୃଷ୍ଣ ଜନ୍ମସ୍ଥାନ ମଥୁରାରେ ଅବରୋଧକାରୀ ଶାହୀ ମସଜିଦ ଏବଂ ପ୍ରାଚୀନ ତୀର୍ଥ ବାରାଣାସୀରେ ଜ୍ଞାନବାପୀ ମସଜିଦ ଦ୍ୱାରା କାଶୀ ବିଶ୍ୱନାଥଙ୍କ ପବିତ୍ର ମୂଳମନ୍ଦିର ଉପରେ ଅବୈଧ ନିର୍ମାଣ! ଏସବୁ ବିଧର୍ମୀ ବିଦେଶୀ ଶାସନ କାଳରେ ଭାରତ ଉପରେ ଅତ୍ୟାଚାରର ନମୁନା । ମୁସଲମାନ ଓ ମୋଗଲ ଶାସନରେ କେତେଯେ ଅତ୍ୟାଚାର ହିନ୍ଦୁମାନଙ୍କ ଉପରେ ହୋଇଛି ତା'ର କଳନା ନାହିଁ । ଆମ ଓଡ଼ିଶାର ଦୂରଦୂରାନ୍ତ ଗାଆଁ ଗଣ୍ଡାରେ ମଧ୍ୟ ମନ୍ଦିର ଓ ଦେବାଳୟମାନ ମୁସଲମାନ ଆକ୍ରମଣରେ ଖଣ୍ଡିତ ବିଖଣ୍ଡିତ ହୋଇ ଆଜି ସୁଦ୍ଧା ସେହି ଅପମାନର ସ୍ୱାକ୍ଷର ବହନ କରିଆସିଛନ୍ତି । ଓଡ଼ିଶାର ପ୍ରାଣକେନ୍ଦ୍ର ଶ୍ରୀଜଗନ୍ନାଥ ମନ୍ଦିର ମଧ୍ୟ ଅଗଣିତ ଥର ବିଧର୍ମୀ ଆକ୍ରମଣର ଶିକାର ହୋଇଛି । ଚତୁର୍ଦ୍ଧାମୂର୍ତ୍ତି ଠାକୁରଙ୍କୁ କେତେଥର ଯେ ଶ୍ରୀମନ୍ଦିରରୁ ଲୁଚାଇ ସ୍ଥାନାନ୍ତରିତ କରାଯାଇଛି, ଇତିହାସ ସାକ୍ଷୀ! ଶେଷକୁ ସୋନପୁର ନିକଟସ୍ଥ ଜଙ୍ଗଲ ଗୁମ୍ଫାରେ ପାତାଳୀ କରି ରଖାଯାଇଥିଲା ପ୍ରାୟ ଶହେ ବର୍ଷ ! ଭାବି ଦେଖନ୍ତୁ କେତେ ଧାର୍ମିକ ଓ ସାଂସ୍କୃତିକ ଅତ୍ୟାଚାର ଆମ ହିନ୍ଦୁ ସମାଜ ସହିଛି ! ପୂର୍ବରୁ ଥରେ ମଧ୍ୟ ମୁସଲମାନ ସେନାପତି କଳାପାହାଡ଼ ଜଗନ୍ନାଥଙ୍କ ବିଗ୍ରହ ନେଇ ଗଙ୍ଗା କୂଳରେ ଅଗ୍ନିରେ ନିକ୍ଷେପ କରିଦେଇଥିଲା । ପ୍ରଭୁଙ୍କ ପରମ ଭକ୍ତ ବିସର ମହାନ୍ତି, ସେଇ ଅଗ୍ନିରୁ ଠାକୁରଙ୍କ ନାଭିବ୍ରହ୍ମଙ୍କୁ ଅକ୍ଷତ ଅବସ୍ଥାରେ ଉଦ୍ଧାର କରି ଓଡ଼ିଶାକୁ ଆଣିଥିଲେ ।

ଭାରତ ସ୍ୱାଧୀନତା ପାଇଲାପରେ ଯେଉଁ ସରକାରମାନେ ଆସିଲେ ସେମାନେ ଅଯୋଧ୍ୟାର ରାମମନ୍ଦିରକୁ କିପରି ପୁନଃନିର୍ମାଣ କରାଯିବ ସେସମ୍ବନ୍ଧରେ ପ୍ରଭାବୀ ପଦକ୍ଷେପ ନେଇପାରିଲେ ନାହିଁ । ଯେଉଁ ଧର୍ମଭିତ୍ତିକ ଆଧାରରେ ଭାରତ ଦ୍ୱିଖଣ୍ଡିତ ହୋଇଥିଲା, ସେଇ ଧର୍ମ ବିଦ୍ୱେଷର କୁପ୍ରଭାବରୁ ଏହିଭଳି ଐତିହାସିକ ଧାର୍ମିକ ଅନ୍ୟାୟଗୁଡ଼ିକୁ ସୁଧାରି ପାରିନଥିଲେ ବୋଧହୁଏ! ସମୀକ୍ଷକଙ୍କ ମତରେ ସ୍ୱାଧୀନତାର ତୁରନ୍ତ ପରେ ପରେ ହିନ୍ଦୁଙ୍କ ତିନୋଟି ମୁଖ୍ୟ ଧର୍ମକେନ୍ଦ୍ର ଅଯୋଧ୍ୟା,କାଶୀ ଓ ମଥୁରାରେ ପୂର୍ବ ଅବସ୍ଥା ନ ଫେରିବାର କାରଣ ସେତେବେଳର ତୁଙ୍ଗ ନେତୃତ୍ୱର ମୁସଲମାନ ଅନୁକୂଳ ମନୋଭାବ । ଅନ୍ୟ କେଉଁ ଧର୍ମର ମୁଖ୍ୟ ପବିତ୍ର ସ୍ଥଳ ଯଦି ଏଭଳି ଅବରୁଦ୍ଧ ହୋଇ ରହିଥା'ନ୍ତା ତେବେ କେତେ ଯେ ରକ୍ତପାତ ହୋଇଥା'ନ୍ତା ତା'ର ସୀମାନାହିଁ । ଦେଖୁନାହାନ୍ତି ଗୋଟିଏ ପରିତ୍ୟକ୍ତ ବାବରି ମସଜିଦ ଭଙ୍ଗାକୁ ନେଇ ଭାରତ ଓ ଭାରତ ବାହାରେ କିଭଳି ତୀବ୍ର ହିଂସ୍ରକ ପ୍ରତିକ୍ରିୟା ଦୀର୍ଘ ଦିନ ଧରି ହେଇଥିଲା?

ଆମ ଭାଗ୍ୟକୁ ରାମଜନ୍ମଭୂମି ବିବାଦରେ ହିନ୍ଦୁ ସମାଜର ତୀବ୍ର ପ୍ରତିବାଦ ପରେ କରସେବକ ମାନଙ୍କ ଦ୍ୱାରା ଜରାଜୀର୍ଣ୍ଣ ବାବରି ମସଜିଦକୁ ବଳପୂର୍ବକ ଭାଙ୍ଗିଲା ପରେ ହିଁ ଏହି ଘଟଣା ଜାତୀୟସ୍ତରରେ ଗମ୍ଭୀର ଆଲୋଚ୍ୟ ବିଷୟ ହେଲା । ତୁଙ୍ଗ ରାଜନେତା ଲାଲକୃଷ୍ଣ ଆଡଭାନୀଙ୍କ ଅଖିଳ ଭାରତ ଶ୍ରୀରାମ ରଥଯାତ୍ରା ଅଭିଯାନ ଏହି ମନ୍ଦିର - ମସଜିଦ ବିବାଦକୁ ଧାର୍ମିକ ଓ ରାଜନୈତିକ ସଂଘର୍ଷର ସ୍ତରକୁ ଉନ୍ନୀତ କରିଥିଲା । ବିଜେପି ଦଳର ଜାତୀୟ ରାଜନୀତିରେ ପ୍ରବଳ ଉତ୍ଥାନ ଏହି ମନ୍ଦିର ବିବାଦ ପୃଷ୍ଠଭୂମିରେ ହୋଇଥିଲା । ଏହିଦଳ କେନ୍ଦ୍ରରେ କ୍ଷମତାସୀନ ହେବାର ପ୍ରକ୍ରିୟା ସାଙ୍ଗକୁ, ମନ୍ଦିର - ମସଜିଦ ମାମଲା ତଳକୋର୍ଟରୁ ହାଇକୋର୍ଟ ଏବଂ ଶେଷରେ ଉଚ୍ଚତମ ନ୍ୟାୟାଳୟରେ ପହଞ୍ଚି ରାୟ ଶୁଣାଣି ମନ୍ଦିର ପକ୍ଷରେ ଯିବାଟାକୁ ଅନେକ ବିଜେପି ବିରୋଧୀ ମହଲ ସ୍ୱାଭାବିକ ଭାବେ ଗ୍ରହଣ କରିପାରୁ ନାହାନ୍ତି । ଭାରତୀୟ ପୁରାତତ୍ତ୍ୱ ସର୍ଭେ ବିଭାଗ ଦ୍ୱାରା ବିବାଦୀୟ ସ୍ଥଳରେ କରାଯାଇଥିବା ଉତ୍‌ଖନନର ଆବିଷ୍କାର ମଧ୍ୟ ମାମଲାକୁ ମନ୍ଦିର ପକ୍ଷରେ ନ୍ୟାୟ ଦେବାରେ ସହାୟକ ହେଲା ।

ତେଣୁ ଆଜି ରାମନଗରୀ ଅଯୋଧ୍ୟାରେ ଏହି ଭବ୍ୟ ମନ୍ଦିର ନିର୍ମାଣ ସମ୍ଭବ ହୋଇଛି । ତେବେ କେଉଁଠି ନା କେଉଁଠି ମୁସଲମାନ ସମ୍ପ୍ରଦାରେ ଅନ୍ବେବହୁତ ଅସନ୍ତୋଷ ନିର୍ମାଣ ପାଇଁ ମୁସଲିମ ସପକ୍ଷବାଦୀ ରାଜନୈତିକ ଦଳ ପ୍ରୟାସ କରି ଚାଲିଛନ୍ତି । କିନ୍ତୁ ସାଧାରଣ ମୁସଲମାନ ସମାଜ ଏବିଷୟରେ ନିରପେକ୍ଷ ଥିଲା ପରି ମନେହୁଏ । କେହି କେହି ମୁସଲମାନ ନେତା ଏବେ କହିବାର ଶୁଣାଯାଉଛି ଯେ ଅଯୋଧ୍ୟା ମନ୍ଦିର ସ୍ୱତ୍ୱକୁ ମୁସଲମାନ ସମାଜ ସ୍ୱେଚ୍ଛାକୃତ ଭାବେ ହିନ୍ଦୁ ସମାଜକୁ ବହୁ ଆଗରୁ ଦେଇ ଦେବାର ଥିଲା ।

ସେହିପରି କାଶୀ ଓ ମଥୁରା ମାମଲାର ଆପୋଷ ସମାଧାନ ଶୀଘ୍ର ଜରୁରୀ । ସେ ଦୁଇ ଧାର୍ମିକ ପୀଠକୁ ମସଜିଦ ଅବରୋଧରୁ ମୁକ୍ତ ନକଲା ଯାଏଁ ହିନ୍ଦୁ ସମାଜ ଶାନ୍ତିରେ ବସିବ ନାହିଁ । ମୁସଲିମ ସମାଜ ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ହିନ୍ଦୁ ସମାଜକୁ ଏଦୁଇଟି ସ୍ଥାନ ଛାଡ଼ିଦେବା ଉଚିତ୍ । ଅବଶ୍ୟ ଏହି ଦୁଇ ମାମଲା ଏବେ ଉଚ୍ଚ ଅଦାଲତରେ ପହଞ୍ଚି ସାରିଛି ।

ଆଜି ଅଯୋଧ୍ୟାରେ ଓ ସାରା ଦେଶରେ ଉତ୍ସବର ଦିନ! କିଛି ନେତୃସ୍ଥାନୀୟ ଧର୍ମାଧିକାରୀ ଓ ମୁଖ୍ୟ ରାଜନୈତିକ ଦଳ ନିମନ୍ତ୍ରଣ ସତ୍ତ୍ୱେ ଏଥିରେ ଯୋଗ ନ ଦେବାଟା ବିଜ୍ଞତାର ପରିଚୟ ନୁହେଁ । କାଳକାଳକୁ କଥା ରହିଯିବ । ଆମର ସେହି ମହାଭାଗମାନଙ୍କୁ ନିବେଦନ ଯେ, ଧର୍ମ ନିରପେକ୍ଷତାର ଆଦର୍ଶ କେବେହେଲେ ଧର୍ମର ବିରୁଦ୍ଧାଚରଣ ସହ ସମାନ ନୁହେଁ । ଶହେ କୋଟି ଭାରତୀୟ ହିନ୍ଦୁ ସମାଜର ଧର୍ମ ମନସ୍କତାକୁ ଖିଲାଫି ନକରି ଏହି ଜାତୀୟ ଉତ୍ସବରେ ଯୋଗ ଦିଅନ୍ତୁ । ସବୁ ଧର୍ମର ଆଶିଷ ପାଆନ୍ତୁ ! ଏହାବ୍ୟତୀତ ଖୁବ୍‌ଶୀଘ୍ର ଜାତୀୟ ସହମତି ନିର୍ମାଣ କରି କୃଷ୍ଣ ଜନ୍ମଭୂମି ଓ କାଶୀ ବିଶ୍ୱନାଥ ବିବାଦର ସର୍ବଧର୍ମ ସମନ୍ୱୟ ଭିତ୍ତିରେ ସମାଧାନର ରାସ୍ତା ବାହାର କରନ୍ତୁ । ତା' ହେଲେ ଆଜି ସରଯୁ ନଦୀ ଯେଉଁ ମଙ୍ଗଳ ଗୀତି ଗାଉଛି, ସେଇ ଗୀତି ଦୋହରାଇବେ ଆମର ପୁଣ୍ୟତୋୟା ଗଙ୍ଗା, ଯମୁନା, ନର୍ମଦା, ସିନ୍ଧୁ ଓ କାବେରୀ ତଥା ଆମର ମହାଭାରତୀୟ ମାନସ ସରସ୍ୱତୀ !

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଶ୍ରୀରାମ ଜନ୍ମଭୂମି ସ୍ୱର୍ଗାଦପି ଗରୀୟସୀ



ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ର
ଢେଙ୍କାନାଳ, ମୋ: ୮୮୯୫୨୩୦୭୨୨

ପରଂବ୍ରହ୍ମ ଶ୍ରୀରାମ ହେଉଛନ୍ତି ବିଗ୍ରହମାନ ଧର୍ମ। ଧର୍ମର ଯଥାର୍ଥ ସ୍ୱରୂପ ସ୍ୱକୀୟ ମାନବୀୟ ଲୀଳାରେ ପ୍ରତିପାଦନ କରିବା ନିମିତ୍ତ ସେ ପରମଧାମ ଅଯୋଧ୍ୟା ପୁରୀରେ ଚୈତ୍ରମାସ ଶୁକ୍ଳପକ୍ଷ ନବମୀ ତିଥିରେ ମହାରାଜା ଦଶରଥଙ୍କ ଜ୍ୟେଷ୍ଠରାଣୀ କୌଶଲ୍ୟାଙ୍କ କୋଳରେ ପ୍ରକଟ ହୋଇଥିଲେ । କୃପାସାଗର ଦୀନଦୟାଲ ପ୍ରଭୁ ଶ୍ରୀରାମ ନୀଳକମଳସମ ଶ୍ୟାମଳବର୍ଣ୍ଣ, ପୀତାମ୍ବର ପରିହିତ, ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ପରିଶୋଭିତ, ସହସ୍ର ରବି ସମ ତେଜୋଦୀପ୍ତ, ଶିରରେ ମୁକୁଟ, କୁଞ୍ଚିତ କୁନ୍ତଳ, କର୍ଣ୍ଣରେ କୁଣ୍ଡଳ, ଗଳାରେ ବୈଜୟନ୍ତୀ ମାଳ, ରକ୍ତପଦ୍ମ ସଦୃଶ ଶୋଭାବନ୍ତ ବିଶାଳ ନୟନ, ଶ୍ରୀବତ୍ସଲାଞ୍ଛନ ହୃଦୟରେ ନାନାବିଧ ରତ୍ନମାଳା ଓ ନୟନାଭିରାମ ଘନଶ୍ୟାମ ରୂପରେ ପ୍ରକଟ ହୋଇଥିଲେ । ମାତା କୌଶଲ୍ୟା ନିବେଦନରେ ଅଶରଣ ଶରଣ ଦୀନଜନ ରକ୍ଷଣ କରୁଣାନିଧାନ ତତ୍‌କ୍ଷଣାତ୍ ଶିଶୁରୂପ ହୋଇ ରୋଦନ ଆରମ୍ଭ କଲେ । ସେହି ଅଯୋଧ୍ୟା ଧାମରେ ପ୍ରଭୁ ବାଲ୍ୟଲୀଳା ସଂରଚନା ପୂର୍ବକ ସ୍ୱକୀୟ ମାନବୀୟ ଲୀଳାରେ ଏକ ଆଦର୍ଶ ପୁତ୍ର, ଆଦର୍ଶ ଭ୍ରାତା, ଆଦର୍ଶ ଶିଷ୍ୟ, ଆଦର୍ଶ ସ୍ୱାମୀ, ଆଦର୍ଶ ରାଜା ରୂପେ ମର୍ଯ୍ୟାଦା ପୁରୁଷୋତ୍ତମ ଭାବ ସଂରଚନା କରିଥିଲେ । ରାଜ୍ୟାଭିଷେକ ପରିବର୍ତ୍ତେ ବନବାସୀ ହୋଇ ତପସ୍ୱୀ ସଦୃଶ ବଲ୍କଳ ପରିଧାନ କରିଥିଲେ ହେଁ ଆଦର୍ଶ ପୁତ୍ରର କର୍ତ୍ତବ୍ୟ ସଂପାଦନ କରି ସେ ବନବାସକୁ ଶ୍ରେୟ ମଣିଥିଲେ । ଚିତ୍ରକୂଟ ନିବାସ କାଳରେ ଅନନ୍ୟ ଭକ୍ତ ଭରତଙ୍କ ନିବେଦନକୁ ସେ ସ୍ୱୀକାର କରିନଥିଲେ । ଭ୍ରାତୃଭକ୍ତିର ଚରମ ପରାକାଷ୍ଠା ପ୍ରଦର୍ଶନ ହୋଇଛି ଚିତ୍ରକୂଟରେ । ଅଯୋଧ୍ୟାର ରତ୍ନଖଚିତ ରାଜମୁକୁଟ ଚିତ୍ରକୂଟସ୍ଥ କାମଦଗିରିର ପାଦଦେଶରେ ଧୂଳିରେ ଲୋଟିଛି । ଜ୍ୟେଷ୍ଠ ଶ୍ରୀରାମ ଗ୍ରହଣ କରିନାହାନ୍ତି ଅଥବା କନିଷ୍ଠ ଭରତ ମଧ୍ୟ ସ୍ୱୀକାର କରିନାହାନ୍ତି । ରାଜସିଂହାସନ, ରାଜଦଣ୍ଡ, ରାଜମୁକୁଟ ତଥା ରାଜକ୍ଷମତାର ମୋହ ଭ୍ରାତୃ ପ୍ରେମରେ ଅନ୍ତରାୟ ସୃଷ୍ଟି କରିପାରିନି । ସ୍ୱୟଂ ଧର୍ମର ବିଗ୍ରହ ସ୍ୱରୂପ ଧର୍ମର ଯଥାର୍ଥ ସ୍ୱରୂପ ପ୍ରତିପାଦନ କରିବା ନିମିତ୍ତ ସତ୍ୟ ଓ ତ୍ୟାଗର ପରାକାଷ୍ଠା ପ୍ରଦର୍ଶନ କରିଥିଲେ ଶ୍ରୀରାମ । ମାନବୀୟ ଲୀଳାରେ ହେମ ମୃଗ ସୃଷ୍ଟି ଅସମ୍ଭବ ଜାଣି ମଧ୍ୟ ଦାରୁଣ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ପ୍ରଭୁ କୌଶଲ୍ୟାନନ୍ଦନ । ଧୈର୍ଯ୍ୟର ସହିତ ସତ୍ୟସାଧନାରେ ବ୍ରତୀ ହୋଇ ପରିଶେଷରେ ଜୟଲାଭ କରିଥିଲେ ପ୍ରଭୁ । ଲଙ୍କା ରଣାଙ୍ଗନରେ ଅମିତ ବଳଶାଳୀ ରାବଣକୁ ନିହତ କରି ଜଗଜ୍ଜନନୀଙ୍କୁ ଉଦ୍ଧାର କରିଥିଲେ । ଯୁଦ୍ଧର ନିୟମାନୁଯାୟୀ ବିଜିତ ଶ୍ରୀଲଙ୍କାର ଅଧୀଶ୍ୱର ନ ହୋଇ ବିଭୀଷଣଙ୍କୁ ଲଙ୍କା ରାଜସିଂହାସନରେ ଅଭିଷେକ କରିଥିଲେ ପ୍ରଭୁ ଶ୍ରୀରାମ । ପ୍ରାଣପ୍ରିୟ ଭ୍ରାତା ଲକ୍ଷ୍ମଣଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ପ୍ରଭୁ ସେତେବେଳେ କହିଥିଲେ-

*"ଅପି ସ୍ୱର୍ଣ୍ଣମୟୀ ଲଙ୍କା ନ ମେ ରୋଚତେ ଲକ୍ଷ୍ମଣ,*
*ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ" ।*

ସ୍ୱର୍ଣ୍ଣମୟୀ ଶ୍ରୀଲଙ୍କା ଅପେକ୍ଷା ଜନ୍ମଭୂମି ଅଯୋଧ୍ୟା ପ୍ରିୟ ଥିଲା ଶ୍ରୀରାମଙ୍କର । ହିମାଳୟ କନ୍ୟା ପୁଣ୍ୟତୋୟା ସରଯୂ ତୀରରେ ଅଯୋଧ୍ୟା ଅବସ୍ଥିତ । ଅଯୋଧ୍ୟାନଗରୀ କୋଶଳ ଦେଶର ରାଜଧାନୀ ଥିଲା । ସେହି ନଗରୀ ମାନବଶ୍ରେଷ୍ଠ ମନୁ ନିର୍ମାଣ କରାଇଥିଲେ । ବାରଯୋଜନ ଦୀର୍ଘ ଓ ତିନିଯୋଜନ ପ୍ରସ୍ଥ ବିଶିଷ୍ଟ ଅଯୋଧ୍ୟାନଗରୀ ବିଭିନ୍ନ ପଣ୍ୟଦ୍ରବ୍ୟ ବିପଣୀରେ ଶୋଭିତ, ବିଶାଳ ରାଜପଥ ସଂଯୁକ୍ତ ଓ ସମୃଦ୍ଧିଶାଳୀ ଥିଲା ।

ସ୍ୱୟଂଭୂ ମନୁ ଓ ତଦୀୟ ଧର୍ମପତ୍ନୀ ଶତରୂପାଙ୍କଠାରୁ ମନୁଷ୍ୟଗଣ ଜନ୍ମ ହୋଇଛନ୍ତି । ମନୁ ଓ ଶତରୂପାଙ୍କଠାରୁ ମାନବଜାତି ସୃଷ୍ଟି ହେବା ପର୍ଯ୍ୟନ୍ତ ନିର୍ଗୁଣ ବ୍ରହ୍ମ ସଗୁଣ ରୂପ ଧାରଣ କରି ନ ଥିଲେ । ମନୁଙ୍କର ଏକାନ୍ତ ଇଚ୍ଛା ଥିଲା ନିର୍ଗୁଣ ବ୍ରହ୍ମ ଧର୍ମର ବିଗ୍ରହ ସ୍ୱରୂପ ଅବତାରରେ ଆବିର୍ଭାବ ହୁଅନ୍ତୁ ଏବଂ ଦଶ ଲକ୍ଷଣଯୁକ୍ତ ମନୁଷ୍ୟ ରୂପରେ ମାନବୀୟ ଲୀଳା ସଂରଚନା ପୂର୍ବକ ବିଶ୍ୱ ନିମିତ୍ତ ଆଦର୍ଶ ରଖିଯାଆନ୍ତୁ । ଏହି କାମନା ସହ ମନୁ ଶତରୂପାଙ୍କ ସହ ନୈମିଷାରଣ୍ୟରେ ଗୋମତୀ ତଟରେ ଦ୍ୱାଦଶାକ୍ଷର ବାସୁଦେବ ମନ୍ତ୍ର ନିଷ୍ଠା ଓ ଏକାଗ୍ରତାର ସହିତ ଜପ କଲେ । ସେମାନଙ୍କର ହୃଦୟରେ ଏକମାତ୍ର ଅଭିଳାଷ ଥାଏ ଯେ ଅନନ୍ତ ଅନାଦି ନିର୍ଗୁଣ ନିରାକାର ପରଂବ୍ରହ୍ମଙ୍କୁ ଦର୍ଶନ କରିବେ । ଦୀର୍ଘକାଳ ତପସ୍ୟା କରିବା ପରେ ଇପ୍ସିତ ବର ମାଗିବାକୁ ଆକାଶବାଣୀ ହେଲା । ମନୁ ନିବେଦନ କଲେ ଯେ ମୁନିଜନମାନସ ହଂସ, ଶିବଙ୍କ ଇଷ୍ଟ ତଥା କାକଭୁଷୁଣ୍ଡୀଙ୍କ ଆରାଧ୍ୟ ବାଳକ ରାମଙ୍କୁ ସେ ଦର୍ଶନ କରିବାକୁ ଇଚ୍ଛା ପୋଷଣ କରିଛନ୍ତି । କୃପାନିଧାନ ପରଂବ୍ରହ୍ମ ମନୁଙ୍କ ପ୍ରାର୍ଥନାରେ ମୁଗ୍ଧ ହୋଇ ନୀଳାମ୍ବୁଜ ଶ୍ୟାମଳ ବାଳକ ରାମ ରୂପରେ ଆବିର୍ଭାବ ହୋଇଥିଲେ । ଗୋସ୍ୱାମୀ ତୁଳସୀ ଦାସଙ୍କ ଭାଷାରେ-



*"ନୀଳ ସରୋରୁହ ନୀଳ ମନି ନୀଳ ନୀରଧର ଶ୍ୟାମ,*
*ଲାଜହି ତନ ଶୋଭା ନିରଖି କୋଟି କୋଟି ଶତ କାମ" ।*

ପ୍ରଭୁ କେବଳ ରମ୍ୟରାମରୂପ ଦର୍ଶନ ଦେଲେ ନାହିଁ, ବର ମାଗିବାକୁ ମଧ୍ୟ ଅଭୟବାଣୀ ପ୍ରଦାନ କଲେ । ପ୍ରଭୁ ପ୍ରସନ୍ନ ଥିବା ଜାଣି ମନୁ ଯୋଡ଼ ହସ୍ତରେ କହିଲେ, 'ହେ ଦାନୀ ଶିରୋମଣି କୃପାନିଧି ମୋର ସତ୍‌ଭାବନା ହେଉଛି ମୁଁ ଆପଣଙ୍କ ସଦୃଶ ପୁଅଟିଏ ଲାଭ କରିବାକୁ ଚାହୁଁଛି ।' ଦେବୀ ଶତରୂପା ମଧ୍ୟ ଅନୁରୂପ ବର ମାଗିଲେ । ପ୍ରଭୁ 'ଏବମସ୍ତୁ' କହିଲେ ଏବଂ ପରବର୍ତ୍ତୀ କାଳରେ ମନୁ-ଶତରୂପା ଦଶରଥ-କୌଶଲ୍ୟା ଭାବରେ ପରଂବ୍ରହ୍ମଙ୍କୁ ପୁତ୍ର ରୂପେ ଲାଭ କରିବେ ବୋଲି ସୂଚନା ଦେଲେ । ଏହି କାରଣରୁ ଭବିଷ୍ୟତ ନିମିତ୍ତ ମନୁ ଅଯୋଧ୍ୟାନଗରୀ ନିର୍ମାଣ କରିଥିଲେ ତଥା ନିଜେ ଦଶରଥ ରୂପରେ ଓ ଶତରୂପା କୌଶଲ୍ୟା ରୂପରେ ଅଯୋଧ୍ୟାର ରାଜାରାଣୀ ହୋଇଥିଲେ । ମନୁଙ୍କ ନିର୍ମିତ ଅଯୋଧ୍ୟାପୁରୀ ଇନ୍ଦ୍ରଙ୍କ ଅମରାବତୀଠାରୁ ଶୋଭନୀୟ ଥିଲା । ଦେବରାଜ ଇନ୍ଦ୍ର ସ୍ୱର୍ଗରେ ବାସ କରିବା ସଦୃଶ ଅଯୋଧ୍ୟାନଗରୀରେ ସମୃଦ୍ଧି ବର୍ଦ୍ଧନକାରୀ ମହାରାଜା ଦଶରଥ ରାଜତ୍ୱ କରୁଥିଲେ ।

*"ତାଂ ତୁ ରାଜା ଦଶରଥୋ ମହାରାଷ୍ଟ୍ରବିବର୍ଧନଃ,*
*ପୁରୀମାବାସୟା ମାସ ଦିବି ଦେବ ପତିର୍ଯଥା" ।*

ସମଗ୍ର ବିଶ୍ୱରେ ଶ୍ରୀରାମ ଥିଲେ ଅତୁଳନୀୟ ଚରିତ୍ରବନ୍ତ ମର୍ଯ୍ୟାଦା ପୁରୁଷୋତ୍ତମ । ସର୍ବଦା ଦିବ୍ୟଗୁଣାବଳୀରେ ବିଭୂଷିତ ଥାଇ ସେ ଆପଣାର ଯଶ, ଗୌରବ, ବୀରତ୍ୱ, ପ୍ରଜାନୁରାଗ ଓ ବ୍ୟକ୍ତିତ୍ୱ ଦ୍ୱାରା ସଭିଙ୍କର ପ୍ରିୟଭାଜନ ହୋଇପାରିଥିଲେ । ମାନବୀୟ ଲୀଳା ସଂରଚନା ଶେଷରେ ପ୍ରଭୁ ଶ୍ରୀରାମ ସାକେତଧାମ ପରିତ୍ୟାଗ କରି ସରଯୂ ଗର୍ଭରେ ପ୍ରବେଶ କରିଥିଲେ । ଏହା ତ୍ରେତୟାଯୁଗର ଗାଥା, ଯାହା ଆଦିକାବ୍ୟ ରାମାୟଣରେ ବର୍ଣ୍ଣିତ । ରାମାୟଣର ଚିରସ୍ଥାୟୀ ମୂଲ୍ୟବୋଧ ସଂପର୍କରେ ମାନବ ଜାତିକୁ ସଚେତନ କରିବା ନିମିତ୍ତ ଆଦିକବି ବାଲ୍ମୀକି ବଜ୍ରଗମ୍ଭୀର ସ୍ୱରରେ ଘୋଷଣା କରିଛନ୍ତି-

*"ଯାବତ୍ ସ୍ଥାସ୍ୟନ୍ତି ଗିରୟଃ ସରିତାଶ୍ଚ ମହୀତଳେ,*
*ତାବତ୍ ରାମାୟଣୀକଥା ଲୋକେଷୁ ପ୍ରଚରିଷ୍ୟତି" ।*

ମହର୍ଷି ବାଲ୍ମୀକିଙ୍କ ଘୋଷଣା ଅକ୍ଷରେ ଅକ୍ଷରେ ସତ୍ୟ ହେଲା । ଶ୍ରୀରାମଙ୍କ ତିରୋଧାନ ପରେ ମଧ୍ୟ ଅଯୋଧ୍ୟାନଗରୀ ଓ ସରଯୂ ନଦୀ ଶତାବ୍ଦୀ ଶତାବ୍ଦୀ ଧରି ରାମଗାଥା ଗାନ କରି ଚାଲିଲେ । ପବିତ୍ର ଶ୍ରୀରାମ ଜନ୍ମଭୂମିରେ ରାମଲାଲାଙ୍କ ଉପାସନା ନିମିତ୍ତ ଭବ୍ୟମନ୍ଦିର ନିର୍ମାଣ ହେଲା । ସାଧୁସନ୍ଥ ବୃନ୍ଦ ଅଯୋଧ୍ୟା ଧାମରେ ଶହ ଶହ ମନ୍ଦିର, ମଠ, ଆଶ୍ରମ, ଗୁମ୍ଫା, ଆଶ୍ରମ ପ୍ରତିଷ୍ଠା ପୂର୍ବକ ଶ୍ରୀରାମଙ୍କ ଦୀବ୍ୟଲୀଳା ସ୍ମରଣ, ମନନ ଓ ଭଜନ କଲେ । ଆଜି ମଧ୍ୟ ଅଯୋଧ୍ୟାରେ ରହିଛି କନକ ଭବନ, ଯାହା ମାତା କୈକେୟୀ ଜଗତଜନନୀ ସୀତାଙ୍କୁ ବଦାଇଥିଲେ । ରାମାନନ୍ଦୀ ସନ୍ନ୍ୟାସୀ ମଣିରାମ ଦାସଙ୍କ ପ୍ରତିଷ୍ଠିତ ଛାଉଣୀରେ ଅହର୍ନିଶ ରାମଗାଥା ଝଙ୍କୃତ । ପବନନନ୍ଦନ ହନୁମାନଙ୍କ ସ୍ମୃତିରେ ପ୍ରତିଷ୍ଠିତ ହୋଇଛି ହନୁମାନଗଡ଼ । ହନୁମାନଙ୍କର ଅଯୋଧ୍ୟା ନିବାସସ୍ଥଳୀ ଅଞ୍ଜନୀଗୁମ୍ଫା ଆଜି ବି ତ୍ରେତୟା ଯୁଗର ଲୀଳାରେ ମୁଖରିତ । ଝୁନ୍‌ଝୁନ୍‌ୱାଲା ସାଧୁ ସନ୍ଥଙ୍କ ନିବାସ ନିମିତ୍ତ ମଠ ନିର୍ମାଣ କରିଛନ୍ତି । ତପସୀ ଛାଉଣୀରେ ଆଜି ମଧ୍ୟ ସାଧୁସନ୍ଥ ରହୁଛନ୍ତି । ଭକ୍ତମାଳା ମଠରେ ଯୁଗ ଯୁଗ ଧରି ଭକ୍ତଗଣ ନିବାସ କରୁଛନ୍ତି । ବିଜୟମାଳା ମଠ ସିଦ୍ଧସାଧୁଙ୍କର ନିବାସ ସ୍ଥଳୀ । ଓଡ଼ିଆ ବାବାଜୀ ବଂଶୀଧର ଦାସ ମହାରାଜାଙ୍କ ଦ୍ୱାରା ଓଡ଼ିଆ ମଠ ପ୍ରତିଷ୍ଠିତ । ଏତାଦୃଶ ଶହ ଶହ ମଠ ଓ ଆଶ୍ରମ ରହିଛି, ଯହିଁରେ ହଜାର ହଜାର ସାଧୁ ନିବାସ କରି ରାମାୟଣ ଲୀଳାରେ ଅବଗାହନ କରୁଛନ୍ତି । ଖାକେଗୈକରେ ନାଗାସନ୍ନ୍ୟାସୀଗଣ ବର୍ଷ ବର୍ଷ ଧରି ପଞ୍ଚାଗ୍ନି ସାଧନାରତ । ପ୍ରତ୍ୟେକ ମଠରେ ବାଲ୍ମୀକି ରାମାୟଣ, ଶ୍ରୀରାମ ଚରିତ ମାନସ, ରାମରକ୍ଷା ସ୍ତୋତ୍ର, ହନୁମାନ ଚାଳିଶା ପାଠ, ସଙ୍କଟ ମୋଚନ ହନୁମାନାଷ୍ଟକ ପାଠ, ବଜରଙ୍ଗ ବାଣ ପାଠ, ଜାନକୀ ମଙ୍ଗଳପାଠ, ନବାହ୍ନ ପାରାୟଣ, ମାସ ପାରାୟଣ, କୀର୍ତ୍ତନ ଓ ଭଜନ ପ୍ରଭୃତି ଅହର୍ନିଶ ଚାଲିଛି । ରାମାୟଣ ସ୍ମୃତିବହନ କରି ପବିତ୍ର ସରଯୂ ନଦୀରେ ନିର୍ମାଣ ହୋଇଛି ଏକାବନଟି ଘାଟ ।

ସର୍ବତ୍ର ରାମନାମ ଝଙ୍କୃତ ହୋଇ ଗଗନପବନ ପ୍ରକମ୍ପିତ । ଶ୍ରୀରାମଜନ୍ମଭୂମି ଅଯୋଧ୍ୟାର ମଠ, ମନ୍ଦିର, ରାସ୍ତା ଓ ଘାଟ ଆକର୍ଷଣୀୟ । ସ୍ୱର୍ଗଠାରୁ ଅଧିକ ଆକର୍ଷଣୀୟ ଅଯୋଧ୍ୟା ଧାମ । ସ୍ୱର୍ଗ ଭୋଗ ଭୂମି ଓ ଅଯୋଧ୍ୟା ତ୍ୟାଗ ଭୂମି । ଭୋଗରେ କ୍ଷଣିକ ସୁଖ ଅଥଚ ତ୍ୟାଗରେ ପରମାନନ୍ଦ । ତ୍ୟାଗରେ ଧର୍ମର ପରାକାଷ୍ଠା ପ୍ରଦର୍ଶିତ । ଏହି କାରଣରୁ ହିଁ ଅଯୋଧ୍ୟା ସ୍ୱର୍ଗଠାରୁ ବଡ଼ ।

ମଧ୍ୟଯୁଗରେ ବାବରଙ୍କ ସେନାପତି ମୀର୍ବାକୀ ଶ୍ରୀରାମଜନ୍ମଭୂମି ମନ୍ଦିର ଭାଙ୍ଗି ବାବରୀ ମସ୍‌ଜିଦ୍ ନିର୍ମାଣ କରିଦେଲେ । ଅଯୋଧ୍ୟାର ହିନ୍ଦୁ ରାଜାଙ୍କୁ ସବଂଶ ନିପାତ କରି ରାଜ୍ୟଶାସନ ନିମିତ୍ତ ଜଣେ ନାବାଳକଙ୍କୁ ନିଯୁକ୍ତ କଲେ । ପୁରାଣ ପ୍ରସିଦ୍ଧ ଅଯୋଧ୍ୟାନଗରୀର ପ୍ରସିଦ୍ଧି କମାଇବା ପାଇଁ ଫୈଜାବାଦ ସହର ବସାଇଲେ । ଫୈଜାବାଦ ହେଲା ଅଯୋଧ୍ୟାର ରାଜଧାନୀ । ତଥାପି ଅଯୋଧ୍ୟା ମ୍ଳାନ ହେଲା ନାହିଁ । ଅତ୍ୟାଚାର ଓ ନିର୍ଯାତନାକୁ ଖାତିର ନକରି ସାଧୁ ସନ୍ଥ ପବିତ୍ର ଅଯୋଧ୍ୟା ପରିତ୍ୟାଗ କଲେ ନାହିଁ । ମୁସଲମାନ ଶାସନ ପରେ ବାବରି ମସ୍‌ଜିଦ ନିକଟରେ ଏକ ଛୋଟ ଘରେ ରାମଲାଲାଙ୍କ ପୂଜା ହେଲା । ବାବରି ମସ୍‌ଜିଦ୍ ପରିଚାଳନା ବୋର୍ଡ ଓ ରାମଲାଲା ପୂଜାକମିଟି ମଧ୍ୟରେ ବରାବର ବିବାଦ, ସଂଘର୍ଷ ଓ ମାଲିମକୋଦ୍ଦମା ଲାଗି ରହିଲା । ଶେଷରେ ସତ୍ୟର ହିଁ ଜୟ ହେଲା ।

ପ୍ରଭୁ ଶ୍ରୀରାମଙ୍କ କୃପାରୁ ବାବରି ମସ୍‌ଜିଦ୍ ଭାଙ୍ଗିଲା । ସେହି ସ୍ଥାନରେ ନିର୍ମାଣ ହେଲା ଭବ୍ୟମନ୍ଦିର । ନାଗରୀ ଶୈଳୀରେ ନିର୍ମିତ ସେହି ମନ୍ଦିରର ଦୈର୍ଘ୍ୟ ୩୮୦ ଫୁଟ, ପ୍ରସ୍ଥ ୨୫୦ ଫୁଟ ଓ ଉଚ୍ଚତା ୧୬୧ ଫୁଟ । ତିନିମହଲା ବିଶିଷ୍ଟ ଏହି ଭବ୍ୟମନ୍ଦିରର ପ୍ରତ୍ୟେକ ମହଲାର ଉଚ୍ଚତା ୨୦ ଫୁଟ । ମନ୍ଦିରରେ ମୋଟ ୩୯୨ଟି ସ୍ତମ୍ଭ ଓ ୪୪ଟି ପ୍ରବେଶ ଦ୍ୱାର ରହିଛି । ତଳମହଲାରେ ଗର୍ଭଗୃହରେ ପ୍ରଭୁ ଶ୍ରୀରାମଙ୍କ ବିଗ୍ରହ ପୂଜା ପାଇବେ ତଥା ପ୍ରଥମ ମହଲାସ୍ଥିତ ଗର୍ଭଗୃହରେ ଶୋଭାପାଉଛି ଶ୍ରୀରାମ ଦରବାର । ମନ୍ଦିରରେ ନୃତ୍ୟମଣ୍ଡପ, ରଙ୍ଗମଣ୍ଡପ, ସଭାମଣ୍ଡପ, ପ୍ରାର୍ଥନା ମଣ୍ଡପ ଏବଂ କୀର୍ତ୍ତନ ମଣ୍ଡପ ରହିଛି । ସ୍ତମ୍ଭ ଓ କାନ୍ଥମାନଙ୍କରେ ଦେବ, ଦେବୀ ତଥା ଦେବାଙ୍ଗନାମାନଙ୍କର ଆକର୍ଷଣୀୟ ମୂର୍ତ୍ତି ରହିଛି । ମନ୍ଦିରକୁ ପ୍ରବେଶ ନିମିତ୍ତ ୩୨ଟି ପାବଚ୍ଛ ଆରୋହଣ କରି ସିଂହଦ୍ୱାର ପଥରେ ଯିବାର ବ୍ୟବସ୍ଥା ହୋଇଛି । ଦିବ୍ୟାଙ୍ଗ ଓ ବୃଦ୍ଧବୃଦ୍ଧାଙ୍କ ନିମିତ୍ତ ରାମ୍ପ ଓ ଲିଫ୍ଟ ବ୍ୟବସ୍ଥା ରହିଛି । ମନ୍ଦିର ଚତୁର୍ପାର୍ଶ୍ୱସ୍ଥ ଆୟତାକାର ସୁରକ୍ଷା କାନ୍ଥର ଦୈର୍ଘ୍ୟ ୭୩୨ ମିଟର ଓ ପ୍ରସ୍ଥ ୪୨୫ ମିଟର । ସୁରକ୍ଷା କାନ୍ଥର ଚାରିକୋଣରେ ଭଗବାନ ସୂର୍ଯ୍ୟ, ଭଗବାନ ଶଙ୍କର, ଭଗବାନ ଗଣେଶ ଓ ଦେବୀ ଭଗବତୀଙ୍କ ଚାରିଗୋଟି ମନ୍ଦିର ବିଦ୍ୟମାନ । ମନ୍ଦିର ସନ୍ନିକଟରେ ରହିଛି ପୁରାଣ ପ୍ରସିଦ୍ଧ ସୀତାକୂପ । ଏତଦ୍ଭିନ୍ନ ମନ୍ଦିର ପରିସରରେ ମହର୍ଷି ବାଲ୍ମୀକି, ମହର୍ଷି ବଶିଷ୍ଠ, ମହର୍ଷି ବିଶ୍ୱାମିତ୍ର, ମହର୍ଷି ଅଗସ୍ତ୍ୟ, ନିଷାଦରାଜ ଗୁହ୍ୟକ, ମାତା ଶବରୀ ଓ ଦେବୀ ଅହଲ୍ୟାଙ୍କ ମନ୍ଦିର ନିର୍ମିତ । ମନ୍ଦିରର ଦକ୍ଷିଣ-ପଶ୍ଚିମ ଭାଗରେ ପୁରାତନ ମୃତ୍ତିକା ସ୍ତୂପ ଉପରେ ନବରତ୍ନ କୁବେରଟିଲା ଉପରେ ଥିବା ଶିବମନ୍ଦିର ଜୀର୍ଣ୍ଣୋଦ୍ଧାର ହୋଇଛି ଏବଂ ରାମଭକ୍ତ ଜଟାୟୁଙ୍କ ପ୍ରତିମା ସ୍ଥାପନ ହୋଇଛି । ମର୍ଯ୍ୟାଦାପୁରୁଷୋତ୍ତମ ରଘୁନାଥଙ୍କ କରୁଣାରୁ ଆଜି ପୌଷମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି ସୋମବାର ମାହେନ୍ଦ୍ର ମୁହୂର୍ତ୍ତରେ ଶ୍ରୀରାମଙ୍କ ନୂତନ ବାଳକରୂପ ବିଗ୍ରହଙ୍କୁ ଶ୍ରୀରାମ ଜନ୍ମଭୂମିରେ ନିର୍ମିତ ଭବ୍ୟମନ୍ଦିର ଗର୍ଭଗୃହରେ ବିରାଜମାନ କରାଯାଇ ବୈଦିକ ବିଧିରେ ପ୍ରାଣପ୍ରତିଷ୍ଠା କରାଯାଉଛି ।

# ରଘୁକୁଳନାୟକ ପାହି ହରେ

## (ଛନ୍ଦଃ- ହଂସଗତିଃ)



ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ
ଭୁବନେଶ୍ୱର, ମୋ- ୯୪୩୭୫୬୭୩୨୪

**କ୍ଷିତିଭରଖଣ୍ଡନ ଦଶରଥନନ୍ଦନ କୌଶଲ୍ୟାନନ-ପଦ୍ମ-ହରେ**
**ରଣହତତାଟକ ମୁନିଜନିତାରକ ସୁନ୍ଦ-କୁବାଳକ-ହସ୍ତି-ହରେ ।**
**ମଖରିପୁଘାତୁକ ହତହରକାର୍ମୁକ ଜନକସୁତା-ସୁଖ-ସିନ୍ଧୁ-ହରେ**
**ଜନହିତଦାୟକ କରଧୃତସାୟକ ରଘୁକୁଳନାୟକ ପାହି ହରେ ।।୧।।**

ପୃଥିବୀର ଭାର-ଖଣ୍ଡନକାରୀ, ଦଶରଥଙ୍କ ପୁତ୍ର, କୌଶଲ୍ୟାଙ୍କ ମୁଖପଦ୍ମର ଉଲ୍ଲାସ ନିମନ୍ତେ ସୂର୍ଯ୍ୟତୁଲ୍ୟ, ଯୁଦ୍ଧରେ ତାଡକାର ବିନାଶକ, ଗୌତମମୁନିଙ୍କ ପତ୍ନୀ ଅହଲ୍ୟାଙ୍କ ଉଦ୍ଧାରକ, ସୁନ୍ଦ-ଅସୁରର ପୁତ୍ରଦ୍ୱୟ (ମାରୀଚ ଓ ସୁବାହୁ) ରୂପକ ହସ୍ତୀର ଦମନ ପାଇଁ ସିଂହସଦୃଶ, ବିଶ୍ୱାମିତ୍ରଙ୍କ ଯଜ୍ଞ-ଶତ୍ରୁ-ଅସୁରମାନଙ୍କ ବଧକାରୀ, ଶିବଧନୁଭଞ୍ଜକ, ଜାନକୀଙ୍କ ସୁଖସମୁଦ୍ରର ଉତ୍‌ଫୁଲ୍ଲତାରେ ଚନ୍ଦ୍ରସମ, ଜଗତର ହିତଦାତା, ହାତରେ ଶରଧାରୀ, ହେ ରଘୁକୁଳର ନାୟକ ହରି! ତୁମେ (ଆମମାନଙ୍କୁ) ରକ୍ଷା କର ।

**ପିତୃବଚନାଦରକର ବନିକାଚର ଗୁହକସୁଖାକର ଶୋଭନ ହେ**
**ଶିରସି ଜଟାଧର ତୋଷିତଧୀବର ଦଣ୍ଡକବନବର-ଲୋଭନ ହେ ।**
**ଚିତ୍ରକୂଟଧର-ପର୍ଣ୍ଣକୁଟୀଚର କୃତ-ଭରତାସୁଖ-ଲାଘବ ହେ**
**ଲକ୍ଷ୍ମଣସେବିତ ଭୂତନୁଜାନ୍ୱିତ ଜୟ ମୁନିଭାବିତ ରାଘବ ହେ ।।୨।।**

ପିତୃବଚନପାଳନରେ ଆଗ୍ରହୀ, ବନବାସୀ, ନିଷାଦରାଜଗୁହକଙ୍କ ସୁଖକର୍ତ୍ତା, ଶୋଭାଶୀଳ, ମସ୍ତକରେ ଜଟାଧାରୀ, କୈବର୍ତ୍ତର ସନ୍ତୋଷଦାତା, ଦଣ୍ଡକବନର ଶ୍ରେଷ୍ଠ-ଆକର୍ଷଣ, ଚିତ୍ରକୂଟପର୍ବତ (କାମଦଗିରି) ରେ ରଚିତ ପତ୍ରକୁଟୀରରେ ବିହାରକାରୀ, (ଭରତମିଳନମାଧ୍ୟମରେ) ଭରତଙ୍କ ଶୋକ-ଶଙ୍କା-ଶୋଚନା-ରୂପକ ଅସୁଖର ଲାଘବକର୍ତ୍ତା, ଲକ୍ଷ୍ମଣଙ୍କ ଦ୍ୱାରା ସେବାପ୍ରାପ୍ତ, ଭୂମିପୁତ୍ରୀ-ସୀତାଙ୍କ ସହିତ ବିରାଜମାନ, ମୁନିମାନଙ୍କ ସ୍ମରଣୀୟ, ହେ ରାଘବ! ତୁମର ଜୟ ହେଉ ।

**ଅତ୍ରିଗୃହାଗତ ତୀକ୍ଷ୍ଣ-ମୁନିବ୍ରତ-ପାଳନ-ସଙ୍ଗତ ରମ୍ୟରୁଚେ**
**ଶରଭଙ୍ଗୋଦ୍ଧରଣାଦିକୃପାକର ପଞ୍ଚବଟୀଚର ଦିବ୍ୟଶୁଚେ ।**
**ପାଳୟ ଶକ୍ରଜ-ଦର୍ପ-ବିଦାରଣ ଗୃଧ୍ରକତାରଣକାରଣ ହେ**
**ଶବରୀପ୍ରିୟକର ଦୂଷଣ-ଖର-ଖର-ପୁଷ୍କର-ମର୍ଦ୍ଦନ-ବାରଣ ହେ ।।୩।।**

ଅତ୍ରିମୁନିଙ୍କ ଆଶ୍ରମାଗତ, ସୁତୀକ୍ଷ୍ଣମୁନିଙ୍କ ବ୍ରତପାଳନରେ ସହଯୋଗୀ (ଅନ୍ୟାର୍ଥରେ ସ୍ୱୟଂ କଠୋର-ମୁନିବ୍ରତ-ପାଳନରେ ତତ୍ପର), ରମଣୀୟରୁଚିସମ୍ପନ୍ନ, ଶରଭଙ୍ଗମୁନିଙ୍କ ଉଦ୍ଧାରରେ କୃପାକାରକ, ପଞ୍ଚବଟୀବନରେ ବିଚରଣକାରୀ, ଦିବ୍ୟତେଜୋମୟ, ଇନ୍ଦ୍ରପୁତ୍ର ଜୟନ୍ତକାକର ଗର୍ବ-ବିଧ୍ୱଂସକ (ସୀତାଙ୍କୁ ଅସଦାଚରଣ କରିଥିବା ଜୟନ୍ତ-କାକର ନେତ୍ରତାଡନରେ ତତ୍ପର), ଗୃଧ୍ରକ (ଜଟାୟୁ)ଙ୍କ ତାରକ, ଶବରୀଙ୍କ ପ୍ରୀତିସମ୍ପାଦକ, ଦୂଷଣ ତଥା ନିଷ୍ଠୁର-ଖର-ଅସୁର-ରୂପକ ପଦ୍ମଫୁଲର ଦଳନରେ ହେ ଧୁରୀଣଗଜ! ତୁମେ (ଆମମାନଙ୍କୁ) ପାଳନ କର ।

**କିଷ୍କିନ୍ଧାପୁର-ବାଲିଭୟାତୁର-କୀଶପୁରନ୍ଦର-ମିତ୍ରମଣେ**
**ଜାମ୍ବବଦର୍ଚ୍ଚିତ ନୀଳନଳୋର୍ଜିତ-ବାନର-ଚର୍ଚ୍ଚିତ ସିଦ୍ଧ ରଣେ ।**
**ଶାଳବିଭଞ୍ଜନ କପିପତିଗଞ୍ଜନ ବାତଜରଞ୍ଜନ ସାଧୁଗଣେ**
**ସଦୟ ଜୟାନମଦଙ୍ଗଦ-ହୃଦ୍ରମଣୀୟ-ନଭୋ-ଭ୍ରମଦଭ୍ରମଣେ ।।୪।।**

କିଷ୍କିନ୍ଧାପୁରର ମର୍କଟରାଜ ବାଳିର ଭୟରେ ତ୍ରସ୍ତ ବାନରେନ୍ଦ୍ର-ସୁଗ୍ରୀବଙ୍କ ଶ୍ରେଷ୍ଠ ମିତ୍ର, ଜାମ୍ବବାନ୍‌ଙ୍କ ଦ୍ୱାରା ବନ୍ଦନୀୟ, ନଳ-ନୀଳପ୍ରଭୃତିଶକ୍ତିଶାଳି-ବାନରମାନଙ୍କଦ୍ୱାରା ପ୍ରଶଂସିତ, ଯୁଦ୍ଧରେ ସିଦ୍ଧ, ସପ୍ତ-ଶାଳର ବିଭଞ୍ଜନକାରୀ, କପିରାଜ-ବାଳିର ବଧକାରୀ, ପବନପୁତ୍ର-ହନୁମାନ୍‌ଙ୍କ ପ୍ରିୟତମ, ସାଧୁଗଣଙ୍କଠାରେ ସଦା ସଦୟ, ପାଦପଦ୍ମରେ ବିନମ୍ର ହୋଇଥିବା ଅଙ୍ଗଦର ହୃଦୟରୂପକ ରମଣୀୟ ଆକାଶରେ ହେ ଭ୍ରମଣଶୀଳ ସୂର୍ଯ୍ୟ! ତୁମର ଜୟ ହେଉ ।

**ସାଗର-ସୁତରଣ-ନିପୁଣ-ସମୀରଣସୁତ-ସୁଖକାରଣ ମେଚକ ହେ**
**ବାୟୁଜ-ଦାହିତ-କନକପୁରାହିତ-ସୀତାୟା ହିତସେଚକ ହେ ।**
**ଅବ କୃତସେତୁ-ହତୋଦକକେତୁ-ତମଃଶମ-ହେତୁକ ବୁଦ୍ଧିନିଧେ**
**ଦାନବ-ଭୂଷଣ-ନମ୍ର-ବିଭୀଷଣ-ସନ୍ତତ-ପୋଷଣ-ନିଷ୍ଠ-ବିଧେ ।।୫।।**

ସମୁଦ୍ର-ତରଣରେ ନିପୁଣ ପବନପୁତ୍ର ହନୁମାନ୍‌ଙ୍କ (ଲଙ୍କାଯାତ୍ରାକଳୀନ) ସର୍ବସୁଖର କାରଣ, ହେ ନୀଳବର୍ଣ୍ଣଧାରୀ, ବାୟୁନନ୍ଦନଙ୍କ ଦ୍ୱାରା ଦଗ୍ଧୀଭୂତ ସ୍ୱର୍ଣ୍ଣମୟୀ ଲଙ୍କାପୁରର ଅହିତ (ଅମଙ୍ଗଳ) ସ୍ୱରୂପା ସୀତାଙ୍କର ହିତଦାୟକ, ସାଗରରେ ନିର୍ମିତ ସେତୁବନ୍ଧଦ୍ୱାରା ଜଳର କେତୁ ବା ଅଧିଷ୍ଠାତୃଦେବ ବରୁଣଙ୍କ ଅହଙ୍କାର-ପ୍ରଶମନର ହେତୁସ୍ୱରୂପ, ଅସୁରକୁଳଭୂଷଣ ଶରଣାଗତ ବିଭୀଷଣଙ୍କ ଚିରନ୍ତନ-ପୋଷଣରେ ବିଧିନିଷ୍ଠ, ହେ ବୁଦ୍ଧିର ଭଣ୍ଡାର! ତୁମେ (ଆମମାନଙ୍କୁ) ରକ୍ଷା କର ।

**ଭୀତିକରାରବକାରି-ଘଟଶ୍ରବଣ-କ୍ଷୟପାଟବ-ସନ୍ଦିତ ହେ**
**ଶକ୍ରଜିଦର୍ଦ୍ଦନ-ଲକ୍ଷ୍ମଣ-ରକ୍ଷଣ-ପାବନି-ଭାବନ-ନନ୍ଦିତ ହେ ।**
**ରକ୍ଷ ରଣାଙ୍ଗଣ-ନିର୍ଜିତ-ରାବଣ ତର୍ଜିତଭୀଷଣଦୈତ୍ୟତତେ**
**ପୁଷ୍ପକରୋହଣକର ସୁରମୋହନ ଭରତସୁବୋଧନମୁଗ୍ଧମତେ ।।୬।।**

ଭୟଙ୍କର ଗର୍ଜନକାରୀ କୁମ୍ଭକର୍ଣ୍ଣର ବଧରେ ପଟୁ, ଇନ୍ଦ୍ରଜିତ୍‌ମାରକ-ଲକ୍ଷ୍ମଣଙ୍କ ଜୀବନ-ରକ୍ଷକ ହନୁମାନ୍‌ଙ୍କ ଭାବମୟ ଭାବନାରେ ଆମୋଦିତ, ରଣଭୂମିରେ ରାବଣର ପରାଜୟକାରୀ, ଭୀଷଣ-ରାକ୍ଷସମାନଙ୍କ ଭୟପ୍ରଦ, (ଅଯୋଧ୍ୟାକୁ ପ୍ରତ୍ୟାଗମନସମୟରେ) ପୁଷ୍ପକବିମାନର ଆରୋହଣକାରୀ, (ନିଜମାୟାଦ୍ୱାରା) ହେ ଦେବତାମାନଙ୍କ ବିମୋହକ, ଚଉଦବର୍ଷର ଶେଷଦିବସରେ ସୂର୍ଯ୍ୟାସ୍ତପୂର୍ବରୁ ଦର୍ଶନଦେବା ଛଳରେ ଭରତଙ୍କୁ ଆଶ୍ୱାସନାଦାନରେ ବିମୁଗ୍ଧ-ମନା! ତୁମେ (ଆମମାନଙ୍କୁ) ରକ୍ଷା କର ।

**ଧର୍ମ-ସୁସଂସ୍କୃତ-ବୈଭବ-ସତ୍କୃତ-ସାକେତ-ଶ୍ରୁତ-ରାଜ୍ୟପତେ**
**ରକ୍ଷ ସୁଭାଷିତ-ବୋଧ-ସମନ୍ୱିତ-ଶୀଳ-ବିଭାସିତ-ମାର୍ଗଗତେ ।**
**ବନ-ଗତ-ସୀତା-ସୁତଯୁଗ-ଗୀତାମଳପଦ-ନୀତାନନ୍ଦନ ହେ**
**ସରଯୂ-କୃତ-ଲୟ ମର୍ଯ୍ୟାଦାମୟ ସଜ୍ଜନଚୟ-ହରିଚନ୍ଦନ ହେ ।।୭ ।।**

ଧର୍ମରୂପକ ସଂସ୍କାରାପନ୍ନ ବିଭବରେ ସମ୍ପନ୍ନ ଅଯୋଧ୍ୟାର ସୁପ୍ରସିଦ୍ଧ ରାମରାଜ୍ୟର ଅଧୀଶ୍ୱର, ସୁଭାଷିତ ତଥା ଜ୍ଞାନ-ସମ୍ମତ-ଶୀଳରେ ଉଦ୍ଭାସିତ ସତ୍ୟପଥର ଅବଲମ୍ବନକାରୀ, ବନବାସିନୀ ସୀତାଙ୍କ ପୁତ୍ରଦ୍ୱୟ (ଲବ ଓ କୁଶ)ଙ୍କ ଦ୍ୱାରା ଉଦ୍ଗୀତ (ରାମାୟଣର) ମଧୁରପଦମାଧ୍ୟମରେ ଆନନ୍ଦପ୍ରାପ୍ତ, ସରଯୂନଦୀରେ ନିଜ-ଅବତାରର ବିଲୟକର୍ତ୍ତା, ହେ ସଜ୍ଜନମାନଙ୍କ କଳ୍ପବୃକ୍ଷତୁଲ୍ୟ, ମର୍ଯ୍ୟାଦାମୟ (ମର୍ଯ୍ୟାଦାପୁରୁଷୋତ୍ତମ)! ତୁମେ (ଆମମାନଙ୍କୁ) ରକ୍ଷା କର ।

**ନବ-ଘନ-ଧାମା-ମିଳଦଭିରାମାସିତରୁଚି-ବାମାନନ୍ଦଦ ହେ**
**କୃତ-ନତ-କାମାଦିତିଜଲଲାମାଦୃତ ନିଜ-ନାମାସ୍ୱାଦଦ ହେ ।**
**ଦ୍ୟୁତି-ହତ-କାମାଖିଳ-ବିଶ୍ରାମାଶ୍ରୟ-ପରିଣାମାସ୍ଥାପ୍ରଦ ହେ**
**ଭୁବି ଜୟ ରାମାୟଣ-ବିଭୁ-ରାମାଧୃତ-ସୁମ-ଦାମାମୋଦଦ ହେ ।।୮ ।।**

ନବ ମେଘର ଆଭା-ସଦୃଶ ମନୋଜ୍ଞ-ନୀଳବର୍ଣ୍ଣରେ ସୁନ୍ଦର, ଆନନ୍ଦଦାତା, ଆଶ୍ରିତମାନଙ୍କ କାମନାପୂରଣକାରୀ, ଦେବରାଜ ଇନ୍ଦ୍ରଙ୍କ ଦ୍ୱାରା ସମ୍ମାନିତ, ନିଜ 'ରାମନାମ'ର ଅମୃତମୟ-ସ୍ୱାଦର ବିତରଣକାରୀ, କାନ୍ତିଦ୍ୱାରା କନ୍ଦର୍ପର ତିରସ୍କର୍ତ୍ତା, ଅଖିଳସୃଷ୍ଟିର ବିଶ୍ରାମଭୂତ-ଆଶ୍ରୟର ଏକମାତ୍ର ଫଳ, ବିଶ୍ୱାସପ୍ରଦ, ସ୍ୱଗୃହୀତ-ବିବିଧପୁଷ୍ପମାଲ୍ୟଗତ-ସୁଗନ୍ଧର ପ୍ରସାରକ, ହେ ରାମାୟଣର ମହାପ୍ରଭୁ ରାମଚନ୍ଦ୍ର! ତୁମର ଜୟ ହେଉ ।

**ଇଦମିତି କେଶବକୃଷ୍ଣ-ମୁଖ-ସ୍ରବଦକ୍ଷର-ସମ୍ଭବମାର୍ତ୍ତିହରଂ**
**ପଦ୍ୟାଷ୍ଟକ-ମତିଭଦ୍ରକରଂ ମତି-କାଂକ୍ଷିତ-ସନ୍ମତି-ଦାନପରମ୍ ।**
**ରଘୁବର-ଚିନ୍ମୟ-ସକରୁଣାଚୟ-ନିର୍ମଳ-ବାଙ୍ମୟ-ଭୂତିଧରଂ**
**ସୁଖୟତୁ ସହୃଦୟ-ପାଠକ-ସମୁଦୟମପି ବିଶତାଜ୍ଜୟମିଷ୍ଟବରମ୍ ।।୯ ।।**

ଅତଏବ କୃଷ୍ଣକେଶବଙ୍କ ମୁଖନିଃସୃତ-ମଧୁରାକ୍ଷରରୁ ସଞ୍ଜାତ, ଆତ୍ୟନ୍ତିକଦୁଃଖର ହରଣକାରୀ, ଅତୀବକଲ୍ୟାଣକାରକ, ମନୋବାଞ୍ଛିତ ମୁକ୍ତିର ପ୍ରଦାୟକ, ରଘୁନାଥଙ୍କ ଚିନ୍ମୟ-କରୁଣା-ସମୂହରେ ନିର୍ମଳ ହୋଇଥିବା ବାଙ୍ମୟ-ବିଭୂତିର ଆଧାର ଏହି ଅଷ୍ଟକ-ପଦ୍ୟଟି ସହୃଦୟ-ପାଠକମାନଙ୍କୁ ସୁଖ ଦେବା ସହିତ ଇଷ୍ଟବର ଓ ସର୍ବତ୍ର ବିଜୟ ମଧ୍ୟ ପ୍ରଦାନ କରୁଥାଉ ।

# କନ୍ଧମାଳ ସଂସଦୀୟ କ୍ଷେତ୍ରରେ ମେଗା ନିଯୁକ୍ତି ମେଳା




**ଭୁବନେଶ୍ୱର, ୨୧।୧(ସମିସ):** କିଟ୍ ଆନୁକୂଲ୍ୟରେ କନ୍ଧମାଳ ଜିଲ୍ଲା ପ୍ରଶାସନ ସହଯୋଗରେ ସାଂସଦ ଅଚ୍ୟୁତ ସାମନ୍ତଙ୍କ ପ୍ରୟାସକ୍ରମେ ଫୁଲବାଣୀଠାରେ ମେଗା ନିଯୁକ୍ତି ମେଳା ଆୟୋଜିତ ହୋଇଯାଇଛି। ଏଥିରେ କନ୍ଧମାଳ ଜିଲ୍ଲାର ସମସ୍ତ ବ୍ଲକ, ବୌଦ୍ଧ ଜିଲ୍ଲାର ବୌଦ୍ଧ, ହରଭଙ୍ଗା ଓ କଣ୍ଟାମାଳ ବ୍ଲକ, ନୟାଗଡ଼ ଜିଲ୍ଲାର ଗଣିଆ, ଦଶପଲ୍ଲା ଓ ନୂଆଗାଁ, ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ଓ ଜଗନ୍ନାଥ ପ୍ରସାଦ ବ୍ଲକରୁ ୨୦ ହଜାରରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ଯୋଗ ଦେଇଥିଲେ। ଏଥିମଧ୍ୟରୁ ଗୋଟିଏ ଦିନରେ ମୋଟ ୧୩ ହଜାର ୫ଶହ ପ୍ରାର୍ଥୀ ବିଭିନ୍ନ କମ୍ପାନୀରେ ନିଯୁକ୍ତି ଅଫର୍ ପାଇଛନ୍ତି। ଓଡ଼ିଶାର ବିଭିନ୍ନ କମ୍ପାନୀରେ ନିଯୁକ୍ତି ପାଇଁ ୩ହଜାର ୫ଶହ ଜଣ ମନୋନୀତ ହୋଇଥିବା ବେଳେ ଭାରତର ଅନ୍ୟ କମ୍ପାନୀମାନେ ୧୦ ହଜାର ପ୍ରାର୍ଥୀଙ୍କୁ ଚୟନ କରିଛନ୍ତି। ସେମାନଙ୍କ ସର୍ବନିମ୍ନ ମାସିକ ବେତନ ୧୨ ହଜାର ଟଙ୍କା ରହିଥିବା ବେଳେ ସର୍ବାଧିକ ୩୫ହଜାର ଟଙ୍କା ପ୍ରଦାନ କରାଯିବ। ଓଡ଼ିଶାର ୪୦ଟି କମ୍ପାନୀ ସମେତ ସମଗ୍ର ଦେଶରୁ ୧୨୦ଟି କମ୍ପାନୀ ଓ ଶିଳ୍ପ ସଂସ୍ଥା ଏହି ନିଯୁକ୍ତି ମେଳାରେ ଯୋଗ ଦେଇଥିଲେ। ସେମାନଙ୍କ ପାଇଁ ୧୨୦ଟି ଷ୍ଟଲ୍ ଖୋଲାଯାଇ ପ୍ରାର୍ଥୀ ଚୟନର ବନ୍ଦୋବସ୍ତ କରାଯାଇଥିଲା। ବିଭିନ୍ନ ବ୍ଲକରେ ୧୨ ହଜାର ପଞ୍ଜୀକରଣ ହୋଇଥିବାବେଳେ ସ୍ପଟ୍ ପଞ୍ଜୀକରଣ ଓ ଅନ୍ୟାନ୍ୟ ପଞ୍ଜୀକରଣ ମିଶାଇ ପ୍ରାୟ ୨୦ ହଜାର ପଞ୍ଜୀକରଣ ହୋଇଥିଲା। ପ୍ରତି ବ୍ଲକରୁ କନ୍ଧମାଳ ଷ୍ଟାଡିୟମ ପର୍ଯ୍ୟନ୍ତ ସେମାନଙ୍କୁ ଆଣିବା ପାଇଁ ୪ଶହ ସ୍ୱତନ୍ତ୍ର ବସ୍ ସହ ମଧ୍ୟାହ୍ନଭୋଜନ ବ୍ୟବସ୍ଥା କରାଯାଇଥିଲା।

ଆଶାୟୀ ଯୁବକ/ଯୁବତୀମାନଙ୍କ ଉଦ୍ଦେଶ୍ୟରେ ଶ୍ରୀ ସାମନ୍ତ କହିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୂଆ ଓଡ଼ିଶା- ନବୀନ ଓଡ଼ିଶା ଲକ୍ଷ୍ୟର ଏହା ଅନ୍ୟ ଏକ ପ୍ରୟାସ। ଯୁବକ ଯୁବତୀମାନେ ଶିକ୍ଷିତ, ସଶକ୍ତ ହୋଇ ରୋଜଗାରକ୍ଷମ ହେବା ନେଇ ମୁଖ୍ୟମନ୍ତ୍ରୀଙ୍କ ଯେଉଁ ଉଦ୍ଦେଶ୍ୟ ରହିଛି, ତାହା ଏଠାରେ କାର୍ଯ୍ୟକାରୀ କରାଯାଇଛି। ଏହା ଦ୍ୱାରା ଓଡ଼ିଶା ସମେତ ସମଗ୍ର ଭାରତରୁ ୧୨୦ କମ୍ପାନୀ ଫୁଲବାଣୀ ସହରକୁ ଆସିପାରିଛନ୍ତି। କନ୍ଧମାଳବାସୀଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଓ ପର୍ଯ୍ୟଟନର ବିକାଶ ନେଇ ଦେଇଥିବା ପ୍ରତିଶ୍ରୁତି ପାଳନ କରିବା ପାଇଁ ସେ ଚେଷ୍ଟା ଜାରି ରଖିଛନ୍ତି ବୋଲି ଶ୍ରୀ ସାମନ୍ତ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବାଲିଗୁଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଚକ୍ରମଣି କହଁର, ଜିଲ୍ଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ପାତ୍ର, ଜିଲ୍ଲା ବିକାଶ ଓ ନିୟୋଜନ ଅଧିକାରୀ ପୁରୁଷୋତ୍ତମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରାଥମିକ ଶିକ୍ଷକ ଫେଡେରେସନ୍‌ର ୩ ଦଫା ଦାବି

**ଭୁବନେଶ୍ୱର, ୨୧।୧(ସମିସ):** କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରିବା ସହ ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା, କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ କରିବା ଏବଂ ପୁରୁଣା ପେନସନ ପ୍ରଚଳନ କରିବା ପାଇଁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ୍ ପକ୍ଷରୁ ଦାବି କରାଯାଇଛି। ଆଜି ଫେଡେରେସନ୍ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ୩ ଦଫା ଦାବି ଉପସ୍ଥାପନ କରାଯାଇଛି। ଫେଡେରେସନର ମହାସଚିବ ଚାରୁଲତା ମହାପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ(ଓପିଟିଏ), ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ(ଓଜେଟିଏ), ଅଲ୍ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ(ଏଓପିଟିଏ), ଏକ୍ସ କ୍ୟାଡର ପ୍ରାଥମିକ ଶିକ୍ଷକ ସଂଘ, ପ୍ରାଥମିକ ଶିକ୍ଷକ ସଂଘ (ମିଳିତମଞ୍ଚ), କଳା ଓ କ୍ରୀଡ଼ା ଶିକ୍ଷକ ସଂଘ (ଓକେକେଏସ୍‌ଏସ୍), ଲେଫ୍ଟ-ଆଉଟ୍ ଗଣ ଶିକ୍ଷକ ସଂଘ, ଏମ୍‌ଏଲ୍‌ଇ ଶିକ୍ଷକ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ସଙ୍ଗୀତା ଦାସ, ସାରଥୀ ପାତ୍ର, ମନୋଜ କୁମାର ସ୍ୱାଇଁ, ପ୍ରସନ୍ନ ଶ୍ରୀଚନ୍ଦନ, ଜମେଶ୍ୱର ମଲ୍ଲିକ, ରାଜେଶ ମହାନ୍ତିଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ବାହାନଗା ରେଳ ଦୁର୍ଘଟଣା
## ୨ ଅଧିକାରୀ ବହିଷ୍କୃତ !

**ଭୁବନେଶ୍ୱର, ୨୧।୧(ସମିସ):** ବାହାନଗା ବଜାର ରେଳ ଦୁର୍ଘଟଣା ମାମଲାରେ ଦୁଇଜଣ ରେଳବାଇ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। ବାହାନଗା ଷ୍ଟେସନ୍ ମାଷ୍ଟର ଏବଂ ଟ୍ରାଫିକ୍ ଇନ୍ସପେକ୍ଟରଙ୍କ ବିରୋଧରେ ରେଳବାଇ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ଘଟଣାରେ ପୂର୍ବରୁ ଉକ୍ତ ଦୁଇ ଅଧିକାରୀଙ୍କୁ ନିଲମ୍ବନ କରାଯାଇଥିଲା। ତେବେ ଦକ୍ଷିଣ-ପୂର୍ବ ରେଳପଥ ପକ୍ଷରୁ ଏନେଇ କିଛି ସ୍ପଷ୍ଟ କରାଯାଇନାହିଁ। ଗତବର୍ଷ ଜୁନ୍ ୨ତାରିଖରେ ଘଟିଥିବା ବାହାନଗା ଟ୍ରେନ୍ ଦୁର୍ଘଟଣାରେ ୨୯୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୧୨୦୦ ଯାତ୍ରୀ ଆହତ ହୋଇଥିଲେ। ଏହି ମାମଲାର ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରିବା ପରେ ତିନିଜଣ ରେଳ ଅଧିକାରୀଙ୍କୁ ଗିରଫ କରାଯାଇଥିଲା। ଇତିମଧ୍ୟରେ ସିବିଆଇ କୋର୍ଟରେ ପ୍ରାଥମିକ ଚାର୍ଜସିଟ୍ ଦାଖଲ କରିଛି।

## ଅବଶିଷ୍ଟାଂଶ...

### ଆଜି ରାମଲାଲାଙ୍କ...

ଅଯୋଧ୍ୟା ନଗରୀ ରାମନାମ ମନ୍ତ୍ରରେ ପ୍ରତିଧ୍ୱନିତ ହେବା ସହ ଜୟ ଶ୍ରୀରାମ ନାରାରେ ପ୍ରକମ୍ପିତ ହୋଇଛି। କେବଳ ଅଯୋଧ୍ୟା ସହର ନୁହେଁ, ସାରା ଦେଶରେ ଏହି ଐତିହାସିକ ମୁହୂର୍ତ୍ତକୁ ଅପେକ୍ଷା କରିଥିବା କୋଟି କୋଟି ଶ୍ରଦ୍ଧାଳୁ ରବିବାର ସନ୍ଧ୍ୟାରୁ ପୂଜାର୍ଚ୍ଚନା, ବେଦପାଠ ଆରମ୍ଭ କରିଦେଇଛନ୍ତି। ସୋମବାର ଦିନ ୧୨.୨୦ ମିନିଟ୍‌ରୁ ୧୨ଟା ୪୫ ମଧ୍ୟରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ କରିବାକୁ ସମୟ ଧାର୍ଯ୍ୟ ହୋଇଛି। ଏହି କାର୍ଯ୍ୟକ୍ରମରେ ପ୍ରତୀକ ଯଜମାନ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉପସ୍ଥିତ ରହିବେ। ସେ ଆସନ୍ତାକାଲି ସକାଳେ ଅଯୋଧ୍ୟାରେ ପହଞ୍ଚିବେ। ପ୍ରାଣ ପ୍ରତିଷ୍ଠା ପୂର୍ବରୁ ମୋଦୀ ଆରମ୍ଭ କରିଥିବା ୧୧ ଦିନିଆ ବ୍ରତ ରବିବାର ସମାପନ କରିଥିଲା ବେଳେ ଏହି ଅବସରରେ ସେ ରାମେଶ୍ୱରମ ପୀଠ ଏବଂ ଧନୁଷକୋଡିସ୍ଥିତ ରାମ ସେତୁ ପ୍ରାରମ୍ଭ ସ୍ଥଳରେ ପୂଜାର୍ଚ୍ଚନା ଶେଷ କରିଛନ୍ତି।

### ଧରାପଡ଼ିଲା ଧର୍ମେନ୍ଦ୍ରଙ୍କ...

ରାଜନୈତିକ ସ୍ୱାର୍ଥ ପାଇଁ ଆଜି ଆପଣ କେବଳ ନିଜ ସଂସ୍ଥାର ସ୍ୱଚ୍ଛତା ଏବଂ ଦକ୍ଷତା ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରିନାହାନ୍ତି; ବରଂ ଦେଶର ସୁରକ୍ଷାକୁ ମଧ୍ୟ କାଠଗଡ଼ାରେ ଛିଡ଼ା କରାଇ ଦେଇଛନ୍ତି।

ଟୁଇଟର୍‌ରେ ପ୍ରଣବପ୍ରକାଶ ଦର୍ଶାଇଛନ୍ତି ଯେ ଯେଉଁ ନେସନାଲ ଟେଷ୍ଟି ଏଜେନ୍ସି ବା ଏନ୍‌ଟିଏ କଥା କେନ୍ଦ୍ରମନ୍ତ୍ରୀ କହୁଛନ୍ତି, ତାହା କ'ଣ କରେ ଛୋଟ ପିଲାକୁ ପଚାରିଲେ ବି ସେ କହିଦେବ। ଏହି ସଂସ୍ଥା କେବଳ ନିଯୁକ୍ତି ପରୀକ୍ଷା କରେନାହିଁ, ଏଣ୍ଟ୍ରାନ୍ସ ବା ପ୍ରବେଶିକା ପରୀକ୍ଷା ପରିଚାଳନା କରିଥାଏ। ଦେଶର ଶିକ୍ଷାମନ୍ତ୍ରୀ ଥାଇ ଯଦି ଶ୍ରୀ ପ୍ରଧାନ ଏକଥା ଜାଣିନାହାନ୍ତି, ତେବେ ଏହାଠାରୁ ବଳି ଦୁର୍ଭାଗ୍ୟଜନକ କଥା ଆଉ କ'ଣ ହୋଇପାରେ ବୋଲି ପ୍ରଣବପ୍ରକାଶ ପ୍ରଶ୍ନ କରିଛନ୍ତି।

ପ୍ରଣବପ୍ରକାଶ ସିଧାସଳଖ ଧର୍ମେନ୍ଦ୍ରଙ୍କ ଆଡ଼କୁ ଆଙ୍ଗୁଳି ଉଠାଇ କହିଛନ୍ତି ଯେ ବ୍ୟକ୍ତିଗତ ରାଜନୈତିକ ସ୍ୱାର୍ଥ ପାଇଁ ଆପଣ ମିଛ କହି ଅତୀତରେ ଅନେକ ବାର ଧରାପଡ଼ିଛନ୍ତି। ଏବେ ପୁଣି ତାହା ମିଛ କହି ଓଡ଼ିଶାର ଯୁବପିଢ଼ିଙ୍କ ଭବିଷ୍ୟତ ସହ ଖେଳୁଛନ୍ତି, ଆଉ ସେମାନଙ୍କୁ ରାଜନୀତିର ମୋହରା ବନାଇବାକୁ ଚେଷ୍ଟା କରୁଛନ୍ତି। ଆଇନା ଆଗରେ ନିଜ ମୁହଁ ଦେଖିଲାବେଳେ ଆପଣଙ୍କୁ କିଭଳି ଲଜ୍ଜା ଲାଗୁନାହିଁ ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି।

### ବଦଳୁଛି ଶିଶୁଙ୍କ...

ମତବ୍ୟକ୍ତ କରିଛନ୍ତି। ସେହିପରି ପିଲାମାନେ ନାକ ଅପେକ୍ଷା ପାଟିବାଟେ ଶ୍ୱାସକ୍ରିୟା କରିବା ବିପଜ୍ଜନକ। ଶୈଶବରେ ବ୍ଲଡ୍ ବ୍ରେନ୍ ବ୍ୟାରିୟର୍‌ର ବିକାଶ ହେଉଥିବାରୁ ବିଶାକ୍ତ ବାୟୁ ସେମାନଙ୍କ ମାନସିକ ଓ ଶାରୀରିକ ଅସୁସ୍ଥାର କାରଣ ହୋଇଥାଏ। ବାୟୁ ପ୍ରଦୂଷଣ ବାଳକ ମାନଙ୍କ ତୁଳନାରେ ବାଳିକାଙ୍କ ପ୍ରତି ଅଧିକ ବିପଦ ସୃଷ୍ଟି କରିଥାଏ। ଏହା ସେମାନଙ୍କ ବ୍ୟବହାରରେ ମଧ୍ୟ ପରିବର୍ତ୍ତନ ପାଇଁ ଦାୟୀ ବୋଲି ଗବେଷକମାନେ ସ୍ୱିକାର କରିବା ସହିତ ଏଭଳି ସ୍ଥିତିରେ ବାଲୁତ ସମୟରେ କର୍କଟ ସୃଷ୍ଟି ହେବା ଦିଗରେ ସହାୟକ ହୋଇଥାଏ ବୋଲି କୁହାଯାଇଛି। କର୍କଟ ରୋଗୀଙ୍କ ବର୍ଦ୍ଧିତ ସଂଖ୍ୟା ସ୍ୱାସ୍ଥ୍ୟ ବିଭାଗ ପାଇଁ ଏବେ ବି ବଡ଼ ଆହ୍ୱାନ ହୋଇ ରହିଥିବା ବେଳେ ପିଲାମାନଙ୍କ ମଧ୍ୟରେ କର୍କଟ ବଢୁଥିବା ଦେଖାଯାଇଛି। ଏପରିକି ଓଡିଶାରେ ପିଲାମାନଙ୍କ ମଧ୍ୟରେ କର୍କଟ ଜାତୀୟ ହାର ଠାରୁ ଅଧିକ ରହିଛି ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଇଛନ୍ତି। ଜନସଂଖ୍ୟା ଆଧାରିତ କର୍କଟ ରେଜିଷ୍ଟ୍ରି (ପିବିସିଆର) ଅଭାବରେ ରାଜ୍ୟରେ କେତେ ସଂଖ୍ୟକ କର୍କଟ ରୋଗୀ ଅଛନ୍ତି ଏବଂ ସେମାନଙ୍କ ମଧ୍ୟରେ ପିଲାମାନଙ୍କ ସଂଖ୍ୟା କେତେ ତାହା ସ୍ପଷ୍ଟ ହୋଇପାରି ନାହିଁ। ତେବେ ପିଲାମାନଙ୍କ କର୍କଟର ଚିକିତ୍ସା କରୁଥିବା ଡାକ୍ତରଖାନାର ଚିକିତ୍ସକଙ୍କ ମତ ଅନୁସାରେ ଓଡିଶାରେ ଶିଶୁ କର୍କଟ ହାର ୭ରୁ ୧୦% ମଧ୍ୟରେ ରହୁଛି। ନିକଟରେ କଟକ ସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ପିଜି ପ୍ରତିଷ୍ଠାନ ପକ୍ଷରୁ ଜାରି ରିପୋର୍ଟ ଅନୁସାରେ ୨୦୧୩ରୁ ୨୦୨୦ ମଧ୍ୟରେ ୧.୬% ଶିଶୁ ବିଭିନ୍ନ ପ୍ରକାର କର୍କଟ ରୋଗରେ ଆକ୍ରାନ୍ତ ହୋଇଛନତି। ସେହିପରି ଗତ ଚାରି ବର୍ଷ ହେଲା ଏମ୍ସ ଭୁବନେଶ୍ୱରରେ ପ୍ରତି ବର୍ଷ ୨୫୦ରୁ ୩୦୦ ନୂଆ ଶିଶୁ କର୍କଟ ରୋଗୀ ଚିହ୍ନଟ ହେଉଛନ୍ତି। ଏଠାକୁ ଓଡିଶା ସମେତ ଝାରଖଣ୍ଡ, ଛତିଶଗଡ଼, ପଶ୍ଚିମ ବଙ୍ଗରୁ ରୋଗୀ ଆସୁଛନ୍ତି। ତେବେ ଓଡିଶାରେ ଶିଶୁ କର୍କଟ ରୋଗୀଙ୍କ ସଂଖ୍ୟା ପଡୋଶୀ ଜିଲ୍ଲାର ରୋଗୀଙ୍କ ଠାରୁ କମ୍ ରହୁଛି ବୋଲି ଚିକିତ୍ସା କରୁଥିବା ଅଙ୍କୋଲୋଜି ବିଭାଗର ବରିଷ୍ଠ ଡାକ୍ତର କହିବା ସହିତ ଏକ ଚିକିତ୍ସା ବିଜ୍ଞାନ ପାଇଁ ଆଉ ଏକ ପ୍ରମୁଖ ଆହ୍ୱାନ ବୋଲି ପ୍ରକାଶ କରିଛନ୍ତି। ପିଲାମାନଙ୍କୁ ଠିକ୍ ସମୟରେ ଚିକିତ୍ସା କରାଗଲେ ସେମାନେ ସୁସ୍ଥ ହୋଇପାରିବେ।

କର୍କଟ ରୋଗର ମୂଳୋତ୍ପାଟନ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଅନେକ କ୍ଷେତ୍ରରେ ପ୍ରତିଫଳିତ ହେଉଛି। ରାଜ୍ୟର ପ୍ରତି ଜିଲ୍ଲା ମୁଖ୍ୟାଳୟରେ କେମୋ ଥେରାପି ସୁବିଧା ଉପଲବ୍ଧ କରାଯିବା ଠାରୁ ଆରମ୍ଭ କରି ଏମ୍‌କେସିଜି ମେଡିକାଲ କଲେଜରେ କ୍ୟାନ୍ସର କେୟାର ୟୁନିଟ୍ ନିର୍ମାଣ ଆରମ୍ଭ କରାଯାଇଛି। ରୋଗୀଙ୍କ କେମୋ ଥେରାପି ଲାଗି ରାଜ୍ୟ ସରକାର ବାର୍ଷିକ ୧୦୪୬ କୋଟି ଟଙ୍କା ବ୍ୟୟ କରୁଛନ୍ତି। ସେହିପରି ଟିଏମ୍‌ସି ସହାୟତାରେ ଜିଲ୍ଲା ସ୍ତରରେ କର୍କଟ ନିଦାନ କେନ୍ଦ୍ର ପ୍ରତିଷ୍ଠା ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି। ଗତ ୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକ ଆଚାର୍ଯ୍ୟ ହରିହର କର୍କଟ ଗବେଷଣା କେନ୍ଦ୍ରରେ ଦୁଇଟି ଲିନାର୍ ଆକ୍ସେଲେଟର୍ ଏବଂ ୩୦ ଶଯ୍ୟା ବିଶିଷ୍ଟ ଡେ କେୟାର ୟୁନିଟ୍ ଲୋକାର୍ପଣ କରିଛନ୍ତି।

### ଦୁଇ ଆଇଜିଙ୍କ...

ଅଧୀକ୍ଷକ ହେମାମାଳିନୀ ନାୟକ, ପଞ୍ଚମ ବର୍ଗରେ ରାଉରକେଲା ଚତୁର୍ଥ ବାଟାଲିୟନର ପୁଲିସ୍ ଏସ୍‌ଆଇ (ସଶସ୍ତ୍ର) ଦିଲୀପ ନାୟକ, କମିସନରେଟ୍ ପୁଲିସର ଭୁବନେଶ୍ୱର ଯୁପିଡିର ଏସ୍‌ଆଇ ଯୁଗଳ ଚରଣ ସ୍ୱାଇଁ, ସମ୍ବଲପୁର ଭିଜିଲାନ୍ସ ବିଭାଗର ଏସ୍‌ଆଇ ସଞ୍ଜୟ ପଟ୍ଟନାୟକ, ଷଷ୍ଠ ବର୍ଗରେ ଏଏସ୍‌ଆଇ ବିକାଶ ପାତ୍ର, ପ୍ରଜାପତି ମେହେର ଓ ପ୍ରଶାନ୍ତ ବିଶ୍ୱାଳ ଏହି ସମ୍ମାନଜନକ ପଦକ ପାଇବେ। ସେହିପରି ସପ୍ତମ ବର୍ଗରେ କନଷ୍ଟେବଲ ରମେଶ ସାହୁ, ସନାତନ ସାହୁ, ନରେଶ କୁମାର ଚୌଧୁରୀ, ସିପାହୀ ବିଶ୍ୱକର୍ମା ମୁଣ୍ଡା ଓ କେଦାରନାଥ ମିଶ୍ରଙ୍କ ନାମ ଘୋଷଣା କରାଯାଇଛି।

**ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ**
ସା/ପୋ.ଅ- ଘଟଗାଁ, ଜି- କେନ୍ଦୁଝର-୭୫୮୦୨୭
ଫୋନ୍- ୦୬୭୩୩-୨୯୯୯୦୮

**ଲେଖା ଆବଶ୍ୟକ**

ମା' ତାରିଣୀଙ୍କ ଅଙ୍ଗେଲିଭା ଜଥଶବସ୍ତୁ ଉପରେ ଆଧାରିତ ଏକ ସ୍ମରଣିକା ଆସନ୍ତା ମହାବିଷୁବ ପଣାସଂକ୍ରାନ୍ତି (ଚୈତି ପର୍ବ) ଅବସରରେ ପ୍ରକାଶ କରାଯିବା ପାଇଁ ସ୍ଥିର କରାଯାଇଅଛି। ସେଥିପାଇଁ ମା'ତାରିଣୀଙ୍କ ପ୍ରିୟ ଭକ୍ତମାନଙ୍କ ଠାରୁ ସେ ସମ୍ବନ୍ଧୀୟ ଲେଖା ଆହ୍ୱାନ କରଯାଉଅଛି। ଯେଉଁ ଭକ୍ତମାନେ ମା' ତାରିଣୀଙ୍କ ଆଶ୍ରିତ ହୋଇ କିମ୍ବା ମାନସିକ କରି ଫଳ ପାଇଛନ୍ତି ସେମାନେ ତାଙ୍କର ମନର କଥାକୁ ନିଜ ଭାଷାରେ ସାଧା କାଗଜରେ ଗୋଟିଏ ପାର୍ଶ୍ୱରେ ଲେଖି ଆସନ୍ତା ୨୦୨୪ ଫେବୃଆରୀ ୧୫ ତାରିଖ ମଧ୍ୟରେ ସ୍ମରଣିକାସ ମ୍ପାଦନା ମଣ୍ଡଳୀ, କାର୍ଯ୍ୟନିର୍ବାହୀ ଅଧିକାରୀ ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ, ସା/ପୋ.ଅ- ଘଟଗାଁ, ଜି- କେନ୍ଦୁଝର (ଓଡ଼ିଶା) ପିନ୍-୭୫୮୦୨୭ ଠିକଣାରେପ୍ରେରଣ କରିବାକୁ ଅନୁରୋଧ । ନଚେତ୍ ମନ୍ଦିର କାର୍ଯ୍ୟାଳୟରେ ପହଞ୍ଚାଇବେ। ଉକ୍ତ ଲେଖା ଏକ (୧) ପୃଷ୍ଠା ମଧ୍ୟରେ ସୀମିତ ରଖିବେ । ଲେଖା ସହିତ ନିଜର ଗୋଟିଏ ପାସ୍‌ପୋର୍ଟ ସାଇଜ୍‌ର ଫଟୋ, ସଂପୂର୍ଣ୍ଣ ଡାକ ଠିକଣା ଓ ମୋବାଇଲ୍ ନଂ ଲେଖି ପଠାଇବେ। ସ୍ମରଣିକା ସମ୍ବନ୍ଧରେ ଜାଣିବାକୁ ଇଛାଥିଲେ ନିମ୍ନ ଟେଲିଫୋନ୍ ନମ୍ବରରେ ଯୋଗାଯୋଗ କରିପାରିବେ।

ଯୋଗଯୋଗ ଫୋନ୍ ନମ୍ବର: ୦୬୭୩୩-୨୯୯୯୦୮
ନିବେଦକ: ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ
ଘଟଗାଁ, କେନ୍ଦୁଝର

MM-418

**ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ ବନଖଣ୍ଡ**
OFFICE OF THE DIVISIONAL FOREST OFFICER, DHENKANAL FOREST DIVISION
Tele Fax No-06762226717, e-mail ld-dfo.dhenkanal@odisha.gov.in

**ନିଲାମ ଇସ୍ତାହାର**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଢେଙ୍କାନାଳ ବନଖଣ୍ଡ ଅଧିନରେ ଥିବା କାଜୁ ଜଙ୍ଗଲରୁ ୨୦୨୩-୨୪ (୨୦୨୪ ବର୍ଷର) କାଜୁ ବାଦାମ ସଂଗ୍ରହ କରିବାପାଇଁ ନିମ୍ନଲିଖିତ ତାରିଖ, ସ୍ଥାନ ଓ ସମୟ ଅନୁଯାୟୀ ପ୍ରକାଶ୍ୟ ଭାବେ ନିଲାମ କରାଯିବ । ବିକ୍ରି ସର୍ତ୍ତ ଓ କାଜୁ ବାଦାମ ସଂଗ୍ରହ ସ୍ୱତନ୍ତ୍ର ନିୟମାବଳୀ ଗୁଡ଼ିକ କାଏମ ରହିବ । ନିଲାମ ସମାପ୍ତି ପରେ ଦ୍ରବ୍ୟ ଓ ଏରିଆ ଇତ୍ୟାଦି ସମ୍ବନ୍ଧରେ କୌଣସି ଆପତ୍ତି, ଅଭିଯୋଗ ଗ୍ରହଣ କରାଯିବ ନାହିଁ । ନିଲାମ ସମ୍ବନ୍ଧୀୟ ବିଶେଷ ବିବରଣୀ ଢେଙ୍କାନାଳ ବନଖଣ୍ଡ ଅଧିକାରୀ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରୁ କାର୍ଯ୍ୟ ଦିବସରେ ସକାଳ ୧୦ ଘଣ୍ଟା ଠାରୁ ୫. ୩୦ ଘଣ୍ଟା ମଧ୍ୟରେ ମିଳିପାରିବ ।

| ନିଲାମ ତାରିଖ | ନିଲାମ ସ୍ଥାନ | କେଉଁ ଅଞ୍ଚଳର ଦ୍ରବ୍ୟ | ସମୟ |
|---|---|---|---|
| ୧ | ୨ | ୩ | ୪ |
| ୩୦.୦୧.୨୦୨୪ ଏବଂ ୦୭.୦୨.୨୦୨୪ | ବନଖଣ୍ଡ ଅଧିକାରୀଙ୍କ, କାର୍ଯ୍ୟାଳୟ, ଢେଙ୍କାନାଳ ବନଖଣ୍ଡ, ଢେଙ୍କାନାଳ | ୧. ବେଗା ରିଜର୍ଭ ଜଙ୍ଗଲର ମିଶ୍ରିତ କାଜୁ ପ୍ଲାଣ୍ଟେସନ୍ (କରଡାବଣି ଭି.ଏସ୍.ଏସ୍ ଏରିଆ) (DL No. 26 of 2023-24)<br>୨. ବେଗା ରିଜର୍ଭ ଜଙ୍ଗଲର ମିଶ୍ରିତ କାଜୁ ପ୍ଲାଣ୍ଟେସନ୍ (କରଡାବଣି ଭି.ଏସ୍.ଏସ୍ ଏରିଆ ବ୍ୟତିତ) (DL No. 27 of 2023-24) | ସକାଳ ୧୧.୦୦ |

ବନଖଣ୍ଡ ଅଧିକାରୀ,
ଢେଙ୍କାନାଳ ବନଖଣ୍ଡ
OIPR - 08037/11/0015/2324

CAD-3777

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍-(୦୬୭୪)୨୩୯୩୫୨୪
ଇପିବିଏକ୍ସ : (୦୬୭୪)୨୩୯୧୫୪୨ଳ ୨୩୯୦୧୪୧
ଫାକ୍ସ : (୦୬୭୪)୨୩୯୩୯୫୨, ୱେବ୍‌ସାଇଟ୍ www.shb.org

ପତ୍ର ସଂଖ୍ୟା ୦୯
H-2177/1995
ତା.୧୦.୦୧.୨୦୨୪

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବନାହିଁ।

| ମୃତ ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ସ୍ୱ-ଦାମୋଦର ମିଶ୍ର<br>ପିତା-ସ୍ୱ ଦିବ୍ୟସିଂହ ମିଶ୍ର<br>ସା-ଯଦୁଚନ୍ଦ୍ରପୁର<br>ପୋ-ଭିତରଗଡ଼<br>ଥାନା-ରାଜନଗର<br>ଜିଲ୍ଲା-କେନ୍ଦ୍ରାପଡ଼ା | ଏଲଆଇଜି-୬୬୦<br>(LIG-660)<br>ପ୍ରଶାନ୍ତୀ ବିହାର, ପଟିଆ<br>ଭୁବନେଶ୍ୱର | ୧. ସମୀର ମିଶ୍ର (ପୁତ୍ର)<br>୨. ପ୍ରଦୀପ ମିଶ୍ର (ପୁତ୍ର)<br>୩. ଅଜିତ ମିଶ୍ର (ପୁତ୍ର)<br>୪. ଦିଲ୍ଲୀପ ମିଶ୍ର (ପୁତ୍ର)<br>୫. କୃଷ୍ଣପ୍ରିୟା ମିଶ୍ର (ସ୍ତ୍ରୀ)<br>୬. ଅଜନ୍ତା ମିଶ୍ର (ବି. କନ୍ୟା)<br>୭. ଅଲୋରା ମିଶ୍ର (ବି. କନ୍ୟା)<br>୮. ଅଳକାନନ୍ଦା ମିଶ୍ର (ବି. କନ୍ୟା) |

ସ୍ୱା-ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0624/2324

E-762

**OFFICE OF THE CDM & PHO & DISTRICT MISSION DIRECTOR, BHADRAK DISTRICT HEALTH MISSION**
(Department of Health & FW, Govt. of Orissa)

Corrigendum Advt. No. 02/2024 Date 20.01.2024

With reference to the advt. No- 01/2024 dtd. 08.01.2024, it is for information of al concerned that for hiring of the vehicles for DPMU on monthly basis will not include the vehicle - Swift Desire & Honda City.

All other terms and conditions in the RFP invited earlier will remain unchanged.

OIPR-10123/11/0012/2324 Sd/- CDM &PHO, Bhadrak

**MAHARAJA SRIRAM CHANDRA BHANJA DEO UNIVERSITY**
SRIRAM CHANDRA VIHAR TAKATPUR BARIPADA - 757003 (ODISHA)
No. 161/MSCBU (SFC-205/2019)2024 Date: 18.01.24

CAD-3770
**WALK-IN-INTERVIEW**

A walk-in-interview for engagement of Guest Faculty on purely temporary basis in the subjects ATS, Botany, Economics, Physics, Odia, Sanskrit, English, Mathematics, Yoga and Naturopathy, Int. B.ED, M.Ed., Education and MBA will be conducted as per the scheduled dates. The interested candidate may access the University Website: www.nou.nic.in for details. For any update visit University website from time to time.

By order of Vice-Chancellor,
Sd/- Chairman, PG Council
OIPR - 11129/11/0002/2324

n-259

**DISTRICT PROJECT OFFICE**
**SAMAGRA SIKSHYA, MAYURBHANJ**
**TENDER CALL NOTICE**

No. 180, Date 18.01.2024

**FOR PRINTING OF QUESTION-CUM- ANSWER SHEET, ORAL QUESTION, SCORING KEYS FOR SUMMATIVE ASSESSMENT-112023-24**

Sealed Quotations under two bid systems are Invited from registered Offset Printers/firms for Printing, Packing and Supply of Question-cum-Answer sheets for Summation Assessment (Class-I to VIII) for 2023-24 for Mayurbhanj District. The tender papers/bid documents containing detailed specification with terms and conditions in 2 part bidding ie., application of Technical Bid fJ application of Financial Sid & the tender paper can be downloaded in the website at **www.osepa.odisha.gov.in and www.mayurbhanj.nic.in.** Cost Tender processing fees Rs.4000.00 (Rupees Four Thousand) Only (Non-Refundable). The last date & time for submission of sealed tender is 01.02.2024 at 2 pm and the tech bid will be opened on 02.02.2024 at 11 Am.

Collector-cum-Chairman
SS, Mayurbhanj
OIPR-27140/11/0001/2324

B-1650
e-mail ID - supenger_rbjyp@yahoo.co.in
Phone No – 06854 – 231528

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, JEYPORE (R&B) CIRCLE, JEYPORE**
**INVITATIONS FOR BIDS (IFB)**
Bid Identification No. C.C.E.J.C (R&B) - 35/2023-24
No. 234 / Date - 16.01.2024

1. Nature of the work: **BUILDING WORKS**
2. Total No. of Works: 03 (Three) Nos.
3. Estimated cost: Rs. **1.08** Crs. to **1.09** Crs.
4. Period of completion: 07 (Seven) Months Each.
5. Cost of Bid Document: Rs. 10,000/-
6. Bid Security (EMD): Rs. **1.08 to 1.09** Lac As per column no. 06 of IFB.
7. Class of Contractor: "B" & "A" Class as per cl no. 05 of TCN & according to Financial Eligibility.
8. Date & time of availability of bid Document in the portal: From 11.00 hours of 22.01.2024 to 17.00 hours of 05.02.2024
9. Last date / Time for receipt of bids in the Portal: 17.00 hours of 05.02.2024
10. Opening date of Bid: 10.00 hours of 06.02.2024
11. Name and address of the Officer Inviting Bid : Chief Construction Engineer, Jeypore (R&B) Circle, Jeypore

**Further details can be seen from the e-procurement portal https://tendersodisha.gov.in**
**Any addendum / corrigendum / cancellation of tender can also be seen in the said website only.**

Chief Construction Engineer
Jeypore (R&B) Circle, Jeypore
OIPR-34108/11/0040/2324

O-2270
Email: eerwel_bsr@yahoo.co.in

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS ELECTRICAL DIVISION**
**BHUBANESWAR**
E-Procurement Notice No.- EERWELBBSR-44/2023-24

| | | |
|---|---|---|
| 1 | Name of the work | 4nos of SITC of IP based CCTV surveillance system to different court building |
| 2 | Estimated Cost | From 7.34 lakhs to 9.81 lakhs (Excluding GST) |
| 3 | Period of completion | 30days |
| 4 | Bid Identification No | **EERWELBBSR – 44/ 2023-24** |
| 5 | Date and time of availability of Bid documents in the portal | From Dt.**22.01.2024** at 12:30 A.M.to Dt **29.01.2024** up to 5.00 P.M |
| 6 | Date & Time of opening of tender | Dt.**30.01.2024** at 01.00 P.M. |
| 7 | Procurement officer/ Name and address of the officer inviting Bids. | Executive Engineer, R.W.EL.DIVN.BBSR At- 1st floor of Divn. Complex, Rasulgarh Behind Explanade Mall. Dist. -Khurda Odisha. Pincode-751010 |

Further detail can be seen from the Govt. website www.tenderorissa.gov.in

Executive Engineer
Rural Work Electrical Division,
Bhubaneswar
OIPR-25168/11/0013/2324

O-2264

**OFFICE OF THE EXECUTIVE ENGINEER**
**RWSS DIVISION, RAIRANGPUR**
**INVITATION FOR BIDS**
E-mail-eerwss_rai@nic.in, eerwss.rai@gmail.com
**e-PROCUREMENT NOTICE**
**IDENTIFICATION No. 57 RWSS/RRPUR-2023-2024 / Dated 19.01.2024**

The Executive Engineer, RWS&S Division, Rairangpur on behalf of Odisha invites from bidders of manufacturers / suppliers / distributor registered with the State Government and bidders of equivalent Grade / Class registered with Central Government / MES / Railways for supply of materials. The manufacturers / suppliers / distributor may submit bids for any or all of the following work.

1. Nature of work: - Supply of ISI marked steel tubes used in water wells of type electric resistance welder (ERW) confirming to **IS-4270/2001** with subsequent amendments if any having length of **3.05 mtrs cutting tolerance** (-0.00mtr. + 0.05 mtr) and both sides beveled. The angle of bevel shall be 150 in one end and 450 in other end. Nominal Bore **5" (125 mm dia) ERW MS Casing Pipe** having wall thickness **5.40 mm. (01 Package)**
2. Period of Delivery : **30(thirty)** days
3. Cost of tender : - ₹10000.00
4. Estimated cost : - **₹ 76.87 Lac**
5. Class of Bidder : - **Registered manufacturers / Authorized Dealers only.**
6. Date and time of availability of bid documents in Portal: -from **11.00 hours of 31.01.2024 to 17.00 to hours of 17.02.2024**
7. Receipt of bid cost, bid security, documents: - Online only
8. Date & time of opening of technical bid: - Dt. **19.02.2024** at **11.00** hours onwards.
9. Other Documents: - (As mentioned in DTCN)
10. The bidders have to participate in on-line bidding only. Further details can be seen from the website **https://www.tendersodisha.gov.in.**
11. **Any addendum / Corrigendum / Cancellation of tender can also be seen in the said website.**

Executive Engineer
RWSS Division, Rairangpur
OIPR-25010/11/0018/2324

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
**Ph.: 9437015112**

**AFFIDAVIT**

I Sukanta Kumar Prusty, son of late Sri Sanyasi Prusty, resident of plot no 611/9032/10814, Rudrapur, PS- Balianta, Bhubaneswar-752101 declare by this affidavit dated 18.01.2024 that from now on my daughter Saahita Sukanta Kumar Prusty will be known as **Saahita Prusty** for all purposes.

**AFFIDAVIT**

I, Srikant Samal, s/o - Pratap Samal, resident of Maharakul, Po-Madhuban , Ps-Aul , Dist-Kendrapara, Pin - Odisha. Declare by this affidavit No-59AA 790247 dtd-19/01/2024 that now onwards I shall be known as **Srikanta Samal** for all future purposes.

**AFFIDAVIT**

I Jhunubala pattanaik, D/o- late Laxmidhar pattanaik, W/o -Satya Narayan Samantaray, resident of PlotNo.60, Bapujinagar , Bhubaneswar, District- khordha, Pin -751009 Odisha. Declare by this affidavit No.178 dtd-18/05/2022 that now onwards I shall be known as **JHUNUBALA SAMANTARAY** for all future purposes.

**AFFIDAVIT**

By an Affidavit No.CF 56, Dtd. 22.12.2023 before Executive Magistrate Bhubaneswar, I, Sitakant Patnaik, S/o. Late Srikrishna Patnaik, resident of D-39, Gouri Garden, Gouri Nagar, Bhubaneswar-751002, Odisha, declare that my correct name is Sitakant Patnaik as per my Aadhar Card No. 3490 9820 5074, but it has been wrongly recorded as Sitakanta Srikrishna Patnaik in my Passport No. L 7144552, issued from Bhubaneswar. Sitakant Patnaik and Sitakanta Srikrishna Patnaik is one and same person for all purposes.

**AFFIDAVIT**

I, Vijaya Sankara Rao Pasupureddi, S/o-Syamala Rao Pasupureddi,resident of At- B1-501, Permanent Campus, Aragul, IIT, PS-Jatni, Bhubaneswar, Dist-Khurda, Pin- 752050, Odisha declare by this affidavit No.147, dated-20/01/2024 that now onwards I shall be known as **VIJAY SHANKAR PASUPUREDDI** for all future purposes.

**AFFIDAVIT**

I, Ranjan Mallick, S/o-Narahari Mallick, resident of At- Plot No.32, Gymkhana, Palm Heights, Near SUM Hospital, Khandagiri, Bhubaneswar, Dist-Khordha, Pin-751030, Odisha declare by this affidavit No.142, dated- 19/01/2024 that now onwards I shall be known as **RANJAN KUMAR MALLICK** for all future purposes.

**AFFIDAVIT**

I, Stiti Pragyan Mallick, W/o-Ranjan Kumar Mallick, resident of At- Plot No.32, Gymkhana, Palm Heights, Near SUM Hospital, Khandagiri, Bhubaneswar, Dist-Khordha, Pin-751030, Odisha declare by this affidavit No.143, dated- 19/01/2024 that now onwards I shall be known as **STITI PRAGYAN DALBEHERA** for all future purposes.

## ଦେଶ ବିଦେଶ

● ଭଦୋଦରା ଡଙ୍ଗା ଦୁର୍ଘଟଣା

### ଗୁଜରାଟ ସରକାରଙ୍କୁ ରିପୋର୍ଟ ମାଗିଲେ ହାଇକୋର୍ଟ

**ଅହମଦାବାଦ, ୨୧।୧ (ଏଜେନ୍ସି):** ଭଦୋଦରା ହରଣୀ ହ୍ରଦ ଡ଼ଙ୍ଗା ଦୁର୍ଘଟଣା ମାମଲା ଉପରେ ଗୁଜରାଟ ହାଇକୋର୍ଟ ହସ୍ତକ୍ଷେପ କରିଛନ୍ତି। ନିଜ ଆଡୁ ମାମଲାର ବିଚାର କରି ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଦୁର୍ଘଟଣାକୁ ନେଇ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହାର ରିପୋର୍ଟ ୨୯ ତାରିଖ ସୁଦ୍ଧା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦୁର୍ଘଟଣା ସାଧାରଣ ଲୋକଙ୍କୁ ବିଚଳିତ କରିଦେଇଛି ବୋଲି ହାଇକୋର୍ଟ କହିଛନ୍ତି। ୨୯ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଗତ ୧୮ ତାରିଖରେ 'ନ୍ୟୁ ସନରାଇଜ ସ୍କୁଲ୍'ର ଛାତ୍ର ବଣଭୋଜି କରିବାକୁ ହ୍ରଦକୁ ଯାଇଥିଲେ। ସେଠାରେ ସେଲ୍‌ଫି ନେବା ସମୟରେ ଡଙ୍ଗା ବୁଡ଼ିଯିବାରୁ ୧୨ ଛାତ୍ରଙ୍କ ସମେତ ୨ ଶିକ୍ଷକଙ୍କ ମୃତ୍ୟୁ ହୋଇଥିଲା। ଏହା ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ସୁନିତା ଅଗ୍ରୱାଲ କହିଥିଲେ ଯେ ହ୍ରଦରେ କୌଣସି ସୁରକ୍ଷା ନିୟମ ପାଳନ ନ କରାଯିବା ଚିନ୍ତାର ବିଷୟ। ସେଠାରେ ସୁରକ୍ଷା ନିୟମକୁ ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ କରାଯାଇଥିଲା। ଛାତ୍ରଙ୍କୁ ସୁରକ୍ଷା ଜ୍ୟାକେଟ ମଧ୍ୟ ଦିଆଯାଇ ନ ଥିଲା।

### ମେହସାଣାରେ ଶୋଭାଯାତ୍ରା ଉପରେ ପଥର ମାଡ଼; ୫ ଆହତ

**ମେହସାଣା, ୨୧।୧ (ଏଜେନ୍ସି):** ଅଯୋଧ୍ୟାରେ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠାକୁ ନେଇ ସାରା ଦେଶରେ ଉତ୍ସବ ଭଳି ସ୍ଥିତି ସୃଷ୍ଟି ହୋଇଛି। ରାମ ଭକ୍ତ ବହୁତ ଉତ୍ସାହିତ ଅଛନ୍ତି। ଏହାର ଦିନକ ପୂର୍ବରୁ ରବିବାର ଗୁଜରାଟ ମହେସାଣା ଜିଲ୍ଲାର ଖେରାଲୁରେ ଶ୍ରୀରାମଙ୍କ ଶୋଭାଯାତ୍ରା ବାହାରିଛି। ଏହି ଶୋଭାଯାତ୍ରା ମସ୍‌ଜିଦ୍ ନିକଟ ଦେଇ ଗଲାବେଳେ କିଛି ଉପଦ୍ରବୀ ପଥରମାଡ଼ କରିଛନ୍ତି। ଏହା ଦେଖି ଲୋକେ ଭୟଭୀତ ହୋଇଯାଇଥିଲେ। ଏଣେତେଣେ ପଳାଇବାକୁ ଲାଗିଥିଲେ। ଏହି ଆକ୍ରମଣରେ ୫ ଜଣ ଆହତ ହୋଇଛନ୍ତି। ନିକଟସ୍ଥ ଡାକ୍ତରଖାନାରେ ସମସ୍ତଙ୍କର ଚିକିତ୍ସା ଚାଲିଛି। ଏହା ପରେ ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ୧୦ ରାଉଣ୍ଡ ଲୁହବୁହା ଗ୍ୟାସ୍‌ର ଗୋଳା ପ୍ରୟୋଗ କରିଛି। ପଥରମାଡ଼ କରିଥିବା ଲୋକଙ୍କୁ ଧରିବା ପାଇଁ ଚଢ଼ଉ ଆରମ୍ଭ କରିଛି। ଏହି ମାମଲାରେ ୧୫ ଜଣଙ୍କୁ ଗିରଫ କରାଯାଇଛି।

### ମ୍ୟାଁମାରର ୨୭୬ ସୈନିକଙ୍କୁ ସ୍ୱଦେଶ ପଠାଇବ ଭାରତ

**ନୂଆଦିଲ୍ଲୀ, ୨୧।୧ (ଏଜେନ୍ସି):** ମ୍ୟାଁମାରରେ ସେନାର ୨୭୬ ଯବାନଙ୍କୁ ଭାରତ ସ୍ୱଦେଶ ପଠାଇବାକୁ ନିଷ୍ପତ୍ତି ନେଇଛି। ଗତ ସପ୍ତାହରେ ଏକ ବିଦ୍ରୋହୀ ଗୋଷ୍ଠୀ ସହ ସଂଘର୍ଷ ଚାଲିଥିବାବେଳେ ଏମାନେ ମିଜୋରାମର ଲାଙ୍ଗଟଲାଇ ଜିଲ୍ଲାକୁ ପଳାଇ ଆସିଥିଲେ ଏବଂ ଆସାମ ରାଇଫଲ୍ସର ଶରଣ ପଶି ଥିଲେ। ସୋମବାର ଏବଂ ମଙ୍ଗଳବାର ସୈନିକଙ୍କୁ ନିଜ ଦେଶକୁ ପଠାଇ ଦିଆଯିବ। ଆସାମ ରାଇଫଲ୍ସ ଅଧିକାରୀଙ୍କ ସୂଚନା ଅନୁଯାୟୀ ମ୍ୟାଁମାର ବାୟୁସେନାର ବିମାନ ମାଧ୍ୟମରେ ଏହି ଯବାନଙ୍କୁ ଆଇଜୋଲ ନିକଟସ୍ଥ ଲେଙ୍ଗପୁଇ ବିମାନବନ୍ଦରରୁ ସିଟୱେ ପଠାଯିବ। ନଭେମ୍ବରଠାରୁ ଏ ପର୍ଯ୍ୟନ୍ତ ମ୍ୟାଁମାର ୬୩୫ ସୈନିକ ନିଜ ଦେଶ ଛାଡ଼ି ମିଜୋରାମରେ ପ୍ରବେଶ କରିଛନ୍ତି। ପୂର୍ବରୁ ୩୫୯ ଜଣଙ୍କୁ ମ୍ୟାଁମାର ପଠାଇ ଦିଆଯାଇଥିଲା।

### ପୁଟିନ ବିଶ୍ୱର ଧନୀ ରାଜନେତା

**ମସ୍କୋ, ୨୧।୧ (ଏଜେନ୍ସି):** ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଜୀବନଶୈଳୀ ସାରା ବିଶ୍ୱରେ ଚର୍ଚ୍ଚାରେ ରହିଛି। ଏହା ପୁଟିନଙ୍କୁ ଅନ୍ୟମାନଙ୍କଠାରୁ ଭିନ୍ନ ବନାଉଛି। ପୁଟିନ ବର୍ଷକୁ ଲକ୍ଷେ ୪୦ ହଜାର ଡଲାର ଦରମା ପାଉଛନ୍ତି। ତାଙ୍କ ପାଖରେ ୮୦୦ ସ୍କୋୟାର ଫୁଟର ଆପାର୍ଟମେଣ୍ଟ, ଏକ ଟ୍ରେଲର ଏବଂ ତିନୋଟି କାର୍ ଅଛି ବୋଲି ସମସ୍ତେ ଜାଣନ୍ତି। ମାତ୍ର ପୁଟିନଙ୍କ ସମ୍ପତ୍ତି ଏହାଠାରୁ ଅନେକ ଅଧିକ। ସେ ବିଶ୍ୱର ସବୁଠାରୁ ଧନୀ ରାଜନେତା। ତାଙ୍କ ପାଖରେ ୨୦୦ ବିଲିୟନ ଡଲାରରୁ ଅଧିକ ସମ୍ପତ୍ତି ରହିଛି ବୋଲି ଏକ ରିପୋର୍ଟରେ



● ସମ୍ପତ୍ତି ୨୦୦ ବିଲିୟନ ଡଲାର
● ୭୦୦ ମିଲିୟନ ଡଲାର ଜେଟ୍‌ର ମାଲିକ

ଦାବି କରାଯାଇଛି। ୧୯୯୦ ମସିହାରେ ରୁଷ୍‌ର ପ୍ରମୁଖ ନିବେଶକାରୀ ଥିବା ଜଣେ ବ୍ୟକ୍ତି ଏହି ଦାବି କରିଛନ୍ତି। ଅନେକ ସମୟରେ ପୁଟିନଙ୍କ ସମ୍ପତ୍ତିକୁ ନେଇ ଭିନ୍ନ ଭିନ୍ନ ଦାବି କରାଯାଇଛି। ଏଥିରେ ଗୋଟିଏ ପରେ ଗୋଟିଏ ରହସ୍ୟ ଯୋଡ଼ି ହୋଇଚାଲିଛି। ପୁଟିନଙ୍କ ସମ୍ପତ୍ତି ମଧ୍ୟରେ କୃଷ୍ଣ ସାଗରରେ ଥିବା କୋଠା ସବୁଠୁ ଚର୍ଚ୍ଚାରେ ରହିଛି। ଏହାକୁ ପୁଟିନଙ୍କ 'କଣ୍ଟ୍ରି କଟେଜ' ମଧ୍ୟ କୁହାଯାଏ। ଏହି କୋଠାରେ ବିଳାସପୂର୍ଣ୍ଣ ଜୀବନଯାପନ କରିବା ପାଇଁ ସମସ୍ତ ସୁବିଧା ରହିଛି। ଏଠାରେ ମାର୍ବଲର ସ୍ୱିମିଂ ପୁଲ୍, ଗ୍ରୀକ୍ ଠାକୁରଙ୍କ ମୂର୍ତ୍ତି, ଆମ୍ଫିଥିଏଟର, ଆଇସି ହକି ରିଙ୍କ, କ୍ୟାସିନୋ ଏବଂ ନାଇଟ କ୍ଲବ୍ ରହିଛି। ଏହି କୋଠାର ଡାଇନିଂ ରୁମ୍‌ରେ ଲାଗିଥିବା ଆସବାବପତ୍ର ପାଇଁ ୫ ଲକ୍ଷ ଡଲାର ଖର୍ଚ୍ଚ କରାଯାଇଥିଲା। ସେହିପରି ବାର୍ ଟେବୁଲର ମୂଲ୍ୟ ୫୪ ହଜାର ଡଲାର ରହିଛି। ଗାଧୁଆ ଘରେ ୮୫୦ ଡଲାରର ସାମଗ୍ରୀ ଏବଂ ଟଏଲେଟ ପେପର ରଖିବା ପାଇଁ ୧,୨୫୦ ଡଲାରର ହୋଲ୍ଡର ରହିଛି। ଏହି କୋଠାର ରକ୍ଷଣାବେକ୍ଷଣ ପାଇଁ ବର୍ଷକୁ ୨ ନିୟୁତ ଡଲାର ଖର୍ଚ୍ଚ କରାଯାଉଛି। ଏଠାରେ ୪୦ କର୍ମଚାରୀ କାମ କରୁଛନ୍ତି। ଏହା ବ୍ୟତୀତ ପୁଟିନଙ୍କ ଆଉ ୧୯ଟି ଘର, ୭୦୦ କାର୍, ୫୮ ବିମାନ ଏବଂ ହେଲିକପ୍ଟର, ୭୧୬ ମିଲିୟନ ଡଲାରର ବିମାନ 'ଦ ଫ୍ଲାଇଂ କ୍ରେମଲିନ' ରହିଛି। ତାଙ୍କ ପାଖରେ ଏକ ବିରାଟ ଜାହାଜ ମଧ୍ୟ ରହିଛି। ଏହାର ମୂଲ୍ୟ ୭୦୦ ନିୟୁତ ଡଲାର। ରୁଷ୍ ରାଷ୍ଟ୍ରପତିଙ୍କ ପାଖରେ ମହଙ୍ଗା ଘଡ଼ିର ସମ୍ଭାର ରହିଛି। ଏହା ମଧ୍ୟରେ ପାଟେକ ଫିଲିପ ପରପେଚୁଆଲ କ୍ୟାଲେଣ୍ଡର ସାମିଲ ଅଛି। ଏହାର ମୂଲ୍ୟ ୬୦ ହଜାର ଡଲାର ଏବଂ ୫ ଲକ୍ଷ ଡଲାର ବୋଲି ଆକଳନ କରାଯାଉଛି। ପୁଟିନ ଆନୁଷ୍ଠାନିକ ଭାବେ ଘୋଷଣା କରିଥିବା ଦରମାଠାରୁ ଏହି ଘଣ୍ଟାର ମୂଲ୍ୟ ଢ଼େର ଅଧିକ ବୋଲି ଦାବି କରାଯାଉଛି।

■ କଂଗ୍ରେସର ଲୋକସଭା ଓ ବିଧାନସଭା ସଂଯୋଜକଙ୍କ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

### ଗଠନହେଲା ପରିଚାଳନା କମିଟି

**ଭୁବନେଶ୍ୱର, ୨୧।୧(ସମିସ):** ଆସନ୍ତା ୨୩ ଓ ୨୫ ତାରିଖରେ ରାଜ୍ୟ କଂଗ୍ରେସ ପକ୍ଷରୁ ଭୁବନେଶ୍ୱରରେ ଲୋକସଭା ଓ ବିଧାନସଭା ସଂଯୋଜକମାନଙ୍କ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଏହି ଶିବିରକୁ ସୁପରିଚାଳନା କରିବା ପାଇଁ ପିସିସି ସଭାପତି ଶରତ ପଟ୍ଟନାୟକ ୬ ଜଣିଆ ଏକ କମିଟି ଗଠନ କରିଛନ୍ତି। ଉକ୍ତ କମିଟିକୁ ଏଆଇସିସି ପକ୍ଷରୁ ଓଡ଼ିଶା ପ୍ରଭାରୀ ଡ. ଅଜୟ କୁମାର ଅନୁମୋଦନ କରିବା ପରେ ତାଲିକା ପ୍ରକାଶ ପାଇଛି। ଏଥିରେ ପିସିସି ଉପସଭାପତି ଶିବାନନ୍ଦ ରାୟ ଅଧ୍ୟକ୍ଷ ରହିଥିବା ବେଳେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେଉରା, ପିସିସି ମୁଖପାତ୍ର ମନୋରଞ୍ଜନ ଦାସ, ପିସିସି ସାଧାରଣ ସମ୍ପାଦକ ଚିନ୍ମୟ ସୁନ୍ଦର ଦାସ, କାର୍ଯ୍ୟକାରୀ କମିଟି ସଦସ୍ୟ ସନତ ଦାସ, ପିସିସି ସାଧାରଣ ସମ୍ପାଦକ ଶ୍ରୀନିବାସ ରାଉତରାୟ ସଂଯୋଜକ ଭାବେ ଉକ୍ତ କମିଟିରେ ସ୍ଥାନ ପାଇଛନ୍ତି। ସେହିପରି ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେ ଆସନ୍ତା ଜାନୁଆରୀ ୨୯ ତାରିଖ ଦିନ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଏକ ସାଧାରଣ ସଭା ଅନୁଷ୍ଠିତ ହେବ। ସାଧାରଣ ସଭା ସୁପରିଚାଳନା ପାଇଁ ପିସିସି ସଭାପତି ଶରତ ପଟ୍ଟନାୟକ ଆଉ ଏକ କମିଟି ଗଠନ କରିଛନ୍ତି। ଉକ୍ତ କମିଟିକୁ ଏଆଇସିସି ପକ୍ଷରୁ ଓଡ଼ିଶା ପ୍ରଭାରୀ ଡ. ଅଜୟ କୁମାର ଅନୁମୋଦନ କରିଛନ୍ତି। ଅନୁମୋଦନ ପାଇଥିବା ଉକ୍ତ କମିଟିର ଅଧ୍ୟକ୍ଷ ଭାବେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ରହିଛନ୍ତି।

## ୨୭ରେ ସମଲେଇ ପ୍ରକଳ୍ପ ଲୋକାର୍ପଣ

# ମା'ଙ୍କୁ ଚୂନରୀ ଓ ସିନ୍ଦୂର ଅର୍ପଣ କରିବେ ଶ୍ରଦ୍ଧାଳୁ

■ **ସମ୍ବଲପୁର, ୨୧।୧ (ସମିସ):** ଆସନ୍ତା ୨୭ ତାରିଖ ସମଲେଇ ପ୍ରକଳ୍ପ ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଥିପାଇଁ ସବୁ ପ୍ରକାର ପ୍ରସ୍ତୁତି ଶେଷ ହୋଇସାରିଛି। ରବିବାର ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଏ ନେଇ ସୂଚନା ଦିଆଯାଇଛି। ଲୋକାର୍ପଣ ଉତ୍ସବର କାର୍ଯ୍ୟସୂଚୀ ବିସ୍ତାର ଭାବେ ପ୍ରଦାନ କରିଛନ୍ତି ମନ୍ଦିର ଟ୍ରଷ୍ଟବୋଡର୍ ସଭାପତି ସଞ୍ଜୟ ବାବୁ। ସେ କହିଛନ୍ତି ଯେ ୨୭ ତାରିଖ ସାଢ଼େ ୧୨ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଯଜ୍ଞରେ ଯୋଗଦେଇ ଲୋର୍କପଣ କରିବେ। ଏହାସହ ମା'ଙ୍କ ଦର୍ଶନ ଲାଭ କରିବେ। ଏଥିପାଇଁ ମନ୍ଦିର ଟ୍ରଷ୍ଟ ଓ ପ୍ରଶାସନ ପକ୍ଷରୁ ସବୁ ପ୍ରକାର ବନ୍ଦୋବସ୍ତ କରାଯାଇଛି।

ମନ୍ଦିର ପରିଚାଳନା କମିଟି ନିଷ୍ପତ୍ତି ନେଇଛି ଯେ ସମଗ୍ର ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ମା'ଙ୍କ ଭବ୍ୟ



ରୂପାନ୍ତରିତ ମନ୍ଦିର ଲୋକାର୍ପଣ ପରିପ୍ରେକ୍ଷୀରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କଠାରୁ ସିନ୍ଦୂର ଓ ଚୂନରୀ ସଂଗ୍ରହ କରାଯିବ। ନିଜ ଅଞ୍ଚଳର ଗ୍ରାମଦେବତୀଙ୍କ ପୀଠରେ ଏହି ସବୁ ଅର୍ପଣ ସଂଗ୍ରହ କରାଯିବ। ଏଥିରେ ବିଶେଷ ଭାବରେ ସହଯୋଗ କରିବା ଲାଗି ଅନୁରୋଧ କରାଯାଉଛି। ଚୂନରୀ ଓ ସିନ୍ଦୂର ମା'ଙ୍କର ଅତ୍ୟନ୍ତ ପ୍ରିୟ। ପ୍ରତ୍ୟେକ ଶ୍ରଦ୍ଧାଳୁ ମା'ଙ୍କୁ ଚୁନ୍ନରୀ ଓ ସିନ୍ଦୂର ଅର୍ପଣ କରି ନିଜକୁ ଧନ୍ୟ ମନେ କରିଥାଏ। ଶ୍ରଦ୍ଧାଳୁ ଓ ଭକ୍ତଙ୍କ ସେଇ ମନୋବାଞ୍ଛା ପୂର୍ଣ୍ଣ କରିବା ପାଇଁ ଏଭଳି ଏକ ପ୍ରୟାସ କରାଯାଉଛି।

ଜାନୁଆରୀ ୩୦ ତାରିଖ ପରଠାରୁ ବିଭିନ୍ନ ସ୍ଥାନରୁ ଭକ୍ତମାନେ ମା'ଙ୍କ ଦର୍ଶନ ସହ ସିନ୍ଦୂର ଓ ଚୂନରୀ ଅର୍ପଣ କରିବେ। ସଂଗୃହୀତ ସିନ୍ଦୂର ଓ ଚୁନ୍ନରୀ ମା'ଙ୍କୁ ଅର୍ପଣ ପାଇଁ କେଉଁ ଅଞ୍ଚଳର ଶ୍ରଦ୍ଧାଳୁ କେଉଁ ଦିନ ମା' ସମଲେଶ୍ୱରୀଙ୍କ ପୀଠକୁ ଆସିବେ ତାହାର ସୂଚୀ ପରିଚାଳନା କମିଟି ବିଜ୍ଞପ୍ତି ମାଧ୍ୟମରେ ପ୍ରକାଶ କରିବେ। ସେହି ସୂଚୀ ଓ ବିଜ୍ଞପ୍ତି ଅନୁସାରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ସମ୍ବଲପୁର ଆସିଲେ ଅତ୍ୟନ୍ତ ସୁଗମ ଓ ଶୃଙ୍ଖଳିତ ଦର୍ଶନ ହୋଇପାରିବ। ବିଭିନ୍ନ ଅଞ୍ଚଳରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ମନ୍ଦିରରେ ପ୍ରସାଦସେବନର ବ୍ୟବସ୍ଥା କରାଯାଉଛି। ୨୭ ତାରିଖ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକଳ୍ପକୁ ଲୋକାର୍ପଣ କରିବା ସହ ଯଜ୍ଞରେ ସାମିଲ ହେବେ। ପରିଚାଳନା କମିଟିର ଏହି ନିବେଦନକୁ ସହୃଦୟତାର ସହ ଗ୍ରହଣ କରି କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ଶ୍ରଦ୍ଧାଳୁମାନଙ୍କୁ ଟ୍ରଷ୍ଟ ପକ୍ଷରୁ ଅନୁରୋଧ କରାଯାଇଛି।

■ ଏଣ୍ଟରପ୍ରାଇଜ୍ ଓଡ଼ିଶା ଉଦ୍‌ଯାପିତ

## 'ଉଦ୍ୟୋଗ ପାଇଁ ଓଡ଼ିଶାର ବାତାବରଣ ଅନୁକୂଳ'

**ଝାରସୁଗୁଡ଼ା, ୨୧।୧(ସମିସ):** ଭାରତୀୟ ଶିଳ୍ପ ସଂଘ (ସିଆଇଆଇ) ପକ୍ଷରୁ ଓଡ଼ିଶା ସରକାରଙ୍କ ସହଯୋଗରେ ଗତ ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ଝାରସୁଗୁଡ଼ାରେ ଏଣ୍ଟରପ୍ରାଇଜ୍ ଓଡ଼ିଶାର୨୪ତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଷ୍ଟାର୍ଟଅପ୍ ଓ ମହିଳା ଉଦ୍ୟୋଗୀଙ୍କ ପାଇଁ ଏଣ୍ଟରପ୍ରାଇଜ୍ ଓଡ଼ିଶାରେ ତିନିଦିନିଆ ପ୍ରଦର୍ଶନୀ, ସମ୍ମିଳନୀ, ଜି୨ବି ଓ ବି୨ବି ବୈଠକ, କର୍ମଶାଳା ଓ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସରକାରଙ୍କ ସହଭାଗିତାରେ ସିଆଇଆଇର ଏହା ଏକ ପ୍ରମୁଖ ପଦକ୍ଷେପ ଏବଂ ରାଜ୍ୟରେ ଏକ ସୁଦୃଢ଼ ଶିଳ୍ପ ବ୍ୟବସ୍ଥା ସୃଷ୍ଟି କରିବା ସହ ଦେଶର ଏକ ଉତ୍ପାଦନ କେନ୍ଦ୍ର ଭାବରେ ଏହାର ଶକ୍ତି ପ୍ରଦର୍ଶନ କରିବାରେ ଏହା ସହାୟକ ହୋଇଛି। ଏହି ପ୍ରଦର୍ଶନୀରେ ଚାକିରି କାର୍ଯ୍ୟ, ଚୁକ୍ତିଭିତ୍ତିକ ଉତ୍ପାଦନ, କଞ୍ଚାମାଲ ଯୋଗାଣ, ପ୍ୟାକେଜିଂ ଏବଂ ଲଜିଷ୍ଟିକ୍ସ ଇତ୍ୟାଦି ସମ୍ବନ୍ଧୀୟ ଆବଶ୍ୟକତା ପାଇଁ ସମ୍ଭାବ୍ୟ ବିକ୍ରେତା, ଯୋଗାଣ ଶୃଙ୍ଖଳ ସଂସ୍ଥା, ଆନୁଷଙ୍ଗିକ ଏବଂ ଉଦ୍ୟୋଗୀମାନଙ୍କ ପାଇଁ ସେମାନଙ୍କର ସୁଯୋଗ ପ୍ରଦର୍ଶନ କରୁଥିବା ବୃହତ ଏବଂ ମଧ୍ୟମ ଧରଣର ଅନୁଷ୍ଠାନଗୁଡ଼ିକ ସାମିଲ ହୋଇଥିଲେ। ଏହି ପ୍ରଦର୍ଶନୀରେ ପ୍ରଯୁକ୍ତିବିଦ୍ୟା, ସ୍ଥାୟିତ୍ୱ, ଭିତ୍ତିଭୂମି, ଲଜିଷ୍ଟିକ୍ସ ଏବଂ ଅକ୍ଷୟ ଶକ୍ତି, ଇ-କମର୍ସ ପ୍ଲାଟଫର୍ମ, ବ୍ୟାଙ୍କ ଏବଂ ଏନବିଏଫସି, ମାଇକ୍ରୋଫାଇନାନ୍ସ ଅନୁଷ୍ଠାନ, ଋଣ ପ୍ରଦାନକାରୀ ଏଜେନ୍ସି, ପ୍ରମୁଖ ଦେଶଗୁଡ଼ିକର ବାଣିଜ୍ୟ ବିଭାଗ ଏବଂ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ କ୍ଷେତ୍ରରେ ଉତ୍ପାଦ ଏବଂ ସେବା ପ୍ରଦାନକାରୀମାନେ ଅଂଶଗ୍ରହଣ କରିଥିଲେ।

ଏହି ଅବସରରେ ସିଆଇଆଇ ପୂର୍ବାଂଚଳ ଅଧ୍ୟକ୍ଷ ଶିବ ସିଦ୍ଧାନ୍ତ ନାରାୟଣ କୌଲ କହିଛନ୍ତି ଯେ ସାରା ବିଶ୍ୱରେ ଓଡ଼ିଶାର ବିକାଶର କଥା ଆଲୋଚନା ହେଉଛି। ଓଡ଼ିଶା ସରକାର ପୁଞ୍ଜିନିବେଶ ଓ ଉଦ୍ୟୋଗ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିଛନ୍ତି। ଓଡ଼ିଶାରେ ଅନେକ ଶିଳ୍ପ କେନ୍ଦ୍ର ରହିଛି, କିନ୍ତୁ ଝାରସୁଗୁଡ଼ା ସେଥିମଧ୍ୟରୁ ଅନ୍ୟତମ। ଝାରସୁଗୁଡ଼ାରେ ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ମାର୍ଗଦର୍ଶନ କରିଥିବାରୁ ଆମେ ଓଡ଼ିଶା ସରକାରଙ୍କୁ କୃତଜ୍ଞତା ଜଣାଉଛୁ। ବୃହତ୍ ଶିଳ୍ପ ୟୁନିଟ୍ ଏବଂ ଏମ୍ଏସ୍ଏମ୍ଇ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରି ରାଜ୍ୟର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଆମର ଲକ୍ଷ୍ୟ ବୋଲି କହିଥିଲେ। ସିଆଇଆଇର ଏହି ପ୍ରମୁଖ ପଦକ୍ଷେପର ୨୪ତମ ସଂସ୍କରଣରେ ପ୍ରାୟ ୧୦୦୦ରୁ ଅଧିକ ଅଂଶଗ୍ରହଣକାରୀ, ୧୫୦ ପ୍ରଦର୍ଶକ ଏବଂ ୫୪ ଶିଳ୍ପ ଅଂଶୀଦାର ଏବଂ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ସଂଘ ଉପସ୍ଥିତ ଥିଲେ। ଏଥିରେ ଅଷ୍ଟ୍ରେଲିଆ, ବାଂଲାଦେଶ, ନେପାଳ ଓ ମ୍ୟାଁମାର୍‌ର ପ୍ରତିନିଧି ଦଳ ଓ କୂଟନୀତିଜ୍ଞଙ୍କ ସମେତ ଓଡ଼ିଶା ତଥା ଦେଶର ଶିଳ୍ପପତିଙ୍କ ସମେତ ଓଡ଼ିଶା ବାହାରୁ ୫୮ଟି କମ୍ପାନି ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍ଏସ୍ଏମ୍ଇ ପାଇଁ ସୁଯୋଗ ଶୀର୍ଷକ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା।



ସିଆଇଆଇ ପୂର୍ବାଞ୍ଚଳ ଉପାଧ୍ୟକ୍ଷ ଶୁଭେନ୍ଦ୍ର କୁମାର ବେହେରା କହିଥିଲେ ଯେ ବ୍ୟବସାୟ, ଷ୍ଟାର୍ଟଅପ୍, ପର୍ଯ୍ୟଟନ, ଶିକ୍ଷା, ଭିତ୍ତିଭୂମି ଆଦି ପ୍ରାୟ ସବୁ କ୍ଷେତ୍ରରେ ଓଡ଼ିଶା ବ୍ୟାପକ ଭାବେ ପରିବର୍ତ୍ତନ କରୁଛି। ସେ କହିଥିଲେ ଯେ ସିଆଇଆଇ ସର୍ବଦା ଓଡ଼ିଶା ସରକାରଙ୍କ ସହ ମିଶି ବ୍ୟବସାୟ ପରିବେଶ ନିର୍ମାଣ କରିବ। ନେତା, ଦୂରଦର୍ଶୀ ଓ ଅଂଶୀଦାରଙ୍କ ସମାବେଶ ଅଧିକ ପୁଞ୍ଜିନିବେଶ ଏବଂ ଜୀବିକା ସୃଷ୍ଟି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ସୃଷ୍ଟି କରିଛି ବୋଲି ସେ ବହୁତ ଆଶାବାଦୀ ରହିଛନ୍ତି। ୨ଦିନ ମଧ୍ୟରେ ୧୫୦ରୁ ଅଧିକ ବି୨ବି ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଛୋଟ ୟୁନିଟ୍‌ଗୁଡ଼ିକ ସମ୍ଭାବ୍ୟ ବ୍ୟବସାୟ ଅପେକ୍ଷା ବଡ଼ ୟୁନିଟ୍ ସହିତ ଯୋଡ଼ି ହୋଇଥିଲେ। ସେଠାରେ ୨୦୦୦ରୁ ଅଧିକ ପଞ୍ଜିକୃତ ପ୍ରତିନିଧି ଥିଲେ। ନୂତନ ବ୍ୟବସାୟ ସୁଯୋଗ ସୃଷ୍ଟି କରିବା ପାଇଁ ଉଭୟ ସରକାରୀ ଏବଂ ବେସରକାରୀ ବୃହତ୍ ୟୁନିଟର ପାଖାପାଖି ୫୦ ଜଣ କ୍ରୟ ପରିଚାଳକଙ୍କ ସହ ବୈଠକ ଏମ୍ଏସ୍ଏମ୍ଇ ସହିତ ଆୟୋଜନ କରାଯାଇଥିଲା।

### ସମାଜସେବୀ ଗୋବିନ୍ଦ ପଟ୍ଟନାୟକ ପାଇବେ ପ୍ରାଣନାଥ ସମ୍ମାନ

**ଖୋର୍ଦ୍ଧା, ୨୧।୧(ସମିସ):** ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ସମାଜସେବୀ ଗୋବିନ୍ଦ ପଟ୍ଟନାୟକଙ୍କୁ ପ୍ରାଣନାଥ ସମ୍ମାନରେ ସମ୍ମାନିତ କରାଯିବ। ଆସନ୍ତା ୨୮ ତାରିଖରେ ହେବାକୁ ଥିବା ପ୍ରାଣନାଥ ମହାବିଦ୍ୟାଳୟର ୬୫ତମ ସାମ୍ବତ୍ସରିକ ଉତ୍ସବରେ ବିଶିଷ୍ଟ ସମାଜସେବୀ ଗୋବିନ୍ଦ ପଟ୍ଟନାୟକଙ୍କୁ ପ୍ରାଣନାଥ ସମ୍ମାନରେ ସମ୍ମାନିତ କରାଯିବ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷା ଅଜନ୍ତା ଶତପଥୀ ସୂଚନା ଦେଇଛନ୍ତି।



ପ୍ରକାଶ ଥାଉକି, ଶ୍ରୀପଟ୍ଟନାୟକ ରାଜ୍ୟ ତଥା ଦେଶର ବିଭିନ୍ନ ସମାଜସେବାମୂଳକ କାର୍ଯ୍ୟକ୍ରମ କରିବା ସହ ମାନସିକ ବିକାରଗ୍ରସ୍ତ ଓ ନିକ୍ଷେପିତ ଅସହାୟ ମହିଳା ତଥା ପୁରୁଷମାନଙ୍କ ନିମନ୍ତେ ବିଭିନ୍ନ ଥଇଥାନ କେନ୍ଦ୍ର ଯଥା ମିଶନ ଆଶ୍ରା ଓ ମିଶନ ଆଶାଲୋକ, ଅବହେଳିତ ଶିଶୁମାନଙ୍କ ଥଇଥାନ ନିମନ୍ତେ ଶିଶୁ ଯତ୍ନଗୃହ 'ଆମଘର', ମହିଳା ଚାଲାଣକୁ ରୋକିବା ନିମନ୍ତେ 'ଉଜ୍ଜ୍ୱଳା ଗୃହ', ନିର୍ଯାତିତ ମହିଳାଙ୍କର ନ୍ୟାୟ ଓ ସୁରକ୍ଷା ନିମନ୍ତେ 'ସଖୀ', ଭିକ୍ଷାବୃତି କରୁଥିବା ଭିକ୍ଷୁକମାନଙ୍କ ନିମନ୍ତେ ଥଇଥାନ କେନ୍ଦ୍ର 'ଆଶ୍ୟା ମିଶନ', ଅସହାୟ ବୃଦ୍ଧବୃଦ୍ଧାଙ୍କ ନିମନ୍ତେ 'ବୃଦ୍ଧାଶ୍ରମ', ନିଶାମୁକ୍ତ ସମାଜ ଗଠନ ପାଇଁ 'ନିଶା ନିବାରଣ କେନ୍ଦ୍ର' ଏବଂ ରାସ୍ତାକଡ଼ରେ ଘୂରି ବୁଲୁଥିବା ଅସହାୟ ଗୋରୁଗାଇମାନଙ୍କ ଥଇଥାନ ନିମନ୍ତେ 'ଗୋଶାଳା' ଆଦି ବିଭିନ୍ନ ଅନୁଷ୍ଠାନ ପ୍ରତିଷ୍ଠା କରିଛନ୍ତି। ଶ୍ରୀ ପଟ୍ଟନାୟକ ଉଲ୍ଲେଖନୀୟ ସମାଜସେବା ମୂଳକ କାର୍ଯ୍ୟକ୍ରମ ନିମନ୍ତେ ଆସନ୍ତା ୨୮ ତାରିଖରେ ପ୍ରାଣନାଥ ସମ୍ମାନରେ ସମ୍ମାନିତ ହେବେ ବୋଲି ପ୍ରାଣନାଥ ମହାବିଦ୍ୟାଳୟ ତରଫରୁ ସୂଚନା ଦିଆଯାଇଛି।

### ଯୁବକଙ୍କୁ ଆକ୍ରମଣ କରି ସୁନାଚେନ୍ ଓ ମୁଦି ଲୁଟ୍

**ବ୍ରହ୍ମପୁର,୨୧।୧(ସମିସ):** ଜଣେ ଯୁବକକୁ ଆକ୍ରମଣ କରି ସୁନା ଚେନ ଓ ମୁଦି ଲୁଟ୍ ହୋଇଥିବା ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ ଯେ, ଦୁଇଦିନ ପୂର୍ବେ ସ୍ଥାନୀୟ ଗେଟ ବଜାର ମୁକ୍ତିପଥ ସାହି ନିବାସୀ ପ୍ରଶାନ୍ତ କୁମାର ସାହୁ ଓ ସିମା ବେହେରାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଦୀର୍ଘ ସମୟ ମାରପିଟ ପରେ ସିମା ତାଙ୍କ ସହଯୋଗୀ ସୁଦାମ ଗୌଡ଼ ଉଭୟେ ମିଶି ପ୍ରଶାନ୍ତ ପିନ୍ଧିଥିବା ସୁନା ଚେନ ଓ ମୁଦି ଛଡ଼ାଇ ନେଇଯାଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି।

### ବିଜେଡିରେ ଯୋଗଦେଲେ ସହସ୍ରାଧିକ ବିଜେପି ଓ କଂଗ୍ରେସ କର୍ମୀ

**ଝାରସୁଗୁଡ଼ା/କିର୍ମିରା,୨୧।୧(ସମିସ):** ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀର କିର୍ମିରା ପଡ଼ିଆରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଏବଂ ଆଦର୍ଶରେ ଅନୁପ୍ରାଣିତ ହୋଇ ହଜାର ହଜାର ବ୍ୟକ୍ତି ରବିବାର ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। '୫-ଟି' ଅଧ୍ୟକ୍ଷଙ୍କ ଝାରସୁଗୁଡ଼ା ଗସ୍ତ ପରେ ଲୋକଙ୍କର ସମସ୍ତ ସମସ୍ୟାର ସମାଧାନ କରୁଛନ୍ତି ରାଜ୍ୟ ସରକାର। ରାଜ୍ୟ ସରକାରଙ୍କର ସମସ୍ତ ବିକାଶ ମୂଳକ କାର୍ଯ୍ୟରେ ପ୍ରଭାବ ହୋଇ କିର୍ମିରା ଠାରେ ହଜାର ହଜାର



ବିଜେପି କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ବିଜେଡି ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଝାରସୁଗୁଡ଼ା ବିଧାୟିକା ଦୀପାଳି ଦାସ, ନବ ଦାସ ଫାଉଣ୍ଡେସନ ଅଧ୍ୟକ୍ଷ, ଯୁବ ନେତା ବିଶାଳ ଦାସ ଏବଂ ଅନ୍ୟାନ୍ୟ ବିଜେଡି ବରିଷ୍ଠ ମଣ୍ଡଳୀ ଉପସ୍ଥିତ ରହିଛନ୍ତି। ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କିର୍ମିରା ବ୍ଲକର ଶହଶହ ବିଜେଡି କର୍ମୀ ବିରୋଧୀ ଦଳର ମିଥ୍ୟା ପ୍ରତିଶ୍ରୁତି ଆଳରେ ଠକି ହୋଇ ଦଳ ଛାଡ଼ି ଯାଇଥିଲେ। ତେବେ ଆଜି ବିରୋଧୀ ଦଳରୁ ସେମାନେ ଫେରି ଆସିଥିବାବେଳେ ଭାରତୀୟ ଜନତା ପାର୍ଟିର ଅନେକ କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ତେବେ ଆଗକୁ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀ ତଥା ଜିଲ୍ଲାକୁ ବିଜେଡି ଦଳ ନିଜ ହାତକୁ ନେଇ ବିକାଶ କରିବ ବୋଲି ଝାରସୁଗୁଡ଼ା ବିଧାୟିକା ଦୀପାଳି ଦାସ କହିଛନ୍ତି।

### ବସନ୍ତପୁର ଶିରିଡି ସାଇ ଟ୍ରଷ୍ଟର ପ୍ରତିଷ୍ଠା ଉତ୍ସବ



**ଭୁବନେଶ୍ୱର, ୨୧/୧ (ସମିସ):** କେନ୍ଦ୍ରପଡ଼ା ଜିଲ୍ଲା ଆନ୍ତରଗତ ତେଣ୍ଡାକୁଡ଼ା ପଞ୍ଚାୟତ ଅନ୍ତର୍ଗତ ବସନ୍ତପୁରର ଶ୍ରୀଶ୍ରୀ ଶିରିଡ଼ିସାଇ ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠା ଉତ୍ସବ ପାଳିତ ହେଉଛି। ୨୧ ଓ ୨୨ତାରିଖ ଦୁଇଦିନ ଧରି ପାଳନ ହେଉଥିବା ଏହି କାର୍ଯ୍ୟକ୍ରମ ଉପଲକ୍ଷେ ସ୍କୁଲ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଓୟୁଏଟି ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର୍ ରେଣୁବାଳା ନାୟକ ମୁଖ୍ୟ ଅତିଥି, ଗଦରପୁର ବିଡିଓ ପ୍ରଦ୍ୟୁମ୍ନ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। କଳା ଶିକ୍ଷକ ପ୍ରସନ୍ନ କୁମାର ପାଲ ଓ ସଙ୍ଗୀତ ଶିକ୍ଷକ ଅମିତାଭ ସାହୁ ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଅନୁଷ୍ଠାନର ପରିଚାଳନା ଟ୍ରଷ୍ଟି ଡ. ରୁଦ୍ଧି ସୁନ୍ଦର ମହାନ୍ତି, ଟ୍ରଷ୍ଟି ଚଣ୍ଡୀ ପ୍ରସାଦ ମହାନ୍ତି, କସ୍ତୁରିକା ମହାନ୍ତି ଓ ଶୈଳଜାନନ୍ଦନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

କୃଷ୍ଣ-ବଳରାମଙ୍କୁ ନିମନ୍ତ୍ରଣ ପାଇଁ ଚିଟାଉ ଧରି ଗୋପପୁର ଗଲେ ଅକ୍ରୂର

# ଛଳନାର ଧନୁଯାତ୍ରା କରିବେ ମାମୁ କଂସ

**ବରଗଡ଼, ୨୧।୧ (ସମିସ):** ମଥୁରା ନଗରୀ ମହାରାଜା କଂସଙ୍କ ରାଜତ୍ୱରେ ଥରହର ହୋଇ ପଡ଼ିଛି। ଧନୁଯାତ୍ରାର ସପ୍ତମ ଦିନରେ ମହାରାଜା କଂସ ନଗର ଭ୍ରମଣ, ରାଜ ଦରବାରରେ ନ୍ୟାୟ ବିଚାର ଦୃଶ୍ୟ ଅଭିନୀତ ହୋଇଥିଲା। ମହାରାଜା କଂସ କଳେବଳେ କୌଶଳେ କୃଷ୍ଣଙ୍କୁ ହତ୍ୟା କରିବା ପାଇଁ ଯୋଜନା ପରେ ଯୋଜନା କରି ଚାଲିଛନ୍ତି ମହାମନ୍ତ୍ରୀ ତଥା ପାରିଷଦ ବର୍ଗଙ୍କ ସହ। ଏମିତି ଏକ ସମୟରେ କଂସଙ୍କ ରାଜଦରବାରେ ଉପସ୍ଥିତ ହୋଇଛନ୍ତି ମହର୍ଷି ନାରଦ। ନାରଦଙ୍କ ପରାମର୍ଶକ୍ରମେ କୃଷ୍ଣକୁ ହତ୍ୟା କରିବା ପାଇଁ ମହାରାଜା କଂସ ଆୟୋଜନ କରିବେ ଧନୁଯାତ୍ରା। ତେବେ କଂସଙ୍କ ଦ୍ୱାରା ଆୟୋଜିତ ଏହି ଧନୁଯାତ୍ରା ଛଳନାର ଯାତ୍ରା ହୋଇଥିବାବେଳେ ପୁରାତନ ମନ୍ତ୍ରୀ ଅକ୍ରୂରଙ୍କୁ ପ୍ରେରଣ କରିଛନ୍ତି ଗୋପପୁର। କୃଷ୍ଣ-ବଳରାମଙ୍କୁ ନିମନ୍ତ୍ରଣ କରିବା ପାଇଁ ଅକ୍ରୂର ହସ୍ତରେ ମହାରାଜା କଂସ



ଚିଟାଉ ପଠାଇଛନ୍ତି ନନ୍ଦରାଜା ପାଖକୁ। ଯେବେ କୃଷ୍ଣ-ବଳରାମ ମଥୁରା ନଗରୀ ପହଞ୍ଚିବେ ଧନୁଯାତ୍ରା ଦେଖିବା ପାଇଁ ମହାରାଜା କଂସ ଛଳନାରେ ହତ୍ୟା କରିବ ବେନିଭାଇଙ୍କୁ। ସେହିପରି କୃଷ୍ଣଙ୍କୁ ହତ୍ୟା କରିବା ସହ ନିଜ ପିତାର ମୃତ୍ୟୁର ପ୍ରତିଶୋଧ ନେବା ପାଇଁ ଶଙ୍ଖଚୂଡ ସର୍ପ ମହାରାଜ କଂସଙ୍କ ସହିତ ସାକ୍ଷାତ କରିଛି। ପରେ କୃଷ୍ଣଙ୍କୁ ହତ୍ୟା କରିବା ପାଇଁ ମହାରାଜା କଂସ ଶଙ୍ଖଚୂଡକୁ ମଧ୍ୟ ପ୍ରେରଣ କରିଛନ୍ତି ଗୋପପୁର। ତେବେ ଦିନକୁ ଦିନ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ଲୋକପ୍ରିୟତାରେ ରାଜ୍ୟ ତଥା ରାଜ୍ୟ ବାହାରରୁ ବହୁ ଅତିଥି ତଥା ଦର୍ଶକ ସାମିଲ ହେଉଛନ୍ତି। ଏପରି ସ୍ଥିତିରେ ଅତିଥିମାନଙ୍କ ମନୋରଞ୍ଜନ ତଥା ନିଜକୁ ଚିନ୍ତାମୁକ୍ତ କରିବା ପାଇଁ ରାଜଦରବାରରେ ମହରାଜା କଂସଙ୍କ ଆଦେଶରେ ବିଭିନ୍ନ ପ୍ରାନ୍ତରରୁ ଆସିଥିବା ଲୋକ ନୃତ୍ୟଗୀତ ପରିବେଷିତ ହୋଇଥିଲା।

# ଫେବୃଆରୀ ପ୍ରଥମ ସପ୍ତାହରେ ଆନ୍ଦୋଳନ କରିବ ଓଷ୍ଟା




**କଟକ, ୨୧।୧(ସମିସ):** ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ନେଇ ଶିକ୍ଷକ, ଅଭିଭାବକ, ପୁରାତନ ଛାତ୍ର ଓ ପରିଚାଳନା କମିଟି ସଦସ୍ୟଙ୍କ ସହ ରାଜ୍ୟରେ ଥିବା ସୌଭ୍ରାତୃତ୍ୱ ଗଣ ସଂଗଠନଗୁଡ଼ିକୁ ନେଇ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଆସନ୍ତା ଫେବୃୟାରୀ ମାସ ପ୍ରଥମ ସପ୍ତାହରେ ଭୁବନେଶ୍ୱର ସ୍ଥିତ ଲୋୟର ପି.ଏମ୍. ଜି. ଗାନ୍ଧିମାର୍ଗରେ ଏକ ମହାସମାବେଶ କରାଯିବା ସହିତ ରାଜରାସ୍ତାକୁ ଓହ୍ଲାଇବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ ସୂଚନା ଦେଇଛନ୍ତି। ଅବସର ନେଉଥିବା ଶିକ୍ଷକମାନଙ୍କୁ ପେନସନ୍ ପ୍ରଦାନ, ଅବସରକାଳୀନ ସୁବିଧା, ଚାକିରୀ ସର୍ତ୍ତାବଳୀ, ସପ୍ତମ ବେତନ ଓ ନୂତନ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ ଇତ୍ୟାଦି ଦାବିକୁ ସରକାର ପୂରଣ କରି ନଥିବାରୁ ଏହି ଅନ୍ଦୋଳନ କରାଯିବ ବୋଲି ସ୍ଥିର ହୋଇଛି।

ରାଜ୍ୟରେ ଅନୁଦାନରୁ ବଞ୍ଚିତ ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ସପ୍ତମ ବେତନରୁ ବଞ୍ଚିତ ୨୨୬ ଓ ୩୯୯ ବିଦ୍ୟାଳୟକୁ ସପ୍ତମ ବେତନ ପ୍ରଦାନ, ଅବସର ପରେ ପେନସନ୍ ପାଉନଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପେନସନ୍ ପ୍ରଦାନ, ସରକାରୀ କରଣ ହୋଇ ନଥିବା ବିଦ୍ୟାଳୟକୁ ସରକାରୀକରଣ, ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ନୋସନାଲ୍ ଇନ୍‌କ୍ରିମେଣ୍ଟ ଦେଇ ବରିଷ୍ଠତା ପ୍ରଦାନ, ଗ୍ରେଡ଼ପେ ରେ ଥିବା ଅସଙ୍ଗତି ଦୂରୀକରଣ, ୨ଟି ପିଅନ ଓ କିଛି ବିଦ୍ୟାଳୟଙ୍କୁ ୨୦୦୮ ପରିବର୍ତ୍ତେ ୨୦୦୪ରୁ ଆଣ୍ଟିଡେସନ ପ୍ରଦାନ, ହିନ୍ଦୀ ସଂସ୍କୃତ ଶିକ୍ଷକମାନଙ୍କର ଯୋଗ୍ୟତା ଅନୁଯାୟୀ ଉପଯୁକ୍ତ ହାରରେ ଦରମା, ହିନ୍ଦୀ ଓ ସଂସ୍କୃତ ଶିକ୍ଷକମାନଙ୍କୁ ଟି.ଜି. ମାନ୍ୟତା ପ୍ରଦାନ, ଆଲେଜେଡ୍ ଓ ସେକ୍ସନ ଶିକ୍ଷକମାନଙ୍କୁ ରେଗୁଲାର କରିବା, ଆର.ଏ. ସ୍କିମ୍‌ର ପୁନଃ ପ୍ରଚଳନ କରିବା, ୧୧୦ ବାଳିକା ବିଦ୍ୟାଳୟକୁ ପୂର୍ଣ୍ଣଅନୁଦାନ, କ୍ରୀଡ଼ା ଶିକ୍ଷକମାନଙ୍କୁ ବିଏ ବି.ପି.ଏଡ଼./ ବିଏ ସି.ପି.ଏଡ଼. ଭିତ୍ତିରେ ଉଚ୍ଚତର ଦରମା ପ୍ରଦାନ, ନୂତନ ପେନସନ୍ ପରିବର୍ତ୍ତେ ପୁରାତନ ପେନସନ୍ ଲାଗୁ କରିବା, ଅବସର ବୟସ ସୀମା ୬୦ରୁ ୬୨ ବର୍ଷ ବୃଦ୍ଧି କରିବା, ଅଫିସ୍ ସହାୟକ ମାନଙ୍କର ଯୋଗ୍ୟତା ଭିତ୍ତିକ ପଦୋନ୍ନତି, ଉର୍ଦ୍ଧୁ ଶିକ୍ଷକମାନଙ୍କୁ ଅନୁଦାନ ପ୍ରଦାନ, ଆର.ଏ.ସି.ପି. କ୍ଷେତ୍ରରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା ଆଦି ଦାବୀକୁ ନେଇ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସଂପାଦକ ଶ୍ରୀ ଦାଶ, ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଶିକ୍ଷାପ୍ରଦୀପ ସଂପାଦକ ଶଙ୍କର କୁମାର ସୁବୁଦ୍ଧି ଚେତାବନୀ ଦେଇଛନ୍ତି।

## ସାକାର ହେଲା ଦୀର୍ଘବର୍ଷର ସ୍ୱପ୍ନ

# ବଟେଶ୍ୱର-କୋଟେଶ୍ୱର ରାସ୍ତା ଶିଳାନ୍ୟାସ

**ଟାଙ୍ଗୀ, ୨୧।୧(ସମିସ)**



୧୬ନଂ ଜାତୀୟ ରାଜପଥ ତଥା ପୂର୍ବତଟ ରେଳପଥ ପାର୍ଶ୍ୱବର୍ତ୍ତୀ ଗାଁ। ଘରୁ ଗୋଡ଼ କାଢ଼ିଲେ ବିପଦ। ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭକରି ଥାନା, ଡାକ୍ତରଖାନା, ହାଟବଜାର ଓ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିବାକୁ ହେଲେ ୨ଥର ଲେଖାଏଁ ରାଜପଥ ଓ ରେଳପଥ ଅତିକ୍ରମ କରିବାକୁ ପଡ଼େ। ଫଳରେ ସଡ଼କ ଦୁର୍ଘଟଣାରେ ଅନେକ ଜୀବନ ଅକାଳରେ ଝରି ପଡ଼ିବା ଗ୍ରାମବାସୀଙ୍କୁ ବ୍ୟଥିତ କରିଥିଲା। ଏଥିରୁ ନିସ୍ତାର ନିମନ୍ତେ ଗ୍ରାମବାସୀଙ୍କ ଉଦ୍ୟମରେ ନୂତନ ରାସ୍ତାର ପରିକଳ୍ପନା କରାଯାଇଥିଲା। ଦୀର୍ଘ ୨ଦଶନ୍ଧିର ଲଢେଇ ପରେ ବଟେଶ୍ୱର-କୋଟେଶ୍ୱର ନାମରେ ନାମିତ ଉକ୍ତ ନୂତନ ରାସ୍ତାର ଶିଳାନ୍ୟାସ ଘଟଣା ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ କୋଟସାହି ପଞ୍ଚାୟତ ବନ୍ଧାଳ ଗ୍ରାମରେ ରବିବାର ଚର୍ଚ୍ଚାକୁ ଆସିଛି। ମୁଖ୍ୟ ଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଶିଳାନ୍ୟାସ କରିଥିବାବେଳେ ଗ୍ରାମବାସୀ ଏହାକୁ ଐତିହାସିକ ଘଟଣା ବୋଲି ବର୍ଣ୍ଣନା କରିଛନ୍ତି। ସୂଚନା ଅନୁଯାୟୀ ପଞ୍ଚାୟତ ତଥା ବ୍ଲକ ମୁଖ୍ୟାଳୟ ଠାରୁ ମାତ୍ର ଗୋଟିଏ କିମି ଦୂରରେ ରହିଛି ବନ୍ଧାଳ ଗ୍ରାମ। ସମଗ୍ର ଟାଙ୍ଗୀ ଅଞ୍ଚଳର ଆରାଧ୍ୟ ଶ୍ରୀଶ୍ରୀ ବଟେଶ୍ୱର ମହାଦେବଙ୍କ ପୀଠ ଭାବେ ପରିଚିତ ଏହି ଗ୍ରାମର ବାସିନ୍ଦା ପୂର୍ବତଟ ରେଳପଥ ଓ ୧୬ ନଂ ରାଜପଥ ଅତିକ୍ରମ ପୂର୍ବକ ଘରୁ ଗୋଡ଼ କାଢ଼ନ୍ତି। ସଡ଼କ ଦୁର୍ଘଟଣା ଗ୍ରାମବାସୀଙ୍କ ନିଦ ହଜାଇଥିବାବେଳେ ନୂତନ ରାସ୍ତାର ପରିକଳ୍ପନା କରାଯାଇଥିଲା।ଗ୍ରାମବାସୀ ଏକତ୍ରିତ ହୋଇ ଆବଶ୍ୟକ ଜମି ନିମନ୍ତେ ଜମି ମାଲିକମାନଙ୍କ ସହ ଯୋଗାଯୋଗ କରିଥିଲେ। ଜମି ମାଲିକମାନେ ସ୍ୱେଚ୍ଛାକୃତ ଜମିଦାନ ପରେ ରାସ୍ତା କାର୍ଯ୍ୟ ନିମନ୍ତେ ଶିଳାନ୍ୟାସ କରାଯାଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ବିଧାୟକ ଶ୍ରୀ ବେହେରା ସାଢେ ୮ଲକ୍ଷ ଟଙ୍କା ମଞ୍ଜୁର କରିଥିବାବେଳେ ଆସନ୍ତା ୬ମାସ ମଧ୍ୟରେ କାର୍ଯ୍ୟ ସାରିବାକୁ ପ୍ରତିଶ୍ରୁତି ଦେଇଥିଲେ।ଅନ୍ୟପକ୍ଷରେ ଶିକ୍ଷାବିତ ତଥା ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ ଅଧ୍ୟକ୍ଷ ତ୍ରିଦିବ ବେହେରା, ଜାଭିୟର ସ୍କୁଲର ଅଧ୍ୟକ୍ଷ ତାପସ ରଞ୍ଜନ ମଲ୍ଲିକ, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, ଜିଲ୍ଲା ପରିଷଦ ସଭ୍ୟଚିତ୍ତ ରଞ୍ଜନ ସାମଲ ଓ ପ୍ରାକ୍ତନ ସରପଞ୍ଚ ଅମୂଲ୍ୟ କୁମାର ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଉକ୍ତ ଐତିହାସିକ ରାସ୍ତା ନିର୍ମାଣରେ ସହଯୋଗର ହାତ ବଢ଼ାଇବା ସାଧାରଣରେ ଆଲୋଚ୍ୟ ପାଲଟିଥିଲା। କଳିଙ୍ଗ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଜମିଦାନ କରିଥିବା ବ୍ୟକ୍ତିବିଶେଷଙ୍କୁ ବିଧାୟକ ଶ୍ରୀ ବେହେରା ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷାବିତ ସୁକାନ୍ତ ନାୟକ, ଅନନ୍ତ ଚରଣ ମହାନ୍ତି, ବରିଷ୍ଠ ନାଗରିକ କୃଷ୍ଣଚନ୍ଦ୍ର ନାୟକ, ପ୍ରାକ୍ତନ ସମିତି ସଭ୍ୟା ବେବିନା ସାହୁ, ମିଶନ ଶକ୍ତି ସଭାନେତ୍ରୀ ଅନୁରାଧା ନାୟକ, ଯୁବନେତା ପରମଜିତ ମହାନ୍ତି, ଆଶିଷ ରଞ୍ଜନ ଷଡ଼ଙ୍ଗୀ ଓ ଗ୍ରାମର ବହୁ ପୁରୁଷ ଏବଂ ମହିଳା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ୪ରେ ଶାନ୍ତି କମିଟିର ବନ୍ଧୁମିଳନ

**କଟକ, ୨୧।୧(ସମିସ):** ଦରଘାବଜାର ସ୍ଥିତ କାର୍ଯ୍ୟାଳୟରେ କଟକ ମହାନଗର ଶାନ୍ତି କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଦେବେନ୍ଦ୍ରନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ଅଯୋଧ୍ୟାରେ ରାମ ମନ୍ଦିର ଏବଂ ରାମଲାଲାଙ୍କ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ କଟକରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସ୍ଥିର ହୋଇଥିଲା। ଏତଦବ୍ୟତୀତ ଆସନ୍ତା ଫେବୃୟାରୀ ୪ରେ ଜଗତପୁରସ୍ଥିତ ଡାକବଙ୍ଗଳାରେ କଟକ ମହାନଗର ଶାନ୍ତି କମିଟିର ବନ୍ଧୁ ମିଳନ ହେବ ବୋଲି ସ୍ଥିର ହୋଇଥିଲା। ସାଧାରଣ ସମ୍ପାଦକ ଭିକାରୀ ଦାସ ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବରେ କଟକ ସହରର ସମସ୍ତ ଦେବା-ଦେବୀଙ୍କ ପୀଠରେ ହୋମ-ଯଜ୍ଞ, ହନୁମାନ ଚାଳିଶା, ସୁନ୍ଦରାକାଣ୍ଡ ଓ ନାମ ସଂକୀର୍ତ୍ତନ କରାଇ ସମଗ୍ର ସହରରେ ଏକ ଆଧ୍ୟାନିକ ବାତାବରଣ ସୃଷ୍ଟି କରାଇବାକୁ ନିବେଦନ କରିଥିଲେ। କର୍ମକର୍ତ୍ତା ପ୍ରଦୀପ ସିହ୍ନା, ଧର୍ମେଶ ନାୟକ, ଦେବାଶିଷ ରାୟ, ଦେବେନ୍ଦ୍ର କାହାଳୀ, ରବୀନ୍ଦ୍ର ବେହେରା, ମୀନକେତନ ଦାସ, ବିଜୟ ନାୟକ, ଡଃ ଦ୍ୱିପାୟନ ପଟ୍ଟନାୟକ, ଅଶୋକ ରାଉତରାୟ, କେଦାର ବେହେରା, ସୁଦୀପ୍ତ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସଂଗଠନ ସମ୍ପାଦକ ନରେଶଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### • ଓଡ଼ିଶା ଇତିହାସ କଂଗ୍ରେସ ଅଧିବେଶନର ଦ୍ୱିତୀୟ ଦିନ

# ମହିଳାଙ୍କ ସଶକ୍ତୀକରଣ ନେଇ ଆଲୋଚନା

**କଟକ, ୨୧।୧(ସମିସ):** ରେଭେନ୍ସା ବିଶ୍ୱବିଦ୍ୟାଳୟର ସେଭେନ ପିଲାର ଅଫ ୱିଜଡମରେ ଚାଲିଥିବା ଓଡ଼ିଶା ଇତିହାସ କଂଗ୍ରେସର ୪୩ତମ ଅଧିବେଶନର ଦ୍ୱିତୀୟ ଦିନ ଶେଷ ହୋଇଛି। ରବିବାର ବିଭିନ୍ନ କାର୍ଯ୍ୟକ୍ରମ ମାନ ଆୟୋଜିତ ହୋଇଥିଲା। ପୂର୍ବାହ୍ନରେ ଓଡ଼ିଶାର ଇତିହାସ ଦିଗରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହି ଅଧିବେଶନରେ ପ୍ରଫେସର ପ୍ରଦୀପ କୁମାର ବେହେରା, ଡଃ କେ. ସୁଶାନ୍ତ, ଜୀବନ ପଟ୍ଟନାୟକ, ଏ. ପଟେଲ, ପ୍ରଫେସର ବାବା ମିଶ୍ର ଯୋଗ ଦେଇଥିଲେ। ଅପରାହ୍ଣରେ ଓଡ଼ିଶାର ଆଇନ ବ୍ୟବସ୍ଥା ସଂକ୍ରାନ୍ତୀୟ ଆଲୋଚନା ଚକ୍ରରେ ଡଃ ଲଲାଟେନ୍ଦୁ ଦାସ ମହାପାତ୍ର, ଫ୍ରଫେସର ବସନ୍ତ କୁମାର ମଲ୍ଲିକ, ଡଃ ବିଜୟ ମହାପାତ୍ର, ଡଃ ସସ୍ମିତା ସାଶିନୀ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହା ବ୍ୟତୀତୀ ଆନେକ୍ସ-୩ରେ ଆଦିବାସୀ ମହିଳାଙ୍କ ସଶକ୍ତି କରଣ ବିଷୟରେ ବିଶେଷ ଆଲୋଚନା ହୋଇଥିଲା। ଏଥିରେ ପଦ୍ମଶ୍ରୀ ଦମୟନ୍ତୀ ବେସ୍ରା, ଡଃ ସଙ୍ଗୀତା ସିଂହ, ଡଃ ନଦିଆ ଖାତୁନ, ଡଃ ଅର୍ନ୍ତଜିତା ନାୟକ, ଡଃ ଲକ୍ଷ୍ମୀ ଚରଣ, ଡଃ ବିଭୁତି ନାୟକ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ସମ୍ମିଳନୀ କକ୍ଷରେ ଆଦିବାସୀ ଭାଷାର ସୁରକ୍ଷା ଏବଂ ପ୍ରଯୁକ୍ତି ବିଦ୍ୟା ଉପରେ ଅନ୍ୟ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇଆଇଟି ଧନୱାଦର ପ୍ରଫେସର ମହାଦେବ ପ୍ରସନ୍ନା, ଡଃ ସୁଶ୍ରୀ ସଙ୍ଗୀତା ମହାନ୍ତି, ଡଃ ଅଜିତ କୁମାର ନାୟକ, ଡଃ ପ୍ରିୟଦର୍ଶୀ କର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବାପୁଜୀ ବିଦ୍ୟାପୀଠ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ



**ନିଶ୍ଚିନ୍ତକୋଇଲି, ୨୧।୧(ସମିସ):** ବରାଦୋ ପଞ୍ଚାୟତସ୍ଥିତ ପାଟପୁର ଠାରେ ଥିବା ବୁପୁଜୀ ବିଦ୍ୟାପୀଠ ୧୯୮୨ ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଏକ ସମାବେଶ ଅନୁଷ୍ଠିତ ହୋଇଛି। ଛାତ୍ର ବାଣୀରଂଜନ ସାମଲଙ୍କ ପୌରୋହିତ୍ୟରେ ପ୍ରଥମେ ଏହି ବ୍ୟାଚର ଦିବଂଗତ ୮ ଜଣ ଛାତ୍ର ଛାତ୍ରୀଙ୍କ ପାଇଁ ୧ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଉପସ୍ଥିତ ଥିବା ୪୦ରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀମାନେ ଏଥିôରେ ଯୋଗ ଦେଇ ଆଗାମୀ ଦିନରେ ଏହି ବ୍ୟାଚ୍ ପକ୍ଷରୁ କରାଯିବାକୁ ଥିବା ସାମାଜିକ କାର୍ଯ୍ୟକ୍ରମ ଓ ବିଦ୍ୟାଳୟର ଉନ୍ନତି ପାଇଁ ମୋ ସ୍କୁଲ ଯୋଜନାରେ ସମ୍ପୃକ୍ତିକରଣ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ ଶିଳ୍ପପତି ଉତ୍ସବ ଚନ୍ଦ୍ର ଭଞ୍ଜ, ସ୍ୱତନ୍ତ୍ର ଶ୍ରେଣୀ କଣ୍ଟ୍ରାକଟର ଅଜୟ କୁମାର ରାଉତ, ସହକାରୀ ନିର୍ବାହୀ ଯନ୍ତ୍ରୀ ବାନାମ୍ବର ଦାସ, ସୁକାନ୍ତ ଶତପଥୀ, କିଶୋର ଦାସ, ନିରଞ୍ଜନ ପଣ୍ଡା, ହେମନ୍ତ ଦାସ, ଲକ୍ଷ୍ମୀକାନ୍ତ ରାଉଳ, ବୀଣାପାଣି ଦାସ, ଶୈଳବାଳା ପଣ୍ଡା, ପ୍ରଭାସିନୀ ରାଉତ, ରେବତୀ ରାଉତ ପ୍ରମୁଖ ସେମାନଙ୍କର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ବିଗତ ୪୨ବର୍ଷ ପରେ ସମସ୍ତ ସହପାଠୀ ମାନେ ଏକାଠି ହୋଇଥିବାରୁ ବିଦ୍ୟାଳୟ ଜୀବନର ବିଭିନ୍ନ ସ୍ମୃତିକୁ ମନେପକାଇ ବହୁ ଉତ୍ସାହିତ ହୋଇଥିଲେ। ଶେଷରେ ଏକ ପଙ୍କ୍ତିଭୋଜନର ଆୟୋଜନ କରାଯାଇଥିଲା।

# ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

**ମାହାଙ୍ଗା, ୨୧।୧(ସମିସ):** ମାହାଙ୍ଗା ବ୍ଲକ ହଳଦିଆ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ସାହୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଉକ୍ତ ଉତ୍ସବରେ ବିଦ୍ୟାଳୟର ପୂର୍ବତନ ଛାତ୍ର ପୀତାମ୍ବର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ଯୋଗଦେଇ ଥିଲେ ବିଦ୍ୟାଳୟ ପୂର୍ବତନ ଶିକ୍ଷକ ସୁରେନ୍ଦ୍ରନାଥ ଶତପଥୀ। ସଭାରେ ଅନ୍ୟତମ ଅତିଥିଭାବେ ପୂର୍ବତନ ପ୍ରଧାନଶିକ୍ଷକ ତଥା ଆଲୁମିନ୍ ସଭାପତି କରୁଣାକର ବେହେରା, ଆଲୁମିନି ସଭ୍ୟ ସୁରେନ୍ଦ୍ର କୁମାର ଶତପଥୀ, ପୂର୍ବତନ ପ୍ରଧାନ ଶିକ୍ଷକ ରବୀନ୍ଦ୍ରନାଥ ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି, ଅକ୍ଷୟ କୁମାର ମଣ୍ଡଳ, ଛାତ୍ରଛାତ୍ରୀ ୨୦୦ରୁ ଅଧିକ ସାହିତ୍ୟ ସୃଜନୀ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ପରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ଗୌରାଙ୍ଗ ଭୂଏ ସାହିତ୍ୟ ସୃଜନୀ କାର୍ଯ୍ୟର ପ୍ରମୁଖ ଦାୟିତ୍ୱ ନେବା ସହ ବିଜ୍ଞାନ ଶିକ୍ଷୟିତ୍ରୀ ଦୀପ୍ତିମୟୀ ମହାରଣା ବିଜ୍ଞାନ ପ୍ରକଳ୍ପମାନ ପ୍ରସ୍ତୁତ କରିବାରେ ଛାତ୍ରଛାତ୍ରୀଙ୍କୁ ସାହାଯ୍ୟ କରିଥିଲେ। ଆଶିଷ ଦାସଙ୍କ ସହ ରମାକାନ୍ତ ବେହେରା କୌଶଳୀ ପ୍ରକଳ୍ପ ପ୍ରସ୍ତୁତ କରିବାରେ ସାହାଯ୍ୟ କରିଥିଲେ। ଶିକ୍ଷକ ଏତେସାମ୍ ବାବୁ, ରାହାସ ବିହାରୀ ରାଉତ, ଅଜୟ ସାମଲ, ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସାହୁ, ମହେନ୍ଦ୍ର ବେହେରା, ଶିବଚରଣ ବେହେରା, ଶିକ୍ଷା କର୍ମଚାରୀ ସୁଶାନ୍ତ କୁମାର ନାୟକ, ପ୍ରତାପ ସାହୁ, ଯତୀନ୍ଦ୍ର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସମସ୍ତ ଅଭିଭାବକ ଏସ୍ଏମ୍‌ସି ସଦସ୍ୟ ମାନେ ସଭାରେ ଯୋଗ ଦେଇଥିଲେ।

# ଶ୍ରୀଜଗନ୍ନାଥ ପଞ୍ଚରାତ୍ର ପ୍ରସ୍ତୁତି ବୈଠକ

**ଚୌଦ୍ୱାର, ୨୧।୧(ସମିସ):** ଶ୍ରୀଜଗନ୍ନାଥ ପଞ୍ଚରାତ୍ର ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ବ୍ରାଘ୍ରବାହିନୀ ପଡ଼ିଆସ୍ଥିତ ଡାକବଙ୍ଗଳାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଫେବୃୟାରୀ ୩ତାରିଖ ଠାରୁ ୭ତାରଖ ପର୍ଯ୍ୟନ୍ତ ସ୍ଥାନୀୟ ଆଗ୍ରାହାଟ ଠାରେ ଥିବା ଉତ୍ତରେଶ୍ୱର ମନ୍ଦିରରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଜଗନ୍ନାଥ ଭକ୍ତ ସମାଜର ମୁଖ୍ୟ ଉପଦେଷ୍ଟା ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ତଥା ଭକ୍ତ ସମାଜ ଉପସଭାପତି ଶୁଭେନ୍ଦୁ ସାମଲ, ଚୌଦ୍ୱାର ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁ, ଚୌଦ୍ୱାର ଜଗନ୍ନାଥ ଭକ୍ତ ସମାଜର ସଦସ୍ୟ, ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ରୁପାୟନ ପାଇଁ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଭକ୍ତ ସମାଜ ସଭାପତିକୃଷ୍ଣ ଚନ୍ଦ୍ର ମହାନ୍ତି, ଉପଦେଷ୍ଟା ନରେନ୍ଦ୍ରନାଥ ସ୍ୱାଇଁ, ଶରତ କୁମାର ଖୁଣ୍ଟିଆ, ନରାୟଣ ସ୍ୱାଇଁ, ବିମଳ କୁମାର ବେଉରା, ପ୍ରମୋଦ ପଣ୍ଡା, ରମେଶ ବରାଳ, ରଞ୍ଜନ ସାହୁ, ପ୍ରଦୀପ୍ତ ବେହେରା, ଅର୍ଜୁନ ପଣ୍ଡା, ଅଜୟ କୁମାର ଦାସ ମହାପାତ୍ର, ମୀନକେତନ ପଣ୍ଡା, ସମାଜସେବୀ ସହଦେବ ବରାଳ ସମେତ ପଞ୍ଚାୟତ ତଥା ପୌରପାଳିକାରର ବହୁ କର୍ମକର୍ତ୍ତା ଓ ଜଗନ୍ନାଥପ୍ରେମୀ ଉପସ୍ଥିତ ଥିଲେ।

# କ୍ଷୀରୋଦ ସାମନ୍ତରାୟ ସ୍ମୃତି କମିଟିର ବନ୍ଧୁମିଳନ

**ନିଶ୍ଚିନ୍ତକୋଇଲି, ୨୧।୧(ସମିସ):** ଅସୁରେଶ୍ୱର ପଞ୍ଚାୟତର ପୂର୍ବତନ ସରପଞ୍ଚ, ଗାନ୍ଧିବାଦୀ ନେତା, ସମାଜସେବୀ ସ୍ୱର୍ଗତ କ୍ଷୀରୋଦ ସାମନ୍ତରାୟ ସ୍ମୃତି କମିଟି ପକ୍ଷରୁ ନିରାଶ୍ରୟୀ ନୟନପୁର ମଠ ପରିସରରେ ୨୦୨୪ ନବବର୍ଷର ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଛି। ସ୍ମୃତି କିମିଟିର ସଭାପତି ବିଜୟ କୁମାର ବଳଙ୍କ ପୌରୋହିତ୍ୟରେ ଏଥିôରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଫକୀର ଚରଣ ନାୟକ, ମୁଖ୍ୟ ବକ୍ତା ଭାବେ ସମ୍ବାଦର ସହସମ୍ପାଦକ ରାଜେଶ କୁମାର ନାୟକ, ସମ୍ମାନିତ ଅତିଥି ଭାବେ କମିଟିର ସମ୍ପାଦକ କାର୍ତ୍ତିକଚନ୍ଦ୍ର ଦାସ, ସାମ୍ବାଦିକ ମନୋରଂଜନ ଭୂୟାଁ, ସାମ୍ବାଦିକ ପ୍ରଫୁଲ୍ଲ ଦାସ, ଆଶିଷ ପଣ୍ଡା, ସରପଞ୍ଚ ଚିତ୍ତରଂଜନ ମଲିକ, ପୂର୍ବତନ ସରପଞ୍ଚ ମହେଶ୍ୱର ବାରିକ, କୃଷକ ନେତା ସୁବାଷଚନ୍ଦ୍ର ନାୟକ, ଗୁରୁପ୍ରସାଦ ମହାନ୍ତି, ଅଧ୍ୟାପକ ଗୌତମ ପଟ୍ଟନାୟକ, ସାମ୍ବାଦିକ ପ୍ରତାପ ଶତପଥୀ, ସରୋଜ କୁମାର ସିଂ, ପୂର୍ବତନ ସମିତିସଭ୍ୟ ଅନ୍ତରାମ ସିଂ ପ୍ରମୁଖ ଯୋଗ ଦେଇଥିଲେ। ଯୁବନେତା ଅଭିନ୍ନ ସୁନ୍ଦର ସାମନ୍ତରାୟ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ପୂର୍ବତନ ସରପଞ୍ଚ ପଦ୍ମାଳୟା ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

### • ୭ମ ଅଂଶୁମାନ ମହାନ୍ତି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ଭାଲିଆବାଡ଼ିକୁ ହରାଇ ସେମିରେ କୁମାରବସ୍ତ



**ତିଗିରିଆ, ୨୧।୧ (ସମିସ):** ତିଗିରିଆ ବ୍ଲକ ମୁନ୍‌ଲାଇଟ ପଡ଼ିଆଠାରେ ପିଏମ୍‌ସିଏ ପକ୍ଷରୁ ଆୟୋଜିତ ୭ମ ଅଂଶୁମାନ ମହାନ୍ତି ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଖୋର୍ଦ୍ଧା କୁମାରବସ୍ତ କ୍ରିକେଟ ଦଳ ବିପକ୍ଷ ଖୋର୍ଦ୍ଧାର ଭାଲିଆବାଡ଼ି ଦଳକୁ ୯୮ ରନ ବ୍ୟବଧାନରେ ପରାସ୍ତ କରି ସେମି ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି କୁମାରବସ୍ତ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୨୫୮ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଭିଷେକ ପଟ୍ଟନାୟକ ୨୬ଟି ବଲ୍‌ରେ ୮୮ ରନ ସଂଗ୍ରହ କରିଥିଲେ। ୨୫୮ ରନ୍‌ର ପିଛା କରି ଭାଲିଆବାଡ଼ି ଦଳ ୧୬.୪ ଓଭରରେ ନିଜର ସମସ୍ତ ୱିକେଟ ହରାଇ ୧୫୯ ରନ୍ ସଂଗ୍ରହ କରିବା ସହ ପରାଜୟ ବରଣ କରିଥିଲା। ଆଜିର ଖେଳରେ ଆଠଗଡ଼-ତିଗିରିଆ ନିର୍ବାଚନ ମଣ୍ଡଳୀର ବିଜଦ ଯୁବ ସଂଗଠକ ଆଦିତ୍ୟ ପ୍ରତାପ ମହାନ୍ତି, ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ଆୟୋଜକ କମିଟି ସଭାପତି ସୁନିଲ ମହାନ୍ତି, ସମାଜସେବୀ ଜୟନ୍ତ ସିଂ, ପୂର୍ବତନ କ୍ରିକେଟ ଖେଳାଳି ମନୋଜ ସିଂ ସାମନ୍ତ ପ୍ରମୁଖ ଅତିଥି ରୁପେ ଯୋଗଦେଇଥିଲେ। କୁମାର ବସ୍ତ ଦଳର ଅଭିଷେକ ପଟ୍ଟନାୟକଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଖେଳକୁ ଲାଲୁ ତ୍ରିପାଠୀ ଓ ଜ୍ଞାନୋଦୟ ମିଶ୍ର ପରିଚାଳନା କରିଥିଲେ।

### • ଅକ୍ଷୟ ମଲ୍ଲିକ ଓ ସଦାଶିବ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ରଘୁନାଥ କ୍ଲବ୍‌କୁ ୫-୩ ରେ ହରାଇ ସେମିରେ ଯୁବଜ୍ୟୋତି

**ତିଗିରିଆ, ୨୧।୧ (ସମିସ):** ତିଗିରିଆ ବ୍ଲକ ପାଞ୍ଚଗାଁ ମିନି ଷ୍ଟାଡିୟମଠାରେ ପାଞ୍ଚଗାଁ ଆଞ୍ଚଳିକ ଆଥେଲେଟିକ ଆସୋସିଏସନ ଦ୍ୱାରା ଆୟୋଜିତ ଆନ୍ତଃରାଜ୍ୟ ଅକ୍ଷୟ ମଲ୍ଲିକ ଓ ସଦାଶିବ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ରବିବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ୪ର୍ଥ କ୍ୱାଟର ଫାଇନାଲ ମ୍ୟାଚ୍‌ରେ ରଘୁନାଥ କ୍ଲବ, ଟାଙ୍ଗୀ (ଖୋର୍ଦ୍ଧା) କୁ ୫-୩ ଗୋଲରେ ପରାସ୍ତ କରି ଯୁବଜ୍ୟୋତି କ୍ଲବ, ପଙ୍କାଳ (କଟକ) ଦଳ ୪ର୍ଥ ଦଳ ଭାବେ ସେମି ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛି। ରବିବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ର ଖେଳ ସମୟ ମଧ୍ୟରେ କୌଣସି ଦଳ ଗୋଲ ସ୍କୋର କରିବାକୁ ସକ୍ଷମ ନହେବାରୁ ଟ୍ରାଇବ୍ରେକର ମାଧ୍ୟମରେ ଯୁବଜ୍ୟୋତି କ୍ଲବ ୫-୩ ଗୋଲ ବ୍ୟବଧାନରେ ବିଜୟୀ ହୋଇଥିଲା। ଖେଳରେ ତିଗିରିଆ ସ୍ଥିତ ପ୍ରସନ୍ନମଣୀ ଶାରୀରିକ ଶିକ୍ଷା ଓ ଯୋଗ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରମେଶ ଚନ୍ଦ୍ର ପ୍ରଧାନ, ଆଇନଜିବୀ ପ୍ରଶାନ୍ତ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ସଂଜୟ କୁମାର ମଲ୍ଲିକ ଅତିଥି ରୁପେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରେଫରୀ ଆଶୀର୍ବାଦ କାନୁନଗୋ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍ ରେ ଅରୁଣ ନାୟକ ଓ ସର୍ବେଶ୍ୱର ସେଠୀ ସହଯୋଗ କରିଥିଲେ। ସୁବାସ ଚନ୍ଦ୍ର ମୁଦୁଲି ୪ର୍ଥ ରେଫରୀର ଦାୟୀତ୍ୱ ନିର୍ବାହ କରିଥିଲେ। ଆସନ୍ତା କାଲି ଏହି ଟୁର୍ଣ୍ଣାମେଣ୍ଟର ୧ମ ସେମି ଫାଇନାଲ ମ୍ୟାଚ ରେ ଆଠଗଡ଼ ଫୁଟବଲ ଦଳ ସହ ପିଏଏଏ ଦଳର ସାକ୍ଷାତ ହେବ।



# ‘ଆମ ଓଡ଼ିଶା ନବୀନ ଓଡ଼ିଶା’ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି

**ନିଶ୍ଚିନ୍ତକୋଇଲି, ୨୧।୧(ସମିସ)**



ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ଆସନ୍ତା ୨୪ ତାରିଖଠାରୁ ଫେବୃୟାରୀ ୭ ତାରିଖ ପର୍ଯ୍ୟନ୍ତ ଏହି ଜନ ସଚେତନତା କରାଯିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି। ଏହି ଅବସରରେ ସୁକରପଡ଼ା ଡାକବଙ୍ଗଳା ଠାରେ ବିଡିଓ ଧର୍ମରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର କିଭଳି ଶୃଙ୍ଖଳିତ ଭାବେ ଜନସଚେତନତା କରାଯିବ ସେ ନେଇ ଆଲୋଚନା କରିଛନ୍ତି। ଏଥିରେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ ଓଝା, ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର, ଅତିରିକ୍ତ ବିଡିଓ ଅଶୋକ କୁମାର ମହାନ୍ତି, ସିଡିପିଓ ସତ୍ୟଭାମା ବିଶୋଇ, ବିଇଓ ଲକ୍ଷେହୀରା ଲାବଣ୍ୟବତୀ ବେହେରା, ବିଜେଡ଼ି ସଭାପତି ରମାକାନ୍ତ ମହାନ୍ତି, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର, ଜୋନ୍ ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁଙ୍କ ସମେତ ସରପଞ୍ଚ, ସମିତିସଭ୍ୟ ସଭ୍ୟା, ଜିଲ୍ଲାପରିଷଦ ସଭ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଏହି ବ୍ଲକରେ ଥିବା ୪୧ଗୋଟି (ଫ)ପଞ୍ଚାୟତ ମଧ୍ୟରୁ ଗୋଟିଏ ଦିନରେ ତିନୋଟିରୁ ଅଧିକ ପଞ୍ଚାୟତରେ ଏଲଇଡ଼ି ସୋ ରଥ ଗ୍ରାମ ପରିକ୍ରମା କରି ସରକାରଙ୍କର ବିଭିନ୍ନ ଜନହିତକର ଯୋଜନାକୁ ଲୋକମାନଙ୍କୁ ପ୍ରଦର୍ଶିତ କରାଇବ। ପରବର୍ତ୍ତୀ ସମୟରେ ସରକାରୀ ଭାବେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ହୋଇ ଏକ ସଚେତନତା ସଭା ମାଧ୍ୟମରେ ବିଭିନ୍ନ ଯୋଜନା ସଂକ୍ରାନ୍ତରେ ଲୋକଙ୍କୁ ବୁଝାଇବା ସହିତ ଯୋଗ୍ୟ ହିତାଧିକାରୀମାନଙ୍କୁ ଆବଶ୍ୟକୀୟ ଯୋଜନାରେ ସମ୍ପୃକ୍ତି କରାଯାଇ ସେମାନଙ୍କର ପ୍ରାପ୍ୟ ପ୍ରଦାନ କରାଯିବ। ପଞ୍ଚାୟତସ୍ତରୀୟ କାର୍ଯ୍ୟକ୍ରମ ପାଇଁ ଏହି ପ୍ରସ୍ତୁତି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ହୋଇ ଜନପ୍ରତିନିଧି, ଏସ୍ଏଚଜି ମହିଳା, ଲୋକମାନଙ୍କୁ ଅବଗତ କରାଇବା ପାଇଁ ନିଷ୍ପତ୍ତି ହୋଇଛି।

# ‘କୁନି ପ୍ରତିଭା’ର ବାର୍ଷିକୋତ୍ସବ




**କିଶନନଗର, ୨୧।୧(ସମିସ):** କିଶନନଗର ଶିଶୁ ମଙ୍ଗଳ କ୍ଲବ୍ ଆନୁକୂଲ୍ୟରେ ଶିଶୁ ସାହିତ୍ୟ ପତ୍ରିକା କୁନି ପ୍ରତିଭାର ଦ୍ୱିତୀୟ ବାର୍ଷିକ ଉତ୍ସବ ଓ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ କିଶୋରନଗରସ୍ଥିତ ଶ୍ରୀଶ୍ରୀ ମୁକ୍ତେଶ୍ୱର ମହାଦେବ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ଅଦ୍ୱୈତାନନ୍ଦ ମହାରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର କିଶୋର ଚନ୍ଦ୍ର ଦାସ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବେ ସମାଜସେବୀ ସନ୍ତୋଷ ପତି ଯୋଗ ଦେଇଥିଲେ। ଏତଦ୍ ବ୍ୟତୀତ ସମ୍ମାନିତ ଅତିଥିଭାବେ ଆଡ୍‌ଭୋକେଟ୍ ବିଜୟକେତନ ନାୟକ, ଇ. ଅଶୋକ କୁମାର ବିଶ୍ୱାଳ, ନାଟ୍ୟକାର ଅଶୋକ ପଟନାୟକ, ଲୋକାଭାଷାର ସମ୍ପାଦକ ଶୁକଦେବ ପରିଡ଼ା ପ୍ରମଖ ଯୋଗଦେଇଥିଲେ। ସମ୍ପାଦକ ସତ୍ୟରଞ୍ଜନ ବାରିକ ସ୍ୱାଗତ ଭାଷଣ ଓ ଇ. ସେବକ ଶ୍ରୀକାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଧରଣୀଧର ଜେନା ମଞ୍ଚ ପରିଚଳନା କରିଥିଲେ। ଏଥିସହିତ କୁନି କୁନି ପିଲାମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ ହେବ ସହିତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭା ମାନଙ୍କୁ ସମ୍ମାନିତ କରାଯାଇଥିଲା, ଜୀବନ ବ୍ୟାପି ସେବା ପାଇଁ ଡାକ୍ତର କିଶୋର ଚନ୍ଦ୍ର ଦାସ, ଶିକ୍ଷକ ବୈରାଗୀ ଚରଣ ସାହୁଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଶେଷରେ ଶୁଭାକାଂକ୍ଷୀ ଭୋଇଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ, ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ସୀତାରାମ ପଣ୍ଡା, ବରିଷ୍ଠ ସାମ୍ବାଦିକ ସୟଦ ସାଜିଦ ଅଲ୍ଲୀ, ବିପଦର ବନ୍ଧୁ ସେବାସଂଗଠର ସମ୍ପାଦକ ଭୈରବ ଚନ୍ଦ୍ର ସେଠୀ, ବରିଷ୍ଠ ସାମ୍ବାଦିକ ଶରତ ଚନ୍ଦ୍ର ଯେନା, ରେବତୀ ବେହେରା, ଶୁଭ ଲକ୍ଷ୍ମୀ ବେହେରା, ଶସ୍ମିତା ସୋରେନ, ଜମୁନା ମୁର୍ମୁ, ବିନୋଦ ଚନ୍ଦ୍ର ପାଲ, ସ୍ମୃତି ପ୍ରଜ୍ଞା ବାରିକ ପ୍ରମୁଖ ଉପସ୍ଥିତ ଥିଲେ, ଶ୍ରୀ ଶ୍ରୀ ମୁକ୍ତେଶ୍ୱର ସଙ୍ଗୀତ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ମାନେ ପୂର୍ଣ୍ଣ ସହଯୋଗ କରିଥିଲେ।

## ସୀମା ନିର୍ଦ୍ଧାରଣ ହୋଇନି, ବନବିଭାଗ ଅନୁମତି ମିଳିନି

# ଜୀବନ୍ତ ଗଛକୁ ଶାଗ ମାଛ ଦରରେ ବିକିଲା ପ୍ରଶାସନ

**ମାହାଙ୍ଗା, ୨୧।୧(ସମିସ)**



ମାହାଙ୍ଗା ତହସିଲ ପରିସରରେ ଥିବା ଲକ୍ଷାଧିକ ଟଙ୍କା ମୂଲ୍ୟର ଜୀବନ୍ତ ଆକାଶୀ ଓ ତାଳଗଛକୁ ଅତି ତରବରିଆ ଭାବେ ଶାଗ ମାଛ ଦାମରେ ନିଲାମ କରି କାଟି ଦିଆଯିବା ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। କୌଣସି ସରକାରୀ ଜାଗାରେ ଉନ୍ନତିକରଣ କାର୍ଯ୍ୟରେ ଜୀବନ୍ତ ଗଛ ବାଧା ସୃଷ୍ଟି କରୁଥିଲା। ତେଣୁ ଏହାକୁ କାଟିବା ପାଇଁ ବନ ବିଭାଗ ପକ୍ଷରୁ ଗଛର ମୂଲ୍ୟ ଆକଳନ କରାଯିବା ପରେ ଗଛକୁ କଟାଯାଇଥାଏ। କିନ୍ତୁ ବନବିଭାଗର ଅନୁମତି ଆବଶ୍ୟକ ଥିବା ବେଳେ ଏହାକୁ ବ୍ୟତିକ୍ରମ କରାଯାଇ କିଛି ସ୍ୱାର୍ଥ ନ୍ୟସ୍ତ ବ୍ୟକ୍ତିଙ୍କ ମସୁଧାରେ ୧୫ରୁ ଉର୍ଦ୍ଧ୍ୱ ବଡ଼ ବଡ଼ ଆକାଶୀ ଓ ତାଳଗଛକୁ ମାତ୍ର ୬ରୁ ୭ ହଜାର ଟଙ୍କା ମଧ୍ୟରେ ମାହାଙ୍ଗା ତହସିଲଦାର ନିଲାମ କରିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଗତକାଲି ନିଲାମ ନେଇଥିବା ବ୍ୟକ୍ତି ଅତି ତରବରିଆଭାବେ ଗଛକୁ କାଟି ଟ୍ରାକ୍ଟର ଯୋଗେ ଉଠାଇ ନେଉଥିବାବେଳେ ସ୍ଥାନୀୟ ଲୋକେ ଏହା ଜାଣି କାଠ ନେବାକୁ ବାରଣ କରିବା ସହ ଗାଡିରୁ କାଠ ଅନଲୋଡ କରି ଦେଇଥିବା ଜଣାଯାଇଛି। ସୂଚନା ଅନୁଯାୟୀ ତହସିଲ କାର୍ଯ୍ୟାଳୟର ପଛପଟ ସୀମାକୁ ଲାଗିଥିବା ସ୍ଥାନରେ କିଛି ଆକାଶୀ, ତାଳଗଛ ଓ ମୂଲ୍ୟବାନ ବୃକ୍ଷ ଆଦି ରହିଥିଲା। ତେବେ ବର୍ତ୍ତମାନ ତହସିଲ ପ୍ରାଚୀର ନିର୍ମାଣ ଆଳ ଦେଖାଇ ଏହି ଗଛଗୁଡ଼ିକୁ ଅତି ତରବରିଆ ଭାବେ କାଟି ଲକ୍ଷାଧିକ ଟଙ୍କା ଗଛକୁ ଶାଗ ମାଛ ମୂଲ୍ୟରେ ନିଲାମ କରାଯାଇଛି। ଯେଉଁଠି ତହସିଲ ପ୍ରଶାସନ ସରକାରୀ ସମ୍ପତିକୁ ସୁରକ୍ଷା ଦେବା ସହ ରାଜକୋଷ ବୃଦ୍ଧିରେ ଭାଗିଦାର ହୋଇଥାନ୍ତି ଏଠି କିନ୍ତୁ ଏହାର ବିପରୀତ କାର୍ଯ୍ୟ ଦେଖାଦେଇଛି। ଯଦି ବାଡ ଫସଲ ଖାଏ ତେବେ ଏଠି ବାଡକୁ କିଏ ଜଗିବ ବୋଲି ସାଧାରଣରେ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ତହସିଲର ସଠିକ୍ ସୀମା ନିର୍ଦ୍ଧାରଣ କରାଯାଇନଥିବା ସାଧାରଣରେ ଅଭିଯୋଗ ହୋଇଛି। ତୁରନ୍ତ କଟକ ଜିଲ୍ଲାପାଳ ଓ ଜଙ୍ଗଲ ବିଭାଗ ଅଧିକାରୀ ସୂତନ୍ତ୍ର ଦୃଷ୍ଟି ଦେଇ ଏଭଳି କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ତହସିଲଦାର ରବି ନାରାୟଣ ଆଚାର୍ଯ୍ୟଙ୍କୁ ପଚାରିବାରୁ ପ୍ରଚୀର ନିର୍ମାଣ ହେବା ପାଇଁ ଏହି ଗଛଗୁଡିକୁ କଟାଯାଇଛି। ଗଛ ନିଲାମ ସମ୍ପର୍କରେ ପଚାରିବାରୁ କେତେ ଟଙ୍କାରେ ନିଲାମ ହୋଇଛି ମନେ ନ ଥିବା ହାଲକା ମନ୍ତବ୍ୟ ଦେଇଥିଲେ।

■ ଅଚଳ ଏଲ୍ଆଇପଏଣ୍ଟ; ବଢ଼ିଚାଲିଛି ବିଦ୍ୟୁତ ବିଲ୍

# ଚାଷ କରିନପାରି ଚାଷୀ ହତାଶ

**କଣ୍ଟାପଡ଼ା, ୨୧।୧(ସମିସ):** ଅଡ଼ଶପୁର ବିଦ୍ୟୁତ୍ ସେକ୍ସନ ଅଧୀନରେ ଥିବା ଅଲ୍ଲାପୁର ବନ୍ତିଆକୁଦ ଏଲ୍ଆଇପଏଣ୍ଟଟି ଦୀର୍ଘ ମାସ ହେଲା ଅଚଳ ପଡ଼ିଛି। ହେଲେ ଏହାର ବିଦ୍ୟୁତ୍ ବିଲ୍ କିନ୍ତୁ ବଢ଼ିବାରେ ଲାଗିଛି। ଅନ୍ୟପକ୍ଷରେ ରବି ଓ ଡାଲୁଅ ଫସଲ କରିନପାରି ସ୍ଥାନୀୟ ଅଞ୍ଚଳର ଚାଷୀମାନେ ନାହିଁନଥିବା ସମସ୍ୟା ଭୋଗୁଛନ୍ତି। ବାରମ୍ବାର ବିଦ୍ୟୁତ କାର୍ଯ୍ୟାଳୟରେ ଜଣାଇଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରୁନାହିଁ। ମିଳିଥିବା ସୂଚନା ଅନୁଯାୟୀ କଣ୍ଟାପଡ଼ା ଓ ଅଲ୍ଲାପୁର ଗ୍ରାମର ଶତାଧିକ ଚାଷୀ ଡାଲୁଅ ଧାନ ଓ ରବି ଫସଲ କରିବା ପାଇଁ ଏହି ଏଲ୍ଆଇପଏଣ୍ଟ ଉପରେ ନିର୍ଭର କରୁଥିଲେ। ହେଲେ ଅଗଷ୍ଟ ୨୦୨୩ରୁ ବଜ୍ରପାତରେ ଟ୍ରାନ୍ସଫର୍ମର ପୋଡ଼ିଯାଇଥିଲା। ସେବେଠାରୁ ଟ୍ରାନ୍ସଫର୍ମର ମରାମତି ପାଇଁ କୌଣସି ପଦକ୍ଷେପ ନେଇନି ବିଦ୍ୟୁତ୍ ବିଭାଗ। ଫାନି ବାତ୍ୟା ସମୟରେ ମଧ୍ୟ ଦୁଇ ବର୍ଷ ଧରି ଅଚଳ ହୋଇପଡ଼ିଥିଲା ଏଲ୍ଆଇପଏଣ୍ଟଟି। ସେ ସମୟରେ ମଧ୍ୟ ବିଲ୍ ବଢ଼ିଚାଲିଥିଲା। ସମସ୍ୟାର ସମାଧାନ ନକରି ବିଦ୍ୟୁତ୍ ବିଭାଗ ପକ୍ଷରୁ ପ୍ରତି ମାସରେ ବର୍ଦ୍ଧିତ ବିଲ୍ ଆସୁଛି। ବକେୟା ବିଲ୍ ନଦେଲେ ଟ୍ରାନ୍ସଫର୍ମର ବସାଯାଇ ପାରିବନି ବୋଲି ରୋକ୍ଠୋକ ଶୁଣାଇଛନ୍ତି ଯନ୍ତ୍ରୀ। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ମା' ଜାଗେଶ୍ୱରୀ ପାଣି ପଞ୍ଚାୟତର ସଭାପତି କୈଳାସ ମୁଦୁଲି, ସମ୍ପାଦକ ପ୍ରଭାକର ମୁଦୁଲିଙ୍କ ସମେତ ସୁରେନ୍ଦ୍ର ଜଟ, ବସନ୍ତ କୁମାର ମୁଦୁଲି ଜନ୍ମେଜୟ ସାହୁ, ଶରତ ମୁଦୁଲି, ଅନିରୁଦ୍ଧ ମୁଦୁଲି ପ୍ରମୁଖ ତ୍ୱରିତ ପଦକ୍ଷେପ ଗ୍ରହଣ କରି ଏଲ୍ଆଇପଏଣ୍ଟକୁ ସଚଳ କରିବା ପାଇଁ ଲିଖିତ ଭାବରେ ଜଣାଇଛନ୍ତି। ଘଟଣା ସମ୍ପର୍କରେ ଜାଣିବାପାଇଁ ଅଡ଼ଶପୁର ସେକ୍ସନ କମର୍ସିଆଲ୍ ଜେଇ ଚିତ୍ତରଞ୍ଜନ ବିଶ୍ୱାଳଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ ଉଠାଇ ନଥିଲେ।

## ଟ୍ରେଲର-ଟ୍ରକ୍ ମୁହାଁମୁହିଁ, ୨ ଚାଳକ ଗୁରୁତର

**ସାଲେପୁର, ୨୧।୧(ସମିସ):** ଗତକାଲି ବିଳମ୍ବିତ ରାତ୍ରିରେ ଏକ ୧୦ଚକିଆ ଟ୍ରକ୍ ଓ ଟ୍ରଲର ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଉଭୟ ଗାଡ଼ି ଚାଳକ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ ଗତକାଲି ରାତି ପ୍ରାୟ ସାଢ଼େ ୧୨ଟାରେ କଟକ-ସାଲେପୁର ରାସ୍ତାର ଖରାଖିଆ ବଜାର ନିକଟରେ କଟକରୁ ସାଲେପୁର ଅଭିମୁଖେ ଆସୁଥିବା ଏକ ଟ୍ରଲର ଓ ସାଲେପୁରରୁ କଟକ ଅଭିମୁଖେ ଯାଉଥିବା ୧୦ଚକିଆ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟ ଗାଡ଼ି ଚାଳକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ସାଲେପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରିଥିବା ଜଣାଯାଇଛି।

## ଦଧିବାମନ ବିଦ୍ୟାମନ୍ଦିର: ଭାଷା, ସାହିତ୍ୟ ଓ ସୃଜନଶୀଳ ଉତ୍ସବ



**ବାଙ୍କୀ, ୨୧।୧(ସମିସ):** ବାଙ୍କୀ ବ୍ଲକ ଘୋଳପୁରସ୍ଥ ଦଧିବାମନ ବିଦ୍ୟାମନ୍ଦିର ପରିସରରେ ବିଶ୍ୱ ଓଡିଆ ଭାଷା, ସାହିତ୍ୟ ସମ୍ମିଳନୀ ଉପଲକ୍ଷେ ସାହିତ୍ୟ ସୃଜନଶୀଳତାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବକୁ ବିଦ୍ୟାମନ୍ଦିରର ଅଧ୍ୟକ୍ଷ ଶଶଧର ନାୟକ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସାହିତ୍ୟ ସୃଜନୀ ଜିଜ୍ଞାସା ଓ କ୍ରୀଡ଼ାଙ୍ଗନ ସମ୍ପର୍କରେ ଶ୍ରୀ ନାୟକ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଓଡ଼ିଶା ସରକାରଙ୍କ ଏପରି କାର୍ଯ୍ୟକ୍ରମକୁ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କବି ଡକ୍ଟର ଶରତ ଚନ୍ଦ୍ର ମାଝୀ, ସମ୍ମାନିତ ଅତିଥି ଭାବେ ରାଧାକାନ୍ତ ମିଶ୍ର, ସିଆର୍‌ସିସି ମନୋରଞ୍ଜନ ମନ୍ତ୍ରୀ ଓ ବରିଷ୍ଠ ଶିକ୍ଷକ ସଞ୍ଜୀବ କୁମାର ସାହୁଯୋଗଦାନ କରି ସେମାନଙ୍କର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଅପରାହ୍ନ ଉଦ୍‌ଯାପନ ଉତ୍ସବରେ ସ୍ଥାନୀୟ ସରପଞ୍ଚ ଗତିକୃଷ୍ଣ ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ବରାଳ ଓ ପୂର୍ବତନ ଶିକ୍ଷକ ରମେଶ ଚନ୍ଦ୍ର ଖଟୁଆ ଅତିଥି ଭାବେ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ସାହିତ୍ୟ ସୃଜନୀ ଉପରେ କହିବା ସହ ପୁରସ୍କାର ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

## କାନପୁରରେ ନୂଆ ଥାନାଧିକାରୀ



**ନରସିଂହପୁର, ୨୧।୧(ସମିସ):** କାନପୁର ଥାନାରେ ଯୋଗଦେଲେ ନୂଆ ଭାରପ୍ରାପ୍ତ ଥାନା ଅଧିକାରୀ ତପନ କୁମାର ନାୟକ। ପୂର୍ବରୁ ସେ ନିଶ୍ଚିତକୋଇଲି ଥାନାରେ ସବ୍‌ଇନିସ୍ପେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ଏବେ କାନପୁର ଥାନାର ଭାରପ୍ରାପ୍ତ ଥାନା ଅଧିକାରୀ ତଥା ଓଆଇସି ଭାବେ ରବିବାର ସେ କାନପୁର ଥାନାରେ ଯୋଗ ଦେଇଛନ୍ତି। ପୂର୍ବରୁ କାନପୁର ଥାନା ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ଆଇଆଇସି ଗିରିଜା ନନ୍ଦନ ପଟ୍ଟନାୟକଙ୍କର କଟକ ଜିଲ୍ଲା ହେଡକ୍ୱାର୍ଟର୍ସକୁ ବଦଳି ହୋଇଥିଲା। ତେବେ କାନପୁର ଭଳି ଏକ ସମ୍ବେଦନଶୀଳ ଓ ଭାଇଚାରା ଅଞ୍ଚଳରେ ଶ୍ରୀ ନାୟକ ସଫଳତାର ସହିତ କାର୍ଯ୍ୟ କରିବେ ବୋଲି ସମସ୍ତଙ୍କର ପ୍ରତିଶୃତି ଦେଇଛନ୍ତି।

## ପରିବେଶ ସଚେତନତା ଓ ଚାରା ବଣ୍ଟନ




**ଟାଙ୍ଗୀ, ୨୧।୧(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ତୁଳସୀପୁର ମୁଣ୍ଡକରା ପାହାଡ଼ର ପରିସରରେ ପରିବେଶ ସୁରକ୍ଷା ସଚେତନତା ଅଭିଯାନ ଭୁବନେଶ୍ୱର ଓ ମୁଣ୍ଡକରାପୀଠ ଯଜ୍ଞ କମିଟି ଆନୁକୂଲ୍ୟରେ ପରିବେଶ ସୁରକ୍ଷା ସଚେତନତା ଅଭିଯାନ ଓ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଯୁବ ସମାଜସେବୀ ଗଙ୍ଗାଧର ବେହେରା ସଭାପତିତ୍ୱ କରିଥିଲାବେଳେ ଅଭିଯାନର ସଭାପତି ପ୍ରକୃତିବନ୍ଧୁ ଡ ପ୍ରଦୀପ କୁମାର ରଥ, ଅବସରପ୍ରାପ୍ତ ଶ୍ରମିକ କମିଶନର ଡ଼ଃ ନାରାୟଣ ତ୍ରିପାଠୀ, ପରିବେଶବିତ୍ ଗୋପୀକଲ୍ୟାଣ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ଶରତଚନ୍ଦ୍ର ଧଳ, ଜୀବନ କୁମାର ସ୍ୱାଇଁ ଉଦ୍ୟାନବିତ ପ୍ରଶାନ୍ତ କୁମାର ବସ୍ତିଆ ପ୍ରମୁଖ ଯୋଗଦାନ କରି ପରିବେଶ ସୁରକ୍ଷା ଓ ପ୍ଲାଷ୍ଟିକ ବ୍ୟବହାର ନକରିବା ଉପରେ ଆଲୋକପାତ କରିବାସହ ସମସ୍ତଙ୍କୁ ଔଷଧୀୟ ଓ ଫଳ ଚାରା ବଣ୍ଟନ କରିଥିଲେ। ଶେଷରେ ମୁଖ୍ୟ ଆବାହକ ପ୍ରମୋଦ କୁମାର ଜଟ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଚାରଟି ପଞ୍ଚାୟତର ବିଭିନ୍ନ ଗ୍ରାମର ମହିଳା ଓ ଯୁବଗୋଷ୍ଠୀ ଯୋଗଦାନ କରିଥିଲେ।

## ଦୁର୍ଘଟଣାରେ ଓଡ଼ିଆ ଧାରାବାହିକ ନିର୍ଦ୍ଦେଶକଙ୍କ ପରଲୋକ



**ସାଲେପୁର, ୨୧।୧(ସମିସ):** ଏକ ସଡ଼କ ଦୁର୍ଘଟଣାରେ ଜଣେ ଓଡ଼ିଆ ଟିଭି ଧାରାବାହିକ ନିର୍ଦ୍ଦେଶକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ହେଲେ ଦିଲ୍ଲୀପ କୁମାର ଦାଶ(୩୨)। ଅପରାହ୍ଣରେ କଟକ-ସାଲେପୁର ରାସ୍ତାର ନାନ୍ଦୋଳଗଡ଼ା ନିକଟରେ କଟକରୁ ନିଜ ଘର ପଞ୍ଚୁପାଣ୍ଡବ ଅଞ୍ଚଳକୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। 'ବିଜୟିନୀ' ଓ 'ତୁ ମୋ ସାଥୀରେ' ଭଳି ଓଡ଼ିଆ ଧାରାବାହିକର ସେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ଏକ କ୍ଷୀରବୋଝେଇ ଟ୍ୟାଙ୍କର ସହ ମୁହାଁମୁହିଁ ଧକ୍କା ହେବା ଫଳରେ ସେ ଗୁରୁତର ହୋଇ ରାସ୍ତାରେ ପଡ଼ିଥିଲେ। ତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଚିକିତ୍ସା ନିମନ୍ତେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସାଲେପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିବା ସହ ଶବକୁ ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିବା ଜଣାଯାଇଛି। ଧାରାବାହିକର ନିର୍ଦ୍ଦେଶକଙ୍କ ଅକାଳ ବିୟୋଗରେ କଳାକାରମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

## କ୍ରେନ୍ ମାଲିକ ସଂଘର ବାର୍ଷିକୋତ୍ସବ



**ଟାଙ୍ଗୀ/ମଙ୍ଗୁଳି, ୨୧।୧(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ହରିଅନ୍ତା ପଞ୍ଚାୟତ ସର୍ଦ୍ଦୋଳା ମିନି ଷ୍ଟାଡିୟମ ପରିସରରେ ରାଜ୍ୟସ୍ତରୀୟ କ୍ରେନ୍ ମାଲିକ ସଂଘର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କ୍ରେନ୍ ମାଲିକ ତଥା ସମାଜସେବୀ ଦୁର୍ଗାମାଧବ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଶତାଧିକ କ୍ରେନ୍ ମାଲିକ ଯୋଗଦାନ କରିଥିଲେ। ଜଗନ୍ନାଥ ଖଣ୍ଡୁଆଳ, ଦୁଷ୍ମନ୍ତ ଦାସ, ପ୍ରଭଞ୍ଜନ ପାତ୍ର, ଦୀପକ ମହାନ୍ତି, ତପନ ସାମନ୍ତରାୟ, ସୂର୍ଯ୍ୟକାନ୍ତ ପଣ୍ଡା, ଅତିଶ ସାହୁ, ଅଶୋକ ପଣ୍ଡା, କୁନାଲ ଚକ୍ରବର୍ତ୍ତୀ, ଏମ୍ ରାଜକୁମାର ପ୍ରମୁଖ ଯୋଗଦାନ କରି ଦୁର୍ଘଟଣା ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆମ୍ବୁଲାନ୍ସ ଓ ଦମକଳ ଭଳି ସେବା ଯୋଗାଇଥାଏ ତେଣୁ ସରକାର ଜରୁରିକାଳୀନ ସେବା ମାନ୍ୟତା ଦେବାସହ ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମରେ ବାହାର ରାଜ୍ୟର କ୍ରେନ୍ ବ୍ୟବହାର ନକରି ଓଡ଼ିଶାର କ୍ରେନ୍ ବ୍ୟବହାର କରିବା ପାଇଁ ଅନୁରୋଧ କରିଥିଲେ। ସରକାର ସମସ୍ତ ପ୍ରକାର ସହଯୋଗ କରିବା ନିମିତ୍ତେ ଅନୁରୋଧ କରିଥିବା ଜାଣିବାକୁ ମିଳିଛି। ପ୍ରତାପ କୁମାର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ କ୍ଷୀରୋଦ ପ୍ରଧାନ, ବିଶ୍ୱଜିତ ଜେନା, ସୁପ୍ରତୀକ ଜେନା, ସଞ୍ଜୟ ସିଂହ ଓ ସନ୍ତୋଷ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ପୁରୁଣା ବନ୍ଧୁ ଏକାଠି ହେଲେ, ଗଛ ଲଗାଇଲେ

**ସାଲେପୁର, ୨୧।୧(ସମିସ):** ରବିବାର ସାଲେପୁର ହାଇସ୍କୁଲ ପରିସରରେ ୧୯୯୩ ମାଟ୍ରିକ୍ ବ୍ୟାଚ୍‌ର ଏକ ବନ୍ଧୁମିଳନ ଉତ୍ସବ ନିଆରା ଢ଼ଙ୍ଗରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବହୁ ପୁରାତନ ଛାତ୍ରଛାତ୍ରୀ ଏକଜୁଟ ହୋଇ ବିଦ୍ୟାଳୟ ପରିସର ସଫେଇ କରିବା ସହ ବୃକ୍ଷରୋପଣ କରିଥିଲେ। ପରେ ସ୍କୁଲ ପରିସରରେ ସମସ୍ତ ଛାତ୍ରଛାତ୍ରୀ ଏକତ୍ରିତ ହୋଇ ବିଦ୍ୟାଳୟ ସମୟର ସ୍ମୃତିକୁ ମନେପକାଇବା ସହ ଭାବର ଆଦାନପ୍ରଦାନ କରାଯାଇଥିଲା। ସେହିପରି ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ସାଲେପୁର ଅଞ୍ଚଳର ବିଶିଷ୍ଟ ସାମ୍ବାଦିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଧରଣୀଧର ସାହୁ ଓ ଜିତେନ୍ଦ୍ର ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ବନ୍ଧୁମିଳନ ଉତ୍ସବରେ ପ୍ରଶାନ୍ତ ସାମଲ, ଚିତ୍ତରଞ୍ଜନ ମୁଦୁଲି, ସେକ୍ ପୀର ବକ୍ସ, ସୁବ୍ରତ ସାହୁ, ମୃତ୍ୟୁଞ୍ଜୟ ମଲ୍ଲିକ, ଚନ୍ଦ୍ରକାନ୍ତ ରାଉତ, ସୁମନ୍ତ ମହାନ୍ତି, ପ୍ରଶାନ୍ତ ଜେନା, ଅମରେନ୍ଦ୍ର ଦାସ, ନରେଶ ସାହୁ, ପ୍ରବୋଧ ସ୍ୱାଇଁ, ଶୁଭ୍ରଜିତ୍ ରାଉଳ, ବିଭୂତିଭୂଷଣ କର, ବିଭୂତିନାରାୟଣ କର, ପ୍ରମୋଦ ସାହୁ, ମୀନାର ବେହେରା, ପ୍ରଦୀପ୍ତ କୁମାର କରଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।




# ଫାଇଲେରିଆ ନିରାକରଣ ପ୍ରଶିକ୍ଷଣ



**ବାଙ୍କୀ, ୨୧।୧(ସମିସ)**

ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଫାଇଲେରିଆ ନିରାକରଣ ପାଇଁ ପ୍ରଶିକ୍ଷଣ ଦିଆଯାଇଛି। ବାଙ୍କୀ ବ୍ଲକ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜାତୀୟ ବାତଜ୍ୱର ନିରାକରଣ ନିମନ୍ତେ ଡିସ୍ ବଟିକା ଏବଂ ଆଲ୍‌କେଣ୍ଡା ଜୋଲ୍ ବଟିକା ବାଙ୍କୀ ବ୍ଲକର ସମସ୍ତ ଜନସାଧାରଣଙ୍କୁ ବଣ୍ଟନ କରାଯାଇଛି। ସାମୂହିକ ଔଷଧ ସେବନ ପାଇଁ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ହୋଇଥିଲା। ଅଧୀକ୍ଷକ ଡାକ୍ତର ଅମରେଶ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୪୭ଜଣ ସୁପରଭାଇଜର ଓ ୪୭୫ଜଣ ଔଷଧ ବଣ୍ଟନକାରୀକୁ ଫେବୃୟାରୀ ମାସ ୧୦ତାରିଖ ଠାରୁ ୧୯ତାରିଖ ମଧ୍ୟରେ ବିଦ୍ୟାଳୟ ଓ ପ୍ରତ୍ୟେକ ଘର ଘର ବୁଲି ଏହି ଔଷଧ ଖାଇବା ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଛି। ୨ ବର୍ଷରୁ କମ୍ ଶିଶୁ, ଗର୍ଭବତୀ ମହିଳା ଏବଂ ଗୁରୁତର ରୋଗୀଙ୍କୁ ଛାଡ଼ି ବାଙ୍କୀ ବ୍ଲକ ୧୦୯୬୯୮ ଜଣଙ୍କୁ ବାତଜ୍ୱର ଔଷଧ ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ସ୍ୱେଚ୍ଛାସେବୀମାନଙ୍କ ଜରିଆରେ ଘରେ ଘରେ ବୁଲି ସେବନ କରାଇବା ପାଇଁ ସ୍ଥିର କରାଯାଇଛି। ସୁପରଭାଇଜର ମାନଭଞ୍ଜନ ଦଳେଇ, କବିରାଜ ସେଠୀ, ରାମାକାନ୍ତ ଷଡଙ୍ଗୀ, କୁଞ୍ଜଲତା ମହାପାତ୍ର, ବି.ପି.ଏମ୍ ସଙ୍ଗୀତା ଦାଶ, ସୂର୍ଯ୍ୟକାନ୍ତ ସାହୁ ଏବଂ ବିମଳା ଦେଇ ପ୍ରମୁଖ ପ୍ରଶିକ୍ଷଣ ଶିବିରକୁ ପରିଚାଳନା କରିଥିଲେ।

# ବାଙ୍କୀ କଲେଜ ବାଣିଜ୍ୟ ବିଭାଗରେ ସମ୍ବର୍ଦ୍ଧନା ଉତ୍ସବ

**ବାଙ୍କୀ, ୨୧।୧(ସମିସ)**



ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ଆନୁକୂଲ୍ୟରେ ଏକ ବନ୍ଧୁ ମିଳନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ସଭାପତିତ୍ୱ କରି ଏହି ବିଭାଗର ବିଭାଗୀୟ ମୁଖ୍ୟ ଡକ୍ଟର ନିରଞ୍ଜନ ମହାନ୍ତି ଡକ୍ଟରରେଟ୍ ପାଇଥିବାରୁ ଅଭିନନ୍ଦନ ଜଣାଇବା ସହ ବିଭାଗର କାର୍ଯ୍ୟକ୍ରମ ଉପରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ଯୋଗଦାନ କରି ଭଲ ପାଠ ପଢ଼ା ସହ ଛାତ୍ରଛାତ୍ରୀଙ୍କର ବୌଦ୍ଧିକ ବିକାଶ କରିବା ପାଇଁ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କୁ ପରାମର୍ଶ ଦେଇଥିଲେ। ବିଭାଗୀୟ ମୁଖ୍ୟ ଡକ୍ଟର ନିରଞ୍ଜନ ମହାନ୍ତି ତାଙ୍କ ଅଭିଜ୍ଞତା ବର୍ଣ୍ଣନା କରିଥିବା ବେଳେ ବରିଷ୍ଠ ପ୍ରାଧ୍ୟାପକ ସମୀର କୁମାର ମହାପାତ୍ର ବିଭାଗର ଉନ୍ନତି ପାଇଁ ସମସ୍ତ ପ୍ରକାର ଚେଷ୍ଟା ଜାରି ରହିବ ବୋଲି ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ଅଧ୍ୟାପକ ଯୁଗଳକିଶୋର ମଣ୍ଡଳ, ଅଧ୍ୟାପିକା ଜୟିମିନି ସାମଲ, ଅଧ୍ୟାପିକା ସୁଦୀପ୍ତା ପରିଡ଼ା, ଅଧ୍ୟାପକ ଆଶିଷ କୁମାର ପାଢ଼ୀ, ଅଧ୍ୟାପିକା ପ୍ରିୟଙ୍କା ବେହେରା, ଅଧ୍ୟାପକ ସୌମ୍ୟରଞ୍ଜନ ପୃଷ୍ଟି ଓ ଅଧ୍ୟାପକ ତୁଷାର ରଞ୍ଜନ ନାୟକ ଯୋଗଦାନ କରି ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ବିଭାଗୀୟ ମୁଖ୍ୟ ଡକ୍ଟର ନିରଞ୍ଜନ ମହାନ୍ତିଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପକ ଚିନ୍ମୟ ଚିତ୍ତରଞ୍ଜନ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଙ୍କୀ କଲେଜ: ପୁରାତନ ଓ ନୂତନ ଅଧ୍ୟକ୍ଷ ଏବଂ ଅଧ୍ୟାପକଙ୍କ ସମାବେଶ

**ବାଙ୍କୀ, ୨୧।୧(ସମିସ)**




ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ୨୪ତମ ବାର୍ଷିକ ପୁରାତନ ଓ ନୂତନ ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ସମାବେଶ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଓ ନୂତନ ଅଧ୍ୟାପକ ସଂଘର ସଭାପତି ତଥା ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ରାଜ ସଭାପତିତ୍ୱ କରି ସମସ୍ତଙ୍କର ମଙ୍ଗଳକାମନା କରିବା ସହ ତାଙ୍କ ସମୟର ମହାବିଦ୍ୟାଳୟର ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ କ୍ୟାପଟେନ୍ ଭାବନୀ ପ୍ରସାଦ ହୋତା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦିକା ଡକ୍ଟର ନିବାସିନୀ ପଣ୍ଡା ବିବରଣୀ ପାଠ କରିଥିଲେ। ଉକ୍ତ ସମାବେଶରେ ପୂର୍ବତନ ଅଧ୍ୟକ୍ଷ ଡକ୍ଟର ଅମରେନ୍ଦ୍ର ମିଶ୍ର, ଡକ୍ଟର ସରୋଜ ପଟ୍ଟନାୟକ, କ୍ୟାପଟେନ୍ ବେଣୁଧର ଲେଙ୍କା, ଡକ୍ଟର ଅରୁଣ କୁମାର ବେହେରା ଓ ସଦାନନ୍ଦ ବାରିକ ପ୍ରମୁଖ ପୂର୍ବତନ ଅଧ୍ୟକ୍ଷଗଣ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ସେ ସମୟର କଲେଜ ପରିସ୍ଥିତି ସହିତ ଏବେକାର ପରିସ୍ଥିତି ନେଇ ତୁଳନାତ୍ମକ ଆଲୋଚନା କରିଥିଲେ। ସଭା ପ୍ରାରମ୍ଭରେ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର ଗତବର୍ଷ ଦୁଇଜଣ ଅଧ୍ୟାପକ ନାରାୟଣ ପ୍ରସାଦ ପଣ୍ଡା ଓ ବନମାଳୀ ଦାଶଙ୍କ ପରଲୋକ ଘଟିବାର ନାମ ଘୋଷଣା କରିଥିଲେ ଓ ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ଅଧ୍ୟାପକ ଡକ୍ଟର ଏସ୍‌ଏନ. ପାଢ଼ୀ, ଡକ୍ଟର ଚିନ୍ମୟୀ ମହାନ୍ତି, ସରୋଜ କୁମାର ଦେଓଭଞ୍ଜ, ଧୀରେନ୍ଦ୍ର ଶ୍ରୀଚନ୍ଦନ, ସତ୍ୟନାରାୟଣ ପାଢ଼ୀ, ପ୍ରସନ୍ନ ସାହୁ, ଡି.ଏନ୍. ରାଉତରାୟ, ଡକ୍ଟର ମୂର୍ତ୍ତି, କୁମରବର ମହାନ୍ତି, ଅଧ୍ୟାପିକା କଳାବତୀ ଶତପଥୀ ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ଡକ୍ଟର ଅବନ୍ତୀକା କର, ପ୍ରାଧ୍ୟାପିକା ଗାୟତ୍ରୀ ନାୟକ, ଡକ୍ଟର ନିରଞ୍ଜନ ମହାନ୍ତି, ଡକ୍ଟର ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ବୃନ୍ଦାବନ ପ୍ରଧାନ, ରବିନାରାୟଣ ପ୍ରଧାନ, ଅଧ୍ୟାପକ ଯୋଗୀନାଥ ମଲ୍ଲିକ, କୁମୁଦ ରଞ୍ଜନ ମହାରଣା ପ୍ରମୁଖ ପରିଚାଳନା କରିଥିଲେ।

| ମୁଦ୍ରା ବିନିମୟ ମୂଲ୍ୟ | ସୁନାରୁପା ଦର | ଷ୍ଟକ୍ ମାର୍କେଟ୍ | ପେଟ୍ରୋଲ-ଡିଜେଲ୍ |
|---|---|---|---|
| ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ) | ୧୦ ଗ୍ରାମ ପିଛା (ଟଙ୍କାରେ) | ବଜାର କାରବାର (ପଏଣ୍ଟରେ) | ଲିଟର ପିଛା (ଟଙ୍କାରେ) |
| ● ଡଲାର ୮୩.୬୫ ● ପାଉଣ୍ଡ ୧୦୫.୧୭ | ● ସୁନା : ୫୭,୮୦୦ (ନୂଆଦିଲ୍ଲୀ) | ● ସେନ୍‌ସେକ୍ସ ୭୧,୪୨୩.୦୦ | ● ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର) |
| ● ୟୁରୋ ୯୦.୯୭ ● ୟେନ୍ ୦.୫୬ | ● ରୁପା : ୭୫,୫୦୦ (କେଜି) | ● ନିଫ୍ଟି ୨୧,୫୭୧.୦୦ | ● ଡିଜେଲ୍ - ୯୪.୮୬ |

## ଇପିଏଫ୍‌ଓରେ ଯୋଡ଼ିହେଲେ ୧୩.୯୫ଲକ୍ଷ ସଦସ୍ୟ




**ନୂଆଦିଲ୍ଲୀ, ୨୧।୧(ଏଜେନ୍ସି):** କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ(ଇପିଏଫଓ)ରେ ୨୦୨୩ ନଭେମ୍ବର ମାସରେ ପାଖାପାଖି ୧୩.୯୫ ଲକ୍ଷ ନୂତନ ସଦସ୍ୟ ଯୋଡ଼ି ହୋଇଛନ୍ତି। ଏଥିରେ ୭ ଲକ୍ଷ ୩୬ ହଜାର ଯୁବକ ସଂଯୁକ୍ତ ହୋଇଛନ୍ତି। ନୂତନ ଭାବେ ଯୋଗଦେଇଥିବା ସଦସ୍ୟମାନଙ୍କ ମଧ୍ୟରେ ୧୮-୨୫ ବର୍ଷ ବୟସର ଯୁବବର୍ଗସଂଖ୍ୟା ସର୍ବାଧିକ ୫୭.୩୦ ପ୍ରତିଶତ ରହିଛି। ଇପିଏଫଓ ଦ୍ୱାରା ଶନିବାର ଜାରି କରାଯାଇଥିବା ନୂତନ ତଥ୍ୟ ଅନୁସାରେ ୨୦୨୨-୨୩ ତୁଳନାରେ ଆର୍ଥିକବର୍ଷ ୨୦୨୩-୨୪ରେ ଇପିଏଫଓରେ ଅଧିକ ସଦସ୍ୟ ନିଜକୁ ସାମିଲ କରିଛନ୍ତି। ତେବେ ଇପିଏଫ୍‌ଓ ପକ୍ଷରୁ ପ୍ରକାଶିତ ତଥ୍ୟ ଦର୍ଶାଇଛି ଯେ ନଭେମ୍ବର ମାସରେ ଯୋଡ଼ି ହୋଇଥିବା ନୂତନ ସଦସ୍ୟଙ୍କ ମଧ୍ୟରୁ ପ୍ରାୟ ୧.୯୪ ଲକ୍ଷ ନୂତନ ସଦସ୍ୟ ମହିଳା। ସେମାନେ ପ୍ରଥମ ଥର ପାଇଁ ଇପିଏଫ୍‌ଓର ସଦସ୍ୟ ହୋଇଛନ୍ତି। ବର୍ତ୍ତମାନ ସଂଗଠନରେ ମୋଟ ମହିଳା ସଦସ୍ୟଙ୍କ ସଂଖ୍ୟା ପ୍ରାୟ ୨.୮୦ ଲକ୍ଷ ରହିଛି। ଗ୍ରାହକଙ୍କ ଅଭିବୃଦ୍ଧି ମଧ୍ୟରୁ ମହିଳା ସଦସ୍ୟଙ୍କ ସଂଖ୍ୟା ୨୦.୦୫ ପ୍ରତିଶତ ଥିଲା। ୨୦୨୩ ସେପ୍ଟେମ୍ବର ପରଠାରୁ ଏହି ସଂଖ୍ୟା ସର୍ବାଧିକ ରହିଛି। ସଂଗଠିତ କର୍ମକ୍ଷେତ୍ରରେ ମହିଳା କର୍ମଚାରୀଙ୍କ ଅଂଶଗ୍ରହଣ ବୃଦ୍ଧି ପାଉଥିବା ଇପିଏଫ୍‌ଓରେ ଅଧିକ ସଂଖ୍ୟକ ମହିଳା ଯୋଡ଼ି ହୋଇପାରୁଛନ୍ତି। ଚଳିତ ଆର୍ଥିକ ବର୍ଷରେ ଇପିଏଫ୍‌ଓ ସଦସ୍ୟଙ୍କ ସଂଖ୍ୟା ଗତ ବର୍ଷ ତୁଳନାରେ ଅଧିକ ରହିଛି। ନଭେମ୍ବରରେ ପ୍ରାୟ ୧୦.୬୭ ଲକ୍ଷ ସଦସ୍ୟ ଇପିଏଫ୍‌ଓ ଛାଡିଥିଲେ। ମାତ୍ର ଅନ୍ୟତ୍ର ନିଯୁକ୍ତି ପାଇବା ପରେ ପୁଣି ଇପିଏଫ୍‌ଓରେ ଯୋଗଦେଇଛନ୍ତି।

ନୂତନ ଭାବେ ସାମିଲ୍ ସଦସ୍ୟଙ୍କ ମଧ୍ୟରେ ୨୫ ବର୍ଷ ମଧ୍ୟରେ ଅଧିକ ରହିଥିବାରୁ ଏଥିରୁ ଜଣାପଡୁଛି ଯେ, ସଂଗଠିତ କ୍ଷେତ୍ରରେ ଯୁବକଙ୍କ ଚାହିଦା ବୃଦ୍ଧି ଘଟିଛି। ଏଥିରେ ଅଧିକାଂଶ ପ୍ରଥମ ଥର ଚାକିରି କରୁଛନ୍ତି।ପେରୋଲ ତଥ୍ୟ ଅନୁଯାୟୀ, ଗତ ବର୍ଷ ନଭେମ୍ବରରେ ୧୦.୬୭ ସଦସ୍ୟ ଇପିଏଫ୍‌ଓରୁ ବାହାରି ଯାଇଥିଲେ। ମାତ୍ର ସେମାନେ ଅନ୍ୟ କମ୍ପାନୀରେ ଚାକିରିରେ ଯୋଗ ଦେବା ପରେ ପୁଣି ଥରେ ଇପିଏଫଓରେ ସାମିଲ୍ ହୋଇଛନ୍ତି।

## ବ୍ୟାଙ୍କ ଅଫ୍ ବରୋଦା ଅନୁସନ୍ଧାନ ରିପୋର୍ଟ

# ନିଯୁକ୍ତି ସ୍ଥିତି ଚିନ୍ତାଜନକ

- ପ୍ରାକ୍ କୋଭିଡ୍ ସ୍ତରଠାରୁ କମ୍ ଚାକିରୀ ସୁଯୋଗ
- ୬ କ୍ଷେତ୍ରରେ ନିଯୁକ୍ତି ବଢ଼ିଛି, ୧୪ରେ କମିଛି

**ନୂଆଦିଲ୍ଲୀ, ୨୧।୧(ଏଜେନ୍ସି):**

ଦେଶ ଅଭିବୃଦ୍ଧି କ୍ଷେତ୍ରରେ ଆଗେଇ ଚାଲିଛି। କୋଭିଡ୍ ମହାମାରୀ ପରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ତ୍ୱରିତ ହୋଇଛି। ହେଲେ ଏହି ସମୟରେ ଅନେକ ଲୋକ ବେକାର। ଦେଶରେ ବର୍ତ୍ତମାନ ନିଯୁକ୍ତି ସ୍ଥିତି ଚିନ୍ତାଜନକ। ବିଗତ ୪ ବର୍ଷରେ ଦେଶର ଘରୋଇ କ୍ଷେତ୍ରରେ ନୂତନ ନିଯୁକ୍ତିରେ ବାର୍ଷିକ ୩.୧ ପ୍ରତିଶତ ଅଭିବୃଦ୍ଧି ହୋଇଥିବାବେଳେ ଏହି ସମୟରେ ଜିଡିପି ଅଭିବୃଦ୍ଧି ହାର ପ୍ରାୟ ୪.୫ ପ୍ରତିଶତ ରହିଥିଲା। ଯଦି ଏକ ହିସାବ ଦେଖିବା ତେବେ ପ୍ରାକ୍-କୋଭିଡ୍ ସ୍ତର ତୁଳନାରେ ୨୯୭୫ କମ୍ପାନୀ ମଧ୍ୟରୁ ୪୯.୪୪ ପ୍ରତିଶତ କମ୍ପାନୀରେ ନିଯୁକ୍ତି ୮.୨ ଲକ୍ଷ ହ୍ରାସ ପାଇଛି। ଅବଶିଷ୍ଟ ୧୫୦୪ କମ୍ପାନୀରେ ୧୭.୪ ଲକ୍ଷ ନୂତନ ନିଯୁକ୍ତି ସୃଷ୍ଟି ହୋଇଥିଲା। ମୋଟାମୋଟି ଭାବେ ନିଯୁକ୍ତିରେ ମାତ୍ର ୯.୨ ଲକ୍ଷ ବୃଦ୍ଧି ଘଟିଛି। ବ୍ୟାଙ୍କ ଅଫ୍ ବରୋଦାର ଅନୁସନ୍ଧାନ ରିପୋର୍ଟରେ ଏହା କୁହାଯାଇଛି।

ଆଇଟି, ଫାଇନାନ୍ସ ଏବଂ ଖୁଚୁରା ସମେତ ୬ ଟି କ୍ଷେତ୍ର ରହିଛି ଯେଉଁଗୁଡିକରେ ନିଯୁକ୍ତି ସୁଯୋଗ



ସୃଷ୍ଟିର ବିଗତ ଚାରି ବର୍ଷର ହାରାହାରି ହାରଠାରୁ ଅଧିକ ରହିଥିଲା। ୮ ଟି କ୍ଷେତ୍ରରେ ଚାକିରି ଅଭିବୃଦ୍ଧି ୨.୫ପ୍ରତିଶ ରୁ କମ୍ ରହିଥିଲା। ୧୪ଟି କ୍ଷେତ୍ରରେ କମ୍ପାନୀଗୁଡିକରେ ନିଯୁକ୍ତି ସ୍ଥିତି ହ୍ରାସ ଘଟିଛି। ଟେଲିକମ୍, ଅଟୋମୋବାଇଲ୍ ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ସର୍ବାଧିକ ଚାକିରି ହ୍ରାସ ପାଇଛି। ଯେଉଁଠି କୋଭିଡ ପୂର୍ବରୁ ୭.୦୬ ଲକ୍ଷ ଚାକିରି ରହିଥିଲା, ସେଥିରେ ବର୍ତ୍ତମାନ ୩୪.୧୩ ପ୍ରତିଶତ ହ୍ରାସ ଘଟି ମାତ୍ର ୪.୬୫ ଲକ୍ଷରେ ପହଞ୍ଚିଛି। ଏଥିରେ ବାର୍ଷିକ ହ୍ରାସ ହାର ୮.୩୫ ପ୍ରତିଶତ ରହିଥିଲା।

କୋଭିଡ୍ ସମୟରେ କମ୍ପାନୀଗୁଡିକ ବହୁ ପରିମାଣରେ ନିଯୁକ୍ତି ହ୍ରାସ ଘଟାଇଥିଲେ। କାରଣ କମ୍ପାନୀଗୁଡ଼ିକୁ ବଞ୍ଚାଇବା ପାଇଁ ସେମାନଙ୍କର ଅନ୍ୟ କୌଣସି ବିକଳ୍ପ ନ ଥିଲା। ଯଦିଓ କମ୍ପାନୀଗୁଡିକ ବର୍ତ୍ତମାନ ନିଯୁକ୍ତି ଦେଉଛନ୍ତି, ତଥାପି ପ୍ରାକ୍-କୋଭିଡ୍ ସ୍ତରରେ ପହଞ୍ଚିବାକୁ ସେମାନଙ୍କୁ ସମୟ ଲାଗି ବୋଲି ଚାକିରି ପରାମର୍ଶଦାତା ସଂସ୍ଥା ପ୍ରୋଟେଲାଣ୍ଟର ଭାନୁ ତାପଡିଆ କହିଛନ୍ତି। ରିପୋର୍ଟ ଅନୁଯାୟୀ, ଦେଶର କର୍ପୋରେଟ୍ ।।କ କ୍ଷେତ୍ରରେ ୮୧.୨ ଲକ୍ଷ କର୍ମଚାରୀ ରହିଛନ୍ତି। ଗୋଟିଏ ବର୍ଷରେ କେବଳ ୩.୯ ଲକ୍ଷ ନୂତନ ନିଯୁକ୍ତି ସୃଷ୍ଟି ହୋଇଥିଲା। ବିଶେଷଜ୍ଞମାନେ କହିଛନ୍ତି ଯେ ଚାକିରି ଖୋଜୁଥିବା ବହୁ ଲୋକଙ୍କୁ ଦେଖି।।ଲେରେ ରଖି ଏହି ସଂଖ୍ୟା ବହୁତ କମ୍। ୨୦୨୨ରେ ୪.୯ ଲକ୍ଷ ଚାଲୋକଙ୍କୁ ନିଯୁକ୍ତି ମିଳିଥି ଏହାର ଅର୍ଥ ହେଉଛି ଗତ ବର୍ଷ ତୁଳନାରେ ଚଳିତ ବର୍ଷ ନିଯୁକ୍ତି ସୁଯୋଗ ୨୦ ପ୍ରତିଶତ ହ୍ରାସ ପାଇଛି।

| ଏହି ସବୁ କ୍ଷେତ୍ରରେ ନିଯୁକ୍ତି ହ୍ରାସ ପାଇଛି |
|---|
| କ୍ଷେତ୍ର ଭିତ୍ତିରେ ନିଯୁକ୍ତିରେ ହ୍ରାସ |
| ଟେଲିକମ୍ -୧୬.୧% |
| ଅଟୋ ଓ ଆନୁଷଙ୍ଗିକ -୮% |
| ରିଅଲ ଇଷ୍ଟେଟ୍ -୭.୮% |
| ଖଣି -୪.୪% |
| ଟ୍ରେଡିଂ -୩.୯% |
| ଅଶୋଧିତ ତୈଳ -୩.୪% |
| ପ୍ରାକ୍ କୋଭିଡ୍ ସ୍ତରରେ ନିଯୁକ୍ତି ଅଭିବୃଦ୍ଧି |
| କ୍ଷେତ୍ର ଭିତ୍ତିରେ ନିଯୁକ୍ତିରେ ଅଭିବୃଦ୍ଧି |
| ଆଇଟି ୧୧.୨% |
| ଫାଇନାନ୍ସ ୯.୧% |
| ବ୍ୟାଙ୍କ ୭.୦% |
| ବସ୍ ସେବା ୫.୫% |
| ରିଟେଲ୍ ୫.୩% |
| ବୀମା ୩.୭% |

## ଆରମ୍ଭ ହେବ ଏଲନ୍ ମସ୍କଙ୍କ ଷ୍ଟାର ଲିଙ୍କ୍ ଇଣ୍ଟରନେଟ୍ ସେବା

ନୂଆଦିଲ୍ଲୀ,୨୧।୧(ଏଜେନ୍ସି): ଅରବପତି ବ୍ୟବସାୟୀ ଏଲନ୍ ମସ୍କଙ୍କ ଷ୍ଟାରଲିଙ୍କ୍ ସେବାକୁ ନେଇ ଗତ କିଛିଦିନ ଧରି ଚର୍ଚ୍ଚା ହେଉଛି। ଇଣ୍ଟରନେଟ୍ ୟୁଜର୍ସ ଭାରତରେ ଷ୍ଟାରଲିଙ୍କ ଇଣ୍ଟରନେଟ୍ ସେବାକୁ ନେଇ ବେଶ୍ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି। ଆଗାମୀ କିଛିଦିନ ମଧ୍ୟରେ ଏହା ଭାରତରେ ଆରମ୍ଭ ହୋଇଯିବ। ଏବେ ଏହାକୁ ନେଇ ଏକ ବଡ ଅପଡେଟ୍ ସାମ୍ନାକୁ ଆସିଛି। କୁହାଯାଉଛି ଖୁବ୍ ଶୀଘ୍ର ଷ୍ଟାରଲିଙ୍କକୁ ଭାରତ ସରକାରଙ୍କ ଅନୁମତି ମିଳିଯିବ।

ଏଠାରେ ଆପଣଙ୍କୁ ସୂଚାଇ ଦିଆଯାଇପାରେ କି ଷ୍ଟାରଲିଙ୍କ ଏକ ସାଟେଲାଇଟ୍ ବେସଡ୍ ଇଣ୍ଟରନେଟ୍ ସର୍ଭିସ୍ ପ୍ରୋଭାଇଡର। ଏହାକୁ ସ୍ପେସ୍ ଏକ୍ସ ଦ୍ୱାରା ନିର୍ମାଣ କରାଯାଇଛି । ଏହା ଏକ ଏପରି ସେବା ଯେଉଁଥିରେ ହଜାର ସଂଖ୍ୟାରେ କ୍ଷୁଦ୍ର ଉପଗ୍ରହ ସାହାଯ୍ୟରେ ହାଇସ୍ପିଡ୍ ଇଣ୍ଟରନେଟ୍ ସେବା ପ୍ରଦାନ କରାଯାଇଥାଏ। ଇଣ୍ଟରନେଟ୍ ଲାଗି ଷ୍ଟାରଲିଙ୍କ ଲୋ ୟାର୍ଥ ଅର୍ବିଟ୍ ସାଟେଲାଇଟ୍ର ଉପଯୋଗ କରିଥାଏ। ମିଳିଥିବା ସୂଚନାରୁ ଜଣାପଡିଛି ଡିପାର୍ଟମେଣ୍ଟ ଅଫ୍ ପ୍ରମୋଶନ ଅଫ୍ ଇଣ୍ଡଷ୍ଟ୍ରୀ ଆଣ୍ଡ ଇଣ୍ଟରନାଲ ଟ୍ରେଡ୍ ମସ୍କଙ୍କ କମ୍ପାନୀର ସେୟାର ହୋଲ୍ଡର କ୍ଲାସିଫିକେସନକୁ ନେଇ ସନ୍ତୋଷ ପ୍ରକାଶ କରିଛି। ଏହାପରେ କୁହାଯାଉଛି କି ତାଙ୍କ କମ୍ପାନୀକୁ ଭାରତରେ ଖୁବ୍ ଶୀଘ୍ର ଅନୁମତି ମିଳିଯିବ ।୨୦୧୯ରେ ଷ୍ଟାରଲିଙ୍କ ଆରମ୍ଭ ହୋଇଥିଲା ଓ ୫୬ରୁ ଅଧିକ ଦେଶରେ ଏବେ ଏହାର ସେବା ଯୋଗାଇ ଦିଆଯାଉଛି। ଷ୍ଟାରଲିଙ୍କ ଭାରତରେ ଆସିବା ଦ୍ୱାରା ଇଣ୍ଟରନେଟ୍ ଦୁନିଆରେ ଏକ ବହୁତ ବଡ ପରିବର୍ତ୍ତନ ଆସିବ। ଇଣ୍ଟରନେଟ୍ ସ୍ପିଡ୍ ଭାରତରେ ବହୁ ଗୁଣରେ ବଢିଯିବ। ଏହାର ସିଧା ମୁକାବିଲା ରିଲାଏନ୍ସ ଜିଓ ସହିତ ହେବ।

- ପୁଞ୍ଜିବଜାର:୧୦ରୁ ୫ କମ୍ପାନୀଙ୍କ ବଜାରପୁଞ୍ଜି ଖସିଲା

## ଏଚ୍‌ଡିଏଫସି ଡୁବାଇଲା, ଏଲ୍‌ଆଇସି ଉଠାଇଲା

ମୁମ୍ବଇ,୨୧।୧(ଏଜେନ୍ସି): ଗତ ସପ୍ତାହରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନସେକ୍ସରେ ବୃହତ୍ ୧୬୦୦ ପଏଣ୍ଟରୁ ଅଧିକ ହ୍ରାସ ଘଟିଥିଲା। ଏଥିଯୋଗୁ ଘରୋଇ ପୁଞ୍ଜି ବଜାର ଧରାଶାୟୀ ହୋଇଥିଲା। ଏଥିରେ ସେନସେକ୍ସର ୧୦ଟି ମୂଲ୍ୟବାନ କମ୍ପାନୀ ମଧ୍ୟରୁ ୫ଟିର ବଜାର ମୂଲ୍ୟ ଗତ ସପ୍ତାହରେ ୧,୬୭,୯୩୬.୨୧ କୋଟି ଟଙ୍କା ହ୍ରାସ ପାଇଛି। ଏଥିରେ ଏଚ୍ଡିଏଫ୍ସି ବ୍ୟାଙ୍କ ସର୍ବାଧିକ କ୍ଷତି ସହିଛି। ତେବେ ଜାନୁଆରୀ ୨୦ ଶନିବାର ଶେୟାର ବଜାରର ଏନ୍‌ଏସ୍‌ଇ ଏବଂ ବିଏସ୍‌ଇରେ ସ୍ୱତନ୍ତ୍ର ବାଣିଜ୍ୟ ଅଧିବେଶନ ଆୟୋଜିତ ହୋଇଥିଲା। ସମୀକ୍ଷା ସପ୍ତାହରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଟାଟା କନ୍ସଲଟାନ୍ସ ସର୍ଭିସେସ୍ (ଟିସିଏସ୍), ଏଚଡିଏଫସି ବ୍ୟାଙ୍କ, ହିନ୍ଦୁସ୍ତାନ ୟୁନିଲିଭର ଏବଂ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ)ର ବଜାର ପୁଞ୍ଜିରେ ବୃହତ୍ ହ୍ରାସ ଘଟିଥିଲା। ଏଥି ସହିତ ଆଇସିଆଇସିଆଇ ବ୍ୟାଙ୍କ,




ଇନଫୋସିସ୍, ଭାରତ ଏୟାରଟେଲ, ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ଏବଂ ଆଇଟିସିର ବଜାର ସ୍ଥିତି ବୃଦ୍ଧି ପାଇଥିଲା।ବଜାର କାରବରେ ଏଚ୍ଡିଏଫ୍ସି ବ୍ୟାଙ୍କ ସର୍ବାଧିକ କ୍ଷତି ସହିଛି। ଗତ ସପ୍ତାହରକାରବରେ ଏଚ୍ଡିଏଫ୍ସି ବ୍ୟାଙ୍କ ନିବେଶକଙ୍କୁ ଡୁବାଇଥିବାବେଳେ ଏଲ୍‌ଆଇସି ଉଠାଇଥିଲା।

### 'ପମ୍ପ ଆଣ୍ଡ ଡମ୍ପ' ମାମଲା

## ୨୪ କୋଟି ଲାଭ କରି ପ୍ରମୋଟର ଛୁ

- ସେବିର କାର୍ଯ୍ୟାନୁଷ୍ଠାନ

**ମୁମ୍ବାଇ, ୨୧।୧(ଏଜେନ୍ସି):** ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ସେୟାର ବଜାରରେ 'ପମ୍ପ ଆଣ୍ଡ ଡମ୍ପ'ର ଏକ ଠକେଇ ମାମଲା ଧରିଛି। ବିକାଶ ପ୍ରୋପ୍ପାଣ୍ଟ ଆଣ୍ଡ ଗ୍ରାନାଇଟ୍ କମ୍ପାନୀର ପ୍ରମୋଟରମାନେ ଏକ ଏମିତି ଜମିକୁ ନେଇ ଖେଳ କରିଥିଲେ ଯାହା ସେମାନଙ୍କର ନ ଥିଲା। କେବଳ ଏତିକି ନୁହେଁ ସେମାନେ କମ୍ପାନୀର ବ୍ୟବସାୟ ସମ୍ପର୍କରେ ମଧ୍ୟ ମିଥ୍ୟା ଦାବି କରୁଥିଲେ। ଯେଉଁଥିପାଇଁ କମ୍ପାନୀର ସେୟାର ମୂଲ୍ୟ ୧.୦୨ ପଇସାରୁ ଉପରକୁ ଉଠି ୧୭.୮୫ ଟଙ୍କାକୁ ପହଞ୍ଚିଥିଲା। ଏହା ପରେ କମ୍ପାନୀର ପ୍ରମୋଟରମାନେ ନିଜ ସେୟାର ବିକ୍ରି କରିଦେଇଥିଲେ। ଫଳରେ କମ୍ପାନୀର ସେୟାର ମୂଲ୍ୟ ହ୍ରାସ ହୋଇଥିବାବେଳେ ନିବେଶକ ଠକେଇର ଶିକାର ହୋଇଛନ୍ତି।

ଏବେ ସେବି ପ୍ରମୋଟରଙ୍କୁ ଏହି ଖେଳରେ ଅର୍ଜନ କରିଥିବା ଟଙ୍କା ସୁଧ ସହିତ ଫେରାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବିକାଶ ପ୍ରୋପ୍ପାଣ୍ଟ ଆଣ୍ଡ ଗ୍ରାନାଇଟସ୍ର ସେୟାର ମୂଲ୍ୟ ଏବେ ବିଏସଇରେ ୦.୫୯ ଟଙ୍କାରେ କାରବାର କରୁଛି। ସେବିଙ୍କ ତଦନ୍ତରୁ ପ୍ରମୋଟର୍ସ ବଜରଙ୍ଗ ଦାସ ଅଗ୍ରୱାଲ( ମୃତ) ତାଙ୍କ ପତ୍ନୀ ତଥା କମ୍ପାନୀର ଏମଡି ବିମଳା ଦେବୀ ଜିନ୍ଦଲ, ତାଙ୍କ ଝିଅ ତଥା କମ୍ପାନୀର ଏକଜ୍ୟୁକୁଟିଭ ଡାଇରେକ୍ଟର କାମିନୀ ଜିନ୍ଦଲ ଓ ତାଙ୍କ ସହଯୋଗୀମାନେ ପାଖାପାଖି ୮ କୋଟି ଟଙ୍କାର ସେୟାର ବିକ୍ରି କରିଥିବାର ଜଣାପଡିଛି। ଏହି ସେୟାର ବିକ୍ରିରୁ ସେମାନେ ୨୪ କୋଟି ଟଙ୍କା ଲାଭ ଅର୍ଜନ କରିଛନ୍ତି। ବଜରଙ୍ଗ ଦାସ ଅଗ୍ରୱାଲ ନ୍ୟାସନାଲ ୟୁନିୟନିଷ୍ଟ ଜମିଦାର ପାର୍ଟିର ସଂସ୍ଥାପକ ଥିଲେ। କାମିନୀ ଜିନ୍ଦଲ ରାଜସ୍ଥାନର ଗଙ୍ଗାନଗର ନିର୍ବାଚନମଣ୍ଡଳିରୁ ଏହି ପାର୍ଟି ଟିକେଟ୍ରେ ନିର୍ବାଚନ ମଧ୍ୟ ଜିତିଥିଲେ। ସେବିଙ୍କୁ ୨୨ ଜୁନ ୨୦୧୮ ଓ ୩୦ ଅଗଷ୍ଟ ୨୦୧୯ ମଧ୍ୟରେ କମ୍ପାନୀର ସେୟାର କମିବା ବଢିବା ଯୋଗୁ ଇନାଇଡର ଟ୍ରେଡିଂର ସନ୍ଦେହ ହୋଇଥିଲା। ଏଥିରୁ ସେବି ଯାଞ୍ଚ କରିବାରୁ ଜମି ଲିଜରେ ପ୍ରିଫରେନ୍ସ ସେୟାର ଜାରି କରାଯାଇଥିବାର ଜାଣିବାକୁ ପାଇଥିଲେ।

## ଦେଶରେ ୧ ଲକ୍ଷ କୋଟିର ବ୍ୟବସାୟ

**ନୂଆଦିଲ୍ଲୀ, ୨୧।୧(ଏଜେନ୍ସି):** ଅଯୋଧ୍ୟାରେ ଶ୍ରୀରାମଙ୍କ ପ୍ରାଣପ୍ରତିଷ୍ଠା ସୋମବାର ହେଉଛି। ଏହି ଉତ୍ସବକୁ ସ୍ମରଣୀୟ କରିବା ପାଇଁ ଅନେକ ସ୍ତରରେ ପ୍ରସ୍ତୁତି ଚାଲିଛି ଏବଂ ଉତ୍ସାହର ବାତାବରଣ ସୃଷ୍ଟି ହୋଇଛି। ବ୍ୟବସାୟ ଜଗତ ମଧ୍ୟ ଏହି ପରିବେଶରୁ ବହୁତ ଲାଭବାନ ହେଉଛି ଏବଂ ବ୍ୟବସାୟୀମାନେ କୋଟି କୋଟି ଟଙ୍କାର ବ୍ୟବସାୟ କରୁଛନ୍ତି।ଖୁଚୁରା ବ୍ୟବସାୟୀଙ୍କ ଏକ ସଂଗଠନ କନ୍ଫେଡେରେସନ୍ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (କ୍ୟାଟ୍) ଅନୁଯାୟୀ, ରାମ ମନ୍ଦିରର

**ଅଯୋଧ୍ୟାରେ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା**

ପ୍ରାଣପ୍ରତିଷ୍ଠା କାର୍ଯ୍ୟକ୍ରମ ଦ୍ୱାରା ସୃଷ୍ଟି ହୋଇଥିବା ପରିବେଶ ଯୋଗୁଁ ସାରା ଦେଶରେ ବ୍ୟବସାୟୀମାନେ ୧ ଲକ୍ଷ କୋଟିରୁ ଅଧିକ ମୂଲ୍ୟର ବ୍ୟବସାୟ କରିଛନ୍ତି। କ୍ୟାଟ୍ ଅନୁଯାୟୀ, ଗତ କିଛି ଦିନ ହେବ ରାମ ମନ୍ଦିର ଯୋଗୁ ବ୍ୟବସାୟୀମାନେ ୧ ଲକ୍ଷ କୋଟିରୁ ଅଧିକ ମୂଲ୍ୟର ବ୍ୟବସାୟ କରିଛନ୍ତି। ସୋମବାର ଯେତେବେଳେ ରାମ ମନ୍ଦିର ପ୍ରତିଷ୍ଠା ହେବାକୁ ଯାଉଛି, ସେତେବେଳେ ଦେଶର ବ୍ୟବସାୟୀମାନେ ସେମାନଙ୍କ ପ୍ରତିଷ୍ଠାନ ଖୋଲା ରଖିବେ। ବ୍ୟବସାୟ ସମ୍ପ୍ରଦାୟ ମଧ୍ୟରେ ଏକ ଜାତୀୟ ଅଭିଯାନ 'ହର ସହର ଅଯୋଧ୍ୟା-ଘର ଅଯୋଧ୍ୟା' ଚାଲିଛି। ଏହି ଅଭିଯାନ ଅଧୀନରେ ଦିଲ୍ଲୀର ବ୍ୟବସାୟିକ ସଂଗଠନ ତଥା ଦେଶର ସମସ୍ତ ରାଜ୍ୟ୨୨ ଜାନୁଆରୀରେ ନିଜ ନିଜ ବଜାରରେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ବ୍ୟାପକ ପ୍ରସ୍ତୁତି ଚଳାଇଛନ୍ତି।

# ପିଆଜ ଗୋଦାମରେ ଲାଗିବ ଏଆଇ ସେନ୍‌ସର

**ନୂଆଦିଲ୍ଲୀ, ୨୧।୧(ଏଜେନ୍ସି):**

ବର୍ତ୍ତମାନ ସମୟରେ ସାରା ବିଶ୍ୱରେ କୃତ୍ରିମ ଇଣ୍ଟେଲିଜେନ୍ସ ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ବ୍ୟବହାର ପ୍ରାୟ ସବୁ କ୍ଷେତ୍ରରେ ହେଲାଣି। ଧୀରେ ଧୀରେ ଏହି ନୂଆ ଟେକ୍ନୋଲୋଜି ଆମର ନିତି ଦିନର କାମରେ ଜୀବନର ଏକ ଅଂଶବିଶେଷ ପାଲଟିଗଲାଣି। ଏବେ ପିଆଜ ଗୋଦାମରେ କେନ୍ଦ୍ର ସରକାର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଟେକ୍ନୋଲୋଜି ଉପଯୋଗ କରିବାକୁ ଯୋଜନା କରିଛନ୍ତି। ଯୋଜନାନୁଯାୟୀ, ପିଆଜ ଗୋଦାମରେ ଏଆଇ ସେନ୍ସର ଲାଗିବ। ବସ୍ତାରୁ ଗୋଟିଏ ପିଆଜ ଷଢ଼ିଲେ ମାଲିକଙ୍କ ନିକଟକୁ ଆଲର୍ଟ ଆସିବ। ଆସନ୍ତା ମାର୍ଚ୍ଚ ମାସରେ ପାଇଲଟ୍ ପ୍ରକଳ୍ପ ଆଧାରରେ ଏହାର ଉପଯୋଗ ପ୍ରଥମେ କରାଯିବ। ବିଶେଷଜ୍ଞଙ୍କ ମତରେ ଏଆଇ ଉପଯୋଗ ଜରିଆରେ ଖାଦ୍ୟ ଶସ୍ୟ ନଷ୍ଟ ମାତ୍ରାରେ ୫% ହ୍ରାସ ଘଟିବ। ସାଧାରଣତଃ ଭାରତରେ ରକ୍ଷଣାବେକ୍ଷଣ ଅଭାବ ଏବଂ ଖରାପ ଭିତ୍ତିଭୂମି ହେତୁ ପ୍ରତିବର୍ଷ ୧୬% ଫଳ ଏବଂ ପନିପରିବା ନଷ୍ଟ ହୋଇଯାଇଥାଏ। ଏଥିସହିତ ୧୦% ତେଲ ମଞ୍ଜି, ଡାଲି ଏବଂ ଅନ୍ୟାନ୍ୟ ଶସ୍ୟ ମଧ୍ୟ ନଷ୍ଟ ହୋଇଯାଏ। ସେଣ୍ଟ୍ରାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ପୋଷ୍ଟ ହାର୍ଭେଷ୍ଟିଂ ଇଞ୍ଜିନିୟରିଂ



**ବସ୍ତାରୁ ଗୋଟିଏ ପିଆଜ ଷଢ଼ିଲେ ଆସିବ ଆଲର୍ଟ**

**ସାର ଏବଂ ପାଣି ସ୍ପ୍ରେ ଉପରେ ରହିବ ନିୟନ୍ତ୍ରଣ**

ଆଣ୍ଡ ଟେକ୍ନୋଲୋଜି (ସିପିଏଚ୍)ର ରିପୋର୍ଟରେ ଏହି ସୂଚନା ଦିଆଯାଇଛି। କିଷାନ ଶକ୍ତି ସଂଗଠନ ଅନୁଯାୟୀ ଦେଶରେ ପ୍ରତିବର୍ଷ ୨୮ କୋଟି ଟନ୍ ଖାଦ୍ୟ ଶସ୍ୟ ଉତ୍ପାଦନ କରାଯାଏ, ସେଥିମଧ୍ୟରୁ ୮ କୋଟି ଟନ୍ ଶସ୍ୟ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ନେଇଯାଇଥାଏ। ଏହାର ଏକ ବଡ଼ ଅଂଶ ଖୋଲା ସ୍ଥାନରେ ଗଚ୍ଛିତ ହୋଇଛି, ଯେଉଁ କାରଣରୁ ଅଧିକ ଶସ୍ୟ ନଷ୍ଟ ହେଉଛି। ଶୀତଳ ଭଣ୍ଡାରର ଉପଯୁକ୍ତ ବ୍ୟବସ୍ଥା ଅଭାବରୁ ଫଳ ଏବଂ ପନିପରିବା ନଷ୍ଟ ହୋଇଯାଏ ଏବଂ ଏହାର ମୁକାବିଲା ପାଇଁ ଟେକ୍ନୋଲୋଜିର ସହାୟତା ନିଆଯାଉଛି। ଫଳ, ପନିପରିବା ଏବଂ ଶସ୍ୟର ଉତ୍ତମ ରକ୍ଷଣାବେକ୍ଷଣ ପାଇଁ ସରକାର କୃତ୍ରିମ ଇଣ୍ଟେଲିଜେନ୍ସ (ଏଆଇ) ବ୍ୟବହାର କରିବାକୁ ଯୋଜନା କରୁଛନ୍ତି। ବର୍ତ୍ତମାନ ଏଆଇର ବ୍ୟବହାର ପିଆଜ ଫସଲରୁ ଆରମ୍ଭ କରାଯିବ।

ଭାରତୀୟ ଖାଦ୍ୟ ନିଗମ ମଧ୍ୟ ଏଆଇ ଟେକ୍ନୋଲୋଜି ଆଧାରିତ ଯନ୍ତ୍ରାଂଶ ବ୍ୟବହାର କରିବାକୁ ଯାଉଛି। ଏହା ଦ୍ୱାରା ଅନେକ ଅନିୟମିତତାକୁ ଦୂର କରାଯାଇପାରିବ। ଏଫସିଆଇ ବର୍ତ୍ତମାନ କୃଷକମାନଙ୍କଠାରୁ କିଣାଯାଇଥିବା ପିଆଜ, ଆଳୁ, ଚାଉଳ ଏବଂ ଗହମର ଗୁଣବତ୍ତା ଯାଞ୍ଚ କରିବା ପାଇଁ ଏଆଇ ଟେକ୍ନୋଲୋଜିକୁ ବ୍ୟବହାର କରୁଛି। ଏହି ଟେକ୍ନୋଲୋଜି ଜରିଆରେ ନିଗମ ତ ଖରାପ ମାନର ସାମଗ୍ରୀକୁ ଚିହ୍ନଟ କରିପାରିବ। ଖାଦ୍ୟ ଶସ୍ୟରେ କେତେ ଆର୍ଦ୍ରତା ରହିଛି ସେ ସମ୍ପର୍କରେ ମଧ୍ୟ ସୂଚନା ମିଳିପାରିବ। ୨୦୨୨-୨୩ରେ, ଏଫସିଆଇ ୧ କୋଟି ୨୩ ଲକ୍ଷ ଚାଷୀଙ୍କଠାରୁ ୭୬.୫୬ ନିୟୁତ ଟନ୍ ଧାନ ଏବଂ ୨୬.୨ ନିୟୁତ ଟନ୍ ଗହମ କିଣିଛି। ଏହାର ପ୍ରତିବଦଳରେ ୨.୧୯ ଲକ୍ଷ କୋଟି ଟଙ୍କା ପ୍ରଦାନ କରିଛନ୍ତି। ସମସ୍ତ ପରିବହନକାରୀଙ୍କ ପାଇଁ ଟ୍ରକ୍ରେ ଜିପିଏସ୍ ସଂସ୍ଥାପିତ ଟ୍ରାକିଂ ସିଷ୍ଟମ ରହିବା ଏଫ୍ସିଆଇ ବାଧ୍ୟତାମୂଳକ କରିଛି। ଏହା ଏଜେନ୍ସିକୁ ରିଅଲ ଟାଇମ୍ ଡାଟା ପ୍ରଦାନ କରିଥାଏ।

## ଅତିରିକ୍ତ ସୁରକ୍ଷା କଭର୍ ପାଇଁ ୟୁଲିପ ସହ ୱେଭର ଅଫ୍ ପ୍ରିମିୟମ୍ ରାଇଡର

**ଭୁବନେଶ୍ୱର, ୨୧।୧(ସମିସ):** ଦୀର୍ଘାବଧି ସୂତ୍ରରେ ଆର୍ଥିକ ଲକ୍ଷ୍ୟସମୂହ ହାସଲ କରିବାକୁ ନିବେଶକମାନେ ଆର୍ଥିକ ଉତ୍ପାଦ ସମୂହର ଏକ ଗୁଚ୍ଛ କିଣିବା ଏବଂ ସେଗୁଡିକୁ ସେମାନଙ୍କର ଇକ୍ୱିଟି, ଫିକ୍ସଡ ଇନ୍‌କମ ଇନଷ୍ଟ୍ରୁମେଣ୍ଟ, ଟର୍ମ ପ୍ଲାନ୍ ଆଦି ସହିତ ୟୁଲିପ୍ (ୟୁନିଟ ଲିଙ୍କ୍ଡ ଇନସ୍ୟୁରାନ୍ସ ପ୍ଲାନ) ପୋର୍ଟଫୋଲିଓରେ ରଖିବାକୁ ଆଗ୍ରହ ପ୍ରକାଶ କରନ୍ତି। ଏହି ଉତ୍ପାଦଗୁଡିକ ଯେହେତୁ ଦୀର୍ଘାବଧି ଲକ୍ଷ୍ୟଗୁଡିକୁ ନେଇ ଖରିଦ କରାଯାଏ ଯଥା- ଅବସର, ଉଚ୍ଚ ଶିକ୍ଷା ଏବଂ ଏକ ଘର କିଣିବା ଆଦିକୁ ମନ ଭିତରେ ରଖି କରାଯାଏ ତେବେ ଏହିସବୁ ବୀମା ପଲିସୀକୁ ଜାରି ରଖିବା ଅନିବାର୍ଯ୍ୟ। ତେବେ କେତେକ ପଲିସୀଧାରକ ଅଥବା ନୋମିନିଙ୍କ ମୃତ୍ୟୁ ଭଳି ଏକ ଦୁର୍ଭାଗ୍ୟଜନକ ଘଟଣା କ୍ଷେତ୍ରରେ ସେମାନଙ୍କର ପଲିସିର ନିରନ୍ତରତା ଜାରି ରଖିବା ହରାଇପାରନ୍ତି। ଏଭଳି ଏକ ଘଟଣା (ପଲିସୀ ଲାପ୍ସ ହେବାକୁ ଦେବା)କୁ ଯେ କୌଣସି ମତେ ଏଡାଇବାକୁ ହେବ। ଏକ ୱେଭର ଅଫ୍ ପ୍ରିମିୟମ ରାଇଡର (ଡବ୍ଲ୍ୟୁଓପି) କ୍ରୟ କରି ଏହା କରାଯାଇପାରିବ।ପ୍ରିମିୟମ ଛାଡ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ରାଇଡର ଯାହା ଜଣେ ବୀମା ଯୋଜନା ସହିତ କ୍ରୟ କରିବାକୁ ଉତ୍ସାହିତ ହୋଇଥାନ୍ତି ଯଦ୍ଦ୍ୱାରା ପ୍ରିମିୟମ ପୈଠ ନ କରିବା କ୍ଷେତ୍ରରେ ପଲିସି ଲାପ୍ସ ନ ହେବାକୁ ସୁନିଶ୍ଚିତ କରାଯାଇପାରିବ। ପଲିସିଧାରକଙ୍କ ମୃତ୍ୟୁ ଅଥବା ତାଙ୍କର ଅକ୍ଷମତା କ୍ଷେତ୍ରରେ ପ୍ରିମିୟମ ପୈଠ ନହେବା ଭଳି ପରିସ୍ଥିତି ସୃଷ୍ଟି ହୋଇପାରେ। ଅନ୍ୟ ଅର୍ଥରେ କହିଲେ, ପଲିସୀଧାରକଙ୍କ ମୃତ୍ୟୁ ପରେ ବନ୍ଦ ହେବାର ସମ୍ଭାବନା ଥିବା ଏକ ୟୁଲିପ୍ ପଲିସୀ ଅବଧି ଶେଷ ପର୍ଯ୍ୟନ୍ତ ଜାରି ରହିବ, ଏହି ରାଇଡର କ୍ରୟ କରିବାର ଅନ୍ୟତମ ପ୍ରମୁଖ କାରଣ ହେଉଛି ଯେ ଏହା ବାସ୍ତବ ଆର୍ଥିକ ଲକ୍ଷ୍ୟଗୁଡିକରେ ଅତୁଟ ରହିବା ନିମନ୍ତେ ବୀମା ପଲିସୀକୁ ସକ୍ରିୟ ରଖିଥାଏ। ଏହା ଏକ ଅତିରିକ୍ତ ସୁରକ୍ଷା କଭର୍ ପ୍ରଦାନ କରିଥାଏ ବୋଲି ବିବେକ ଜୈନ, ହେଡ୍ ଅଫ ଇନଭେଷ୍ଟମେଣ୍ଟ ପଲିସୀ ବଜାର କହିଛନ୍ତି।

■ ସାଧାରଣତନ୍ତ୍ର ଦିବସ ୨୦୨୪

# ୧୭ ଜିଲ୍ଲାରେ ମନ୍ତ୍ରୀ ଓ ୧୩ ଜିଲ୍ଲାରେ ଜିଲ୍ଲାପାଳ କରିବେ ପତାକା ଉତ୍ତୋଳନ

**ଭୁବନେଶ୍ୱର, ୨୧ା୧(ସମିସ):** ଆସନ୍ତା ସାଧାରଣତନ୍ତ୍ର ଦିବସରେ ରାଜ୍ୟପାଳ ରଘୁବର ଦାସ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ଉତ୍ସବରେ ପତାକା ଉତ୍ତୋଳନ କରିବେ। ଏହାବ୍ୟତୀତ ୧୭ଜଣ ମନ୍ତ୍ରୀ ୧୭ଟି ଜିଲ୍ଲାରେ ପତାକା ଉତ୍ତୋଳନ କରିବାକୁ ଥିବା ବେଳେ ୧୩ଟି ଜିଲ୍ଲାରେ ସ୍ଥାନୀୟ ଜିଲ୍ଲାପାଳ ପତାକା ଉତ୍ତୋଳନ ସହ ଅଭିବାଦନ ଗ୍ରହଣ କରିବେ। ଏନେଇ ଆଜି ଚୂଡ଼ାନ୍ତ ତାଲିକା ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଛି।

**ରାଜଧାନୀରେ ପତାକା ଉତ୍ତୋଳନ କରିବେ ରାଜ୍ୟପାଳ**

ତାଲିକା ଅନୁଯାୟୀ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କନ୍ଧମାଳ ଜିଲ୍ଲାରେ ପତାକା ଉତ୍ତୋଳନ କରିବାକୁ ଥିବା ବେଳେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ସୁନ୍ଦରଗଡ଼ ଜିଲ୍ଲାରେ ପତାକା ଉତ୍ତୋଳନ ସହ ଅଭିବାଦନ ଗ୍ରହଣ କରିବେ। ସେହିପରି ପୁରୀରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଜଗତସିଂହପୁରରେ ଅତନୁ ସବ୍ୟସାଚୀ ନାୟକ, ସୋନପୁରରେ ଉଷା ଦେବୀ, କେନ୍ଦୁଝରରେ ସାରଦା ପ୍ରସାଦ ନାୟକ, ମୟୂରଭଞ୍ଜରେ ଅଶୋକ ଚନ୍ଦ୍ର ପଣ୍ଡା, ବଲାଙ୍ଗୀରରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କଟକରେ ସୁଦାମ ମାର୍ଣ୍ଡି ପତାକା ଉତ୍ତୋଳନ କରିବାକୁ ସ୍ଥିରୀକୃତ ହୋଇଛି। ଗଞ୍ଜାମରେ ମନ୍ତ୍ରୀ ଜଗନ୍ନାଥ ସାରକା ପତାକା ଉତ୍ତୋଳନ ଏବଂ ଅଭିବାଦନ ଗ୍ରହଣ କରିବାକୁ ଥିବା ବେଳେ ସମ୍ବଲପୁରରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ, କଳାହାଣ୍ଡିରେ ଟୁକୁନି ସାହୁ, ଅନୁଗୋଳରେ ଅଶ୍ୱିନୀ କୁମାର ପାତ୍ର, ବାଲେଶ୍ୱରରେ ବାସନ୍ତୀ ହେମ୍ବ୍ରମ୍, ଝାରସୁଗୁଡାରେ ପ୍ରୀତିରଞ୍ଜନ ଘଡ଼ାଇ, ନୂଆପଡ଼ାରେ ରୀତା ସାହୁ ଓ କୋରାପୁଟରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ପତାକା ଉତ୍ତୋଳନ କରିବେ ବୋଲି ଜଣାପଡ଼ିଛି। ଅପରପକ୍ଷେ ବରଗଡ଼, ଭଦ୍ରକ, ବୌଦ୍ଧ, ଦେବଗଡ଼, ଢେଙ୍କାନାଳ, ଗଜପତି, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ମାଲକାନଗିରି, ନବରଙ୍ଗପୁର, ନୟାଗଡ଼ ଓ ରାୟଗଡ଼ାରେ ସ୍ଥାନୀୟ ଜିଲ୍ଲାପାଳମାନେ ପତାକା ଉତ୍ତୋଳନ କରିବେ। ବ୍ରହ୍ମପୁରରେ ଦକ୍ଷିଣାଞ୍ଚଳ ଆରଡ଼ିସି ପତାକା ଉତ୍ତୋଳନ କରିବାକୁ ଥିବାବେଳେ ରାଉରକେଲାରେ ଉତ୍ତରାଞ୍ଚଳ ଆରଡିସି ପତାକା ଉତ୍ତୋଳନ କରିବେ ବୋଲି ଜଣାପଡ଼ିଛି।

● ବିଦ୍ୟାଳୟରେ ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ

# ଆଞ୍ଚଳିକ ଭାଷାରେ ପିଲା ଲେଖୁଛନ୍ତି 'ମୋ କଥା ମୋ କାହାଣୀ'

**ଭୁବନେଶ୍ୱର, ୨୧ା୧(ସମିସ):** ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟସ୍ତରୀରେ ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ କରାଯାଉଛି। ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଜିଜ୍ଞାସା, ସାହିତ୍ୟ ସୃଜନୀ, କୌଶଳୀ ଓ କ୍ରୀଡ଼ାଙ୍ଗନ କ୍ଲବ୍‌ର ଛାତ୍ରଛାତ୍ରୀମାନେ ବିଜ୍ଞାନ, ଭାଷା ସାହିତ୍ୟ, କଳା-ସଂସ୍କୃତି ଏବଂ କ୍ରୀଡ଼ାଙ୍ଗନ କ୍ଲବରେ ନିଜର ପ୍ରତିଭା ପ୍ରଦର୍ଶନ କରୁଛନ୍ତି। ସାହିତ୍ୟ ସୃଜନୀ କ୍ଲବ ମାଧ୍ୟମରେ କିମ୍ବଦନ୍ତୀ ଲେଖକଙ୍କ କାବ୍ୟ, କବିତା ଓ ଉପନ୍ୟାସକୁ ନେଇ ବିଭିନ୍ନ ପ୍ରତିଯୋଗିତା ହେଉଛି। ଭାଷା ଓ ସାହିତ୍ୟକୁ ପ୍ରୋତ୍ସାହନ ଦେଇ ନବମ ଏବଂ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନେ 'ମୋ କଥା ମୋ କାହାଣୀ' ଶୀର୍ଷକ ପୁସ୍ତକ ଲେଖୁଛନ୍ତି। ପୁସ୍ତକ ରଚନା କରି ନିଜ ସୃଜନଶୀଳତାକୁ ସେମାନେ ଉପସ୍ଥାପିତ କରି ପାରୁଛନ୍ତି। ଛାତ୍ରଛାତ୍ରୀମାନେ ଏହାକୁ ନିଜ ଆଞ୍ଚଳିକ ଭାଷାରେ ମଧ୍ୟ ଲେଖୁଛନ୍ତି। ସମ୍ବଲପୁରୀ, ଦେଶିଆ ଓ କୁଇ ପରି ଆଞ୍ଚଳିକ ଭାଷାରେ ଲେଖି ନିଜର ସାହିତ୍ୟ ଦକ୍ଷତା ବୃଦ୍ଧି କରିବାକୁ ସୁଯୋଗ ପାଉଛନ୍ତି।

ରାଜ୍ୟର ସମସ୍ତ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ୭ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ନିଜର ପୁସ୍ତକ ପ୍ରକାଶ କରିବାକୁ ଲକ୍ଷ୍ୟ ରହିଛି। ସମ୍ପ୍ରତି ଦେଢ଼ ଲକ୍ଷରୁ ଅଧିକ ସାହିତ୍ୟ ରଚନା ହୋଇଥିବା ବେଳେ ଗଞ୍ଜାମ ଜିଲ୍ଲାରେ ଛାତ୍ରଛାତ୍ରୀମାନେ ସର୍ବାଧିକ ୧୭ ହଜାରରୁ ଅଧିକ ପୁସ୍ତକ ରଚନା କରିଛନ୍ତି। ଓଡ଼ିଆ ସାହିତ୍ୟ ପ୍ରତି ସେମାନଙ୍କ ଆଗ୍ରହ ସୃଷ୍ଟି କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏହ କାର୍ଯ୍ୟକ୍ରମ କରାଯାଉଛି। ଅନୁରୂପ ଭାବେ କ୍ରୀଡ଼ାଙ୍ଗନ କ୍ଲବ୍‌ରେ ଜୀବନ କୌଶଳ ଶିକ୍ଷା ଛାତ୍ରଛାତ୍ରୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିଛି। ସେହିପରି ଜିଜ୍ଞାସା କ୍ଲବ୍ ଛାତ୍ରଛାତ୍ରୀଙ୍କ ମନରେ ବୈଜ୍ଞାନିକ ମନୋଭାବ ଜାଗ୍ରତ କରୁଛି। ବିଭିନ୍ନ ପ୍ରକାର ପ୍ରକଳ୍ପ କାର୍ଯ୍ୟ କରି ବିଜ୍ଞାନକୁ ଭଲ ଭାବରେ ବୁଝିବାରେ ସେମାନେ ସକ୍ଷମ ହେଉଛନ୍ତି। ଏହାସହ ସ୍ଥାନୀୟ ସଂସ୍କୃତି ବିଷୟରେ ମଧ୍ୟ ଅବଗତ ହୋଇପାରୁଛନ୍ତି। ପୁସ୍ତକ ଭିତରେ ସୀମିତ ନରହି ବିଭିନ୍ନ ପ୍ରକାର ପ୍ରକଳ୍ପ କାର୍ଯ୍ୟ କରୁଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁସନ୍ଧିତ୍ସୁ ମନୋଭାବ ବୃଦ୍ଧି ପାଉଛି।

# ଚାଲାଣ ବେଳେ ବଜ୍ରକାପ୍ତା ଉଦ୍ଧାର




**ଜଣେ ଗିରଫ**

**ନନ୍ଦାହାଣ୍ଡି, ୨୧ା୧(ସମିସ):** ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍ ସଦର ମାଳିଗୁଡ଼ା ପଞ୍ଚାୟତ ନିକଟରୁ ଆଜି ଏକ ଜୀବନ୍ତ ବଜ୍ରକାପ୍ତା ଜବତ କରିଛି ବନ ବିଭାଗ। ବଜ୍ରକାପ୍ତାକୁ ୧୫ଲକ୍ଷ ଟଙ୍କାରେ ବିକ୍ରି ପାଇଁ ଡିଲ୍ ଚାଲିଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ନବରଙ୍ଗପୁର, କୋଡିଙ୍ଗା ଓ ରାଇଘର ବନ କର୍ମଚାରୀଙ୍କ ଏକ ମିଳିତ ଟିମ୍ ସେଠାରେ ଚଢ଼ଉ କରିଥିଲା। ବାକି ଅଭିଯୁକ୍ତମାନେ ଫେରାର୍ ହୋଇଯାଇଥିବା ବେଳେ ବନ ବିଭାଗ ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ସେ ହେଲା, ବିସିଙ୍ଗପୁର ଥାନା ଅନ୍ତର୍ଗତ କେନ୍ଦୁଗୁଡ଼ା ଗ୍ରାମର ଅରୁଣ ମୁଦୁଲି। ଏଭଳି ଘଟଣା ଜିଲ୍ଲାରେ ସପ୍ତାହକ ମଧ୍ୟରେ ଦ୍ୱିତୀୟ ବୋଲି ଜଣାଯାଇଛି। ଏହା ପୂର୍ବରୁ ଗତ ୧୪ ତାରିଖ ଦିନ କୋଡ଼ିଙ୍ଗା ରେଞ୍ଜ ଅଞ୍ଚଳରେ ମଧ୍ୟ ଏଭଳି ଏକ ବଜ୍ରକାପ୍ତା ମୂଳଚାଲ ହେଉଥିବା ବେଳେ ବନ ବିଭାଗ ଧରିଥିଲା। ଆଜି ଉଦ୍ଧାର ହୋଇଥିବା ବଜ୍ରକାପ୍ତାଟି ପ୍ରାୟ ୧୦ କିଲୋ ଓଜନର ବୋଲି ବନଖଣ୍ଡ ଅଧିକାରୀ ଶୁଭେନ୍ଦୁ ପ୍ରସାଦ ବେହେରା କହିଛନ୍ତି। ଚଢ଼ଉରେ ନବରଙ୍ଗପୁର ବନ ସଂରକ୍ଷକ ମନସୁନ ଖେମୁଣ୍ଡୁ, କୋଡିଙ୍ଗା ବନାଞ୍ଚଳ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନନ୍ଦ, ନବରଙ୍ଗପୁର ବନାଞ୍ଚଳ ଅଧିକାରୀ ଗୋପୀନାଥ ସାହୁ, ରାଇଘର ବନପାଳ ହରିହର ବ୍ରହ୍ମା, ରମେଶ ବିଷୋୟୀ, ଲାଲୁ ବିଷୋୟୀ, ଭବାନୀ ବିଷୋୟୀ, ଦୀପକ ପ୍ରଧାନ, ଉମାଶଙ୍କର ପାଣିଗ୍ରାହୀ ସାମିଲ ଥିଲେ।

# ଭାଲୁ ଆକ୍ରମଣରେ ବୃଦ୍ଧ ମୃତ

**ପାପଡ଼ାହାଣ୍ଡି, ୨୧ା୧(ସମିସ):** ଭାଲୁ ଆକ୍ରମଣରେ ବୃଦ୍ଧ ମୃତ। ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ୍ ଶିରିଶି ପଞ୍ଚାୟତ ଅଧୀନସ୍ଥ ପାଳପୁର ଗ୍ରାମରେ ଏହି ଅଘଟଣ ଘଟିଛି। ମୃତକ ହେଲେ, ଗ୍ରାମର ସମଦୁ ଅମନାତ୍ୟ(୬୦)। ସୂଚନାନୁସାରେ, ଶନିବାର ରାତିରେ ସମଦୁ ଘରେ ଖାଇ ସାରିବା ପରେ ନିକଟସ୍ଥ ତୁରୀ ନଦୀ ପାଖ ନିଜ ଜମିକୁ ଶୋଇବାକୁ ଯାଉଥିଲେ। ସେହି ସମୟରେ ସେ ଭାଲୁ ହାବୁଡ଼ରେ ପଡ଼ିଯାଇଥିଲେ। ଭାଲୁଟି ତାଙ୍କୁ ଆକ୍ରମଣ କରି ଗୁରୁତର କରି ପକାଇଥିଲା। ସମଦୁଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକ ଘଟଣାସ୍ଥଳରେ ପହଞ୍ଚିଯିବାରୁ ଭାଲୁଟି ସେଠାରୁ ପଳାଇ ଯାଇଥିଲା। ସମଦୁଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ପ୍ରଥମେ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ନ ଆସିବାରୁ କୋରାପୁଟସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପ୍ରକାଶ ଥାଉକି, ସମଦୁ ତୁରୀ ନଦୀ ପାଖ ତାଙ୍କ ନିଜ ଜମିରେ ପନିପରିବା ଚାଷ କରନ୍ତି। ଉକ୍ତ ଅଞ୍ଚଳରେ ପାଣି ମୋଟର ଏବଂ ଇଲେକ୍ଟ୍ରିକ୍ ମୋଟର ବହୁ ସଂଖ୍ୟାରେ ଚୋରି ହେଉଛି। ସେଥିପାଇଁ ସମଦୁ ଜମିକୁ ଶୋଇବାକୁ ଯାଉଥିଲେ।

● ୨୦୨୩ରେ ଓଡ଼ିଶାରୁ ସର୍ବାଧିକ ଗଞ୍ଜେଇ ଜବତ

# ୧୧୬୩ ମାମଲାରେ ୧୮୫ ଟନ୍ ଜବତ

**ଭୁବନେଶ୍ୱର, ୨୧ା୧(ସମିସ):** ନିଶା ବିରୋଧରେ ଓଡ଼ିଶା ପୁଲିସ ଆରମ୍ଭ କରିଥିବା ଅଭିଯାନ ସଫଳ ହେଉଛି। ନିଶାମାଫିଆଙ୍କୁ ଗିରଫ କରିବା ସହ ସେମାନଙ୍କୁ ଜେଲ୍ ପଠାଇ ନିଶା କାରବାର ଉପରେ ଅଙ୍କୁଶ ଲଗାଯାଉଛି। ଏହି କ୍ରମରେ ୨୦୨୩ରେ ଓଡ଼ିଶା ପୁଲିସ ସର୍ବାଧିକ ୧୮୫୦ କୁଇଣ୍ଟାଲ(୧୮୫ ଟନ୍) ଗଞ୍ଜେଇ ଜବତ କରିଛି। ଏହାସହ ମୋଟ ୧୧୬୩ଟି ମାମଲା ରୁଜୁ କରି ୧୬୦୦ ଜଣ ନିଶା ମାଫିଆଙ୍କୁ ଗିରଫ କରିଛି। ଗୋଟିଏ ବର୍ଷ ଏତେ ପରିମାଣରେ ଗଞ୍ଜେଇ ଜବତ ସର୍ବକାଳୀନ ଅଟେ। ଓଡ଼ିଶା ପୁଲିସ ଯେତିକି ଗଞ୍ଜେଇ ଜବତ କରିଛି, ୨୦୨୩ରେ ଅନ୍ୟ କୌଣସି ରାଜ୍ୟ ପୁଲିସ ସେତେ ପରିମାଣରେ ଗଞ୍ଜେଇ ଜବତ କରିପାରିନି। ବୌଦ୍ଧ ଜିଲ୍ଲା ପୁଲିସ ସର୍ବାଧିକ ୧୩୭ଟି ମାମଲାରେ ୪୩୫ କୁଇଣ୍ଟାଲ ଗଞ୍ଜେଇ ଜବତ କରି ତାଲିକାର ଶୀର୍ଷରେ ଥିବା ବେଳେ ମାଲକାନଗିରି ପୁଲିସ ୧୬୬ ମାମଲାରେ ୩୫୫ କୁଇଣ୍ଟାଲ ଜବତ କରିଛି। ସେହିପରି କନ୍ଧମାଳ ଜିଲ୍ଲା ପୁଲିସ ୧୮୪ ମାମଲାରେ ୩୩୭ କୁଇଣ୍ଟାଲ, ଗଜପତି ଜିଲ୍ଲା ପୁଲିସ ୭୩ ମାମଲାରେ ୨୩୪ କୁଇଣ୍ଟାଲ ଏବଂ କୋରାପୁଟ ଜିଲ୍ଲା ପୁଲିସ ୧୩୬ ମାମଲାରେ ୨୦୨ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। କେବଳ ଗଞ୍ଜେଇ ଜବତ ନୁହେଁ, ଗଞ୍ଜେଇ ଚାଷ ନଷ୍ଟରେ ମଧ୍ୟ ଓଡ଼ିଶା ପୁଲିସ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ପୁଲିସର ଏହି ଅଭିଯାନ ଆଗାମୀ ଦିନରେ ଆହୁରି ଜୋରଦାର କରାଯିବ ବୋଲି କୁହାଯାଇଛି।

**ବୌଦ୍ଧରେ ସର୍ବାଧିକ ୪୩୫ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଛି**

■ ବାଇକ୍ ଉପରେ ବସି କଥା ହେଉଥିବା ବେଳେ ପିଟିଦେଲା ବାଇକ୍

# ଜଣେ ମୃତ; ୧ ଗୁରୁତର

**ଦାରିଙ୍ଗବାଡ଼ି, ୨୧ା୧(ସମିସ):** ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ ସିମନବାଡ଼ିସ୍ଥିତ ବୁଡ଼ାଗୁଡ଼ା ଛକରେ ବାଇକ୍ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ, ମୁଣ୍ଡାନାଜୁ ଗ୍ରାମର ଆଇବ ପ୍ରଧାନ(୩୦)। ଗୁରୁତର ଜଣକ ହେଲେ ବାସାବାଡ଼ି ଗ୍ରାମର ଦୀପକ ପ୍ରଧାନ (୨୨)। ସୂଚନା ମୁତାବକ, ମୁଣ୍ଡାନାଜୁ ଗ୍ରାମର ଆଇବ ବୁଡ଼ାଗୁଡ଼ା ଛକ ରାସ୍ତା କଡ଼ରେ ନିଜର ବାଇକ୍ ଉପରେ ବସି ମୋବାଇଲରେ କଥା ହେଉଥିଲେ। ଏହି ସମୟରେ ସିମନବାଡ଼ିରୁ ଫେରୁଥିବା ବାସାବାଡ଼ି ଗ୍ରାମର ଦୀପକ ଆଇବଙ୍କୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ହିଁ ଆଇବଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ଦୀପକ ଗୁରୁତର ଆହତ ହୋଇଥିଲେ। ଖବର ପାଇ ୧୦୮ ଆମ୍ବୁଲାନ୍ସ ଘଟଣାସ୍ଥଳରୁ ୨ ଜଣଙ୍କୁ ଉଦ୍ଧାର କରି ଦାରିଙ୍ଗବାଡ଼ି ମେଡିକାଲରେ ଭର୍ତ୍ତି କରାଇଥିଲା। ଆଇବଙ୍କୁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଦୀପକଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛନ୍ତି।

# ଆଇନଜୀବୀ ପରିଷଦକୁ ୫ଜଣ ନିର୍ବାଚିତ

**କଟକ, ୨୧ା୧(ସମିସ):** ରାଜ୍ୟ ଆଇନଜୀବୀ ପରିଷଦର କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ନିର୍ବାଚନ ଆଜି ଅନୁଷ୍ଠିତ ହୋଇଯାଇଛି। କମିଟିର ମୋଟ ୫ଟି ସଦସ୍ୟ ପଦ ପାଇଁ ୬ଜଣ ନାମାଙ୍କନପତ୍ର ଦାଖଲ କରିଥିଲେ। ସେମାନଙ୍କ ମଧ୍ୟରୁ ଅରୂପାନନ୍ଦ ଦାସ, ବିଭୁ ପ୍ରସାଦ ତ୍ରିପାଠୀ, ଧନଞ୍ଜୟ ମୁଣ୍ଡ, ସଞ୍ଜିତ କୁମାର ପାଣିଗ୍ରାହୀ ଓ ତପନ କୁମାର ବିଶ୍ୱାଳ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ତେବେ ପ୍ରସନ୍ନ କୁମାର ପାଢ଼ୀ ପରାଜିତ ହୋଇଛନ୍ତି। ପ୍ରକାଶଥାଉକି ରାଜ୍ୟ ଆଇନୀଜୀବୀ ପରିଷଦର ମୋଟ ୧୧ଟି କମିଟି ମଧ୍ୟରୁ ୧୦ଟି କମିଟିରେ ବିଭିନ୍ନ ସଦସ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ କେବଳ କାର୍ଯ୍ୟନିର୍ବାହୀ କମିଟି ପାଇଁ ନିର୍ବାଚନ ହୋଇଥିଲା। ଏହି ନିର୍ବାଚନକୁ ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ତଥା ଆଇନଜୀବୀ ପରିଷଦର ନିର୍ବାଚନ ଅଧିକାରୀ ଜଷ୍ଟିସ ପ୍ରମଥ ପଟ୍ଟନାୟକ ପରିଚାଳନା କରିଥିଲେ। ସହ ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନୀଜୀବୀ ପ୍ରଫୁଲ୍ଲ କୁମାର ରଥ ଓ ବାସୁଦେବ ପୂଜାହାରୀ ନିର୍ବାଚନ ପରିଚାଳନାରେ ସହଯୋଗ କରିଥିଲେ।

## CBSE BOARD EXAMINATION (2023-24)
## PROBABLE QUESTION PAPER
## CLASS-X, SUB: SANSKRIT

### क – खण्डः अपठितावबोधनम्

1. **अधोलिखित गद्यांश पठित्वा प्रश्नाना उतरं संस्कृतेन लिखत ?** (10)

जीवनस्य मूल्यम् अर्थात् ते मानवीयगुणा: ये मानवजीवनम् उत्कर्षं प्रापयन्ति| तेषु प्रमुखा: दया-सत्य-अहिंसा-अस्तेय-अक्रोधादय: सन्ति | मानवजीनस्य उत्थानाय एतेषां महती आवश्यकता भवति | मनुष्य: वास्तव: मनुष्य: तदैव भवति यदा स: एतै: गुणै: सुशोभित: भवति| सर्वाङ्गीण विकासाय पुस्तकीयज्ञानेन समं नैतिकमूल्यान्यपि छात्रै: गृहीतव्यानि | वाल्यावस्थायां मूल्यनां शिक्षा प्रदीयते, चेत व्यक्तित्वस्य सर्वागीण: विकास: भवति | मानव: स्वकीयं पुरुषार्थं करोति जीवनलक्षयं च प्राप्नोति | भारतीयसंस्कृतौ आदिकालत: एव जीवन-मूल्यानां प्राधान्यमस्ति| प्राचीनकालादेव भारतीयसंस्कृते: मूल्यपरकगुणानां स्तुति: भवति | एतै: गुणैरेव भारतं विश्वगुरूपदं प्राप्नोति| सम्प्रत्यपि पुन: तत्पदं प्राप्तुं छात्रेषु वाल्यादेव एते संस्कारा:स्थापनीया:| विद्यालयेषु अध्ययनेन सह जीवन-मूल्यशिक्षाया: आवश्यकता वर्तते| प्रार्थना सभायामपि एषा शिक्षा स्वीकर्तुंशक्यते|

**एकपदेन उतरत -** (1/2x4=2)

(क) मानव: स्वकीयं पुरुषार्थं कृत्वा किं प्राप्नोति ?
(ख) कस्य अत्थानाय दयादि गुणानां महती आवश्यकता ?
(ग) सर्वाङगीणविकाशाय केन समं नैतिक मूल्यान्यपि गृहीतव्यानि ?
(घ) केषु वाल्यादेव एते संस्कारा:स्थापनीया: ?

**पूर्णवाक्येन उतरत-** (2x2=4)

(क) मनुष्य: वास्तव: मनुष्य: कै:गुणै:भवति ?
(ख) प्राचीनकालादेव भारतं विश्वगुरूपदं कथं प्राप्नोत् ?

**यथानिर्देशमुतरत -** (1x3=3)

(क) सर्वाङगीण: विकास: अत्र विशेषणपदं किम् ?
(ख) भारतं विश्व गुरूपदं प्राप्नोत् अत्र प्राप्नोत् इति क्रियापदस्य कर्तृपदम् किं भवति ?
(ग) गद्यांशे सज्जित: इति पदस्य कृते किं प्रयुक्तम् ?
(घ) मानव जीवनस्य अत्थानाय एतेषां महतींआवश्यकता अनुभूयते अत्र एतेषां सर्वनामपदं कस्मै प्रयुक्तम् ?
(ङ) अस्य गद्यांशस्य कृते उचितं शीर्षकं लिखत? (1)

### ख – खण्डः रचनात्मककार्यम्

2. **संन्तुलितभोजजनम् सेवनीयम् इति वर्णयत: अग्रजस्य अनुजां प्रति पत्रम् लिखतु |** (1/2x10=5)

परीक्षा भवनतः
दिनांक:

प्रिय विनोद !
सप्रेम नमोनम:|
पिता लिखितं पत्रं प्राप्तम्| तेन (1)-------मया ज्ञातम् यत् संतुलित भोजन भवता न(2)--------|भवान् प्रत्यहं पिजा,बर्गर इत्यादिकं (3)----------| एतादृशं खाद्यं न सेवनीयम् |प्रत्यहं त्वरित (4)---------- स्वास्थ्यपक्षे क्षतिकारकं भवति | अत: स्वास्थ्यरक्षणाय (5)-------संन्तुलितभोजनं करोतु| संन्तुलितभोजन (6)---------शरीर: सुस्थ: भविष्यति | ममादेश:यत् त्वं (7)--------त्यजतु | संन्तुलितभोजन सेवनेन कदापि(8)शरीर:-----न भविष्यति अत: भवति शरीर रक्षण विषये (9)---------भवतु | इति भवत्या:(10)----------
(सेवते,पत्रेण,खादति,त्वरितभोजनम,भवान्,भक्षयणेन,क्षतिकारकखाद्यं,रोग:,जागरूक:,अग्रंज:)

3. **अधोलिखित चित्रं दृष्टवा मञ्जुषास्थित शव्दानां सहायतया पञ्च वाक्यानि लिखत?** (1x5)



(अग्रजस्य,अनुजस्य,भगिनी,रक्षावन्धनम,रक्षासूत्रम,करोति,करिष्यति,मणिवन्धे,मइष्टआनन्म,प्रसन्न:)
आहोसित्
स्वच्छता विषये एकम् अनुच्छेदों लिखत्।

4. **अधोलिखित वाक्यानां संस्कृतेन अनुवादं कुरुत?** (1x5)

1- खिलाडि फुटवल से खेल रहे हैं|
2- हमारा देश का नाम भारतवर्ष है|
3- घर का वाहार कौन है|
4- पठते हुए वालकको देखो|
5- काश्मीर नगर देखने योग्य है|
6- वह फल लेकर ग्रृहं को आई |

### खण्ड: ग अनुप्रयुक्त व्याकरणम्

5. **अधोलिखतवाक्येषु रेखांकितपदेषु सन्धिं सन्धिविच्छेदं वा प्रदतेभ्यः विकल्पेभ्यः चित्वा लिखत्?** (1x4)

i. विफलता जीवने महद्:खम् भवति |
(क) महती+द्:खम् (ख)महत्+द:खम् (ग) महा+दु:खम् (घ) महत्+दु:खम्
ii. सीतादेवी सन्नायिका आसीत्?
(क) सत्+नायिका (ख)सद्+नायिका (ग)सध्+नायिका (घ) सन्+नायिका
iii. भारतीयसंस्कृतौ नमस्कार: एक: शिष्टाचारः भवति|
(क)नम+कार: (ख) नमः+कार: (ग) नमि+कारः (घ)नामे+कार:
iv. स्वर्गलोके देवाः +जयन्ति|
(क)देवाजयन्ति (ख) देवजयन्ति (ग) देवेजयन्ति (घ)देवम्जयन्ति
v. एतत् काव्यम् कविः+इच्छति|
(क)कविरिच्छति (ख)कवे रिच्छति (ग)कविइच्छति (घ)कवौइच्छति

6. **अधोलिखितवाक्येषु रेखाङ्कितपदानां समासं विग्रहं वा प्रदतविकल्पेभ्य चित्वा लिखतु?** (1x4)

i. एषः देवालय: अस्ति|
(क) देवाय आलयः (ख) देवानां आलयः (ग)देवस्य आलयः (घ)देवेषु आलयः
ii. राम: यथाशक्ति एतत् कार्यम् करोति|
(क) शक्तिं अनतिक्रम्य (ख) शक्तेः अनतिक्रम्य (ग)शक्तौ अनतिक्रम्य (घ) शक्ति अनतिक्रम्य
iii. राम: पाणिपादम् प्रक्षलयति|
(क)पाणि च पादं:च तयोः समाहारः (ख)पाणौच पादौ च तेषां समाहारः
(ग)पाणिम् च पादम् च तयो::समाहारः (घ)पाणौ च पादाः च तेषां समाहारः
iv. नीलकण्ठः शिवः उच्यते|
(क) नील: कण्ठः (ख) नीलं कण्ठं स: (ग)नीलं कण्ठं यस्य स: (घ) नीलस्य कण्ठ:
v. कालिदास: महापण्डित: आसीत्|
(क) महान् एव पण्डित: (ख)महती पण्डितः (ग)महत् पण्डितः (घ)महतौ पण्डितः

7. **अधोलिखित वाक्येषु रेखाङ्कित पदेषु प्रकृति प्रत्ययं संयोज्य विभज्य वा प्रदतविकल्पेभ्य उचितं उत्तरं चित्वा लिखतु?** (1x4)

i. अविवाहिता कन्या कुमारी इति उच्यते|
(क)कुमार+डीप् (ख)कुमारी+डीप् (ग)कुमारम्+डीप् (घ) कुमारेण+डीप्
ii. सूर्यः अंशुमान् इति कथ्यते |
(क) अंशु+मतुप् (ख) अंशु+वतुप् (ग)अंशु+क्त (घ) अंशु+क्तवतु
iii. भारतीयसभ्यताया: अनेकानि वैधानिक नियमानि सन्ति |
(क)विधानं+ठक् (ख)विधान+ठक् (ग)विधिना+ठक् (घ) विधेः+ठक्
iv. पृथिव्याः गुरुत्वं सर्वे जानन्ति|
(क) गुरु+त्वं (ख)गुरु+त्व (ग)गुरु+तां (घ)गुरु+तल
v. जनैः सह मित्र+तल आचरणीय|
(क)मित्रता (ख)मित्रत्व (ग)मित्राणि (घ)मित्रे

8. **वाच्यानुसारं उचितपदैः रिक्त स्थानानि पूरयित्वा अधोलिखितसम्बादं पुनः लिखतु?** (1x4)

i. गुरुः शिष्यं मार्गं दर्शयति|
गुरुणा ———— मार्गं दर्शयेत्|
(क) शिष्यं (ख) शिष्यैः (ग)शिष्यः (घ)शिष्ये
ii. राम: पापं करोति|
-----------पाप: क्रियते|
(क)राम: (ख)रामेण (ग)रामै: (घ)रामाय
iii. त्वं पुरस्कारं गृहनाति|
त्वया ---------कथयन्ति |
(क) पुरस्कार: (ख) पुरस्कार (ग) पुरस्कारं (घ)पुरस्कारेण
iv. सेवकः नृपं सेवते|
-----------------नृप: सेव्यते|
(क)सेवकः (ख)सेवकै: (ग)सेवकेन (घ)सेवकाः

9. **अधोलिखित वाक्येषु रेखाङ्कितपदमाधृत्य कालवोधकैः शब्दैः प्रदतेभ्य विकल्पेभ्य चित्वा लिखतु?** (1x4)

i. गोपाल: 3.30 समये जागर्ति|
(क) त्रिवादनम् (ख) सार्धं त्रिवादनम् (ग) सपादत्रिवादनम (घ)पादोन त्रिवादनम्
ii. दिनेशः 12.30 वादने मध्याहृन भोजनं करोति|
(क) द्वादशवादनम् (ख)सपाद द्वादशवादनम् (ग)सार्धं द्वादश वादनम् (घ)पादोन द्वादशवादनम्
iii. स: 4.00 वादने क्रीडति|
(क) चतुवादने (ख)सपाद चतुवादने (ग)पादोन चतुवादने (घ) सार्धं चतुवादने
iv. रामः 7.30 वादने प्रातराशः करोति|
(क) सप्तवादने (ख)सार्धसप्तवादने (ग)सपाद सप्तवादने (घ)पादोन सप्तवादनम्
v. राम: 10.00 वादने गणितं करोति|
(क)दशवादने (ख)सार्धं दशवादने (ग)सपाद दश वादने (घ)पादोनदशवादने

10. **अधोप्रदतवाक्येषु रेखाङ्कितपदं अशुद्धं अस्ति| शुद्धपदं प्रदतेभ्यः विकल्पेभ्यः चित्वा लिखतु?** (1x4)

i. वयं भोजनं खादामि|
(क) खादाव: (ख)खादति (ग)खादाम: (घ)खादथ:
ii. त्वं पाठं पठति|
(क) पठसि (ख)पठति (ग)पठामि (घ)पठथ
iii. ता: भोजनं पचति|
(क) पचन्ति (ख)पचति (ग)पचतः (घ)पचथ
iv. मधुरं फलानि खाद |
(क)फ्लाय (ख)फले (ग)फलेन (घ)फलम्
v. वृक्षाणि हरिताः सन्ति|
(क)वृक्षाय (ख)वृक्षा: (ग)वृक्षात् (घ)वृक्षेषु

*****
*All the Best...*

**ANSWER KEY**

5. (i)ख (ii)क (iii)ख (iv)क (v)क
6. (i)ग (ii)क (iii)क (iv)ग (v)क
7. (i)क (ii)क (iii)ख (iv)ख (v)क
8. (i)ग (ii)ख (iii)क (iv)ग
9. (i)ख (ii)ग (iii)क (iv)ख (v)क
10. (i)ग (ii)क (iii)क (iv)घ (v)ख

| | | | | | |
|---|---|---|---|---|---|
| ePaper | : | sakalaepaper.com | Twitter | : | SakalaNews |
| News Portal | : | thesakala.in | Instagram | : | sakalanews |
| Facebook | : | SakalaNews | Youtube | : | @SakalaNews |

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaschool.in

## ଅଷ୍ଟ୍ରେଲିଆନ୍ ଓପନ୍ : ୫୮ ଥର ଗ୍ରାଣ୍ଡସ୍ଲାମ କ୍ୱାର୍ଟରରେ ପ୍ରବେଶ

# ଫେଡେରରଙ୍କ ସମକକ୍ଷ ହେଲେ ଜୋକୋଭିଚ

ମେଲବୋର୍ଣ୍ଣ, ୨୧।୧(ଏଜେନ୍ସି): ଚଳିତ ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ସିଡେଡ୍ ଖେଳାଳିମାନେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ପୁରୁଷ ଏକକରେ ଶ୍ରେଷ୍ଠ ସିଡ୍ ସର୍ବିଆର ନୋଭାକ ଜୋକୋଭିଚ୍, ଚତୁର୍ଥ ସିଡ୍ ଇଟାଲୀର ଜାନିକ ସିନର, ୫ମ ସିଡ୍ ରୁଷିଆର ଆନ୍ଦ୍ରେ ରୁବଲେଭ, ଦ୍ୱିଦଶ ସିଡ୍ ଆମେରିକାର ଟେଲର ଫ୍ରିଜ୍ ଚତୁର୍ଥ ରାଉଣ୍ଡ ମୁକାବିଲାରେ ବିଜୟୀ ହୋଇ କ୍ୱାର୍ଟରକୁ ଉଠିଛନ୍ତି।


ନୋଭାକ ଜୋକୋଭିଚ୍

୨୫ତମ ଗ୍ରାଣ୍ଡସ୍ଲାମ ଟାଇଟଲର ପିଛା କରୁଥିବା ଜୋକୋଭିଚ୍ ୬-୦, ୬-୦, ୬-୩ ସେଟ୍‌ରେ ଫ୍ରାନ୍ସର ଆଡ୍ରିଆନ ମାନାରିନୋଙ୍କୁ ସହଜରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ୩୬ ବର୍ଷୀୟ ଜୋକୋଭିଚ୍ କ୍ୱାର୍ଟର ଟେଲର ଫ୍ରିଜ୍‌ଙ୍କୁ ଭେଟିବେ। ଏଥିସହ ଜୋକୋଭିଚ ୫୮ତମ ଗ୍ରାଣ୍ଡସ୍ଲାମ କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ସୁଇଜରଲାଣ୍ଡର କିମ୍ବଦନ୍ତୀ ଖେଳାଳି ରୋଜର ଫେଡେରରଙ୍କୁ ସମକକ୍ଷ ହୋଇଛନ୍ତି। ସେହିପରି ଫ୍ରିଜ୍ ଅନ୍ୟଏକ ଚତୁର୍ଥ ରାଉଣ୍ଡ ମୁକାବିଲାରେ ଗ୍ରୀସ୍‌ର ସପ୍ତମ ସିଡ୍ ଖେଳାଳି ଷ୍ଟିଫାନୋସ ସିତସିପାସ୍‌ଙ୍କୁ ୭-୬, ୫-୭, ୬-୩, ୬-୩ ସେଟ୍‌ରେ ପରାସ୍ତ କରି କ୍ୱାର୍ଟରକୁ ଉଠିଛନ୍ତି। ରୁବଲେଭ ୬-୪, ୬-୭, ୬-୭, ୬-୩, ୬-୦ ମାରାଥନ ସେଟ୍‌ରେ ୧୦ମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉରଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ରୁବଲେଭ ବୁଧବାର କ୍ୱାର୍ଟରରେ ସିନରଙ୍କୁ ଭେଟିବେ। ସିନର ଅନ୍ୟଏକ ଚତୁର୍ଥ ରାଉଣ୍ଡ ମୁକାବିଲାରେ ୧୫ତମ ସିଡ୍ ରୁଷିଆର କାରେନ ଖାଚାନୋଭାଙ୍କୁ ୬-୪, ୭-୬, ୬-୩ ସେଟ୍‌ରେ ହରାଇ କ୍ୱାର୍ଟରକୁ ଉଠିଛନ୍ତି। ସୋମବାର ଅନ୍ୟ ଚତୁର୍ଥ ରାଉଣ୍ଡ ମୁକାବିଲାଗୁଡ଼ିକରେ ଡାନିଲ ମେଦଭେଦେଭ ଓ ନୁନୋ ବର୍ଗସ, ଆଲେକଜାଣ୍ଡର ଜ୍ୱେରେଭ ଓ କାମେରନ ନୋରି, ହୁବର୍ଟ ହୁରକାଜ ଓ ଆର୍ଥର କାଜାଉକ୍ସ ଏବଂ କାର୍ଲୋସ ଆଲକାରାଜ ଓ ମିଓମୀର କେକ୍‌ମାନୋଭିକ ପରସ୍ପରକୁ ଭେଟିବେ।

### ସାବାଲେଙ୍କା, ଗଫ୍ କ୍ୱାର୍ଟରକୁ ଉନ୍ନୀତ

ମହିଳା ଏକକରେ ଦ୍ୱିତୀୟ ସିଡ ବେଲାରୁଷର ଅରିନା ସାବାଲେଙ୍କା, ୯ମ ସିଡ୍ ଚେକ ଗଣରାଜ୍ୟର ବାର୍ବୋରା କ୍ରେଜିସିକୋଭା, ଚତୁର୍ଥ ସିଡ୍ କୋକୋ ଗଫ୍, ୟୁକ୍ରେନର ମାର୍ତା କୋଷ୍ଟିଉକ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଅନୁଷ୍ଠିତ ଚତୁର୍ଥ ରାଉଣ୍ଡ ମୁକାବିଲାରେ ସାବାଲେଙ୍କା ୬-୩, ୬-୨ ସିଧାସଳଖ ସେଟ୍‌ରେ ଆମେରିକାର ଅମଣ୍ଡା ଆନିସିମୋଭାଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। କ୍ୱାର୍ଟରରେ ସେ କ୍ରେଜିସିକୋଭାଙ୍କୁ ଭେଟିବେ। କ୍ରେଜିସିକୋଭା ଅନ୍ୟଏକ ଚତୁର୍ଥ ରାଉଣ୍ଡ ମୁକାବିଲାରେ ୪-୬, ୬-୩, ୬-୨ ସେଟ୍‌ରେ ରୁଷିଆର ମୀରା ଆନ୍ଦ୍ରିଭାଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ଗଫ୍ ୬-୧, ୬-୨ ସିଧାସଳଖ ସେଟ୍‌ରେ ପୋଲାଣ୍ଡର ମାଗଡ଼ାଲେନା ଫ୍ରେଚ୍‌ଙ୍କୁ ହରାଇ ଅଗ୍ରଗତି କରିଛନ୍ତି। କ୍ୱାର୍ଟରରେ ସେ ମାର୍ତାଙ୍କୁ ଭେଟିବେ। ମାର୍ତା ଅନ୍ୟଏକ ଚତୁର୍ଥ ରାଉଣ୍ଡ ମୁକାବିଲାରେ ୬-୨, ୬-୧ ସେଟ୍‌ରେ ରୁଷିଆର ମାରିଆ ଟିମୋଭିବାଙ୍କୁ ଭେଟିବେ।

### ବୋପାନ୍ନା- ଏବଡେନଙ୍କ ତୃତୀୟ ରାଉଣ୍ଡ ମୁକାବିଲା ଆଜି

ପୁରୁଷ ଯୁଗଳ ପ୍ରତିଯୋଗିତାରେ ଅଭିଜ୍ଞ ଭାରତୀୟ ଖେଳାଳି ରୋହନ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ସାଥି ମାଥ୍ୟୁ ଏବଡେନ ସୋମବାର ତୃତୀୟ ରାଉଣ୍ଡ ମୁକାବିଲାରେ ଅବତୀର୍ଣ୍ଣ ହେବେ। ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ଏହି ଯୋଡି ତୃତୀୟ ରାଉଣ୍ଡରେ ୧୪ତମ ସିଡ୍ ନେଦରଲାଣ୍ଡସର ୱେସଲି କୁଲହୋଫ୍ ଓ କ୍ରୋଏସିଆର ନିକୋଲା ମେକ୍‌ଟିକ୍‌ଙ୍କୁ ଭେଟିବେ। ପୂର୍ବରୁ ବୋପାନ୍ନା ଓ ଏବଡେନ ଦ୍ୱିତୀୟ ରାଉଣ୍ଡରେ ଅଷ୍ଟ୍ରେଲୀୟ ଯୋଡି ଜନ୍ ମିଲମ୍ୟାନ ଓ ଏଡୱାର୍ଡ ୱିଣ୍ଟରଙ୍କୁ ୬-୨, ୬-୪ ସେଟ୍‌ରେ ହରାଇ ଅଗ୍ରଗତି କରିଥିଲେ।


ମାର୍ତା କୋଷ୍ଟିଉକ୍

## ନ୍ୟୁଜିଲାଣ୍ଡର ୪-୧ରେ ସିରିଜ କବ୍‌ଜା



ଖ୍ରୀଷ୍ଟଚର୍ଚ୍ଚ, ୨୧।୧(ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷ ୫ମ ତଥା ଅନ୍ତିମ ଟି-୨୦ ମୁକାବିଲାରେ ପାକିସ୍ତାନ ରବିବାର ୪୨ ରନରେ ବିଜୟ ହାସଲ କରିଛି। ଫଳରେ ୪ଟି କ୍ରମାଗତ ପରାଜୟ ପରେ ପାକିସ୍ତାନ ଶେଷରେ ସାନ୍ତ୍ୱନାମୂଳକ ବିଜୟ ହାସଲ କରିଛି। ପରାଜୟ ସତ୍ତ୍ୱେ ନ୍ୟୁଜିଲାଣ୍ଡ ୪-୧ରେ ସିରିଜ ହାତେଇଛି। ୨୪ ରନ ଦେଇ ୩ ୱିକେଟ ନେବା ସହ ଦୁଇଟି ଗୁରୁତ୍ୱପୂର୍ଣ୍ଣ କ୍ୟାଚ୍ ନେଇ ପାକିସ୍ତାନ ବୋଲର ଇଫତିକାର ଅହମ୍ମଦ ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସେହିପରି ସାରା ସିରିଜରେ ସ୍ଥିର ପ୍ରଦର୍ଶନ କରିବା ସହ ୨୭୫ ରନ ସଂଗ୍ରହ କରିଥିବା ନ୍ୟୁଜିଲାଣ୍ଡ ବ୍ୟାଟର ଫିନ୍ ଆଲେନ୍ ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

ସ୍ଥାନୀୟ ହଗଲି ଓଭାଲ ଗ୍ରାଉଣ୍ଡରେ ରବିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ୮ ୱିକେଟ ହରାଇ ୧୩୪ ରନ ସଂଗ୍ରହ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୧୭.୨ ଓଭରରେ ୯୨ ରନକରି ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ୧୩୫ ରନ ବିଜୟ ଲକ୍ଷ୍ୟର ପିଛା କରି ନ୍ୟୁଜିଲାଣ୍ଡ ନିୟମିତ ବ୍ୟବଧାନରେ ୱିକେଟମାନ ହରାଇଥିଲା। ଓପନର ଫିନ ଆଲେନ ୨୨, ୱିକେଟରକ୍ଷକ ବ୍ୟାଟର ଟିମ୍ ସିଫର୍ଟ ୧୯, ୱିଲ ୟଙ୍ଗ ୧୨, ଗ୍ଲେନ ଫିଲିପ୍ସ ୨୬ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନଥିଲେ। ବୋଲିଂରେ ପାକିସ୍ତାନ ପାଇଁ ଇଫ୍‌ତିକାର ୩ଟି, ଶାହିନ ଶାହା ଆଫ୍ରିଦି ଓ ମହମ୍ମଦ ନୱାଜ ୨ଟି ଲେଖାଏ, ଜମାନ ଖାନ ଓ ଉସ୍‌ମାନ ମୀର ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ତରଫରୁ ୱିକେଟରକ୍ଷକ ବ୍ୟାଟର ମହମ୍ମଦ ରିଜୱାନ ସର୍ବାଧିକ ୩୮, ଫଖର ଜାମାନ ୩୩, ଶାହିବଜାଦା ଫରହାନ ୧୯ ରନକରି ଆଉଟ ହୋଇଥିବା ବେଳେ ଆବାସ ଆଫ୍ରିଦି ୧୫ ରନକରି ଅପରାଜିତ ରହିଥିଲେ। ନ୍ୟୁଜିଲାଣ୍ଡ ତରଫରୁ ବୋଲିଂରେ ଟିମ ସାଉଦି, ମ୍ୟାଟ ହେନେରୀ, ଲୋକି ଫର୍ଗୁସନ ଓ ଇଶ୍ ସୋଧୀ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

# ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ହକି ଉଦ୍‌ଘାଟିତ

ଭୁବନେଶ୍ୱର, ୨୧।୧ (ସମିସ): କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ରବିବାରଠାରୁ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ହକି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାକୁ ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ୨୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୨୨ ବିଶ୍ୱବିଦ୍ୟାଳୟର ୪୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଯେଉଁଥିରେ ଓଡ଼ିଶାରୁ ଆୟୋଜକ କିଟ୍ ସମେତ ୩ଟି ବିଶ୍ୱବିଦ୍ୟାଳୟ ଭାଗ ନେଉଛନ୍ତି। ପ୍ରଥମ ଦିବସରେ ଅନୁଷ୍ଠିତ ମୁକାବିଲାରେ ଘରୋଇ କିଟ୍ ୮-୧ ଗୋଲର ବଡ଼ ବ୍ୟବଧାନରେ ସହୀଦ ନନ୍ଦକୁମାର ପଟେଲ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ପ୍ରଥମ ଦିବସରେ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଭିନୋବା ଭାବେ ବିଶ୍ୱବିଦ୍ୟାଳୟ (ହଜାରିବାଗ), ସନ୍ତ ଗହୀର ଗୁରୁ ବିଶ୍ୱବିଦ୍ୟାଳୟ (ଛତିଶଗଡ଼), ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟ, ହେମଚାନ୍ଦ ଯାଦବ ବିଶ୍ୱବିଦ୍ୟାଳୟ ଓ ମହାତ୍ମା ଗାନ୍ଧି କାଶୀ ବିଦ୍ୟାପୀଠ (ବାରଣାସୀ) ନିଜ ନିଜ ମ୍ୟାଚରେ ବିଜୟୀ ଲାଭ କରିଛନ୍ତି।



ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ରେଜିଷ୍ଟ୍ରର ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିଟ୍ ଓ କିସ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, କିଟ୍‌ର ଯୁଗ୍ମ ରେଜିଷ୍ଟ୍ରର ପ୍ରତାପ କୁମାର ଚମ୍ପତି, ସ୍ନେହାଶିଷ ରାଉତ, ପ୍ରମୋଦ କୁମାର ପାତ୍ର, ରଣଦୀପ ବରୁଆ, ରଶ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ସାଂସଦ ପ୍ରଫେସର ଅଚ୍ୟୁତ ସାମନ୍ତ ଅଂଶଗ୍ରହଣକାରୀ ସମସ୍ତ ଦଳର ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ସୁଦର୍ଶନ ମହାନ୍ତି ସ୍ମାରକୀ ରାଜ୍ୟ ଓପନ ଚେସ୍

# ସୟିଦ୍ ଚାମ୍ପିଅନ, ହର୍ଷିତ ରନର୍ସ ଅପ୍

ଭୁବନେଶ୍ୱର, ୨୧।୧(ସମିସ) : ପୁରୀ ଓ ନିମାପଡ଼ା ଜିଲ୍ଲା ଚେସ ସଂଘ ଆନୁକୂଲ୍ୟରେ ୧୭ତମ ସୁଦର୍ଶନ ମହାନ୍ତି ସ୍ମାରକୀ ଚେସ୍ ଓପନ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ଟାଉନ୍‌ହଲ ପରିସରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ କଟକର ସେକ୍ ସୟିଦ୍ ଚାମ୍ପିଅନ୍ ଓ ହର୍ଷିତ ରଞ୍ଜନ ସାହୁ ରନର୍ସ ଅପ୍ ହୋଇଛନ୍ତି। ନିମାପଡ଼ାର ବିଶ୍ୱରଞ୍ଜନ ମହାନ୍ତି, ଗଜପତିର ମନୀନ୍ଦ୍ର କାର୍ଜି, ପୁରୀର ଗୁରୁପ୍ରସାଦ ଭଞ୍ଜ, ଅନୁଗୋଳର ଶ୍ରୀନିବାସ ମିଶ୍ର, ଭୁବନେଶ୍ୱର ଶ୍ରୁଜନ ପ୍ରଣୟୀ ରାୟ, କଟକର ଲଳିତରଞ୍ଜନ ସାହୁ, ଦାଣ୍ଡମୁକୁନ୍ଦପୁରର ପ୍ରକାଶ ଚନ୍ଦ୍ର ସାହୁ, ଭଦ୍ରକର ଧୀରେନ୍ଦ୍ର କୁମାର ଦାସ, କୋରାପୁଟର ବାବୁଲା ଭୋଇ ଓ ଭୁବନେଶ୍ୱରର ସହଦେବ ଖଟେଇ ଯଥାକ୍ରମେ ତୃତୀୟରୁ ଦ୍ୱାଦଶ ସ୍ଥାନ ଅଧିକାର କରିଛନ୍ତି।



ଏହି ପ୍ରତିଯୋଗିତାକୁ ପୁରୀର ଉପନଗରପାଳ ସନ୍ତୋଷ କୁମାର ଦାଶ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଖେଳଶେଷରେ ନିମାପଡ଼ାର ସାମାଜିକ କର୍ମୀ ବିକ୍ରମ କେଶରୀ ସାମଲ, ପୁରୀ ଜିଲ୍ଲା ଚେସ୍ ସଂଘ ସମ୍ପାଦକ ବିମଳ ପ୍ରସାଦ ମହାନ୍ତି, କୋଷାଧ୍ୟକ୍ଷ ଶ୍ୟାମଲାଲ କୁଣ୍ଡୁ, ଓଡ଼ିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ନିମାପଡ଼ା ଚେସ ସଂଘ ସମ୍ପାଦକ ବିଶ୍ୱରଞ୍ଜନ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

## ଲାଲମନି କ୍ରିକ୍ ଫେଷ୍ଟ- ୨୦୨୪

# ଖୋର୍ଦ୍ଧାକୁ ହରାଇଲା ସୁନ୍ଦରଗଡ଼



ସୋନପୁର, ୨୧।୧ (ସମିସ): ଲାଲମନି ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ଗାନ୍ଧି ଷ୍ଟାଡିୟମ୍‌ରେ ରବିବାର ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ସଂଘକୁ ହରାଇଛି ସୁନ୍ଦରଗଡ଼ ନବଜୀବନ କ୍ରିକେଟ କ୍ଲବ। ଟର୍ଫ ପିଚ୍‌ରେ ପ୍ରଥମ କରି ଖେଳାଯାଇଥିବା ଏହି ମ୍ୟାଚ ଦର୍ଶକ ତଥା ଖେଳାଳିଙ୍କ ମନରେ ରୋମାଞ୍ଚ ଭରି ଦେଇଥିଲା। ଟି୨୦ ମ୍ୟାଚରେ ସୁନ୍ଦରଗଡ଼ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନେଇଥିଲା। ଖୋର୍ଦ୍ଧା ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୧୧୨ ରନ୍ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ବିଶ୍ୱଭୂଷଣ ୩୩ ବଲ୍‌ରେ ୩୪ ରନ୍ ଏବଂ ଅର୍ଚ୍ଚିଶମାନ ପଟ୍ଟନାୟକ ୧୧ ବଲ୍‌ରେ ୧୭ ରନ୍ କରିଥିଲେ। ସୁନ୍ଦରଗଡ଼ ଦଳର ସୌଭାଗ୍ୟ ରାଉତ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ସୁନ୍ଦରଗଡ଼ ଦଳ ସ୍ୱସ୍ତିକ ସାମଲଙ୍କ ୬୪ ବଲ୍‌ରେ ୬୧ ରନ୍ ଏବଂ ଗୌରବ ଚୌଧୁରୀଙ୍କୁ ୧୫ ବଲ୍‌ରେ ୨୮ ରନ୍ ସହାୟତାରେ ୧୧୩ ରନ୍‌ର ବିଜୟ ଲକ୍ଷ୍ୟକୁ ସହଜରେ ହାସଲ କରି ନେଇଥିଲେ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ପାଟଣାଗଡ଼ ବିଧାୟକ ସରୋଜ ମେହେର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲାପାଳ ବିମଳେନ୍ଦୁ ରାୟ, ଏଡିଏମ୍ ସୂର୍ଯ୍ୟନାରାୟଣ ଦାଶ, ଓସିଏ ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓସିଓ ସ୍ୱୀକୃତିପ୍ରାପ୍ତ ଅମ୍ପାୟାର ପୃଥ୍ୱୀରାଜ ମିଶ୍ର ଏବଂ ଶ୍ୟାମସୁନ୍ଦର ପଣ୍ଡା ଖେଳ ପରିଚାଳନା କରିଥିଲେ। ସୋମବାର ଏମ୍‌ଏମ୍‌ସିସି ସମ୍ବଲପୁର ଏବଂ ନବଜୀବନ କ୍ରିକେଟ କ୍ଲବ ସୁନ୍ଦରଗଡ଼ ମଧ୍ୟରେ ପରବର୍ତ୍ତୀ ମ୍ୟାଚ ଅନୁଷ୍ଠିତ ହେବ।

## ଭାର୍‌ଇଣ୍ଡିଆ ଆଇଟି କପ୍ କ୍ରିକେଟ

# ସିଏସ୍‌ଏମ୍ ଟେକ୍ନୋଲୋଜି ଚାମ୍ପିଅନ

ଭୁବନେଶ୍ୱର, ୨୧।୧(ସମିସ) : ଭୁବନେଶ୍ୱରର ସିଏସ୍‌ଏମ୍ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ୍ ୧୪ତମ ଭାର୍‌ଇଣ୍ଡିଆ ଆଇଟି କପ୍ କର୍ପୋରେଟ କ୍ରିକେଟ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଏହି ପ୍ରତିଯୋଗିତାରେ ଡଜନେରୁ ଅଧିକ କର୍ପୋରେଟ ହାଉସ୍ ଅଂଶଗ୍ରହଣ କରିଥିଲାବେଳେ ବିପିଓ କନଭରଜେନ୍ସ ରନର୍ସ ଅପ୍ ହୋଇଛି। ସ୍ଥାନୀୟ ସିଏସ୍‌ଆଇଆର୍ କ୍ୟାମ୍ପସରେ ଥିବା ଆଇଏମ୍‌ଏମ୍‌ଟି ଗ୍ରାଉଣ୍ଡରେ ଏହି ପ୍ରତିଯୋଗିତାଟି ଆୟୋଜିତ ହୋଇଥିଲା। ଚାମ୍ପିଅନ ସିଏସ୍‌ଏମ୍ ଟେକ୍ନୋଲୋଜିର ବିକାଶ କୁମାର ପଣ୍ଡା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ବିପିଓ କନଭରଜେନ୍ସର ମାନସ ରଞ୍ଜନ ସେଠୀ ଶ୍ରେଷ୍ଠ ବୋଲର ହୋଇଛନ୍ତି। ମହିଳା ଅମ୍ପାୟାର ଶାଶ୍ୱତୀ ଶତପଥି, ଶରତ ସାହୁ, ସୁଶାନ୍ତ ଦାଶ ଓ ଲୁଲୁ ମହାପାତ୍ର ଖେଳ ପରିଚାଳନା କରିଥିଲେ।

ଖେଳ ଶେଷରେ ଆୟୋଜିତ ଉତ୍ସବରେ ଇ ଆଣ୍ଡ ଆଇଟି ବିଭାଗରେ ସ୍ୱତନ୍ତ୍ର ଶାସନ ସଚିବ ମାନସ ରଞ୍ଜନ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଟିପିଆଇର ଡିଏନ୍ ବେହେରା ଓ ଭାର୍‌ଇଣ୍ଡିଆ ଆଇଟିକପ୍ ପରିଚାଳନା କମିଟି ଅଧ୍ୟକ୍ଷ ଅଶୋକ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ।



# ଏସିଆନ ମାରାଥନରେ ମାନ୍ ସିଂହଙ୍କୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୨୧।୧ (ଏଜେନ୍ସି): ଭାରତର ଜଣାଶୁଣା ଧାବକ ମାନ୍ ସିଂହ ହଂକଂରେ ରବିବାର ଅନୁଷ୍ଠିତ ଏସିଆନ ମାରାଥନ ଚାମ୍ପିଅନସିପ୍‌ରେ କ୍ୟାରିୟର ଶ୍ରେଷ୍ଠ ପ୍ରଦର୍ଶନ ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ମାରାଥନ (୪୨.୧୯୫ କିମି)କୁ ମାନ୍ ସିଂହ ୨ ଘଣ୍ଟା ୧୪ ମିନିଟ୍ ଓ ୧୯ ସେକେଣ୍ଡରେ ଫିନିଶ୍ କରି ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲେ। ୩୪ ବର୍ଷୀୟ ମାନ୍‌ଙ୍କ ଏହା କ୍ୟାରିୟରର ମଧ୍ୟ ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ପୂର୍ବରୁ ମାରାଥନରେ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୨:୧୬.୫୮ ସେକେଣ୍ଡ ରହିଥିଲା। ଯାହାକୁ ସେ ୨୦୨୩ ମୁମ୍ବାଇ ମାରାଥନରେ ହାସଲ କରିଥିଲେ। ଚାଇନାର ହୁଆଙ୍ଗ ୟଙ୍ଗଝେଙ୍ଗ ୨ ଘଣ୍ଟା ୧୩ ସେକେଣ୍ଡ ଓ ୧୪ ସେକେଣ୍ଡରେ ରେସ୍ ଶେଷ କରି ଏଠାରେ ରୌପ୍ୟ ପଦକ ଜିତିଛନ୍ତି।

## ରଣଜୀ ଟ୍ରଫି ୩ୟ ରାଉଣ୍ଡ

# ତାମିଲନାଡୁ, ସୌରାଷ୍ଟ୍ର, ରାଜସ୍ଥାନ, ମଧ୍ୟପ୍ରଦେଶ ବିଜୟୀ

ନୂଆଦିଲ୍ଲୀ, ୨୧।୧ (ଏଜେନ୍ସି): ବିସିସିଆଇ ଆନୁକୂଲ୍ୟରେ ଅନୁଷ୍ଠିତ ଚଳିତ ରଣଜୀ ଟ୍ରଫିର ୩ୟ ରାଉଣ୍ଡ ପର୍ଯ୍ୟାୟ ଖେଳ ଜାରି ରହିଛି। ରବିବାର ୩ୟ ଦିବସରେ ତାମିଲନାଡୁ, ସୌରାଷ୍ଟ୍ର, ରାଜସ୍ଥାନ, ମଧ୍ୟପ୍ରଦେଶ ଓ ବରୋଦା ଏକପାଖିଆ ବିଜୟ ଲାଭ କରିଛନ୍ତି।

**ଏଲିଟ୍ ଗ୍ରୁପ୍-ଏ':** ନାଗପୁରରେ ଖେଳାଯାଇଥିବା ଏହି ଗ୍ରୁପ୍‌ର ଏକ ମ୍ୟାଚରେ ସୌରାଷ୍ଟ୍ର ୨୩୮ ରନରେ ଘରୋଇ ବିଦର୍ଭକୁ ପରାସ୍ତ କରିଛି। ସୌରାଷ୍ଟ୍ର ପକ୍ଷରୁ ଧାର୍ଯ୍ୟ ୩୭୩ ରନର ଚ୍ୟାଲେଞ୍ଜପୂର୍ଣ୍ଣ ଲକ୍ଷ୍ୟକୁ ପିଛା କରି ବିଦର୍ଭ ରବିବାର ୩ୟ ଦିବସରେ ୧୩୪ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ସ୍ପିନର ଚିରାଗ ଜାନି ୫ ୱିକେଟ୍ ନେଇ ସୌରାଷ୍ଟ୍ର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପୂର୍ବରୁ ପ୍ରଥମ ପାଳିରେ ୪ ସହ ମ୍ୟାଚରେ ସେ ମୋଟ୍ ୯ ୱିକେଟ୍ ସଫଳତା ପାଇଛନ୍ତି। ଜୟଦେବ ଉଦାନକଟ୍‌ଙ୍କ ନେତୃତ୍ୱାଧିନ ସୌରଷ୍ଟ୍ର ଏହି ମ୍ୟାଚର ପ୍ରଥମ ପାଳିରେ ୨୦୬ ରନ କରିଥିବାବେଳେ ବିଦର୍ଭ ମାତ୍ର ୭୮ ରନରେ ସୀମିତ ରହିଥିଲା। ଏହାପରେ ସୌରାଷ୍ଟ୍ର ୨ୟ ପାଳିରେ ଚେତେଶ୍ୱର ପୂଜାରାଙ୍କ ୬୬ ରନ ବଳରେ ୨୪୪ ରନ କରିଥିଲା। ଏହି ଗ୍ରୁପ୍‌ର ଅନ୍ୟ ଏକ ମ୍ୟାଚରେ ଦୀପକ ହୁଡାଙ୍କ ନେତୃତ୍ୱାଧିନ ରାଜସ୍ଥାନ ୧୦ ୱିକେଟ୍‌ରେ ମହାରାଷ୍ଟ୍ରକୁ ହରାଇ ୬ ପଏଣ୍ଟ ହାତେଇ ନେଇଛି। ମହାରାଷ୍ଟ୍ର ପକ୍ଷରୁ ଧାର୍ଯ୍ୟ ୧୦୪ ରନର ଛୋଟିଆ ଲକ୍ଷ୍ୟକୁ ରାଜସ୍ଥାନର ଦୁଇ ଓପନର୍ ଅଭିଜିତ୍ ତୋମାର (୫୩) ଓ ୟଶ୍ କୋଠାରୀ (୫୨)ଙ୍କ ଅପରାଜିତ ଅର୍ଦ୍ଧଶତକ ସହାୟତାରେ ହାସଲ କରିନେଇଥିଲା।


ସାଇ କିଶୋର ଓ ଅଜିତ୍ ରାମ

### ହିମାଚଳର ପାଳି ପରାଜୟ

ଧର୍ମଶାଳାରେ ଖେଳାଯାଇଥିବା ଏଲିଟ୍ ଗ୍ରୁପ୍-ଡି'ର ଏକ ମ୍ୟାଚରେ ବରୋଦା ଏକ ପାଳି ଓ ୧୮ ରନରେ ଘରୋଇ ହିମାଚଳ ପ୍ରଦେଶକୁ ପରାସ୍ତ କରିଛି। ଶାଶ୍ୱତ ରାୱତ (୨୦୭)ଙ୍କ ଦ୍ୱିଶତକ ଓ ଶିଭାଳିକ ଶର୍ମା (୧୮୮)ଙ୍କ ଶତକ ବଳରେ ବରୋଦା ପ୍ରଥମ ପାଳିରେ ୪୮୨ ରନ କରିଥିଲା। ଏହାପରେ ହିମାଚଳ ପ୍ରଦେଶ ପ୍ରଥମ ପାଳିରେ ୧୮୪ ରନରେ ଅଲ୍‌ଆଉଟ୍ ହୋଇଥିଲା। ୨୯୮ ରନ ପଛରେ ଥାଇ ଫଲୋଅନ ପାଇଥିବା ହିମାଚଳ ପ୍ରଦେଶ ୨ୟ ପାଳିରେ ୨୮୦ ରନରେ ସୀମିତ ରହିଯାଇଥିଲା। ବରୋଦାର ଭାର୍ଗବ ଭଟ୍ଟ ସର୍ବାଧିକ ୪ ୱିକେଟ୍ ନେଇଥିଲେ। ଗ୍ରୁପ୍-ଡି'ର ଅନ୍ୟ ଏକ ମ୍ୟାଚରେ ପ୍ରଥମ ପାଳି ପଛରେ ଥାଇ ମଧ୍ୟ ମଧ୍ୟପ୍ରଦେଶ ୮୬ ରନରେ ଦିଲ୍ଲୀକୁ ହରାଇଦେଇଛି।

### ରେଳବାଇର ପାଳି ପରାଜୟ

କୋଏମ୍ବାଟୁରରେ ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ସି ମୁକାବିଲାରେ ତାମିଲନାଡୁ ଏକ ପାଳି ଓ ୧୨୯ ରନରେ ରେଳବାଇକୁ ହରାଇ ଦେଇଛି। ଓପନର୍ ଏନ୍ ଜଗଦିଶନଙ୍କ ଅପରାଜିତ ୨୪୫ ରନ ଏବଂ ଅଧିନାୟକ ସାଇ କିଶୋରଙ୍କ ୭ ଓ ଅଜିତ୍ ରାମଙ୍କ ୬ ୱିକେଟ୍ ସଫଳତା ବଳରେ ତାମିଲନାଡୁ ଏହି ଏକପାଖିଆ ବିଜୟ ଲାଭ କରିଛି। ତାମିଲନାଡୁର ୪୮୯ ରନ ଜବାବରେ ରେଳବାଇ ୨୪୬ ରନରେ ସୀମିତ ରହିଥିଲା। ଏହାପରେ ଫଲୋଅନ ହୋଇ ରେଳବାଇ ୨ୟ ପାଳିରେ ମଧ୍ୟ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୧୧୪ ରନରେ ସମସ୍ତ ୱିକେଟ୍ ହରାଇ ପାଳି ପରାଜୟବରଣ କରିଥିଲା।


ଚିରାଗ ଜାନି

## ରଣଜୀରେ ସନ୍ଦୀପ ପଟ୍ଟନାୟକଙ୍କ ସଂଘର୍ଷପୂର୍ଣ୍ଣ ଶତକ

# ୭୭ ରନ୍ କଲେ ଜିତିବ ଜମ୍ମୁ-କାଶ୍ମୀର

କଟକ, ୨୧।୧(ସମିସ): ଟାଙ୍ଗୀସ୍ଥିତ ଡ୍ରିମସ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା ଏବଂ ଜମ୍ମୁ-କାଶ୍ମୀର ବିପକ୍ଷ ରଣଜୀ ମ୍ୟାଚ୍ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଛି। ସନ୍ଦୀପ ପଟ୍ଟନାୟକଙ୍କ ସଂଘର୍ଷପୂର୍ଣ୍ଣ ଶତକୀୟ ପାଳି ସହାୟତାରେ ଓଡ଼ିଶା


ରାଜେଶ ମହାନ୍ତି

ଦ୍ୱିତୀୟ ଇନିଂସରେ ୧୯୮ରନ ସଂଗ୍ରହ କରିଥିଲା। ଫଳସ୍ୱରୂପ ଭ୍ରମଣକାରୀ ଜମ୍ମୁ-କାଶ୍ମୀର ସମ୍ମୁଖରେ ୧୪୯ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ମ୍ୟାଚ୍‌ର ତୃତୀୟ ଦିବସ ତଥା ରବିବାର ଖେଳ ଶେଷ ସୁଦ୍ଧା ଜମ୍ମୁ-କାଶ୍ମୀର ୪ ୱିକେଟ ହରାଇ ୭୨ରନ କରିଛି। ବିଜୟଠାରୁ ଦଳ ୭୭ ରନ ପଛରେ ରହିଛି। ଅନ୍ୟପଟରେ ପେସ୍ ବୋଲରଙ୍କ ପ୍ରାଧାନ୍ୟ ଦେଖିବାକୁ ମିଳୁଥିବା ଏହି ଗ୍ରାଉଣ୍ଡରେ ଓଡ଼ିଶା ମଧ୍ୟ ବିଜୟ ଆଶା ବାନ୍ଧି ବସିଛି।

ଓଦା ଆଉଟଫିଲ୍ଡ ଓ କୋହଲା ପାଗ ଯୋଗୁଁ ତୃତୀୟ ଦିବସର ଖେଳ ବାଧାପ୍ରାପ୍ତ ହୋଇଥିଲା। ବିଳମ୍ବରେ ଖେଳ ଆରମ୍ଭ ହେବା ସହ ନିର୍ଦ୍ଧାରିତ ସମୟ ପୂର୍ବରୁ ଷ୍ଟମ୍ପ ଅପସାରଣ କରାଯାଇଥିଲା। ରବିବାର ମୋଟ ୩୭ଓଭର ଖେଳ ହୋଇଥିଲା। ଅସମାପ୍ତ ପ୍ରଥମ ଇନିଂସ ୧୨୬/୭ରୁ ଦ୍ୱିତୀୟ ଇନିଂସ ଖେଳ ଆରମ୍ଭ କରିଥିବା ଓଡ଼ିଶା ୧୯୮ରନରେ ଅଲଆଉଟ ହୋଇଥିଲା। ୨୭ ରନରେ ଅପରାଜିତ ଥିବା ସୂର୍ଯ୍ୟକାନ୍ତ ପ୍ରଧାନ କୌଣସି ରନ ସଂଗ୍ରହ ପୂର୍ବରୁ ଆକ୍ୟୁବ ନାବିଙ୍କ ବଲରେ କ୍ଲିନ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ପରେ ରାଜେଶ ମହାନ୍ତି(୬ରନ) ମଧ୍ୟ ଆକ୍ୟୁବଙ୍କ ଶିକାର ହୋଇଥିଲେ। ୪୭ ରନରେ ଅପରାଜିତ ଥିବା ସନ୍ଦୀପ ପଟ୍ଟନାୟକ ଏଠାରେ ଏକ ଗୁରୁତ୍ୱପୂର୍ଣ୍ଣ ପାଳି ଖେଳିଥିଲେ। ସୁନୀଲ ରାଉଳଙ୍କ ସହ ମିଶି ଅନ୍ତିମ ୱିକେଟରେ ୬୩ ରନର ଭାଗୀଦାରି ସୃଷ୍ଟି କରିଥିଲେ। ଇତ୍ୟବସରରେ ସନ୍ଦୀପ ପ୍ରଥମ ଶ୍ରେଣୀ ଫର୍ମାଟ କ୍ରିକେଟରେ ତୃତୀୟ ଶତକ ହାସଲ କରିଥିଲେ। ୧୮୭ ବଲରୁ ୧୭ଟି ଚୌକା ବଳରେ ସେ ଅପରାଜିତ ୧୦୦ ରନ ସଂଗ୍ରହ କରିଥିଲେ। ତେବେ ସୁନୀଲଙ୍କୁ ୬ ରନରେ ଏଲ୍‌ବି କରି ଓଡ଼ିଶା ପାଳିର ପରାସମାପ୍ତି ଘଟାଇଥିଲେ ଉମର ନାଜିର। ଆକ୍ୟୁବ ସର୍ବାଧିକ ୪ଟି ୱିକେଟ ଅକ୍ତିଆର କରିଥିବା ବେଳେ ଉମର ନାଜିର ମୀର ୩ଟି, ରୋହିତ ଶର୍ମା ୨ଟି ଏବଂ ଉମ୍ରାନ ମଲିକଙ୍କୁ ଗୋଟିଏ ୱିକେଟ ମିଳିଥିଲା।

ଓଡ଼ିଶା ପ୍ରଦତ୍ତ ୧୪୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରିଥିବା ଜମ୍ମୁ-କାଶ୍ମୀର ପ୍ରାରମ୍ଭରୁ ୱିକେଟ ହରାଇବା ଯୋଗୁଁ ଓଡ଼ିଶା ଶିବିରରେ ଆନନ୍ଦ ସଞ୍ଚାର ହୋଇଥିଲା। ଭ୍ରମଣକାରୀ ଦଳ ୩୯ ରନରେ ଦଳ ୪ ୱିକେଟ ହରାଇଥିଲା। ଦୁଇ ଓପନର ତଥା ଅଧିନାୟକ ଶୁଭମ ଖଜୁରିଆ ଏବଂ ଅଭିନବ ପୁରୀ ମିଡିୟମ ପେସର ରାଜେଶ ମହାନ୍ତିଙ୍କ ଶିକାର ହୋଇଥିଲେ। ଉଭୟ ୧ରନ ଲେଖାଏ କରି ପ୍ୟାଭିଲିୟନ ଫେରିଥିଲେ। ଭିଭ୍ରାନ୍ତ ଶର୍ମା ୫ ରନ କରିଥିବାବେଳେ ରାଜେଶଙ୍କ ବଲରେ କ୍ଲିନ


ସନ୍ଦୀପ ପଟ୍ଟନାୟକ

ବୋଲ୍ଡ ହୋଇଥିଲେ। ଶୁଭମ ପୁନ୍ଦିର ୧୮ ରନରେ ସୁନୀଲ ରାଉଳଙ୍କ ବଲରେ ବୋଲ୍ଡ ହେବା ସହ ଜମ୍ମୁ ଓ କାଶ୍ମୀର ବ୍ୟାକଫୁଟକୁ ଠେଲି ହୋଇଯାଇଥିଲା। ତେବେ ଆକ୍ୟୁବ ନାବି ଏବଂ ଅବଦୁଲ ସମଦ ୩୩ ରନର ଭାଗୀଦାରି ସୃଷ୍ଟି କରିବା ସହ କ୍ରିଜରେ ତିଷ୍ଠି ରହିଥିଲେ। ଆକ୍ୟୁବ ୨୦ ଏବଂ ଅବଦୁଲ ୨୪ ରନରେ ଅପରାଜିତ ଅଛନ୍ତି। ଏମାନଙ୍କ ଯୋଗୁ ଜମ୍ମୁ-କାଶ୍ମୀରର ସ୍ଥିତି ମଜଭୁତ ହୋଇଛି।

● ପ୍ରଥମଶ୍ରେଣୀ କ୍ରିକେଟରେ ୨୦, ୦୦୦ ରନ୍

# ପୂଜାରା ଭାରତର ଚତୁର୍ଥ ଖେଳାଳି

ନାଗପୁର, ୨୧।୧(ଏଜେନ୍ସି): ଭାରତୀୟ କ୍ରିକେଟ ତାରକା ଚେତେଶ୍ୱର ପୂଜାରା ଭାରତର ଚତୁର୍ଥ ଖେଳାଳି ଭାବେ ପ୍ରଥମଶ୍ରେଣୀ କ୍ରିକେଟରେ ୨୦, ୦୦୦ ରନ୍ ପୂରଣ କରିଛନ୍ତି। ଏଠାରେ ବିଦର୍ଭ ସହ ଚାଲିଥିବା ଏଲିଟ୍ ରଣଜୀ ଟ୍ରଫି ମୁକାବିଲାରେ ସେ ସୌରାଷ୍ଟ୍ରର ଦ୍ୱିତୀୟ ପାଳିରେ ୬୬ ରନ୍ କରିବା ଫଳରେ ଏହି ସଫଳତା ପାଇଛନ୍ତି। ୩୫ ବର୍ଷୀୟ ଏହି ଡାହାଣହାତୀ ବ୍ୟାଟର ଏହି ସଫଳତା ପାଇବା ଲାଗି ୨୬୦ଟି ମ୍ୟାଚ୍ ୪୩୦ଟି ପାଳିର ସହାୟତା ନେଇଛନ୍ତି। ପାଳି ପ୍ରତି ୫୧.୯୮ ହାରରେ ସେ ରନ୍ ସଂଗ୍ରହ କରି ଏବେ ୨୦, ୧୯୫ ରନ୍‌ରେ ପହଞ୍ଚିଛନ୍ତି। ଏହା ମଧ୍ୟରେ ରହିଛି ୬୧ଟି ଶତକ ଓ ୭୮ଟି ଅର୍ଦ୍ଧଶତକ। ଭାରତୀୟ ଦଳ ପକ୍ଷରୁ ନଂ-୩ରେ ବ୍ୟାଟିଂ କରି ପୂଜାରା ୧୦୩ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ଏଥିରେ ସେ ୪୪.୩୬ ହାରରେ ୭, ୧୯୫ ରନ୍ କରିଛନ୍ତି। ଟେଷ୍ଟରେ ୧୯ଟି ଶତକ ଓ ୩୫ଟି ଅର୍ଦ୍ଧଶତକ ତାଙ୍କ ନାମରେ ରହିଛି।



ପୂଜାରାଙ୍କ ପୂର୍ବରୁ ଭାରତର ଆଉ ୩ଜଣ ଖେଳାଳି ପ୍ରଥମଶ୍ରେଣୀ କ୍ରିକେଟରେ ୨୦, ୦୦୦ ରନ୍ ପୂରଣ କରିସାରିଛନ୍ତି। ସେମାନେ ହେଲେ ଲିଟଲ ମାଷ୍ଟର ସୁନୀଲ ଗାଭାସ୍କର, ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର ଓ ମିଃ ୱାଲ ରାହୁଲ ଦ୍ରାବିଡ। ଗାଭାସ୍କର ପାଳି ପ୍ରତି ୫୧.୪୬ ହାରରେ ୨୫, ୮୩୪ ରନ୍, ତେନ୍ଦୁଲକର ୫୭.୮୪ ହାରରେ ୨୫, ୩୯୬ ରନ୍ ଓ ଦ୍ରାବିଡ ୫୫.୩୩ ହାରରେ ୨୩, ୭୯୪ ରନ୍ ସଂଗ୍ରହ କରିଛନ୍ତି। ପୂଜାରା ଭାରତୀୟ ଟେଷ୍ଟ ଦଳରେ ଯେପରି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ସେହିପରି ଇଂଲିଶ କାଉଣ୍ଟି ଟିମ୍ ସସେକ୍ସ ଲାଗି ଏବେ ସମାନ କାମ କରୁଛନ୍ତି। ଏବେ ଭାରତୀୟ ଦଳରେ ତାଙ୍କୁ ସ୍ଥାନ ମିଳି ନଥିଲେ ମଧ୍ୟ ତାଙ୍କ ନିକଟରେ ରନ୍ ସଂଗ୍ରହ କରିବାର ନିଶା ଶେଷ ହୋଇନାହିଁ। ପୂଜାରାଙ୍କ ସ୍ଥାନରେ ଶୁବମାନଙ୍କୁ ସାମିଲ କରାଯାଇଛି।

ପୂଜାରା ଟେଷ୍ଟରେ ୧୦୩ଟି ମ୍ୟାଚ୍‌ରୁ ୭, ୧୯୫ ରନ୍ କରିଛନ୍ତି। ପ୍ରଥମଶ୍ରେଣୀ କ୍ରିକେଟରେ ଗୋଟିଏ ଟିମ୍ ପକ୍ଷରୁ ଏହା ସର୍ବାଧିକ। ଏହା ପରେ ସୌରାଷ୍ଟ୍ର ପକ୍ଷରୁ ୭୭ଟି ମ୍ୟାଚ୍ ଖେଳି ୬୫.୫୦ ହାରରେ ୬, ୮୭୮ ରନ୍ କରିଛନ୍ତି। ଏଥିରେ ୨୨ଟି ଶତକ ଓ ୨୨ଟି ଅର୍ଦ୍ଧଶତକ ସାମିଲ ରହିଛି। ଭାରତ-ଏ' ପକ୍ଷରୁ ୨୨ଟି ମ୍ୟାଚ୍ ଖେଳି ୫୭.୫୯ ହାରରେ ୧, ୫୫୫ ରନ୍ କରିଛନ୍ତି। ସସେକ୍ସ ପକ୍ଷରୁ ୧୬ଟି ମ୍ୟାଚ୍‌ରୁ ୭୯.୨୨ହାରରେ୧୭୪୩ରନ୍ ଉଠାଇଛନ୍ତି।

**ପ୍ରଥମ ଶ୍ରେଣୀ କ୍ରିକେଟରେ ସର୍ବାଧିକ ରନ୍**

| ଖେଳାଳି | ମ୍ୟାଚ୍ | ରନ୍ | ହାରାହାରି |
|---|---|---|---|
| ସୁନୀଲ ଗାଭାସ୍କର | ୩୪୮ | ୨୫,୮୩୪ | ୫୧.୪୬ |
| ସଚିନ ତେନ୍ଦୁଲକର | ୩୧୦ | ୨୫,୩୯୬ | ୫୭.୮୪ |
| ରାହୁଲ ଦ୍ରାବିଡ | ୨୯୮ | ୨୩,୭୯୪ | ୫୫.୩୩ |
| ଚେତେଶ୍ୱର ପୂଜାରା | ୨୬୦ | ୨୦,୦୧୩ | ୫୧.୯୬ |

## ଭାରତ ବିପକ୍ଷ ସିରିଜ ଖେଳିବେନି ହାରି ବ୍ରୁକ୍

ନୂଆଦିଲ୍ଲୀ, ୨୧।୧(ଏଜେନ୍ସି): ଭାରତ ଓ ଭ୍ରମଣକାରୀ ଇଂଲଣ୍ଡ ମଧ୍ୟରେ ୨୫ ତାରିଖରୁ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହେବ।ଏହି ସିରିଜରେ ଇଂଲଣ୍ଡ ବ୍ୟାଟର ହ୍ୟାରି ବ୍ରୁକ୍ ଖେଳିବେ ନାହିଁ ବୋଲି ରବିବାର ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ତରଫରୁ ସାମାଜିକ ଗଣମାଧ୍ୟମ ଜରିଆରେ କୁହାଯାଇଛି। ବ୍ୟକ୍ତିଗତ କାରଣରୁ ସେ ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ କରିବେ ଓ ଟେଷ୍ଟ ସିରିଜ ଖେଳିବାକୁ ଭାରତ ପ୍ରତ୍ୟାବର୍ତ୍ତନ କରିବେ ନାହିଁ। ବ୍ରୁକ୍‌ଙ୍କ ବଦଳ ଖେଳାଳିଙ୍କ ନାମ ଘୋଷଣା କରିଛି ଇସିବି। ଡେନ ଲରେନ୍ସଙ୍କୁ ତାଙ୍କ ସ୍ଥାନରେ ଦଳରେ ସାମିଲ କରାଯାଇଛି। ୨୫ରୁ ହାଇଦରାବାଦର ଉପ୍ପଲ ଷ୍ଟାଡିୟମରେ ପ୍ରଥମ ମ୍ୟାଚ୍ ଆରମ୍ଭ ହେବ। ୨୪ ବର୍ଷୀୟ ବ୍ରୁକ୍ ଏପର୍ଯ୍ୟନ୍ତ ଇଂଲଣ୍ଡ ପାଇଁ ୧୨ ଟେଷ୍ଟ ଖେଳି ୪ ଶତକ ଓ ୭ ଅର୍ଦ୍ଧଶକକ ହାସଲ କରି ୬୨.୧୫ ହାରରେ ମୋଟ ୧, ୧୮୧ ରନ ସଂଗ୍ରହ କରିଛନ୍ତି। ସେହିପରି ସେ ୧୦ ଦିନିକିଆ ଓ ୨୪ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି।



ଗତ ୧୨ ବର୍ଷ ହେବ ଇଂଲଣ୍ଡ ଭାରତରେ ଟେଷ୍ଟ ସିରିଜ ଜିତିନାହିଁ। ତେଣୁ ଇଂଲଣ୍ଡ ଏଥର ଏହି ପୂର୍ଣ୍ଣାଙ୍ଗ ସିରିଜକୁ ଗୁରୁତ୍ୱ ଦେଉଛି। ୨୦୧୨ରେ ଇଂଲଣ୍ଡ ଶେଷଥର ପାଇଁ ଭାରତରେ ଆଲିଷ୍ଟର କୁକ୍‌ଙ୍କ ନେତୃତ୍ୱରେ ଟେଷ୍ଟ ସିରିଜ ଜିତିଥିଲା। ଏହାପରେ ଭାରତ ୨ଟି ଟେଷ୍ଟ ସିରିଜ ଖେଳିଛି ଓ ସବୁଥର ପରାଜିତ ହୋଇଥିଲା। ୨୦୨୧ରେ ଇଂଲଣ୍ଡରେ ଖେଳାଯାଇଥିବା ଗତ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ୨-୨ରେ ଅମୀମାଂସିତ ରହିଥିଲା।

● ୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍

## ନ୍ୟୁଜିଲାଣ୍ଡ ପକ୍ଷରୁ ରେଡ୍ଡୀଙ୍କ ଅପରାଜିତ ଶତକ

ଇଷ୍ଟ ଲଣ୍ଡନ, ୨୧।୧(ଏଜେନ୍ସି): ଭାରତୀୟବଂଶୋଦ୍ଭବ ଖେଳାଳି ତଥା ଆନ୍ଧ୍ରପ୍ରଦେଶ ଜନ୍ମିତ ସ୍ନେହିତ ରେଡ୍ଡୀଙ୍କ ଅପରାଜିତ ଶତକ ବଳରେ ଏଠାରେ ରବିବାର ଖେଳାଯାଇଥିବା ଗ୍ରୁପ୍-ଡି'ର ଏକ ଲିଗ୍ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୬୪ ରନ୍‌ରେ ନେପାଳକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ରେଡ୍ଡୀ ୧୨୫ ବଲ୍‌ରେ ୧୧ ଚୌକା ଓ ୬ ଛକା ସହାୟତାରେ ଅପରାଜିତ ରହି ୧୪୭ ଓ ଅଧିନାୟକ ଓସ୍କାର ଜ୍ୟାକ୍‌ସନଙ୍କ ୭୫ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୮ ୱିକେଟରେ ୩୦୨ ରନ୍ କରିଥିଲା। ଜବାବରେ ନେପାଳ ଅର୍ଜୁନ କୁମାଲଙ୍କ ୯୦ ରନ୍ ସତ୍ତ୍ୱେ ୯ ୱିକେଟ ବିନିମୟରେ ୨୩୮ ରନ୍ କରିଥିଲା। ଅପରାଜିତ ଶତକ ହାସଲ କରିଥିବା ସ୍ନେହିତ ରେଡ୍ଡୀଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ସେହିପରି ଗ୍ରୁପ୍-ସି'ରେ ଖେଳାଯାଇଥିବା ଅନ୍ୟଏକ ମ୍ୟାଚ୍‌ରେ ଶ୍ରୀଲଙ୍କା ଏକାଦଶ ଡିଏଲଏସ୍ ମେଥଡ ଅନୁଯାୟୀ ୩୯ ରନ୍‌ରେ ଜିମ୍ବାୱେକୁ ପରାସ୍ତ କରିଛି।

## ନରସିଂହପୁର କପ୍ ଉଦ୍‌ଘାଟିତ: ସେମିରେ ଜୁଭେନାଇଲ୍ କ୍ଲବ

ନରସିଂହପୁର, ୨୧।୧ (ସମିସ): ସ୍ଥାନୀୟ ବଡ଼ ପଡ଼ିଆରେ ରବିବାର ନରସିଂହପୁର କପ୍ ଉଦ୍‌ଘାଟିତ ହୋଇଯାଇଛି। ନରସିଂହପୁର କ୍ରିକେଟ୍ କ୍ଲବ୍ ଦ୍ୱାରା ଆୟୋଜିତ ଟି-୨୦ କ୍ରିକେଟ୍ ପ୍ରତିଯୋଗିତାକୁ ନରସିଂହପୁର ବିଜୁ ଯୁବ ଜନତା ଦଳର ସଭାପତି ନିର୍ମଳ କୁମାର ଜେନା ଅତିଥି ଭାବେ ଯୋଗଦେଇ ଉଦଘାଟିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ କଟକର ଜୁଭେନାଇଲ୍ କ୍ଲବ ୭ ୱିକେଟ୍‌ରେ ପୂର୍ବତଟ ରେଳବାଇ (ଭୁବନେଶ୍ୱର)କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ରେଳବାଇ ଦଳ ୧୭ ଓଭରରେ ସମସ୍ତ ୱିକେଟ ହରାଇ ୧୦୩ ରନ ସଂଗ୍ରହ କରିଥିଲା। ଜବାବରେ ଜୁଭେନାଇଲ୍ କ୍ଲବ ୧୨.୫ ଓଭରରେ ୩ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ରାମଚନ୍ଦ୍ର ବେହେରା ମ୍ୟାନ ଅଫ ଦ ମ୍ୟାଚ୍ ଘୋଷିତ ହୋଇଥିଲେ।

ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପାଇକପଡ଼ାପାଟଣା ଗ୍ରାମ ପଞ୍ଚାୟତର ସରପଞ୍ଚ ଗୟାଧର ସାହୁ, ନିଜିଗଡ଼ ପଞ୍ଚାୟତର ସମିତିସଭ୍ୟାଙ୍କ ପ୍ରତିନିଧି ଶୁଭ୍ରାଂଶୁ ମହାପାତ୍ର, ବଡଭୁଇଁ ସମିତିସଭ୍ୟ ପ୍ରଦୀପ ମହାପାତ୍ର, ସମାଜସେବୀ ବିଜୟ କୁମାର ଶତ୍ରୁଜିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। ମ୍ୟାଚ୍‌କୁ ଦ୍ୱିଜେନ୍ଦ୍ର ଘୋଷ ଓ ଛାୟାକାନ୍ତ ମହାନ୍ତି ମ୍ୟାଚ୍ ପରିଚାଳନାରେ ଏବଂ ସଂଗ୍ରାମ କେଶରୀ ରାଉତ ଓ ମହମ୍ମଦ ଆଝାରୁଦ୍ଦିନ୍ ସ୍କୋରିଂରେ ସାହାଯ୍ୟ କରିଥିଲେ। ରିଙ୍କୁ ରଣା, କାହ୍ନୁ ଚରଣ ନାୟକ ମ୍ୟାଚର ଧାରାବିବରଣୀ ଦେଉଥିଲେ। ଆୟୋଜକ କ୍ଲବର ସଦସ୍ୟ ବିନାୟକ ପ୍ରଧାନ, ଶେଖ ସାବିବ, ହରୁନ୍ ଖାଁ, ଦୌଲତ ଖାଁ, ଗଙ୍ଗା ନାୟକ, ଅକ୍ଷୟ ସାହୁ, ମଗବୁଲ ଖାଁ, ରମିଜ୍ ଖାଁ, ବନିଲ୍ ସାହୁ, ରାକେଶ ନାୟକ, ପୁପୁନ ସ୍ୱାଇଁ, ରାଜା ପରିଚାଳନା କରିବାରେ ସହଯୋଗ କରିଥିଲେ।

ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ

## ଓଡ଼ିଶାର ବିଜୟ ଅଭିଯାନ



ଭୁବନେଶ୍ୱର, ୨୧।୧ (ସମିସ): ଚେନ୍ନାଇରେ ରବିବାରଠାରୁ ଆରମ୍ଭ ହୋଇଥିବା ୬ଷ୍ଠ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଓଡ଼ିଶାର ଉଭୟ ବାଳକ ଓ ବାଳିକା ହକି ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ପୁଲ୍-ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ବାଳକ ହକି ଦଳ ଏହାର ପ୍ରଥମ ମ୍ୟାଚରେ ୬-୧ ଗୋଲରେ ଘରୋଇ ତାମିଲନାଡୁକୁ ପରାସ୍ତ କରିଛି। ଓଡ଼ିଶା ତାହାର ପରବର୍ତ୍ତୀ ମ୍ୟାଚରେ ସୋମବାର ମଧ୍ୟପ୍ରଦେଶକୁ ଭେଟିବ। ଅପରପକ୍ଷରେ ବାଳିକା ବିଭାଗରେ ଓଡ଼ିଶା ୫-୧ ଗୋଲରେ ଡିଫେଣ୍ଡିଂ ଚାମ୍ପିଅନ ଝାଡ଼ଖଣ୍ଡକୁ ହରାଇ ଦମ୍‌ଦାର ଭାବେ ଅଭିଯାନ ଆରମ୍ଭ କରିଛି। ପୁଲ୍-ବି'ରେ ସ୍ଥାନ ପାଇଥିବା ଓଡ଼ିଶା ବାଳିକା ଦଳ ପରବର୍ତ୍ତୀ ମ୍ୟାଚରେ ସୋମବାର ପଞ୍ଜାବ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି।


ଓଡ଼ିଶା ଓ ଜମ୍ମୁ-କାଶ୍ମୀର ରଣଜୀ ମ୍ୟାଚ୍‌ବେଳେ ଓଡ଼ିଶା ଦଳର ମୁଖ୍ୟ ପ୍ରଶିକ୍ଷକ ଦିନେଶ ମୋଙ୍ଗିଆଙ୍କୁ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ସମ୍ମାନିତ କରୁଛନ୍ତି।

## ଓଡ଼ିଶା ୧୨୬ ରନ୍‌ରେ ଅଲ୍‌ଆଉଟ

ସିକେ ନାଇଡୁ ଟ୍ରଫି



କଟକ, ୨୧।୧(ସମିସ): ଅଗରତାଲାର ପୁଲିସ ଟ୍ରେନିଂ ଏକାଡେମୀ ଗ୍ରାଉଣ୍ଡରେ ସି.କେ. ନାଇଡୁ ଟ୍ରଫିର ଓଡ଼ିଶା ଏବଂ ତ୍ରିପୁରା ବିପକ୍ଷ ମ୍ୟାଚ୍ ରବିବାର ଠାରୁ ଆରମ୍ଭ ହୋଇଛି। ଟସ୍ ହାରି ବ୍ୟାଟିଂ ନିମନ୍ତ୍ରଣ ପାଇଥିବା ଓଡ଼ିଶା ମାତ୍ର ୧୨୬ରନରେ ଅଲଆଉଟ ହୋଇଥିଲା। ବିଶ୍ୱ ବୈଭବ ମୁଦୁଲି ସର୍ବାଧିକ ୫୮ ରନ ଏବଂ ଓମ୍‌ଟି ମୁଣ୍ଡେ ୨୨ରନ କରିଥିଲେ। ତ୍ରିପୁରାର ସନ୍ଦୀପ ସରକାରଙ୍କୁ ୫ଟି ୱିକେଟ ମିଳିଥିଲା। ଚନ୍ଦନ ରାୟ ଏବଂ ଅଭିଜିତ ଦେବବର୍ମା ୨ଟି ଲେଖାଏ ୱିକେଟ ଅକ୍ତିଆର କରିଛନ୍ତି। ଜବାବରେ ପ୍ରଥମ ଇନିଂସ ବ୍ୟାଟିଂ ଆରମ୍ଭ କରିଥିବା ଘରୋଇ ତ୍ରିପୁରା ଦଳ ୧ ୱିକେଟ ହରାଇ ୧୫ରନ କରିଛି। ଦୀପଜୟ ଦେବ ୬ରନରେ ଆଉଟ ହୋଇଛନ୍ତି। ଋତୁରାଜ ଘୋଷ ରାୟ ୪ରନ ଏବଂ ଅଧିନାୟକ ସେନ୍ତୁ ସରକାର ୧ରନରେ ଅପରାଜିତ ଅଛନ୍ତି।

ଇଣ୍ଡିଆ ଓପନ୍ ବ୍ୟାଡମିଣ୍ଟନ

## ପୁଣି ଫାଇନାଲରେ ହାରିଲେ ସାତ୍ତ୍ୱିକ-ଚିରାଗ

ନୂଆଦିଲ୍ଲୀ, ୨୧।୧(ଏଜେନ୍ସି): ଭାରତୀୟ ତାରକା ବ୍ୟାଡମିଣ୍ଟନ ପୁରୁଷ ଯୁଗଳ ଯୋଡି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଏଠାରେ ଅନୁଷ୍ଠିତ ଇଣ୍ଡିଆ ଓପନ୍ ଫାଇନାଲରେ ପରାସ୍ତ ହୋଇ ଟାଇଟଲ ହାସଲରୁ ବଞ୍ଚିତ ହୋଇଛନ୍ତି। ରବିବାର ଅନୁଷ୍ଠିତ ପୁରୁଷ ଯୁଗଳ ଫାଇନାଲ ମୁକାବିଲରେ ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ଏହି ଯୋଡି ୨୧-୧୫, ୧୧-୨୧, ୧୮-୨୧ରେ ଦକ୍ଷିଣ କୋରିଆର ସେଓ ସେଅଙ୍ଗ ଜାଏ ଓ କାଙ୍ଗ ମିନ୍ ହ୍ୟୁକଙ୍କଠାରୁ ପରାସ୍ତ ହୋଇ ରନର୍ସଅପ ହୋଇଛନ୍ତି। ପ୍ରଥମ ଗେମ୍‌କୁ ଅତି ସହଜରେ ହାତେଇ ନେଇଥିଲେ ମଧ୍ୟ ବାକି ଦୁଇଟି ଗେମ୍‌ରେ ଏହି ପ୍ରଦର୍ଶନକୁ ସାତ୍ତ୍ୱିକ ଓ ଚିରାଗ ବଜାୟ ରଖିପାରି ନଥିଲେ। ତୃତୀୟ ଗେମ୍‌ରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ଏଥିସହ ଏହି ଭାରତୀୟ ଯୋଡି କ୍ରମାଗତ ଦ୍ୱିତୀୟ ଫାଇନାଲରେ ପରାସ୍ତ ହୋଇଛନ୍ତି। ଏହା ପୂର୍ବରୁ ଏହି ଯୋଡି ମାଲେସିଆ ଓପନ୍ ଫାଇନାଲରେ ଚୀନର ୱାଙ୍ଗ- ଲିଆଙ୍ଗ ଯୋଡିଠାରୁ ୯-୨୧, ୨୧-୧୮, ୨୧-୧୭ରେ ପରାସ୍ତ ହୋଇଥିଲେ।



**ତାଇ, ୟୁକି ଏକକ ଚାମ୍ପିଅନ:** ସାତ୍ତ୍ୱିକ- ଚିରାଗଙ୍କୁ ବାଦ୍ ଦେଲେ କୌଣସି ଭାରତୀୟ ଖେଳାଳି ଏଥର ପୋଡିୟମ ଫିନିସ କରିପାରି ନାହାନ୍ତି। ପୁରୁଷ ଏକକରେ ଚୀନର ଶି କ୍ୟୁ ୨୩-୨୧, ୨୧-୧୭ରେ ହଂକଂର ଲି ଚେଉକ ୟୁଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। ସେହିପରି ମହିଳା ଏକକରେ ତାଇୱାନର ତାଇ ଜୁ-ୟିଙ୍ଗ୍ ୨୧-୧୬, ୨୧-୧୨ରେ ଚୀନ୍‌ର ଚେନ ୟୁଫେଇଙ୍କୁ ହରାଇ ଚାମ୍ପିଅନ ହୋଇଛନ୍ତି। ସେହିପରି ମହିଳା ଯୁଗଳରେ ଜାପାନା ଯୋଡି ମାସୁମୋତୋ ଓ ନାଗାହାରା ଏବଂ ମିଶ୍ରିତ ଯୁଗଳରେ ଥାଇଲାଣ୍ଡ ଯୋଡି ପୁବାରାନୁକୋହ ଓ ତେରାତ୍ତନାଚାଇ ଟାଇଟଲ ହାସଲ କରିଛନ୍ତି। ସେହିପରି ପୁରୁଷ ଯୁଗଳରେ ଦକ୍ଷିଣ କୋରିଆର ସିୟୁଙ୍ଗ ଜେ ଓ ହ୍ୟୁନ ସୁକ୍ କାଙ୍ଗ ଚାମ୍ପିଅନ ହୋଇଛନ୍ତି।

ଖେଲୋ ଇଣ୍ଡିଆ କନିଷ୍ଠ ମହିଳା ସନ୍ତରଣ

## ଶେଷ ଦିନରେ ଚମକିଲା ଓଡ଼ିଶା

ଭୁବନେଶ୍ୱର, ୨୧।୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ଆକ୍ୱାଟିକ ସେଣ୍ଟରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ କନିଷ୍ଠ ମହିଳା ସିରିଜ ସନ୍ତରଣ ପ୍ରତିଯୋଗିତା (୧୮ ଓ ୧୫ ବର୍ଷରୁ କମ୍) ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଓଡ଼ିଶା ସନ୍ତରଣକାରୀଙ୍କ ଚମକ ଦେଖିବାକୁ ମିଳିଛି। ଓଡ଼ିଶା ସନ୍ତରଣକାରୀ ବିଭିନ୍ନ ଇଭେଣ୍ଟରେ ୮ଟି ପଦକ ଜିତିଛନ୍ତି। ଯେଉଁଥିରେ ୭ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ରହିଛି।

୧୮ ବର୍ଷରୁ କମ ବାଳିକା ୨୦୦ ମିଟର୍ ବ୍ୟାକ୍‌ଷ୍ଟୋକରେ ଆକାଂକ୍ଷା ନାଏକ ପ୍ରଥମ ସ୍ଥାନ ହାସଲ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିଭଳି ୧୫ ବର୍ଷରୁ କମ୍ ବ୍ୟାକ୍‌ଷ୍ଟୋକ ୧୦୦ ମିଟରରେ ଅର୍ପିତା ସେଠ୍ ୨ୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଛନ୍ତି। ୧୫ ବର୍ଷରୁ କମ୍ ୧୦୦ ମିଟର ବ୍ରେଷ୍ଟ ଷ୍ଟୋକରେ ଅଞ୍ଚଳ ବାଗ୍, ୧୦୦ ମିଟର ଫ୍ରି-ଷ୍ଟାଇଲରେ ଅଂଶିକା ଆରାଧାନ ସାହୁ ଓ ଅର୍ପିତା ସାମଲ ୨୦୦ ମିଟର ବଟରଫ୍ଲାଏରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ୧୮ ବର୍ଷରୁ କମ୍ ବିଭାଗର ୧୦୦ ମିଟର ବ୍ରେଷ୍ଟ ଷ୍ଟୋକ୍ସରେ ମନ୍ନତ ମିଶ୍ର, ୪୦୦ ମିଟର ଫ୍ରି-ଷ୍ଟାଇଲରେ ଭଦ୍ରା ଶତପଥୀ, ୨୦୦ ମିଟର ବଟରଫ୍ଲାଏ ଇଭେଣ୍ଟରେ ଦିବ୍ୟାଙ୍କା ଦିବ୍ୟଜ୍ୟୋତି ପ୍ରଧାନ ପୋଡିୟମର ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ହାତେଇଥିଲେ।



ଓଡ଼ିଶା ରାଜ୍ୟ ସନ୍ତରଣ ସଂଘର ସଭାପତି ପ୍ରଦୀପ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସନ୍ତରଣ ଟେକ୍‌ନିକାଲ ମୁଖ୍ୟ ସୁରେନ୍ଦ୍ର ନାୟକ, ଉପସଭାପତି ଅକ୍ଷୟ ପ୍ରଧାନ, ରବୀନ୍ଦ୍ର ରାଉତ, ଯୁଗ୍ମ ସମ୍ପାଦକ ଲକ୍ଷ୍ମୀଚନ୍ଦ୍ର ମହାକୁଡ଼ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ଏହି ଦୁଇ ଦିନିଆ ପ୍ରତିଯୋଗିତାରେ ଓଡ଼ିଶା ସମେତ ବିହାର, ଛତିଶଗଡ଼, ମଧ୍ୟପ୍ରଦେଶର ମହିଳା ସନ୍ତରଣକାରୀ ଅଂଶଗ୍ରହଣ କରିଥିଲେ। ଭାରତୀୟ ସନ୍ତରଣ ମହାସଂଘର ନିୟମ ଅନୁଯାୟୀ ପ୍ରଥମରୁ ୫ମ ସ୍ଥାନ ମଧ୍ୟରେ ରହିଥିବା ପ୍ରତିଯୋଗୀଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଜେଏସ୍‌ଡବ୍ଲ୍ୟୁ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏହି ପ୍ରତିଯୋଗିତା ଆୟୋଜନରେ ସହଯୋଗ କରିଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS
AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର